R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୦୨
ତିଥି : ଚତୁର୍ଦ୍ଦଶୀ
୦୮ ଅଗଷ୍ଟ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 302
08 Aug 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଜାତୀୟ ହସ୍ତତନ୍ତ ଦିବସରେ 'ହସ୍ତତନ୍ତ ଏକତା' ଉଦ୍‌ଘାଟିତ

## ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ

ଭୁବନେଶ୍ୱର, ୭।୮ (ସବ୍ୟୁ): ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ । ଆମର 'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ, ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ । ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟରୁ ଆରମ୍ଭ କରି ବର୍ତ୍ତମାନର ବିଶ୍ୱ ଫ୍ୟାଶନ୍ ପ୍ଲାଟଫର୍ମ ପର୍ଯ୍ୟନ୍ତ ଆମର ବୟନ ସର୍ବଦା ଉତ୍କର୍ଷତା, ଆଧ୍ୟାତ୍ମିକତା ଓ ସଂସ୍କୃତିର ଜୟଗାନ କରିଆସିଛି । ହସ୍ତତନ୍ତ ଉନ୍ନୟନ ଯୋଜନା ମାଧ୍ୟମରେ ବୁଣାକାରମାନଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି । ଏହି ଅବସରରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କୁ ଏକ ବର୍ଷ ପାଇଁ ଓଡିଶା ହ୍ୟାଣ୍ଡଲୁମର ବ୍ରାଣ୍ଡ ଆମ୍ବାସାଡର ଭାବେ ଅନୁବନ୍ଧିତ କରାଯାଇଛି । ମାଧୁରୀ ଦୀକ୍ଷିତଙ୍କ ସକ୍ରିୟ ସହଯୋଗରେ ଓଡିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶ ବିଦେଶର ଫ୍ୟାଶନ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ । ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଆଜି ସ୍ଥାନୀୟ ଜନତା ମୈଦାନ ଠାରେ ହସ୍ତତନ୍ତ ମେଳା "ଏକତା'କୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଏହି ହସ୍ତତନ୍ତ ମେଳା ଗୁରୁବାର ଠାରୁ ଆରମ୍ଭ ହୋଇ ୧୩ ପର୍ଯ୍ୟନ୍ତ ଚାଲିବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ୩୦ଟି ଜିଲ୍ଲାରେ ୧ ଲକ୍ଷ ୩୦ ହଜାରରୁ ଅଧିକ ବୁଣାକାର ଓ ସହାୟକ ଶ୍ରମିକ ହସ୍ତତନ୍ତ କ୍ଷେତ୍ରରେ ସିଧାସଳଖ ନିୟୋଜିତ ଅଛନ୍ତି । ପ୍ରାଥମିକ (୯ ପୃଷ୍ଠାରେ)



- ରାଜ୍ୟରେ ୬ ସ୍ଥାନରେ ପ୍ରତିଷ୍ଠା ହେବ ଟେକ୍ସଟାଇଲ ଶିଳ୍ପ
- ୭, ୮୦୮ କୋଟି ନିବେଶ ସହ ୫୩ ହଜାର ନିଯୁକ୍ତି ସୁଯୋଗ
- ଓଡ଼ିଶା ହସ୍ତତନ୍ତ ବ୍ରାଣ୍ଡ ଆମ୍ବାସାଡର ବଲିଉଡ ତାରକା ମାଧୁରୀ ଦୀକ୍ଷିତ
- ହସ୍ତତନ୍ତ ଦିବସରେ ମାସ୍କଟ 'ରେଶା'କୁ ଉନ୍ମୋଚିତ କଲେ ମୁଖ୍ୟମନ୍ତ୍ରୀ
- ଜନତା ମଇଦାନରେ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ହସ୍ତତନ୍ତ ମେଳା

### ପଟ୍ଟାମୁଣ୍ଡାଇରେ ଛାତ୍ରୀ ଆତ୍ମଦାହ ଘଟଣାର ନୂଆମୋଡ଼

## କଟକରେ ହେଲା ଶବ ବ୍ୟବଚ୍ଛେଦ

ପଟ୍ଟାମୁଣ୍ଡାଇ, ୭।୮ (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଂଚାୟତ କାଠିଆପଡା ଗ୍ରାମରେ ଗତକାଲି ଘଟିଥିବା କଲେଜ ଛାତ୍ରୀ ଆତ୍ମଦାହ ଘଟଣା ସାରା ରାଜ୍ୟରେ ପୁଣି ଆଲୋଡନ ଖେଳାଇ ଦେଇଛି। ଗତକାଲି ସ୍ଥାନୀୟ ବଡ଼ପଡା କଲେଜ ୩ ଶେଷବର୍ଷ କଳା ଛାତ୍ରୀ ତଥା କାଠିଆପଡା ଗ୍ରାମର ୨୦ବର୍ଷ ବୟସ୍କା ଝିଅ ନିଜ ପ୍ରେମିକଙ୍କ ପ୍ରତାରଣା ଓ ଅନ୍ତରଙ୍ଗ ମୁହୂର୍ତ୍ତ ଭିଡିଓ ଭାଇରଲ ଘଟଣାରେ ପୋଲିସ ଠାରୁ ନ୍ୟାୟ ନପାଇ ନିଜ ଘରେ ଦେହରେ କିରୋସିନ ଢାଳି ଆତ୍ମଦାହ କରିଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଂଚାୟତ ତେରୋହୀ ଗ୍ରାମର ଜନୈକ ଯୁବକଙ୍କୁ ପ୍ରେମ କରୁଥିଲେ। ଦୀର୍ଘ ୮ ମାସ ତଳେ ତାଙ୍କର ପ୍ରେମିକ ସହିତ କୌଣସି କାରଣରୁ ସମ୍ପର୍କ ଛିନ୍ନ ହୋଇଥିଲା। ପରବର୍ତୀ ସମୟରେ ପ୍ରେମିକ ଜଣକ ତାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ତାଙ୍କୁ ପାଖକୁ ପଠାଇବା ସହିତ ସାମାଜିକ ଗଣମାଧ୍ୟମରେ ଭାଇରଲ କରିବାକୁ ଧମକ ଦେଇଥିଲେ। ଏଥିରେ ପରିବାର ଲୋକମାନେ ଅତିଷ୍ଠ ହୋଇ ପଡିଥିଲେ। ଶେଷରେ କୌଣସି ଉପାୟ ନପାଇ ବାପା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ (୯ ପୃଷ୍ଠାରେ)

**ଘଟଣାସ୍ଥଳରେ କଂଗ୍ରେସ, ବିଜେପି, ବିଜେଡି ଟିମ**

## ଭାରତ ଆସିବେ ପୁଟିନ୍

ନୂଆଦିଲ୍ଲୀ, ୭।୮ : ରୁଷରୁ ଭାରତ ତେଲ କିଣୁଥିବା ନେଇ ଆମେରିକା ଶୁଳ୍କ ଲଗାଇବାରେ ଲାଗିଛି । ତେବେ ଏହି ସ୍ଥିତି ମଧ୍ୟରେ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଖୁବଶୀଘ୍ର ଭାରତ ଆସିବେ ବୋଲି ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ କହିଛନ୍ତି । କିନ୍ତୁ ସେ ଏଥିଲାଗି କୌଣସି ସ୍ୱତନ୍ତ୍ର ତାରିଖ ଦେଇ ନାହାନ୍ତି ।

ଶ୍ରୀ ଡୋଭାଲ ଏବେ ରୁଷ ଗସ୍ତରେ ଅଛନ୍ତି । ସେ କହିଛନ୍ତି ଯେ ରୁଷ ସହ ଆମର ସ୍ୱତନ୍ତ୍ର ଓ ଦୀର୍ଘଦିନର ସମ୍ପର୍କ ରହିଛି । ଉଚ୍ଚସ୍ତରୀୟ ବୁଝାମଣା ଉଭୟ ଦେଶ ମଧ୍ୟରେ ଅଛି । ପୁଟିନ ଭାରତ ଆସିବେ ବୋଲି ଶୁଣି ଆମେ ବେଶ୍ ଆନନ୍ଦିତ । ଆମେରିକା ଓ ଭାରତ ମଧ୍ୟରେ ରୁଷ୍ ସହ ବାଣିଜ୍ୟିକ ସମ୍ପର୍କକୁ ନେଇ ଦ୍ୱନ୍ଦ୍ୱ ବଢୁଥିଲା (୯ ପୃଷ୍ଠାରେ)

## କ୍ରାଇମ୍‌ବ୍ରାଞ୍ଚ ହାତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ

**ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ମାମଲା**

ବାଲେଶ୍ୱର, ୭।୮ (ସବ୍ୟୁ): ବାଲେଶ୍ୱର ଛାତ୍ରୀ ସୌମ୍ୟଶ୍ରୀଙ୍କ ଆତ୍ମହୁତି ଘଟଣାକୁ ଆଉ ୫ ଦିନ ପରେ ବିତିବ ମାସେ । ଇତି ମଧ୍ୟରେ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ଘଟଣା ଦିନ ଅନେକ ଅଣଛାତ୍ର କଲେଜ ମଧ୍ୟରେ ପ୍ରବେଶ କରିଥିଲେ । ସେମାନଙ୍କର ମଧ୍ୟ ଆତ୍ମହତ୍ୟା ଉଦ୍ୟମ ପାଇଁ ଉସକାଇଥିଲେ । ଯାହାକୁ ଆଧାର କରି ଏବିଭିପିର ରାଜ୍ୟ ଯୁଗ୍ମ ସମ୍ପାଦକ ଅଣଛାତ୍ର ଶୁଭ୍ର ସମ୍ବିତଙ୍କୁ ଗିରଫ ମଧ୍ୟ କରିଛି କ୍ରାଇମବ୍ରାଞ୍ଚ । ତଦନ୍ତର ଅଗ୍ରଗତି ସମୀକ୍ଷା କରିବା ପାଇଁ ଦୁଇଦିନ ହେବ ଡେରା ପକାଇଛନ୍ତି କ୍ରାଇମବ୍ରାଞ୍ଚ ଏସପି ଅନିରୁଦ୍ଧ ରାଉତରାୟ । ଡିଏସପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଚାଲିଛି ତଦନ୍ତ । ତେବେ ତଦନ୍ତ ଶେଷ ହେବାକୁ କିଛି ଦିନ ସମୟ ଲାଗିବ ବୋଲି କହିଛନ୍ତି ଏସପି । ଫରେନ୍ସିକ ଲ୍ୟାବକୁ ପଠାଯାଇଥିବା କିଛି ତଥ୍ୟର ରିପୋର୍ଟ ଆସିଛି । ନୂଆକରି ପଠାଯାଇଥିବା କିଛି ରିପୋର୍ଟ ଆସିନାହିଁ । ଆହୁରି କିଛି ତଥ୍ୟ ଲ୍ୟାବକୁ ପଠାଯିବ । ତଦନ୍ତକୁ ସଂପୂର୍ଣ୍ଣ ସମୀକ୍ଷା କରି ଡିଜିଙ୍କୁ ପ୍ରଦାନ କରାଯିବ । ସେପଟେ ଫାଷ୍ଟ ଗେଟରେ କାର୍ଯ୍ୟରତ ସୁରକ୍ଷାକର୍ମୀଙ୍କୁ ଝାଳବୁହା ଜେରା କରିଛି କ୍ରାଇମବ୍ରାଞ୍ଚ । କେତେବେଳେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ । ଛାତ୍ରୀ ଜଣକ କେଉଁ ସମୟରେ କଲେଜ କ୍ୟାମ୍ପସକୁ ପଶିଲେ । ଛାତ୍ରୀଙ୍କ ସାଙ୍ଗରେ କିଏ କିଏ ଥିଲେ। କେଉଁ ଛାତ୍ରମାନେ ଛାତ୍ରୀଙ୍କ ସହ ଥିଲେ । କେତେ ଜଣ ଅଣଛାତ୍ର ଥିଲେ ? ସବୁ ଛାତ୍ର (୯ ପୃଷ୍ଠାରେ)

## ଟ୍ରମ୍ପଙ୍କ ଶୁଳ୍କ ବୃଦ୍ଧି ପରେ ଜବାବ

## ଚାଷୀଙ୍କ ସ୍ୱାର୍ଥ ସହ ସାଲିସ୍ ହେବନି : ମୋଦି

ନୂଆଦିଲ୍ଲୀ, ୭।୮ : ଭାରତ ଚାଷୀ ଓ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ସହ କେବେ ବି ସାମିଲ କରିପାରିବ ନାହିଁ। ଏଥିପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ସେ ଜାଣିଛନ୍ତି । ତେବେ ଚାଷୀଙ୍କ ପାଇଁ ସେ ଏହା କରିବାକୁ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆମେରିକା ଭାରତ ଉପରେ ୫୦% ଶୁଳ୍କ ଲଗାଇଛି । ଯଦିଓ ପ୍ରଧାନମନ୍ତ୍ରୀ ଆଜି ଏହାର ଜବାବ ଦେଇଛନ୍ତି, ସେ ଆମେରିକା କିମ୍ବା ଟ୍ରମ୍ପଙ୍କ ନାମ ନେଇନାହାନ୍ତି ।

ଏମ୍‌ଏସ୍ ସ୍ୱାମୀନାଥନ ଶତବାର୍ଷିକୀ ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଚାଷୀଙ୍କ ସ୍ୱାର୍ଥ ଆମ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଚାଷୀ, ପଶୁପାଳକ ଓ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ସହ ବୁଝାମଣା କରାଯାଇ ପାରିବ ନାହିଁ। ଖାଦ୍ୟ ସୁରକ୍ଷା ପରମ୍ପରାକୁ ଆଗକୁ ବଢ଼ାଇ ସମସ୍ତଙ୍କ ପାଇଁ ପୋଷଣ ସୁରକ୍ଷାକୁ ସୁନିଶ୍ଚିତ କରିବା ଆମ କୃଷି ବୈଜ୍ଞାନିକମାନଙ୍କର ଲକ୍ଷ୍ୟ ହେବା ଦରକାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ଆମେରିକାକୁ କୃଷିଜାତ ସାମଗ୍ରୀ ରପ୍ତାନୀ କରିଥାଏ। ରୁଷରୁ ଅଶୋଧିତ ତୈଳ ଭାରତ କିଣୁଥିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇ ଭାରତରୁ ଆମେରିକା ଯାଉଥିବା ସାମଗ୍ରୀ ଉପରେ ୫୦% ଶୁଳ୍କ ଲଗାଇଛନ୍ତି। (୯ ପୃଷ୍ଠାରେ)



### ଭାରତକୁ ଚୀନ୍‌ର ସମର୍ଥନ

ନୂଆଦିଲ୍ଲୀ, ୭।୮ : ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦% ଶୁଳ୍କ ଲଗାଇବା ଘଟଣାରେ ଚୀନ୍ ଭାରତକୁ ସମର୍ଥନ ଦେଇଛି। ଚୀନ୍ ଦୂତାବାସର ମୁଖପାତ୍ର ଜି ଜିଙ୍ଗ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ ଭାରତର ସାର୍ବଭୌମତ୍ୱରେ ବୁଝାମଣା କରାଯାଇ ପାରିବ (୯ ପୃଷ୍ଠାରେ)

## ବାପ, ଝିଅଙ୍କ ଉପରେ ମାଡ଼ିଗଲା ଟ୍ରକ୍

କୁଜଙ୍ଗ, ୭।୮ (ସବ୍ୟୁ): କଟକ- ପାରାଦୀପ ରାସ୍ତାର ଷ,,ପୁର ନିକଟ କୋଠୀଆସାହି ଠାରେ ବାଇକ୍ ରେ ଯାଉଥିବା ବାପ ଓ ଝିଅ ଙ୍କ ଉପରେ ଆଜି ଅପରାହ୍ନ ରେ ଟ୍ରକ୍ ଚଢ଼ିଯିବାରୁ ଷ,,ପୁର ଗାଆଁ ର ରାଜା ବିଶ୍ୱାଳ (ବାବୁ) ଓ ତାଙ୍କ ଝିଅ ଲୋପାମୁଦ୍ରା (ଲୋପା) ଙ୍କ ର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ନିଜ ବାଇକ୍ ଯୋଗେ ବାବୁ ଝିଅ କୁ ବସାଇ କୁଜଙ୍ଗ (୯ ପୃଷ୍ଠାରେ)

## ଏନ୍‌ଡିଏର ଉପ-ରାଷ୍ଟ୍ରପତି ପ୍ରାର୍ଥୀ ବାଛିବେ ମୋଦି, ନଡ୍ଡା

ନୂଆଦିଲ୍ଲୀ, ୭।୮ : ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ କିଏ ହେବ ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ନିଷ୍ପତ୍ତି ନେବେ। ଏନ୍‌ଡିଏର ସଂସଦୀୟ ଦଳ ବୈଠକରେ ଏହି କ୍ଷମତା ଦୁଇ ନେତାଙ୍କୁ ଦିଆଯାଇଛି । ଏନ୍‌ଡିଏର ନେତାମାନେ ଆଜି ଏକ ବୈଠକ କରିଥିଲେ। ବୈଠକ ସମ୍ପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ଏନ୍‌ଡିଏ ପ୍ରାର୍ଥୀ ଚୟନ କରିବାର ଦାୟିତ୍ୱ ଶ୍ରୀ ମୋଦି ଓ ଶ୍ରୀ ନଡ୍ଡାଙ୍କୁ ଦିଆଯାଇଛି । ଆସନ୍ତା ୧୨ ତାରିଖରେ ହୁଏତ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇପାରେ ।

ସ୍ୱାସ୍ଥ୍ୟଗତ କାରଣରୁ ଉପରାଷ୍ଟ୍ରପତି ପଦବୀରୁ ଜଗଦୀପ୍ ଧନକଡ଼ ମୌସୁମୀ ଅଧିବେଶନର ପ୍ରଥମ ଦିନରୁ ଇସ୍ତଫା ଦେଇଥିଲେ । ଏବେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜିର ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଶିବସେନା ନେତା ଶ୍ରୀକାନ୍ତ ସିନ୍ଦେ, ମିଳିନ୍ଦ ଦୋରା, ଚିରାଗ ପାଶ୍ୱାନ, ପ୍ରଫୁଲ୍ଲ ପଟେଲ, ଉପେନ୍ଦ୍ର ଖୁସ୍ୱା, ରାମ ମୋହନ, ଲଲନ ସିଂ, ଅନୁପ୍ରିୟ ପଟେଲ, ରାମଦାସ ଅଠାୱାଲେ ଉପସ୍ଥିତ ଥିଲେ। ବୈଠକରେ ପରସ୍ପର ମଧ୍ୟରେ ସହଯୋଗ ଉପରେ ଗୁରୁତ୍ୱ ଦିଆଯିବା ସହ ଭୋଟ ପୂର୍ବରୁ ପ୍ରଶିକ୍ଷଣ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଯଦିଓ ଏହା ସିକ୍ରେଟ୍ ବାଲାଟରେ ହେବ, ତେବେ ଦଳ ପକ୍ଷରୁ ହୁଇପ୍ ଜାରି କରାଯାଇ ପାରିବ ନାହିଁ। ମେଣ୍ଟର ସହଯୋଗୀମାନେ ଏକାଠି କାମ କରି ସମସ୍ତ ସାଂସଦ ଯେଭଳି ସଠିକ ପ୍ରକ୍ରିୟାରେ ଭୋଟ ଦେବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭୋଟ ପ୍ରଦାନ ନେଇ ପ୍ରଶିକ୍ଷଣ ଦେବା ପାଇଁ ସ୍ଥିର ହୋଇଥିଲା।

### ଟିଟିଲାଗଡ ଏବେ ବି ତତଲାଗଡ

## ଶ୍ରାବଣରେ ଚାଷ ଜମି ଫାଟି ଆଁ



ବଲାଙ୍ଗିର/ଟିଟିଲାଗଡ଼, ୭।୮ (ସବ୍ୟୁ): ପରିସ୍ଥିତି ବେହାଲ । ଚାଷ ଜମିକୁ ଦେଖି କାନ୍ଦୁଛି ଚାଷୀ । ଆସନ୍ନ ମରୁଡିକୁ ନେଇ ବିରୋଧୀ ବି ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି । ତଥାପି ଅଧିକାରୀଙ୍କ ଚାଷ ଓ ଚାଷୀ ପ୍ରତି ଦରଦ ନାହିଁ। ଉଜୁଡା ଫସଲ ଦେଖିଯିବା ପରିବର୍ତ୍ତେ ବିଧାୟକଙ୍କ ଅସ୍ଥାୟୀ ବାସ ଭବନ ତଥା କାର୍ଯ୍ୟାଳୟରେ ଘଣ୍ଟାଏ ରହି ଚାଲିଗଲେ । ଚଳିତ ଖରିଫରେ ଚିର ମରୁଡି ପ୍ରବଣ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକର ଚାଷୀଙ୍କ ଅବସ୍ଥା ବେହାଲ ହୋଇ ପଡିଛି । ସର୍ବଦା ବର୍ଷା ଉପରେ ନିର୍ଭର କରୁଥିବା ଏହି ଅଞ୍ଚଳର ଚାଷୀ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ନେଇ ହାହାକାର ହୋଇ ପଡିଛନ୍ତି । ବ୍ଲକ ଅଞ୍ଚଳରେ ରହିଥିବା ଦୁଇଟି ବୃହତ ଉଠା ଜଳସେଚନ ପ୍ରକଳ୍ପରେ ତାଲା ପଡିବା ନେଇ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱର୍ ହେକଟର ଚାଷ ଜମିରେ ରୁଆବେଉଷଣ, ବିହୁଡା କାର୍ଯ୍ୟ ଠପ ହୋଇଛି । ଅନ୍ୟପକ୍ଷରେ ଆଦୌ ଜଳସେଚନ ବ୍ୟବସ୍ଥା ନଥିବା ବାନ୍ଧୁପଲା, ଶଗଡ଼ଘାଟ, ସୁରଡ଼ା ଆଦି ପଞ୍ଚାୟତର ଚାଷୀ ତ୍ରାହି ଛାଡିଥିବା ଅଭିଯୋଗ ଆସିଛି । ବାନ୍ଧୁପଲା ପଞ୍ଚାୟତ ଅଞ୍ଚଳର ଚାଷୀ ପରିବାର ବର୍ଷାଭାବ ନେଇ ସେମାନଙ୍କ ଫସଲକୁ ରକ୍ଷା ପାଇଁ ଗତ ୨୦ ଜୁଲାଇରେ ସ୍ଥାନୀୟ ଘିସରୀ ଡ଼ଙ୍ଗର ଚଢି ଇନ୍ଦ୍ର ପୂଜା କରିଥିଲେ । ହେଲେ ପ୍ରକୃତି ବି ଦାଉ ସାଧିବା, ନିଅଣ୍ଟ ବର୍ଷା ଯୋଗୁଁ ଜମି ଚାଷ ଜମି ଫାଟି ଆଁ କରିଛି । ଧାନ ତଳି ମରିବାକୁ ବସିଛି । ଧାନ ବିହନ କିଣା ଠାରୁ ଆରମ୍ଭ କରି ହଲ, ଟ୍ରାକଟର ଲଗାଇ ଜମିକୁ ପ୍ରସ୍ତୁତ କରି ବୁଣା ହୋଇ ସାର ମରା ହୋଇଥିଲା । ବର୍ତ୍ତମାନ ପାଣି ଅଭାବ ନେଇ ଜମି ଫାଟି ଗଲାଣି । ଚାଷୀଙ୍କ ବର୍ଷକର ଆୟ ନଷ୍ଟ ହେଲା ବୋଲି ବୁର୍ଡିପଡା, କୁମ୍ଭେପଡା ଆଦି ଗ୍ରାମର ଚାଷୀ ରାଧେଶ୍ୟାମ କବାଟ, ସୁଧାକର ଭୋଇ, ଭିକାରି କବାଟ, ରେବତୀକାନ୍ତ କବାଟ, ନିତ୍ୟା ମାଝୀ, କାହ୍ନୁ ସାହୁ, ତୀର୍ଥ କବାଟ, ନନ୍ଦଲାଲ ସାହୁ, ଚନ୍ଦ୍ର ବିଶି, ବସିଂ କବାଟ, ମାଧବ ବିଶି, ଗିରିଧାରୀ ଠେଲା, କୁଳମଣୀ କବାଟ, ହରିଶ୍ଚନ୍ଦ୍ର କବାଟ, ବିବସ୍ୱ କବାଟ ପ୍ରମୁଖ ଦୁଃଖର ସହ କହିଛନ୍ତି । ଅନ୍ୟପକ୍ଷରେ ଏନେଇ ପ୍ରଶାସନ ଆଖିବୁଜି ବସିଥିବା ଅଭିଯୋଗ ହୋଇଛି । ଚାଷୀ ଜୟନ୍ତୀ ଦୀପ କହିଛନ୍ତି ଯେ ସେ ପ୍ରାୟ ୫୦ ହଜାର ଟଙ୍କା ଖର୍ଚ୍ଚ କରି ଜମିରେ ହଲ, ଟ୍ରାକଟର, (୯ ପୃଷ୍ଠାରେ)

## ଭୋଟ୍ ଜାଲିଆତିର ତଥ୍ୟ ସହ ଅଭିଯୋଗ ଆଣିଲେ ରାହୁଲ

### ସତ୍ୟପାଠ ଦିଅ, ଭୁଲ୍ ଥିଲେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ : କର୍ଣ୍ଣାଟକ ନିର୍ବାଚନ ଅଧିକାରୀ

ନୂଆଦିଲ୍ଲୀ, ୭।୮ : ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ବିରୋଧରେ ଭୋଟ ଜାଲିଆତିର ଏକ ବଡ଼ ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। କର୍ଣ୍ଣାଟକର ଗୋଟିଏ ନିର୍ବାଚନମଣ୍ଡଳୀର ଗୋଟିଏ ତଥ୍ୟକୁ ଯାଞ୍ଚ କରି ସାମ୍ବାଦିକ ସମ୍ମିଳନୀରେ ରାହୁଲ ଅଭିଯୋଗ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଭୋଟର ତାଲିକାରେ ନକଲି ଲୋକଙ୍କୁ ସାମିଲ କରାଯାଇଥିଲା। ଏହାକୁ ପ୍ରମାଣିତ କରିବା ପାଇଁ ନିର୍ବାଚନ କମିଶନ ଦେଇଥିବା କର୍ଣ୍ଣାଟକ ଭୋଟର ତାଲିକା ସେ ସର୍ବସମ୍ମୁଖରେ ଉପସ୍ଥାପନ କରିଛନ୍ତି। ତେବେ କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀ ରାହୁଲ ଗାନ୍ଧିଙ୍କୁ ଏକ ଚିଠି ଲେଖି ଭୋଟର ତାଲିକା ହେରଫେର ସମ୍ବନ୍ଧରେ ସତ୍ୟପାଠ ମାଗିଛନ୍ତି। ଶୁକ୍ରବାର ଅପରାହ୍ନ ସୁଦ୍ଧା ସାକ୍ଷାତ କରି ଏହା ପ୍ରଦାନ କରିବାକୁ କହିଛନ୍ତି । ଏକ ସତ୍ୟପାଠ ଦାଖଲ କରନ୍ତୁ, ଯାହାଦ୍ୱାରା ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ସତ୍ୟପାଠରେ ମଧ୍ୟ ଘୋଷଣା କରିବାକୁ ପଡ଼ିବ ଯେ ଦିଆଯାଇଥିବା ସୂଚନା ଠିକ୍ ଏବଂ ଭୁଲ ସୂଚନା ହୋଇଥିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ।

ରାହୁଲ କହିଥିଲେ ଯେ ଇସିଆଇ ଆମକୁ ମେସିନର ଭରସା ଯୋଗ୍ୟ ତଥ୍ୟ ଗତ ୧୦ରୁ ୧୫ ବର୍ଷ ହେବ ଦେଇନାହାନ୍ତି କିମ୍ବା ସିସିଟିଭି ଫୁଟେଜ ଦେଇନାହାନ୍ତି । ଯାହା ଏକ ଅପରାଧ। ସେମାନେ ବାଙ୍ଗାଲୋର ସେଣ୍ଟ୍ରାଲର ମହାଦେବାପୁରା ବିଧାନସଭା କ୍ଷେତ୍ରର ୨୦୨୪ ଲୋକସଭାର ଭୋଟକୁ ବିଶ୍ଳେଷଣ କରିଛନ୍ତି। ସେ କହିଛନ୍ତି ଯେ ଏହି ଲୋକସଭା କ୍ଷେତ୍ରରେ କଂଗ୍ରେସ ୬ଲକ୍ଷ ୨୬ହଜାର ୨୦୮ ଭୋଟ ପାଇଥିଲାବେଳେ ବିଜେପି ୬ଲକ୍ଷ ୫୮ହଜାର ୯୧୫ ଭୋଟ ପାଇଥିଲା। ଭୋଟ ବିଜୟ ବ୍ୟବଧାନ ୩୨,୭୦୭ ଥିଲା। ତେବେ ଏହି ଲୋକସଭା କ୍ଷେତ୍ରର ୭ ବିଧାନସଭା ନିର୍ବାଚନମଣ୍ଡଳୀରୁ ୬ଟିରେ କଂଗ୍ରେସ ଆଗୁଆ ଥିଲା। କିନ୍ତୁ ମହାଦେବାପୁରା ବିଧାନସଭାରେ କଂଗ୍ରେସ ପ୍ରାର୍ଥୀ ୧ଲକ୍ଷ ୧୪ହଜାର ଭୋଟରେ ହାରିଥିଲେ। ରାହୁଲ ଦାବି କରିଛନ୍ତି ଯେ ଏହି ନିର୍ବାଚନମଣ୍ଡଳୀରେ ୧ଲକ୍ଷ ୨୫୦ ଭୋଟ ଚୋରି ହୋଇଛି। ଏଥିରେ ୧୧,୯୬୫ (୯ ପୃଷ୍ଠାରେ)



# ସ୍ମୃତି ସରଞ୍ଜନା କରିପାରନ୍ତି ଶିଶୁ

ସାଧାରଣତ ସମସ୍ତେ ଭାବନ୍ତି ଶୁଶୁମାନେ କୌଣସି ସ୍ମୃତି ସରଞ୍ଜନା କରି ପାରନ୍ତି ନାହିଁ । ଅର୍ଥାତ ସେମାନେ କିଛି ବୁଝନ୍ତି ନାହିଁ କିମ୍ବା କୌଣସି ଘଟଣାକୁ ମନେ ରଖି ପାରନ୍ତି ନାହିଁ । ହେଲେ ଏହା ସଠିକ୍ ତଥ୍ୟ ନୁହେଁ, ନିକଟରେ ହୋଇଥିବା ଗବେଷଣା ଅନୁସାରେ ମାତ୍ର ୪ମାସର ଶିଶୁ ମଧ୍ୟ ଦେଖୁଥିବା ଘଟଣାକୁ ମନେ ରଖିପାରିବେ । ହେଲେ ପରେ ବଡ ହେଲାପରେ ସେ ଏହା ଭୁଲିଯାଇ ପାରନ୍ତି କିନ୍ତୁ ସେମାନେ କିଛି ସମୟ ପାଇଁ କିଛି ଘଟଣାକୁ ମନେ ରଖିପାରନ୍ତି । ଏହି ପରୀକ୍ଷଣରେ ବୈଜ୍ଞାନିକମାନେ ୨୬ଜଣ ଶିଶୁଙ୍କର ବ୍ରେନ୍ ସ୍କାନକୁ ବ୍ୟବହାର କରିଛନ୍ତି । ଏଥିରେ ୪ମାସରୁ ୨୪ ମାସ ପର୍ଯ୍ୟନ୍ତ ଶିଶୁଙ୍କର ସ୍କାନକୁ ସାମିଲ କରାଯାଇଥିଲା । ଏହି ପରୀକ୍ଷାରୁ ଜଣା ପଡିଥିଲା କି ଶିଶୁଙ୍କ କ୍ଷେତ୍ରରେ ହିପ୍ପୋକ୍ୟାମ୍ପସ ଆକ୍ଟିଭ ରହିଥାଏ । ହିପ୍ପୋକ୍ୟାମ୍ପସ ବ୍ରେନର ଏଭଳି ଏକ ଅଂଶ ଯାହା ବିଭିନ୍ନ ସ୍ମୃତିକୁ ଜୀବନ୍ତ ରଖିବାରେ ସାହାଯ୍ୟ କରିଥାଏ । ତେଣୁ ଏହି ଅଂଶ ଶିଶୁଙ୍କ ମସ୍ତିଷ୍କରେ ମଧ୍ୟ ସକ୍ରିୟ ରହିଥାଏ ବୋଲି ଜଣା ପଡିଛି ।



## ସୋସିଆଲ କୋଟ୍ସ



"ମୁନ୍ନା ଭାଇ ଏମ୍‌ବିବିଏସ୍‌ର ସରକିଟ୍ ଚରିତ୍ର ମୋ ପାଇଁ ଏକ ରିସ୍କ ଥିଲା । ହେଲେ ମୋର ସୌଭାଗ୍ୟଥିଲା କି ମୋ କୋ ଆକ୍ଟର ଭାବେ ସଞ୍ଜୟ ଦତ୍ତ ଏବଂ ନିର୍ଦ୍ଦେଶକ ଭାବେ ରାଜକୁମାର ହିରାନୀ ଥିଲେ ।

ଅର୍ଶଦ ବର୍ସୀ, ଅଭିନେତା

"ମୁଁ ଏବେ ବି ମୋର ବଲିଉଡ୍‌ରେ ଯୋଗ ଦେବା ନିଷ୍ପତ୍ତିକୁ ନେଇ ଗର୍ବ ଅନୁଭବ କରିଥାଏ । ମୋତେ ସେତେବେଳେ ମାତ୍ର ୧୮ ବର୍ଷ ହୋଇଥିଲା, ଯେତେବେଳେ ମୁଁ ଘର ଛାଡି ମୁମ୍ବାଇ ଆସିବାକୁ ନିଷ୍ପତ୍ତି ନେଇଥିଲି ।

ଦୀପିକା ପାଦୁକୋନ, ଅଭିନେତ୍ରୀ






"କୁ ଫିଲ୍ମ ଦେଖି ଖୁବ ଖୁସି ଲାଗିଥିଲା । ଏଥିରେ ଅଭିନୟ କରିଥିବା ସୁପର ଟାଲେଣ୍ଟେଡ୍ ଟ୍ରାଓଙ୍କ ଅଭିନୟ ଖୁବ ଭଲ ହୋଇଥିଲା । ମୁଁ ଖୁବ ଏଞ୍ଜୟ କରିଥିଲି ଫିଲ୍ମକୁ ।

ପ୍ରିତି ଜିଣ୍ଟା, ଅଭିନେତ୍ରୀ

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ସିକନ୍ଦର ଆଲମ



ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ପ୍ରଚ୍ଛଦପଟ କଣ୍ଠଶିଳ୍ପି ଭାବେ ପରିଚିତ ସିକନ୍ଦର ଆଲମ । ସେ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଯଥା ଜଗନ୍ନାଥ ଜଣାଣ, ଭଜନ, ଛାନ୍ଦ, ଚମ୍ପୂ, ଚଉପଦୀ ନିମନ୍ତେ ଓଡ଼ିଶାର ଘରେ ଘରେ ପରିଚିତ । ତାଙ୍କୁ ଆଧୁନିକ ଓଡ଼ିଶାର ସାଲବେଗ ବୋଲି ସମ୍ବୋଧନ ମଧ୍ୟ କରାଯାଇଥାଏ । ସିକନ୍ଦର ୧୯୩୯ ମସିହା ଜୁଲାଇ ମାସ ୨୭ ତାରିଖରେ, କଟକ ଜିଲ୍ଲା ବୟାଳିଶି ମୌଜା ବ୍ଲକର ରାଉତରାପୁର ଠାରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟ ଜୀବନ ନିଜ ଗାଁରେ ହିଁ କଟିଥିଲା । ଏହାପରେ କଟକର ଖ୍ରୀଷ୍ଟ କଲେଜିଏଟ ସ୍କୁଲରୁ ମାଟ୍ରିକ ଓ ଷ୍ଟୁଆର୍ଟ କଲେଜରୁ ବିଜ୍ଞାନରେ ଇଣ୍ଟରମିଡିଏଟ ପାସ କରିଥିଲେ । ତା'ପରେ ନିଜ ପିତା ଓ ବଡ଼ ଭାଇଙ୍କଠାରୁ ପ୍ରେରଣା ପାଇ ସଂଗୀତ ଶିକ୍ଷା କରିବା ପାଇଁ ସେ ପ୍ରସିଦ୍ଧ ଗନ୍ଧର୍ବ ମହାବିଦ୍ୟାଳୟରେ ଯୋଗଦାନ କରିଥିଲେ । ଏହି ଅନୁଷ୍ଠାନରୁ ହିଁ ସେ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲୁଶକର ଏବଂ ଉସ୍ତାଦ କୁନ୍ଦଳ ଆଦିନାରାୟଣ ରାଓଙ୍କ ଅଧୀନରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତରେ କୃତିତ୍ୱର ସହ ସଂଗୀତ ବିଶାରଦ ଡିଗ୍ରୀ ହାସଲ କରିଥିଲେ । ସିକନ୍ଦର ୧୯୫୭ ମସିହାରେ ମାତ୍ର ୧୮ ବର୍ଷ ବୟସରୁ ଆକାଶବାଣୀ କଟକରେ ଗୀତ ଗାଇବା ଆରମ୍ଭ କରିଥିଲେ । ଭଜନ, ଜଣାଣ, ଗଜଲ, ଆଧୁନିକ ଇତ୍ୟାଦି ସଂଗୀତର ସବୁ ଦିଗରେ ସେ ନିଜର ଦକ୍ଷତା ପ୍ରତିପାଦନ କରି ଖୁବ କମ ସମୟରେ ବହୁ ଲୋକପ୍ରିୟତା ଅର୍ଜନ କରିଥିଲେ । ୧୯୬୨ମସିହାରେ ନିର୍ମିତ ଚଳଚ୍ଚିତ୍ର 'ଲକ୍ଷ୍ମୀ'ରେ ସଂଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ନିର୍ଦ୍ଦେଶନାରେ କଣ୍ଠଦାନ କରି ସେ ପ୍ରଥମ ଥର ପାଇଁ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପ୍ରବେଶ କରିଥିଲେ । ପରବର୍ତ୍ତୀ ସମୟରେ ସେ ବହୁ ଓଡ଼ିଆ ଚଳଚ୍ଚିତ୍ର ପାଇଁ କଣ୍ଠଦାନ କରିଥିଲେ । ସେ ମଧ୍ୟରୁ ଅମଡ଼ା ବାଟ, ଅଦିନ ମେଘ, ମାଣିକ ଯୋଡ଼ି, ମମତା, ସୂର୍ଯ୍ୟମୁଖୀ, ପୂଜା ପ୍ରଭୃତି ଅନ୍ୟତମ ।

ତାଙ୍କର ଅସାଧାରଣ ପ୍ରତିଭା ଓ ସଙ୍ଗୀତ ସାଧନା ପାଇଁ ତାଙ୍କୁ ଅନେକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ମହାନ କଣ୍ଠଶିଳ୍ପିଙ୍କର ୮ ଅଗଷ୍ଟ ୨୦୧୦ ମସିହାରେ ୭୧ ବର୍ଷ ବୟସରେ ତିରୋଧାନ ଘଟିଥିଲା । ତାଙ୍କ ଦେହାବସାନ ଯୋଗୁଁ ଓଡ଼ିଶା ସଙ୍ଗୀତ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଥିଲା ।

# ସାଥୀଙ୍କୁ ମନେ ରଖନ୍ତି ଗରିଲା

ଗରିଲାଙ୍କୁ ନେଇ ବିଭିନ୍ନ ସମୟରେ ଭିନ୍ନଭିନ୍ନ ପରୀକ୍ଷା କରାଯାଇଛି । ତେବେ ନିକଟରେ ମାଈ ପର୍ବତୀୟ ଗରିଲାଙ୍କୁ ନେଇ ଏକ ନୂଆ ତଥ୍ୟ ସାମନାକୁ ଆସିଛି । ଏହି ପରୀକ୍ଷଣ ଅନୁସାରେ ମାଈ ଗରିଲାମାନେ ଅଣ୍ଡିରାଙ୍କ ତୂଳନାରେ ନିଜର ସାମାଜିକ ସମ୍ପର୍କ ବେଶି ରକ୍ଷା କରିଥାଆନ୍ତି । ଏହାକୁ ନେଇ ପାଖାପାଖି ୨୦ ବର୍ଷଧରି ବୈଜ୍ଞାନିକମାନେ ଭୋଲକାନୋ ନ୍ୟାସନାଲ ପାର୍କରେ ଗବେଷଣା କରିଥିଲେ, ଯାହାପରେ ଏହି ତଥ୍ୟ ପ୍ରଦାନ କରାଯାଇଛି । ଏମାନଙ୍କ ଭିତରେ ବର୍ଷବର୍ଷ ଧରି ବିଚ୍ଛେଦ ହୋଇଥିଲେ ମଧ୍ୟ ସେମାନେ ନିଜର ପୁରୁଣା ସାଥୀଙ୍କୁ ଖୋଜି ପାଇଥାଆନ୍ତି ଏବଂ ସେମାନଙ୍କ ମନେ ମଧ୍ୟ ରଖିଥାଆନ୍ତି ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି । ଯାହା ଫଳରେ ସେମାନଙ୍କୁ ଏକ ନୂଆ ଦଳରେ ସାମିଲ ହେବାର ଭୟ ରହିନଥାଏ । ଏମାନେ ଖୁବ ସହଜରେ ନୂଆ ସଦସ୍ୟଙ୍କ ସହିତ ମିଶି ପାରନ୍ତି । ଏହି ଗବେଷଣାରେ ଗରିଲାଙ୍କ ସାମାଜିକ ସମ୍ପର୍କ ବିଷୟରେ ଖୁବ ଅଧିକ ତଥ୍ୟ ମିଳିଛି ।



୧୮୬୪– ଜେନେଭାରେ ରେଡ୍‌କ୍ରସ୍ ସ୍ଥାପିତ ।
୧୮୭୬– ଥୋମାସ୍ ଅଲ୍‌ବା ଏଡିସନ୍ ମିମିଓଗ୍ରାଫ୍‌ର ପେଟେଣ୍ଟ କରାଇଲେ ।
୧୮୯୯– ଏ.ଟି. ମାର୍ଶଲ ରେଫ୍ରିଜରେଟର୍‌ର ପେଟେଣ୍ଟ କରାଇଲେ ।
୧୯୦୦– ବୋଷ୍ଟନ୍‌ରେ ପ୍ରଥମ ଡେବିସ୍ କପ୍ ଶୃଙ୍ଖଳର ଶୁଭାରମ୍ଭ ।
୧୯୦୮– ଶାସ୍ତ୍ରୀୟ ସଂଗୀତ ଗାୟିକା ସିଦ୍ଧେଶ୍ୱରୀ ଦେବୀଙ୍କ ଜନ୍ମ ।
୧୯୨୧– ଭାରତୀୟ ଚିକିତ୍ସା ବୈଜ୍ଞାନିକ ଭି. ରାମଲିଙ୍ଗସ୍ୱାମୀଙ୍କ ଜନ୍ମ ।
୧୯୪୦– ଭାରତୀୟ କ୍ରିକେଟର ଦିଲ୍ଲୀପ ସରଦେଶାଇଙ୍କ ଜନ୍ମ ।
୧୯୪୨– ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଭାରତ ଛାଡ ଆନ୍ଦୋଳନର ଶୁଭାରମ୍ଭ ।
୨୦୧୦– ପ୍ରଥମ ଭାରତୀୟ ମହିଳା ରୂପେ ମ୍ୟୁନିଚ୍‌ରେ ଆୟୋଜିତ ବିଶ୍ୱ ଶୁଟିଂ ପ୍ରତିଯୋଗିତାରେ ତେଜସ୍ୱିନୀ ସାବନ୍ତଙ୍କୁ ସ୍ୱର୍ଣ୍ଣ ପଦକ ।



# ବଢୁଛି ସମୁଦ୍ରର ପ୍ରଦୂଷଣ

ପ୍ରଦୂଷଣ ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ ସମସ୍ୟା ଭାବେ ଉଭା ହୋଇଛି । ଏଥିପାଇଁ ସବୁ ଦେଶ ଚିନ୍ତା ପ୍ରକଟ କରୁଥିବାବେଳେ ଅଷ୍ଟ୍ରେଲିଆର ବୈଜ୍ଞାନିକମାନେ ଦେଇଥିବା ରିପୋର୍ଟ ବର୍ତ୍ତମାନ ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ଅଷ୍ଟ୍ରେଲିଆର ନ୍ୟାସନାଲ ସାଇନ୍ସ ଏଜେନ୍ସିର ରିପୋର୍ଟ ଅନୁସାରେ ବର୍ତ୍ତମାନ ସମୁଦ୍ରରେ ପାଖାପାଖି ୧୧ ମିଲିଅନ ଟନ୍ ପ୍ଲାଷ୍ଟିକ ରହିଛି, ଯାହା ଧୀରେଧୀରେ ବଢୁଛି ମଧ୍ୟ । ତେଣୁ ବର୍ତ୍ତମାନ ସମୁଦ୍ରଜୀବଙ୍କର ସ୍ୱାସ୍ଥ୍ୟ ପ୍ରତି ଏହା ବଡ ବିପଦ ସାଜିଛି । ସେହିଭଳି ୨୦୪୦ ସୁଦ୍ଧା ଏହି ପ୍ଲାଷ୍ଟିକର ମାତ୍ରା ଡବଲ୍ ହେବାର ଆକଳନ ଏହି ରିପୋର୍ଟରେ କରାଯାଇଛି । ତେଣୁ ବର୍ତ୍ତମାନ ସାରା ବିଶ୍ୱକୁ ଏନେଇ ସତର୍କ ହେବାର ଆବଶ୍ୟକତା ରହିଛି, ନଚେତ୍ ପରିସ୍ଥିତି ଭୟଙ୍କର ହେବ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ସମୁଦ୍ର ତଳେ ପଡିରହିଥିବା ଏହି ପ୍ଲାଷ୍ଟିକ ସମୁଦ୍ର ଉପରେ ଭାସୁଥିବା ପ୍ଲାଷ୍ଟିକ୍ ଠାରୁ ପାଖାପାଖି ୧୦ ଗୁଣ ଅଧିକ । ତେଣୁ ବର୍ତ୍ତମାନ ସ୍ଥଳ ଭାଗ ସହିତ ଜଳ ଭାଗ ପ୍ରଦୂଷଣ ଉପରେ ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଏହି ବୈଜ୍ଞାନିକ ମତ ଦେଇଛନ୍ତି ।

# ହୋଷ୍ଟିଂ ସହଜ ନୁହେଁ



ନିକଟରେ ବଲିଉଡ ଅଭିନେତ୍ରୀ ସୋନାଲି ବେନ୍ଦ୍ରେଙ୍କୁ ଟିଭି ରିଆଲିଟି ଶୋରେ ହୋଷ୍ଟିଂ କରୁଥିବାର ଦେଖିବାକୁ ମିଳିଛି । ପ୍ରଥମ ଥର ପାଇଁ ସୋନାଲିଙ୍କ ଏହି ଅବତାର ଦର୍ଶକ ଦେଖୁଛନ୍ତି । ଏହାରି ଭିତରେ ସୋନାଲିଙ୍କର ଏକ ସାକ୍ଷାତକାର ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ହୋଷ୍ଟିଂକୁ ଖୁବ କଷ୍ଟସାଧ ବୋଲି ମତ ଦେଇଛନ୍ତି । ତାଙ୍କୁ ପ୍ରଥମଥର ପାଇଁ ଶୋ ପତି ପତ୍ନି ଓ ପଙ୍ଗାରେ ଦେଖିବାକୁ ମିଳୁଛି, ଯେଉଁଥିରେ ସେ ମୁନାବର ଫାରୁକିଙ୍କର ସହିତ ଷ୍ଟେଜ ସେୟାର କରୁଛନ୍ତି । ତେବେ ପ୍ରଥମଥର ପାଇଁ ହୋଷ୍ଟିଂ କରି ଖୁବ ଖୁସି ଅଛନ୍ତି, ସୋନାଲି । ସେହିଭଳି ଏହି ସାକ୍ଷାତକାରରେ ସେ ୯୦ ଦଶକର ସିନେମା ଓ ଏବେକାର ସିନେମା ଭିତରେ ତୂଳନା କରୁଥିବାର ଦେଖିବାକୁ ମିଳିଛି । ସେତେବେଳେ ଫିଲ୍ମର ସୁଟିଂର ସଞ୍ଜା ଭିନ୍ନ ଥିଲା ଯାହା ବର୍ତ୍ତମାନ ବଦଳିଛି ବୋଲି ସୋନାଲି ମତ ଦେଇଛନ୍ତି ।

# ଅବସାଦ

ଶାରୀରିକ ସୁସ୍ଥତା ଭଳି ଆମ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନେବାର ଆବଶ୍ୟକତା ରହିଛି । ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଅନେକଙ୍କୁ ମାନସିକ ରୋଗରେ ପୀଡିତ ହେଉଥିବାର ନଜିର ରହିଛି । ଅନେକଙ୍କ ନିକଟରେ ଡିପ୍ରେସନ୍ ଭଳି ମାନସିକ ରୋଗ ଦେଖିବାକୁ ମିଳୁଛି । ତେବେ ଡିପ୍ରେସନ ବା ମାନସିକ ଅବସାଦ ବେଳେବେଳେ ଲଙ୍ଗ୍‌ଟର୍ମ ହୋଇଥିବାବେଳେ ବେଳେବେଳେ କିଛି ଦିନ ପାଇଁ ହୋଇଥାଏ । ଏହି ରୋଗର ଉପଶମ ପାଇଁ ପ୍ରାଥମିକ ଚିକିତ୍ସା ହେଲା ଏହାର କାରଣ ଖୋଜିବା । କେଉଁ କାରଣ ପାଇଁ ଲୋକଟି ଡିପ୍ରେସନର ଶିକାର ହୋଇଛି, ତାହା ଜାଣିବାର ଆବଶ୍ୟକତା ରହିଛି । ବେଳେବେଳେ ଲୋକମାନେ ଜାଣି ପାରି ନଥାନ୍ତି କି ସେମାନେ ଡିପ୍ରେସନ୍‌ର ଶିକାର ହୋଇଛନ୍ତି, ଯାହା ସେମାନଙ୍କୁ ପାଇଁ ଘାତକ ସାଜିଥାଏ । ତେଣୁ ଏହାର ଲକ୍ଷଣ ଉପରେ ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଡିପ୍ରେସନର ଅର୍ଥ ହେଉଛି ନିଜ ଦୈନନ୍ଦିନ କାର୍ଯ୍ୟରେ ରାଗ, ଦୁଃଖ କିମ୍ବା ଅନ୍ୟମନସ୍କ କାରଣରୁ ବାଧା ଉପୁଜିବା । ଯେତେବେଳେ ଉପରୋକ୍ତ କାରଣରୁ ଆପଣ ନିଜର ଛୋଟଛୋଟ ଦୈନନ୍ଦିନ କାର୍ଯ୍ୟରେ ଧ୍ୟାନ ଦେଇପାରୁ ନାହାନ୍ତି, ତେବେ ଆପଣ ଡିପ୍ରେସନର ଶିକାର ହୋଇ ଥାଇ ପାରନ୍ତି । ହେଲେ ସବୁବେଳେ ଯେ ଆପଣ ଡିପ୍ରେସନର ଥିବେ ଏପରି ନୁହେଁ । ଡିପ୍ରେସନର ପ୍ରମୁଖ ଲକ୍ଷଣ ହେଲା ସବୁବେଳେ ଦୁଃଖରେ ରହିବା, ଅନ୍ୟମନସ୍କ ରହିବା, କୌଣସି କାର୍ଯ୍ୟ କରିବା ପାଇଁ ଇଚ୍ଛା ନହେବା, ଆକ୍ଟିଭ ନରହିବା, ଅଧିକ ସମୟ ଏକୁଟିଆ ରହିବାକୁ ଇଚ୍ଛା ପ୍ରକାଶ, ଲୋକଙ୍କ ଗହଣରେ ଥାଇ ମଧ୍ୟ ଏକୁଟିଆ ଲାଗିବା, ହଠାତ୍ ରାଗ ଆସିବା, ଚିଡଚିଡା ଲାଗିବା, କାନ୍ଦ ଲାଗିବା, ଟିଭି କିମ୍ବା ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ କରିବାକୁ ମନ ନଲାଗିବା, ରାତିରେ ନିଦ ନ ଆସିବା, ଖାଇବାକୁ ଇଚ୍ଛା ନହେବା, ଓଜନରେ ହ୍ରାସ ଆଦି । ଯଦି ଏଭଳି କୌଣସି ଲକ୍ଷଣ ଆପଣଙ୍କ ନିକଟରେ ଦେଖିବାକୁ ମିଳୁଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଡିପ୍ରେସନ ଅଧିକ ଦିନ ରହିଲେ ଘାତକ ସାଜିପାରେ ।





ଜାତୀୟ ହସ୍ତତନ୍ତ ଦିବସରେ ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବଲିଉଡ ଚଳଚ୍ଚିତ୍ର ତାରକା ମାଧୁରୀ ଦୀକ୍ଷିତ୍


ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚନ

### ରାଜ୍ୟରେ ଜୈବ-ଅର୍ଥନୀତିର ବିକାଶ ନେଇ ଏମ୍ଓୟୁ

## ସମ୍ବଲପୁରର ଆଇଆଇଏମ୍ ସହ ଚୁକ୍ତି କଲା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ଜୈବ ପ୍ରଯୁକ୍ତି ଓ ଜୈବ ସମ୍ବଳକୁ ଆଧାର କରି ଜୈବ ଅର୍ଥନୀତି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ ଜୈବ ପ୍ରଯୁକ୍ତି ବିଦ୍ୟା ଏକ ଉଦୀୟମାନ କ୍ଷେତ୍ର ହୋଇଥିବାରୁ ଜୈବ ଅର୍ଥନୀତି ରାଜ୍ୟର ବିକାଶ ଧାରାରେ ପ୍ରମୁଖ ଯୋଗଦାନ କରିବାର ବ୍ୟାପକ ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ସମ୍ବଲପୁରର ଆଇଆଇଏମ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ଗୁରୁବାର ଖାରବେଳ ଭବନରେ ସ୍ୱାକ୍ଷରିତ ହୋଇଛି ।



ଏହି ବୁଝାମଣାପତ୍ର ଅନୁଯାୟୀ ରାଜ୍ୟରେ ଜୈବ ଅର୍ଥନୀତି ସମ୍ଭାବନା ଥିବା କ୍ଷେତ୍ରଗୁଡ଼ିକୁ ବିଚାରକୁ ନେଇ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଆଇଆଇଏମ୍, ପକ୍ଷରୁ ପ୍ରଦାନ କରାଯିବ । ଜୈବ ଅର୍ଥନୀତି ରିପୋର୍ଟ ବିକଶିତ କରିବା, ଏ କ୍ଷେତ୍ରରେ ଥିବା ପ୍ରମୁଖ ଆହ୍ୱାନ ଓ ବିକାଶ ସୁଯୋଗର ମୂଲ୍ୟାୟନ କରି ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରସ୍ତୁତ କରାଯିବ । ଏହି ରିପୋର୍ଟ ଭବିଷ୍ୟତର ଜୈବ ଉଦ୍ୟୋଗ, ବିଶେଷ କରି ଜୈବ ଅର୍ଥନୀତି ଏବଂ ସାଧାରଣ ଭାବେ ଆର୍ଥିକ ଅଭିବୃଦ୍ଧି ଦିଗରେ ଏକ ମାନଦଣ୍ଡ ଭାବେ ଉଭା ହେବ ବୋଲି ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ଉପସ୍ଥିତିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଏବଂ ସମ୍ବଲପୁରର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସୱାଲ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ ।

### ଆରପାରିରେ ଖଣ୍ଡପଡ଼ା ରାଜା ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ

## ଆଜି ରାଜକୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ

ଖଣ୍ଡପଡ଼ା / ଭୁବନେଶ୍ୱର, (ସବ୍ୟୁ): ପୂର୍ବତନ ଉପବାଚସ୍ପତି, ପୂର୍ବତନ ମନ୍ତ୍ରୀ ଏବଂ ଖଣ୍ଡପଡ଼ା ଗଡ଼ଜାତ ଅଞ୍ଚଳର ରାଜା ବିଭୂତି ଭୂଷଣ ସିଂ ମର୍ଦ୍ଦରାଜଙ୍କ ଦେହାନ୍ତ ଘଟିଛି । ସେ ହୃଦଜନିତ ରୋଗରେ ପୀଡ଼ିତ ହୋଇ ଅସୁସ୍ଥ ଥିବା ବେଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ବୁଧବାର ମଧ୍ୟରାତ୍ରରେ ତାଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳେକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଓଡ଼ିଶା ସରକାରରେ ପୂର୍ବତନ ମନ୍ତ୍ରୀ ତଥା ବିଧାନସଭାର ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ।

ଗୁରୁବାର ତାଙ୍କ ମର ଶରୀରକୁ ବିଧାନସଭା ପରିସରକୁ ଅଣାଯାଇ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅପରାହ୍ନରେ ତାଙ୍କ ପାର୍ଥିବ ଶରୀର ଖଣ୍ଡପଡ଼ାସ୍ଥିତ ରାଜବାଟି ପରିସରରେ ପହଞ୍ଚିଥିବା ବେଳେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ରାଜନେତା, ପ୍ରଶାସନିକ ଅଧିକାରୀ ଏବଂ ସାଧାରଣ ଲୋକ ରାଜବାଟିରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି । ଆସନ୍ତାକାଲି(ଶୁକ୍ରବାର)



ସମ୍ପୂର୍ଣ୍ଣ ଭାବେ ରାଜକୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯିବ ବୋଲି ଖଣ୍ଡପଡ଼ା ରାଜପରିବାର ପକ୍ଷରୁ ସୂଚନା ମିଳିଛି । ସ୍ୱର୍ଗତଃ ମର୍ଦ୍ଦରାଜ ୧୯୫୫ ମସିହା ଜାନୁଆରୀ ୪ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେ ଭୁବନେଶ୍ୱରର ବିଜେବି କଲେଜରେ କଳାରେ ସ୍ନାତକ କରିଥିଲେ । ଏଠାରୁ ହିଁ ତାଙ୍କର ରାଜନୈତିକ କ୍ୟାରିଅର ଆରମ୍ଭ ହୋଇଥିବା ବେଳେ ସେ ସେଠାରେ ଜଣେ ପ୍ରମୁଖ ଛାତ୍ର ନେତା ଭାବରେ ଉଭା ହୋଇଥିଲେ । ୧୯୮୦, ୧୯୮୫ ଓ ୧୯୯୫ ମସିହାରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରଥମ ଥର ପାଇଁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ସ୍ୱର୍ଗତ ମର୍ଦ୍ଦରାଜ । ମନ୍ତ୍ରୀ ଏବଂ ଉପବାଚସ୍ପତି ଭାବେ ସେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ ମଧ୍ୟ କରିଥିଲେ ।

ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ତଥା ରାଣୀ ଦେବକୀ ଦେବୀ କୁମାରୀ, ପୁଅ ଯୁବରାଜ ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଏବଂ ଝିଅ ରାଜକୁମାରୀ ଆରାଧନା ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳା ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ଯୌନ ନିର୍ଯାତନା; ହସ୍ପିଟାଲ ମ୍ୟାନେଜର ଗିରଫ

କଟକ,(ସବ୍ୟୁ): ମହିଳା ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ବମ୍ଫକୁଦ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ମ୍ୟାନେଜର ନିଶିଥ ରଞ୍ଜନ ସାହୁଙ୍କୁ କଟକସଦର ଥାନା ପୁଲିସ ଗିରଫ କରିଛି । ବିଗତ ୪ ମାସ ଧରି ମ୍ୟାନେଜର ନିଶିଥ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରି ଆସୁଥିଲେ । ହସ୍ପିଟାଲରେ ଡ୍ୟୁଟି ସମୟରେ ସୁଯୋଗ ପାଇ ସମ୍ପୃକ୍ତ ମହିଳା ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରୁଥିଲେ ନିଶିଥ । ଏପରିକି ଆଇସିସି କମିଟିରେ ଏହି ପ୍ରସଙ୍ଗ ଉତଥାପନ ହୋଇଥିବା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମ୍ୟାନେଜର ନିଶିଥ ପାଲଟା ଅଭିଯୋଗକାରୀଙ୍କ ବିରୋଧରେ କହିଥିଲେ । ମହିଳା ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କୁ ଭୁଲ ମାଗିବାକୁ ବାଧ୍ୟ କରାଇଥିଲେ । ନିଶିଥଙ୍କ ଏସବୁ ଆଚରଣରେ ଅତିଷ୍ଠ ହେବା ପରେ ଉଭୟ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ଅଭିଯୁକ୍ତ ନିଶିଥଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାନତା ବଢ଼ି ଚାଲିଛି । ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ହସ୍ପିଟାଲରେ ମଧ୍ୟ ମହିଳାମାନେ ଅସୁରକ୍ଷିତ ମଣୁଛନ୍ତି । କଟକ ସହର ଉପକଣ୍ଠରେ ଏଭଳି ଘଟଣା ସାମ୍ନାକୁ ଆସିଛି । କଟକ ସଦର ଥାନା ଅନ୍ତର୍ଗତ ୫୯ନଂ ୱାର୍ଡ ବମ୍ଫକୁଦସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ମ୍ୟାନେଜର ନିଶିଥ ସେଠାରେ କାର୍ଯ୍ୟରତ ମହିଳା ଫାର୍ମାସିଷ୍ଟ ଓ ମହିଳା ଡାକ୍ତରଙ୍କୁ ଅସଦାଚରଣ କରି ଆସୁଥିଲେ । ନିର୍ଯାତନାର ଶିକାର ହେଉଥିବା ଦୁଇ ମହିଳା ନିଶିଥଙ୍କୁ ବାରଣ କରୁଥିଲେ ସୁଦ୍ଧା ସେ ଏହାକୁ ଭ୍ରୂକ୍ଷେପ କରୁନଥିଲେ । ଅଭିଯୋଗକାରିଣୀ ଦ୍ୱୟ ଏ ବିଷୟରେ ପୂର୍ବରୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ । ମାତ୍ର ତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ବିଭାଗୀୟ ଅଧିକାରୀ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଥିଲେ ।

### କେନ୍ଦ୍ରାପଡା ଛାତ୍ରୀ ଆତ୍ମାହୁତି ଘଟଣା

## ଏସ୍‌ସିବିରେ ଶବ ବ୍ୟବଚ୍ଛେଦ; ଭିସେରା ନମୁନା ସଂଗ୍ରହ

କଟକ,(ସବ୍ୟୁ): କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡା ଗ୍ରାମର ସଙ୍ଗୀତା ପରିଡା ଆତ୍ମାହୂତି ଦେଇଛନ୍ତି । ଆଜି କଡା ସୁରକ୍ଷାବଳୟ ଭିତରେ ସଙ୍ଗୀତାଙ୍କ ମୃତଦେହ କଟକ ବଡ ମେଡିକାଲ ଅଣାଯାଇଥିଲା । କେନ୍ଦ୍ରାପଡା ପୁଲିସର ଗୋଟିଏ ସେକ୍ସନ ଫୋର୍ସ ଏଠାରେ ନିୟୋଜିତ ହୋଇଥିଲେ । ଅପରାହ୍ନରେ ଶବ ବ୍ୟବଚ୍ଛେଦ ହୋଇଥିଲା । ବ୍ୟବଚ୍ଛେଦ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଏସପି କାର୍ଯ୍ୟାଳୟର ଜଣେ ଆଇଆଇସିଙ୍କ ନେତୃତ୍ୱରେ ମହିଳା ଏସଆଇ, ଜିଲ୍ଲା ସାଇଣ୍ଟିଫିକ ଅଫିସର ଓ ଜଣେ ଡାକ୍ତର ଉପସ୍ଥିତ ଥିଲେ । ଶରୀର ସମ୍ପୂର୍ଣ୍ଣ ଜଳିଯାଇଥିବା ଏସ୍‌ସିବି ମେଡିକାଲର ଏଫଏମଟି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଅନ୍ୟପଟେ ପୀଡ଼ିତାଙ୍କ ଭିସେରା ନମୂନା ସଂଗ୍ରହ ହୋଇଥିବା ବେଳେ ଏହାକୁ ଭୁବନେଶ୍ୱର ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବ୍ରୋଟୋରୀ ପଠାଯିବାକୁ ସ୍ଥିର ହୋଇଛି । ମୃତା ଛାତ୍ରୀ ସଙ୍ଗୀତାଙ୍କ ଦାଦା ରତିରଞ୍ଜନ ପରିଡା କହିଛନ୍ତି ଯେ, ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରାପଡା ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି । ହେଲେ ଏହି ଘଟଣାରେ ପୁଲିସ ପୂର୍ବରୁ ଏତଲା ରଖି ନଥିଲା । ସଙ୍ଗୀତା ଅଭିଯୋଗ କରିଥିବା ବେଳେ ଧମକ ଦେଉଥିବା ଯୁବକର ନମ୍ବର ବ୍ଲକ କରିଦେବାକୁ କହି ପୁଲିସ କଥାକୁ ଏଡାଇ ଯାଇଥିଲା । ପୁଲିସ ଉପରେ ଆଉ ଭରସା ନାହିଁ । ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ହେଉ ବୋଲି ରତିରଞ୍ଜନ କହିଛନ୍ତି ।

## ଜମି ଦେବାକୁ କହି ୧.୬୬କୋଟି ଠକେଇ, ଦମ୍ପତି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି ଦେବାକୁ କହି ୧କୋଟି ୬୬ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିବା ଦମ୍ପତିଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ । ସେ ଟଙ୍କା ନେଇ ଋଣ ପରିଶୋଧ କଲେ ଅଥଚ ରବୀନ୍ଦ୍ର କୁମାର ସାହୁଙ୍କୁ ଜମି ରେଜିଷ୍ଟ୍ରି କଲେନାହିଁ ବୋଲି ସେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଦମ୍ପତିଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରାଯାଇଛି ।

୨୦୨୪ ଜାନୁଆରୀ ମାସରେ ଗିରଫ ଦମ୍ପତି ଆର୍ଥିକ ଅନାଟନ କଥା କହିବା ପାଇଁ ଅଭିଯୋଗକାରୀ ରବୀନ୍ଦ୍ର କୁମାର ସାହୁଙ୍କ ପାଖକୁ ଆସିଥିଲେ । ଖାତା ୧୫୯୩/୧୭୪୪ର ପ୍ଲଟ୍ ୨୮୩ (ଘରବାରି କିସମ-୨), ମୌଜା-ଲକ୍ଷ୍ମୀସାଗର-୧ରେ ଥିବା ୦.୧୩୩ ଡିସିମିଲି ପରିମାପ ଅନୁଯାୟୀ ୨କୋଟି ୧୫ଲକ୍ଷ ଟଙ୍କାରେ ସେମାନଙ୍କ ଜମି ବିକ୍ରି କରିବାକୁ କହିଥିଲେ । ୧କୋଟି ୬୬ଲକ୍ଷ ୫୦ ହଜାର ଟଙ୍କା ଆଂଶିକ ଦେୟ ପାଇଁ ଏକ ଚୁକ୍ତି କରାଯାଇଥିଲା । ଯାହାକୁ ଅଭିଯୋଗକାରୀ ଜାନୁଆରୀ ଏବଂ ଅଗଷ୍ଟ ୨୦୨୪ ମଧ୍ୟରେ ଆର୍‌ଟିଜିଏସ୍ ମାଧ୍ୟମରେ ବିଭିନ୍ନ କିସ୍ତିରେ ଦେଇଥିଲେ । ଗତ ଏପ୍ରିଲ୍ ୨୯ ତାରିଖରେ ଅଭିଯୋଗକାରୀଙ୍କ ନାମରେ ଜମି ପଞ୍ଜୀକରଣ ପାଇଁ ଏକ ଚୁକ୍ତିନାମା ହୋଇଥିଲା । କିନ୍ତୁ ଅଭିଯୁକ୍ତମାନେ ବିକ୍ରୟ ଡିଡ୍ କାର୍ଯ୍ୟକାରୀ କରିନଥିଲେ । ଅଭିଯୋଗକାରୀଙ୍କୁ ଠକିଦେବା ସହ ଦମ୍ପତି ତାଙ୍କ ବ୍ୟାଙ୍କ ଋଣ ପରିଶୋଧ ପାଇଁ ଅଗ୍ରୀମ ନେଇଥିବା ଆଂଶିକ ଟଙ୍କାକୁ ବ୍ୟବହାର କରିଥିଲେ ।

ଅଭିଯୋଗକାରୀ ଯେତେବେଳେ ସେମାନଙ୍କ ସହିତ ସାମ୍ନାସାମ୍ନି ହୋଇଥିଲେ, ଦମ୍ପତି ତାଙ୍କୁ ଦୁର୍ବ୍ୟବହାର କରି ଧମକ ଦେଇଥିଲେ । ଚଳିତ ମାସ ୧ ତାରିଖରେ ଅଭିଯୋଗକାରୀ ଏକ ଦେୱାନୀ ମାମଲା ଦାଏର କରିଥିଲେ । ସମ୍ପତ୍ତିର ବିକ୍ରୟକୁ ରୋକିବା ପାଇଁ ନୋଟିସ୍ ଲଗାଇଥିଲେ । ଏହା ସତ୍ତ୍ୱେ ଚଳିତ ମାସ ୪ ତାରିଖରେ ଅଭିଯୁକ୍ତ ନୋଟିସ୍ ଚିରି ଅନ୍ୟ ଜଣେ କ୍ରେତାଙ୍କ ସହ ଆଲୋଚନା କରିବାକୁ ଚେଷ୍ଟା କରିଥିଲା । ଅଭିଯୋଗକାରୀଙ୍କ ପ୍ରତିବାଦ ପରେ ଉଭୟ ଅଭିଯୁକ୍ତ ଦମ୍ପତି ତାଙ୍କୁ ଏକ ଲୁହାରଡ ସାହାଯ୍ୟରେ ଆକ୍ରମଣ କରିଥିଲେ । ଏପରିକି ଅଭିଯୋଗକାରୀଙ୍କ ଗଳାକାଟି ହତ୍ୟା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ଅଳ୍ପକେ ଖସି ପଳାଇଥିଲେ ।

ଲକ୍ଷ୍ମୀସାଗର ଥାନା ଏତଲା ପାଇବା ପରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପ୍ରାସଙ୍ଗିକ କାଗଜପତ୍ର ସହିତ ଅପରାଧରେ ବ୍ୟବହୃତ ଲୁହାରଡ ଜବତ କରିଛି । ଗୁରୁବାର ସବରସାହି ନିକଟରୁ ଅଭିଯୁକ୍ତ ଦମ୍ପତି ମହମ୍ମଦ ୱାକେଲ (୩୯) ଓ ତାଙ୍କ ପତ୍ନୀ ସାହାଦୁତୁନ ନିଶା (୩୮)ଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଥିଲା । ଦମ୍ପତିଙ୍କ ଘର କଟକ ବକ୍ସିବଜାର କେଶପୁରରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ପୋଷ୍ଟ ଅଫିସ୍ ନିକଟ ସବରସାହିରେ ରୁହନ୍ତି ବୋଲି ପୋଲିସ କହିଛି । ଦମ୍ପତିଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ରାଜ୍ୟରେ ମ୍ୟାଲେରିଆ, ଡେଙ୍ଗୁ ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

## ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟର ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, କମିଶନର, ସିଡିଏମଓଙ୍କ ସହ ମ୍ୟାଲେରିଆ ଏବଂ ଡେଙ୍ଗୁ ରୋଗର ନିରାକରଣ ବାବଦରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ସମୀକ୍ଷା କରିଥିଲେ । ସରକାର ଜନସ୍ୱାସ୍ଥ୍ୟ ସମସ୍ୟା, ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟାନ୍ୟ ଭେକଟର ବାହିତ ରୋଗ ଦୂର କରିବାରେ ପ୍ରତିବଦ୍ଧ । ଏଥିପାଇଁ ସମସ୍ତ ଅଧିକାରୀଙ୍କ ମିଳିତ ପ୍ରଚେଷ୍ଟାରେ ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ଶ୍ରୀ ମହାଲିଙ୍ଗ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଡେଙ୍ଗୁ ରୋଗ ପ୍ଲାଟଲେଟ ମହଜୁଦ ରଖିବାକୁ ସୁନିଶ୍ଚିତ କରିବା ସହ ମ୍ୟାଲେରିଆ ଏବଂ ଡେଙ୍ଗୁ ନିରାକରଣ ଟିମ ଗୁଡିକ ସଠିକ ଭାବେ କାମ କରିବାକୁ ଉପଦେଶ ଦେଇଥିଲେ ।

ଗୁରୁବାର ଲୋକସେବା ଭବନରୁ ଆଭାସୀ ମାଧ୍ୟମରେ ମ୍ୟାଲେରିଆ ଏବଂ ଡେଙ୍ଗୁ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ତରଫରୁ ହେଉଥିବା ଔଷଧଯୁକ୍ତ ମଶାରୀ ବଣ୍ଟନ, କୀଟନାଶକ ସ୍ପ୍ରେ ବ୍ୟବସ୍ଥା ବାବଦରେ ପଚାରି ବୁଝିଥିଲେ । ଅଧିକ ରୋଗୀ ଥିବା ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ । ବର୍ଷା ଋତୁ ପାଇଁ ପ୍ରସ୍ତୁତି ଏବଂ ବର୍ଷା ସମୟରେ ପଦକ୍ଷେପ ଗୁଡିକ ସୂଚାରୁ



ରୂପେ ସମ୍ପାଦନ ନିମନ୍ତେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ମ୍ୟାଲେରିଆ ପାଇଁ ସକ୍ରିୟ ରୂପେ ସ୍କ୍ରିନିଙ୍ଗ ବ୍ୟବସ୍ଥାକୁ ଆବାସିକ ସ୍କୁଲ, ମ୍ୟାଲେରିଆ ପ୍ରବଣ ଅଞ୍ଚଳ, ପ୍ରବାସୀ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରିବା ସହ ନମୁନା ପରୀକ୍ଷା ବଢାଇବାକୁ କହିଥିଲେ । ଆଗାମୀ କିଛି ଦିନ ମଧ୍ୟରେ କେନ୍ଦ୍ର ସରକାର ୧.୫୭ କୋଟି ଔଷଧଯୁକ୍ତ ମଶାରୀ ଯୋଗାଇବାକୁ ଯାଉଛନ୍ତି । ଏହାକୁ ତୃଣମୂଳସ୍ତରରେ ଅଧିକାରୀମାନେ ତଦାରଖ କରି କିପରି ସୁବ୍ୟବହାର ହେବ ସେଥି ପ୍ରତି ଧ୍ୟାନ ଦେବାକୁ କହିଛନ୍ତି । ଜନ ସଚେତନତା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ କ୍ଲବ, ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ ।

ଏହି ବୈଠକରେ ଅନୁଗୁଳ, ଭଦ୍ରକ, ବାଲେଶ୍ୱର, ବୌଦ୍ଧ, କଟକ, ଗଞ୍ଜାମ, ଗଜପତି, ଜଗତସିଂପୁର, ଖୋର୍ଦ୍ଧା, ନୟାଗଡ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡା, ମୟୂରଭଞ୍ଜ ଏବଂ ସୁନ୍ଦରଗଡ ଜିଲ୍ଲାର ଅଧିକାରୀମାନେ ଆଭାସୀ ମଧ୍ୟମରେ ଯୋଡି ହୋଇଥିଲେ ।

## ଲିଭ୍‌ଇନ୍ ପରେ ବିବାହ ପାଇଁ ମନା କରିବାରୁ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଲିଭ୍‌ଇନ୍‌ରେ ରହିବା ପରେ ଯୁବତୀଙ୍କ ଗର୍ଭନଷ୍ଟ କରାଇ ବିବାହ ପାଇଁ ମନା କରିବାରୁ ଲକ୍ଷ୍ମୀସାଗର ଥାନାରେ ଏତଲା ହୋଇଥିଲା । ପୋଲିସ ଏତଲା ଆଧାରରେ ଅଭିଯୁକ୍ତ ରାକେଶ ମିଶ୍ର (୩୦)କୁ କଟକ କନ୍ଦରପୁର ଥାନା ଅଞ୍ଚଳରୁ ଗିରଫ କରିଛି । ପୀଡିତାଙ୍କ ଠାରୁ ଲିଭ୍‌ଇନ୍‌ରେ ରହିବା ସମୟରେ ୫ଲକ୍ଷ ଟଙ୍କା ହଡପ କରିନେଇଥିବା ସେ ଏତଲାରେ ଦର୍ଶାଇଛନ୍ତି ।

ଚଳିତବର୍ଷ ଜାନୁଆରୀ ୨୫ରେ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ରାକେଶ ମିଶ୍ରଙ୍କ ସହ ପୀଡିତାଙ୍କ ଯୋଗାଯୋଗ ହୋଇଥିଲା । ପରେ ଉଭୟଙ୍କ ସମ୍ପର୍କ ଘନିଷ୍ଠ ହେବାରୁ ରାକେଶ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ । ପୀଡିତାଙ୍କ ପରିବାର ସଦସ୍ୟଙ୍କ ସହ ରାକେଶକୁ ସେ ପରିଚୟ କରାଇଥିଲେ । ବିବାହ ପ୍ରତିଶ୍ରୁତି ପରେ ବିଭିନ୍ନ ହୋଟେଲକୁ ନେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା ଅଭିଯୁକ୍ତ । ଉଭୟ ସନ୍ତୋଷୀବିହାର ପ୍ଲଟ୍ ୭୧୮/୨ରେ ଏକ ଭଡାଘରେ ଲିଭ୍‌ଇନ୍‌ରେ ଉଭୟ ରହିଥିଲେ । ସେଠାରେ ରାକେଶ ପୀଡିତାଙ୍କୁ ସ୍ତ୍ରୀ ଭାବେ ପରିଚୟ କରାଇଥିଲା । ସମୟ କ୍ରମେ ପୀଡିତା ଗର୍ଭବତୀ ହୋଇଗଲେ । ଗର୍ଭପାତ କରିବାକୁ ସେ ମନା କରିବାରୁ ରାକେଶ ତାଙ୍କୁ ଆକ୍ରମଣ କରିଥିଲା । ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରି ତାଙ୍କୁ ଗର୍ଭପାତ ବଟିକା ଖୁଆଇଥିଲା । ଯାହା ଫଳରେ ପୀଡିତାଙ୍କ ଗର୍ଭପାତ ହୋଇଯାଇଥିଲା । ପୀଡିତା ଦେଇଥିବା ୫ଲକ୍ଷ ଟଙ୍କା ମଧ୍ୟ ରାକେଶ ଫେରାଇଲା ନାହିଁ ।

ଯାହାଫଳରେ ଉଭୟଙ୍କ ଗଣ୍ଡଗୋଳ ବଢିଥିଲା । ଉପାୟଶୂନ୍ୟ ହୋଇ ସେ ଲକ୍ଷ୍ମୀସାଗର ଥାନାରେ ଏତଲା କରିବା ପରେ ପୋଲିସ ଗୁରୁବାର ରାକେଶକୁ କଟକର କନ୍ଦରପୁର ଅଞ୍ଚଳରୁ ଗିରଫ କରିବା ପରେ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ସଡ଼କ ନିର୍ମାଣରେ ବ୍ୟବହାର ହେବ ପ୍ଲାଷ୍ଟିକ ବର୍ଜ୍ୟ

ଭୁବନେଶ୍ୱର (ସବ୍ୟୁ): ସହରାଞ୍ଚଳରେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ବର୍ଜ୍ୟକୁ ବ୍ୟବହାର କରାଯିବ । ସହରାଞ୍ଚଳ ଭିତ୍ତିଭୂମି ବିକାଶରେ ସ୍ଥାୟୀ ଓ ପରିବେଶ ଅନୁକୂଳ ଗ୍ରହଣ କରିବାର ଆବଶ୍ୟକତା ରହିଛି । ପ୍ଲାଷ୍ଟିକ୍ ଅଳିଆ, ବିଶେଷକରି ବୋତଲ ଏବଂ କ୍ୟାରୀ ବ୍ୟାଗ ଭଳି ଜିନିଷରୁ ବାହାରୁଥିବା ଅଳିଆକୁ ଖଣ୍ଡ ଖଣ୍ଡ କରି ଗରମ ବିଟୁମେନ୍ ଏବଂ ସମାହାର ସହିତ ମିଶ୍ରିତ କରି ରାସ୍ତା ନିର୍ମାଣ କରାଯାଇପାରିବ । ଏନେଇ ବିଚାର ବିମର୍ଶ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି ।

ଖାରବେଳ ଭବନରେ ଆୟୋଜିତ ବୈଠକରେ ଶ୍ରୀମତୀ ପାଢ଼ୀ କହିଥିଲେ, ଏହି ପଦ୍ଧତି ପୂର୍ବରୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି । କେବଳ ରାସ୍ତାର ସ୍ଥାୟୀତ୍ୱ ଏବଂ ଗୁଣବତ୍ତା ବୃଦ୍ଧି କରେ ନାହିଁ, ବରଂ ପ୍ଲାଷ୍ଟିକ୍ ଅଳିଆ ପରିଚାଳନା ପାଇଁ ଏକ କାର୍ଯ୍ୟକାରୀ ସମାଧାନ ଭାବରେ ମଧ୍ୟ କାର୍ଯ୍ୟ କରେ । ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ଅଳିଆ ବ୍ୟବହାର



କରି ରାଜ୍ୟର କିଛି ସହରାଞ୍ଚଳରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରାଯାଇଛି । ଏହି ପଦକ୍ଷେପ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ସାହାଯ୍ୟ କରିବ । ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଯୋଗଦାନ ଦେବ ବୋଲି ମଧ୍ୟ ଆଲୋଚନା ହୋଇଥିଲା । ପାଇଲଟ ପ୍ରକଳ୍ପର ସଫଳତାକୁ ନେଇ ଆଗକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବାପାଇଁ ଲକ୍ଷ୍ୟ ରଖାଯାଇଛି ।

ଏହି ବୈଠକରେ ବିଡିଏ ଉପାଧକ୍ଷ ଡକଫର ଏନ. ଥିରୁମାଲା ନାଏକ, ଏନଏଚଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା, ଏନଏଚଏଆଇ ଟେକ୍ନିକାଲ୍ ଆରଓ ପ୍ରବନ୍ଧକ ଅବିନାସ ବେହେରା, ପିଏଚ୍ ଇଆଇସି ବିଳାସ ବେହେରା, ଅତିରିକ୍ତ ସଚିବ ବିନୟ ଦାସ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।



ନୂଆଦିଲ୍ଲୀ ଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ

## ନାବାଳିକାକୁ ନିର୍ଯାତନା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ୧୭ବର୍ଷୀୟା ନାବାଳିକାକୁ ନିର୍ଯାତନା ଦେବା ଅଭିଯୋଗରେ ନିର୍ମଳ ଚନ୍ଦ୍ର ବଳିୟାରସିଂଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି । ଅଭିଯୁକ୍ତ ନିର୍ମଳ ଗତ ୮/୯ମାସ ହେବ ଫୋନ୍ ମାଧ୍ୟମରେ ନାବାଳିକାଙ୍କୁ ହଇରାଣ ହରକତ ଓ ଭୟଭୀତ କରିଆସୁଥିଲା । ତାଙ୍କ ଇଚ୍ଛା ବିରୋଧରେ ଜୋରଜବରଦସ୍ତ ସମ୍ପର୍କ ରଖିବାକୁ ବାଧ କରୁଥିଲା । ଅଭିଯୋଗରେ ପୀଡିତା ନାବାଳିକା ଦର୍ଶାଇଥିଲେ ଯେ, ଅନ୍ୟ ଜଣେ ମହିଳାଙ୍କ ସହ ଅଭିଯୁକ୍ତ ନିର୍ମଳ ସମ୍ପର୍କ ରଖିଥିବା ଜାଣିବା ପରେ ପୀଡିତା ନିଜକୁ ତା'ନିକଟରୁ ଦୂରେଇ ରଖିଥିଲେ । କିନ୍ତୁ ଅଭିଯୁକ୍ତ ତାଙ୍କୁ ସମ୍ପର୍କ ରଖିବା ପାଇଁ ବଳପୂର୍ବକ ଧମକ ଦେବାରେ ଲାଗିଥିଲା ।

ଅଭିଯୁକ୍ତ ପାଖରେ ରଖିଥିବା ନାବାଳିକାଙ୍କ ଆପତ୍ତିଜନକ ଫଟୋଗୁଡିକୁ ଭାଇରାଲ କରିଦେବ ବୋଲି ଧମକ ଦେଇ ଚାପ ସୃଷ୍ଟି କରୁଥିଲା । ଅଭିଯୁକ୍ତ ପୀଡିତାଙ୍କୁ ପିଛା କରିବା ସହ ହଇରାଣ ହରକତ କରୁଥିଲା । ଆଉ ଥରେ ତାଙ୍କ ସହ ସମ୍ପର୍କ ସ୍ଥାପନ ପାଇଁ ନିର୍ମଳ ଉଦ୍ୟମ କରିଥିଲା । ଏପରିକି ପୀଡିତାଙ୍କୁ ଭେଟି ଆଉ ଥରେ ସମ୍ପର୍କ ରଖିବା ପାଇଁ ନିର୍ମଳ ଚେଷ୍ଟା କରିବା ସମୟରେ ସତ୍ୟନଗର ଅଞ୍ଚଳରୁ ତାକୁ ପୋଲିସ ଗିରଫ କରିଥିଲା । ଗୁରୁବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଧର୍ମ ପତ୍ନୀଙ୍କ ସହ ଶ୍ରୀମନ୍ଦିରରେ ମହାପ୍ରଭୁ ଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ପୁରୀ, (ସବ୍ୟୁ) : ଗୁରୁବାର ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଧର୍ମ ପତ୍ନୀ ଙ୍କ ସହ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଦର୍ଶନ କରି ଛନ୍ତି । ବର୍ଷାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝି ଆସି ପୁରୀ ସର୍କିଟ ହାଉସ ଠାରେ ପହଞ୍ଚି ଥିଲେ । ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଓ ଏସପି ପିନାକ ମିଶ୍ର ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ କରିଥିଲେ । ସେଠାରେ ମୁଖ୍ୟ ମନ୍ତ୍ରୀ କିଛି ସମୟ ଅତିବାହିତ କରି ଥିଲେ । ବର୍ଷା ଛାଡ଼ିବା ପରେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସି ସିଂହ ଦ୍ୱାର ନିକଟରେ ପହଞ୍ଚି ଥିଲେ । ସେଠାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରା ଯାଇ ମନ୍ଦିର ଭିତରକୁ ପାଛୋଟି ନିଆ ଯାଇ ଥିଲା । ମୁଖ୍ୟମନ୍ତ୍ରୀ

ସପତ୍ନୀକ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରାଜ୍ୟର ମଙ୍ଗଳ କାମନା କରି ପ୍ରାର୍ଥନା କରିଛନ୍ତି । ଦର୍ଶନ ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଅଭିମୁଖେ ପ୍ରସ୍ଥାନ କରି ଥିଲେ । ଆଜିର ଏହି ଦର୍ଶନ ସମୟରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା,ଏସପି ପିନାକ ମିଶ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅପରାହ୍ନ ୪ ଟା ରେ ତାଙ୍କ ପୁରୀ ଗସ୍ତ ଥିଲେ ମଧ୍ୟ ବିଳମ୍ବରେ ପ୍ରଥମେ ସେ ସର୍କିଟ ହାଉସରେ ପହଞ୍ଚିଲେ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ ।ଦର୍ଶନ ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା ।

# କିଆ କାରେନ୍ସ କ୍ଲାଭିସ ଇଭି ଗାଡ଼ିର ବଜାର ପ୍ରବେଶ

କଟକ,( ସବ୍ୟୁ): ସମୟ ସହିତ ତାଳ ଦେଇ ଚାରିଚକିଆ ମୋଟର ଯାନ ପ୍ରସ୍ତୁତ କରି ଏକ ସ୍ୱତନ୍ତ୍ର ସ୍ଥାନ ରଖିଥିବା କିଆ ଇଣ୍ଡିଆ ଲିମିଟେଡ ଇଭି ସିକ୍ସ କାର ପୂର୍ବରୁ ବଜାରକୁ ଛାଡିଥିବା ବେଳେ ଆଜି ଆଉ ଏକ ବ୍ୟାଟେରୀ ଚାଳିତ ମୋଟର ଯାନ କାରେନ୍ସ କ୍ଲାଭିସ ଇଭି କୁ ବଜାର ପ୍ରବଶେ କରାଇଛି । ଭୁବନେଶ୍ୱର ପାହାଳସ୍ଥିତ ସୋରୁମ୍‌ରେ ସେଣ୍ଟ୍ରାଲ କିଆର ମ୍ୟାନେଜିଂ ଡାଇରେକ୍ଟର ବିଶାଳ ଧୱନ୍ , ଡାଇରେକ୍ଟର ଆଦର୍ଶ ଧୱନ୍ ଓ ସେଲ୍ସ ଜେନେରାଲ ମ୍ୟାନେଜର ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତରେ ଏହାକୁ ମୁଖ୍ୟ ଅତିଥି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉପ ମହାପ୍ରବନ୍ଧକ ଶ୍ରୀଯୁକ୍ତ ନିଶାନ୍ତ ବଜାର ପ୍ରବେଶ କରାଇଥିଲେ । ଆଡଭାନ୍ସ ଟେକ୍ନୋଲୋଜିରେ ନିର୍ମିତ ଏହି ବିଦ୍ୟୁତ୍ ଚାର୍ଜ ବ୍ୟାଟେରୀ ଗାଡ଼ିଟି ୭ ସିଟ୍ ବିଶିଷ୍ଟ କାର୍ ହୋଇଥିଲାବେଳେ ଏଥିରେ ଡବଲ ବ୍ୟାଟେରୀର ସୁବିଧା ରହିଛି । ୪୨ କିଲୋୱାଟ ଆୱ୍ୟାର କ୍ଷମତା ରଖିଥିବା ବ୍ୟାଟେରୀ ଥରେ ଚାର୍ଜ ହେଲେ ୪୦୪ କିଲୋମିଟର ଓ ୫୧.୪ କିଲୋୱାଟ ଆୱ୍ୟାର କ୍ଷମତା ରଖିଥିବା ବ୍ୟାଟେରୀ ଥରେ ଚାର୍ଜ ହେଲେ ୪୯୦ କିଲୋମିଟର ପଥ ଅତିକ୍ରମ କରିପାରିବ ବୋଲି ଏହାର ବଜାର ପ୍ରବଶେ ଅବସରରେ ଶ୍ରୀଯୁକ୍ତ ଧୱନ୍ କହିଛନ୍ତି । ଗାଡ଼ିର ଏକ୍ସ ସୋ ରୁମ ପ୍ରାଇସ ସର୍ବନିମ୍ନ ୧୭ ଲକ୍ଷ ୯ ୯ ହଜାର ଟଙ୍କାରୁ ସର୍ବାଧିକ ୨୪ଲକ୍ଷ ୫୦ ହଜାର ଟଙ୍କା ରହିଛି । ଆଇଭରୀ ସିଲିଭର, ଇମ୍ପିରିଆଲ ବ୍ଲୁ, ବ୍ଲାକ, ହ୍ୱାଇଟ,ପିଟର ଅଲିଭ ,ଗ୍ରେ ଭଳି ୬ ଟି ରଙ୍ଗର ଗାଡି ସୋ ରୁମ୍ ରେ ମିଳୁଥିବା ବେଳେ ଗ୍ରାହକଙ୍କ ସୁବିଧା ଦୃଷ୍ଟିରୁ ବିଭିନ୍ନ ପେଟ୍ରୋଲ ଟାଙ୍କିରେ ଚାର୍ଜିଙ୍ଗ ପଏଣ୍ଟ ମାନ ମଧ୍ୟ ରହିଛି । ଏହାର ବାହାର ଓ ଭିତର ଡିଜାଇନ୍ ଉଚ୍ଚକୋଟୀର ହେବା ବ୍ୟତୀତ ୨୦ ଟି ଅଟନୋମସ ଆଡାସ ଲେଭଲ ୨.୦ଯାହାକି ବ୍ୟବହାର କରୁଥିବା ବ୍ୟକ୍ତିର ସୁବିଧା ଓ ସୁରକ୍ଷା ସୁଦୃଢ଼ କରେ ବୋଲି ଜେନେରାଲ ମ୍ୟାନେଜର ଶ୍ରୀ ବେହେରା କହିଛନ୍ତି । ଆଜିର ଏହି ନୂତନ କାର ର ବଜାର ପ୍ରବଶେ ବେଳେ ସେଣ୍ଟ୍ରାଲ କିଆର ଏଜିଏମ୍ ଆଲାଏଡ ଅରବିନ୍ଦ ସିହ୍ନା, ଏଜି ଏମ୍ ସେଲ୍ସ ସରୋଜ କୁଅଁର ,ସିନିୟର୍ ସେଲସ ମ୍ୟାନେଜର ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।




## ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲର ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ପୁରସ୍କୃତ

କଟକ, (ସବ୍ୟୁ) : ସ୍ତନ୍ୟପାନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମାଆ କ୍ଷୀର ସଂଗ୍ରହ କରି ଏହାର ସଂରକ୍ଷଣ ଓ ଉଚିତ୍ ବ୍ୟବହାର କରିବା ଦିଗରେ ସଫଳତା ହାସଲ କରିଥିବାରୁ କଟକ ଏସସିବି ମେଡିକାଲ କଲେଜ ହସ୍ପିଟାଲର ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ରକୁ ପୁରସ୍କୃତ କରାଯାଇଛି । ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୫ ଉପଲକ୍ଷେ ଆଜି ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗଙ୍କଠାରୁ ଏସସିବି ମେଡିକାଲ କଲେଜ ହସପିଟାଲ ଶିଶୁରୋଗ ବିଭାଗର ପ୍ରଫେସର ଡାକ୍ତର ସ୍ୱରୂପା ପଣ୍ଡା, ହସ୍ପିଟାଲ ମ୍ୟାନେଜର ଦେବାଶିଷ ପାତ୍ର ଓ ସିଏଲଏମସିର ନର୍ସିଂ ଇନଚାର୍ଜ ସୋଚନା ମଣ୍ଡଳ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।

### ପୋଲିସ ତଦନ୍ତ ସନ୍ଦେହ ଘେରରେ

## ନିୟମକୁ ଉଲ୍ଲଙ୍ଘନ କରି ତଦନ୍ତ କରୁଛି ପୋଲିସ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ବଲଙ୍ଗା ପୋଡି ଏବଂ ପଟ୍ଟାମୁଣ୍ଡାଇରେ ଘଟିଥିବା ସଦ୍ୟ ଆତ୍ମାହୁତି ତଦନ୍ତକୁ ନେଇ ସରକାର ଏବଂ ପୁଲିସର ନକରାତ୍ମକ ଭୂମିକା ବିଷୟରେ କଂଗ୍ରେସ ମୁଖପାତ୍ରଗଣ ଏକ ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ପ୍ରଦାନ କରିଛନ୍ତି ।

ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ, ନାରୀ ନିର୍ଯାତନା କ୍ଷେତ୍ରରେ ପୂର୍ବ ସରକାରର କୁଖ୍ୟାତି ସାଥିରେ ବର୍ତ୍ତମାନର ସରକାର ବୋଧହୁଏ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସରକାର କିମ୍ବା ପ୍ରଶାସନ ଅଭିଯୁକ୍ତଙ୍କୁ କାଠଗଡାକୁ ଆଣିବାରେ କୌଣସି ତତ୍ପରତା ଦେଖାଉ ନାହାନ୍ତି । ତେଣୁ ଅପରାଧୀ ନିର୍ଭୟରେ ତାଙ୍କ ଅମାନୁଷିକ କାର୍ଯ୍ୟକଳାପ କରି ଚାଲିଛନ୍ତି । ଗୋଟିଏ ମାସ ମଧ୍ୟରେ ଲାଗ ଲାଗ ଦୁଇଗୋଟି କନ୍ୟା ଆତ୍ମାହୁତି କଲେଣି ଏବଂ ଅନ୍ୟ ଏକ କନ୍ୟାକୁ ଦୁର୍ବୃତ୍ତ ପୋଡି ଦେଇଛନ୍ତି । ଯଦି ପୁଲିସ ଏବଂ ସରକାର ପୂର୍ବରୁ ସାମାନ୍ୟ ପଦକ୍ଷେପ ନେଇଥାନ୍ତେ ତେବେ ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳି ନ ଥାନ୍ତା । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ବଳିଷ୍ଠ ନେତୃତ୍ୱରେ ନାରୀ ନ୍ୟାୟକୁ ଆଗାମୀ ଦିନରେ ରାଜ୍ୟରେ ଏକ ଐତିହାସିକ ଆନ୍ଦୋଳନର ରୂପ ଦିଆଯିବ ବୋଲି ଅଧ୍ୟକ୍ଷ ଶ୍ରୀ ଦାସ ସୂଚନା ପ୍ରଦାନ କରିଥିଲେ ।

ନାରୀ ନିର୍ଯାତନା ଏବଂ ଏହାକୁ ନେଇ ଚାଲିଥିବା ତଦନ୍ତ ପ୍ରକ୍ରିୟାରେ ପୁଲିସ କିଭଳି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛି ବୋଲି କଂଗ୍ରେସ ମୁଖପାତ୍ର ଆଇନଜୀବୀ ନିଶିକାନ୍ତ ମିଶ୍ର ତଥ୍ୟ ଉପସ୍ଥାପନ କରିଥିଲେ । ନାରୀ ନ୍ୟାୟ ପାଇଁ କଂଗ୍ରେସର ଲଢେଇ ଜାରୀ ରହିବ ବୋଲି ମୁଖପାତ୍ର ରଜନୀ ମହାନ୍ତି ପ୍ରକାଶ କରିଥିବା ବେଳେ ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ କହିଛନ୍ତି ଯେ, ନାରୀ ନିର୍ଯାତନା କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ଶୁକ୍ରବାର( ଅଗଷ୍ଟ ୮) ସକାଳ ୧୦ଟାରେ କଟକ ଡିଜିପି ଅଫିସ ଶାନ୍ତିପୂର୍ଣ୍ଣ ଘେରାଉ କରିବ କଂଗ୍ରେସ । ସେହିପରି ୧୦ ଅଗଷ୍ଟ , ରବିବାର ସକାଳ ୮.୩୦ ରେ ବାୟାବର ଠାରୁ ନିମାପଡା ପର୍ଯ୍ୟନ୍ତ ନାରୀ ନ୍ୟାୟ ପଦଯାତ୍ରା ଏବଂ ନିମାପଡାରେ ସଭା ହେବ । ୧୪ ଅଗଷ୍ଟ, ଗୁରୁବାର ସକାଳ ୯ ଘଟିକା ବାଲେଶ୍ୱର ଫକୀର ମୋହନ କଲେଜରୁ ନଗର ପରିକ୍ରମା ତଥା ସଭା ଆୟୋଜିତ ହେବ ।



### ଜାତୀୟ ହସ୍ତତନ୍ତ ଦିବସ ଓ ରକ୍ଷା ବନ୍ଧନ ଉପଲକ୍ଷେ

# ଅରୁନ୍ଧତୀ ଗ୍ରୁପ୍ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଅରୁନ୍ଧତୀ ବାନ୍ଧକଳା ପକ୍ଷରୁ ଚଳିତମାସ ୭ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ଓ ରକ୍ଷାବନ୍ଧନ କପିଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏହାର ଭୁବନେଶ୍ୱର ଶଖାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଏଫ୍‌ଟି ନିର୍ଦ୍ଦେଶକ ରାଜେଶ ଝା ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ମୀରା ପରିଜା ଓ ଅନୁଶ୍ରୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ଅତିଥିଗଣି ଅରୁନ୍ଧତୀ ବାନ୍ଧକଳା ଜନପଥ ଠାରେ ନୂଆ ହସ୍ତତନ୍ତ ମେସିନକୁ ଉନ୍ମୋଚନ କରିବା ସହ ଦସ୍ତବୁଣା ପଦ୍ଧତିକୁ ଅବଲୋକନ କରି ଉପସ୍ଥିତ ବୁଣାକାରମାନଙ୍କ ସହ ବିଚାରବିମର୍ଶ କରିଥିଲେ । ଆମ ପାରମ୍ପରିକ ଓଡ଼ିଆ ହସ୍ତତନ୍ତକୁ ଉନ୍ନତମାନର ସଂସାଧାନ ଯୋଗାଇଦେଇ ସର୍ବୋତ୍ତମ ଉତ୍ପାଦ ପ୍ରସ୍ତୁତ କରାଯାଇପାରିବ ସହ ଏହି ପୁରାତନ କଳାର ସମନ୍ୱୟ ବିକାଶର ତ୍ୱରାନ୍ୱିତ ଅଭିବୃଦ୍ଧି ଏହି ବିଶେଷ ସଂଧାର ମୁଖ୍ୟ ଆଲୋଚିତ ବିଷୟବସ୍ତୁ ଥିଲା ।


ସମାନ୍ତରାଳ ଭାବେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ପ୍ରାକୃତିକ ହୀରାଗହଣାକୁ ନେଇ ଏକ ନୂତନ ସାଧରଣୀକରଣ ମାଇଁ ଷ୍ଟୋରୀ ମାଇଁ ଡାଇମଣ୍ଡକୁ ଏହି ଅବସରରେ ଉନ୍ମଚନ କରାଯାଇଥିଲା । ଏହା ମାଧ୍ୟମରେ ଗ୍ରାହକବନ୍ଧୁଙ୍କ ନିମନ୍ତେ ପ୍ରସ୍ତୁତ ସ୍ୱତନ୍ତ୍ର ୧୦୦୦ରୁ ଉର୍ଦ୍ଧ୍ୱ ହୀରାଗହଣାର ଡିଜାଇନ ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଆକର୍ଷଣୀୟ ଅଫର ମାଧ୍ୟମରେ ଉପଲବ୍ଧ କରାଯାଇଛି । ଅରୁନ୍ଧତୀର ସମସ୍ତ ଶାଖା ମାନଙ୍କରେ ଉପଲବ୍ଧ ଡାଇମଣ୍ଡ ଚେକିଂ ମେସିନ୍ ମାଧ୍ୟମରେ ଗ୍ରାହକମାନେ ହୀରାର ମାନକୁ ପରୀକ୍ଷଣ କରାଇପାରିବା ସହ ପ୍ରକୃତ ହୀରା ବିଷୟରେ ଜାଣି ପାରିବେ, ଯାହା ହୀରାଗହଣା କ୍ରୟ କ୍ଷେତ୍ରରେ ଏକ ଆଧୁନିକ ବିଶ୍ୱାସଭରା ସେବା ଯୋଗାଇଦେଇପାରିବ । ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଉପସ୍ଥିତ ଅତିଥି ମାନଙ୍କୁ ସାଧୁବାଦ ଜଣାଇବା ସହ ନିଜ ଅଭିଭାଷଣରେ ଅରୁନ୍ଧତୀ ବାନ୍ଧକଳା, ଓଡିଶା ହସ୍ତତନ୍ତ ଓ ବୁଣାକାର ସମ୍ପ୍ରଦାୟର ସମନ୍ୱିତ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଗ୍ରାହକମାନଙ୍କ ନିମନ୍ତେ ସମସ୍ତ ପ୍ରକାର ସମ୍ବଲପୁରୀ ହାଣ୍ଡଲୁମ ସୁଲଭ ମୂଲ୍ୟରେ ଯୋଗାଇଦେବା ସମ୍ବନ୍ଧରେ ପ୍ରକାଶ କରିଥିଲେ ଏବଂ ଗହଣା ଓ ହସ୍ତତନ୍ତ ସୁନ୍ଦରର ଡିଜାଇନରେ ସମନ୍ୱୟୀତାରେ ସଜ୍ଜିତ ଅରୁନ୍ଧତୀ ଶାଖାକୁ ଆମନ୍ତ୍ରଣ କରିଥିଲେ । ଉଲ୍ଲେଖଯୋଗ୍ୟ ବର୍ତ୍ତମାନର ବନ୍ଧନ ଅଫରରେ ଅରୁନ୍ଧତୀ ଦ୍ୱାରା ସମ୍ବଲପୁରୀ ବାନ୍ଧକଳାରେ ପ୍ରସ୍ତୁତ ସ୍ୱତନ୍ତ୍ର ହାଣ୍ଡଲୁମ ଉପରେ ଫ୍ଲାଟ ୧୫% + ୫% ର ପ୍ରିଭିଲେଜ୍ ଡିସ୍‌କାଉଣ୍ଟ ପ୍ରଦାନ କରାଯାଉଛି । ସେହି ଭଳି ଅରୁନ୍ଧତୀ ଜୁଏଲର୍ସ ତରଫରୁ ଉଲ୍ଲିଖିତ ଅଫରରେ ଗ୍ରାହକ ବନ୍ଧୁଙ୍କ ନିମନ୍ତେ ବନ୍ଧନ ଲଞ୍ଚ କରାଯାଇଛି, ଯେଉଁଥିରେ ଜିରୋ ପେମେଣ୍ଟରେ ପରଚେଜ୍ ପ୍ଲାନ୍ ଖୋଲି ପାରିବାର ସୁଯୋଗ ପ୍ରଦାନ କରାଯାଉଛି । ହୀରାଗହଣାର ପ୍ରତି କ୍ୟାରେଟ ହିରାମୂଲ୍ୟରେ ୨୦,୦୦୦ ଟଙ୍କା ଫ୍ଲାଟ୍ ଡିସ୍‌କାଉଣ୍ଟ ସହ ଫ୍ରି ଗୋଲ୍ଡ କଏନ୍ ମଧ୍ୟ ପ୍ରଦାନ କରାଯାଉଛି । ଏହା ସହିତ ପ୍ରିମିୟମ ରେଞ୍ଜର ସୁନାଗହଣାର ଗଢ଼ାମଜୁରୀରେ ଫ୍ଲାଟ ୫୦% ରିହାତି ଭଳି ଆକର୍ଷଣୀୟ ଅଫର ସୀମିତ ଅବଧି ନିମନ୍ତେ ଅରୁନ୍ଧତୀର ସମସ୍ତ ଶାଖା ମାନଙ୍କରେ ଉପଲବ୍ଧ ରହିଛି ।



## ବେଗୁନିଆ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଆକ୍ରମଣ : ଥାନାରେ ମାମଲା

ଖୋର୍ଦ୍ଧା, (ସବ୍ୟୁ): ଆଜି ଚାଷୀଙ୍କ ଅଭିଯୋଗ ନେଇ ଖୋର୍ଦ୍ଧା ଡିଆରସିଏସ୍ ଅଫିସ ଆସିଥିବା ବେଗୁନିଆ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଖୋର୍ଦ୍ଧା ବିଧାୟକଙ୍କ ଏକାନ୍ତ ଅନୁଗତମାନେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ । ଏଥିସହିତ ଶ୍ରୀ ବିଜୁଳିଙ୍କ ଫର୍ଚୁନର ଗାଡି କୁ ଭାଙ୍ଗିବା ସହ ତାଙ୍କ ସୁନାଚେନ ଛିଡାଇନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି । ଶ୍ରୀ ବିଜୁଳିଙ୍କ ଅଭିଯୋଗ ଉପରେ ଆଦର୍ଶଥାନା ପୁଲିସ ୩୩୩/୨୫ରେ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ କୁ ଆଧାର କରି ତଦନ୍ତ ଆରମ୍ଭ କରିଛି ।

ଗୁରୁବାର ବେଗୁନିଆ ବ୍ଲକ ଛତ୍ରପଡା ସେବାସମବାୟ ସମିତି ର ୪୦ରୁ ୫୦ଜଣ ଚାଷୀଙ୍କ ସାଙ୍ଗରେ ଧରି ଶ୍ରୀ ବିଜୁଳି ସମବାୟ ସମିତି ସମୂହ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ସେଠାରେ ଚାଷୀଙ୍କ ହିତ ଦୃଷ୍ଟିରୁ ପଞ୍ଜୀକରଣ କାର୍ଯ୍ୟ ଛତ୍ରପଡା କଳିଙ୍ଗ କ୍ଲବ ଠାରେ ଶୁଭାରମ୍ଭ କରିବା ନିମନ୍ତେ ଆଲୋଚନା କରି କାର୍ଯ୍ୟାଳୟରୁ ବାହାରୁଥିଲେ । ଏହି ସମୟରେ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଡାକବଙ୍ଗଳା ଭିତରୁ ଯୋଜନା ମୁତାବକ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅନୁଗତ ସାରୁଅ ଅଂଚଳର ଜଣେ ଯୁବକ ତାଙ୍କୁ ବିଧାୟକଙ୍କ ସହ କଥା ହେବାକୁ ଫୋନଲଗାଇ ଧରାଇଥିଲେ । ସେ ଫୋନ ଧରିବାରେ ବିଧାୟକ ଜଗଦେବ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିକରିବା ସହ ବେଗୁନିଆରେ ବେଶୀ ରାଜନିତୀ କରୁଛୁ କହିଥିଲେ । ବେଗୁନିଆ ନମାଡିବାକୁ ପୂର୍ବରୁ ଧମକ ଦେଇଥିବାବେଳେ କାହିଁକି ଗଲୁ ପ୍ରଶ୍ନ କରିବା ସହ ଜୀବନରେ ମାରିବାକୁ ପୂର୍ବରୁ ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ମାତ୍ର ବିଜୁଳି କିଛି ନକହି ଫୋନ କାଟିଦେବାରେ ସାନପଦର ଗ୍ରାମର ଅନ୍ୟଜଣେ ଯୁବକ ତାଙ୍କ କଲର ଧରି ଆକ୍ରମଣ କରିଥିଲା । ବେକରେ ଥିବା ୩୯ଗ୍ରାମ ଓଜନ ର ଏକ ସୁନାଚେନ୍ କୁ ଛାଡାଇନେଇ ବେଗୁନିଆ ଗଲେ ବମ୍ ପକାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲା । ପାଖରେ ଥିବା ଖୋର୍ଦ୍ଧା ପୌରପରିଷଦର ଜଣେ କାଉନ୍ସିଲର ଏବଂ ଡଙ୍ଗରପଡାର ଅଂଚଳର ଜଣେ ଯୁବକଙ୍କ ସମେତ ୭ରୁ ୮ଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଫର୍ଚୁନର ଗାଡି (ନଂ- ଓଡି.୦୨ଡିବି-୮୭୮୭) କୁ ଲୁହାରଡ, ଠେଙ୍ଗା ଓ ପଥର ମାଡ କରି ଭଙ୍ଗାରୁଜା କରିଥିଲେ । ଏଥିସହିତ ବେଗୁନିଆ ମାଟି ମାଡିଲେ ହତ୍ୟା ଧମକ ଦେଇ ଚାଲିଯାଇଥିବାବେଳେ ଶ୍ରୀ ବିଜୁଳିଙ୍କ ଜୀବନ ପ୍ରତି ବିପଦ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ପୁଲିସ ତାଙ୍କ ଅଭିଯୋଗ ଉପରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।



### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କଲା ଡେଲିଭରି ବୟ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ସାମପୁର ଅଞ୍ଚଳର ଜଣେ ମହିଳାଙ୍କୁ ଖାଦ୍ୟ ଡେଲିଭରି କରୁଥିବା ବଏ ମରଣାନ୍ତକ ଆକ୍ରମଣ କରିଛି । ଗୁରୁତର ଅବସ୍ଥାରେ ମହିଳା ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଖାଦ୍ୟ ଆଣିବାରେ ବିଳମ୍ବ ହେବାରୁ ଡେଲିଭରି ବଏକୁ ଖାଦ୍ୟ ରଖିବେ ନାହିଁ ବୋଲି ଆହତ ବିନୋଦିନୀ ରଥ ମନା କରିଥିଲେ । ମନା କରିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଡେଲିଭରି ବଏ କହିବାନୁଯାୟୀ ଅର୍ଡର ଦେଇଥିବାରୁ ଖାଦ୍ୟ ନରଖିଲେ ମଧ୍ୟ ଟଙ୍କା ଦେଇଦିଅନ୍ତୁ । ମୁଁ ଖାଦ୍ୟ ରଖିଲି ନାହିଁ ଟଙ୍କା କାହିଁକି ଦେଲି ବୋଲି କହିବାରୁ ଡେଲିଭରି ବଏ ଉତ୍‌କ୍ଷିପ୍ତ ହୋଇ ମହିଳାଙ୍କୁ ଆକ୍ରମଣ କରିଥିଲା ।

## ପୁରୀରେ ବିଜେଡ଼ିର ୬ ଘଣ୍ଟିଆ ବନ୍ଦ ଡାକରା ସଫଳ



ପୁରୀ (ସବ୍ୟୁ): ବଲଙ୍ଗା ନାବାଳିକା ପୀଡ଼ିତା ମୃତ୍ୟୁ ଘଟଣାରେ ବିଜେଡ଼ି ପକ୍ଷରୁ ପୁ ଆଜି ପୁରୀ ଜିଲ୍ଲାରେ ଦିଆଯାଇ ଥିବା ଛଅ ଘଣ୍ଟିଆ ହରତାଳ ଡାକରା ସଫଳ ହୋଇଛି । ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଆଜି ସକାଳ ୬ ଟା ଠାରୁ ଦିନ ୧୨ ଟା ଯାଏ ପକ୍ଷରୁ ହରତାଳ କରା ଯାଇ ଥିଲା । ଦିଲ୍ଲୀ ଏମ୍ସରେ ଚିକିତ୍ସା ପାଇଁ ପୀଡ଼ିତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ପୀଡ଼ିତାଙ୍କ ମୃତ୍ୟୁ ଘଟିଛି । ଏବେ ସମ୍ପୂର୍ଣ୍ଣ ରହସ୍ୟ ଘେରରେ ରହିଛି ବୋଲି କହିଛି ବିଜେଡ଼ି । ପୋଲିସର ତଦନ୍ତ ଉପରେ ମଧ୍ୟ ବିଜେଡ଼ି ପ୍ରଶ୍ନ ଉଠାଇଛି । ଯଥାଶୀଘ୍ର ଘଟଣାର ସତ୍ୟାସତ୍ୟ ସରକାର ଉନ୍ମୋଚନ କରନ୍ତୁ ବୋଲି ବିଜେଡି ଦାବି କରିଛି କ୍ଷ ପିଡୀତା ପରିବାର କୁ ନ୍ୟାୟ ଦାବି କରି ପୁରୀ ରେ ଦୋକାନ ବଜାର ବନ୍ଦ ସହ ଗାଡି ମୋଟର ଚଳା ଚଳ ବନ୍ଦ କରିବା ଲାଗି ନିବେଦନ କରିଛି ବିଜେଡି କ୍ଷ ବଲଙ୍ଗା ନାବାଳିକା ମୁର୍ତ୍ତ୍ୟୁ ଘଟଣା ରେ ନ୍ୟାୟ ଦାବି କରି ପୁରୀ ରେ ୬ ଘଣ୍ଟିଆ ବନ୍ଦ ଡାକରା ଦେଇଛି ପୁରୀ ଜିଲ୍ଲା ବିଜେଡି ।

## ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ଓ ନାରୀ ନିର୍ଯାତନାର ପ୍ରତିବାଦ

# ଜିଲ୍ଲା ବିଜୁ ଯୁବଛାତ୍ର ପକ୍ଷରୁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାରିପଦା, (ସବ୍ୟୁ) : ଓଡ଼ିଶାରେ ଛାତ୍ରୀ ଓ ନାରୀଙ୍କ ଉପରେ ନିର୍ଯାତନା ବଢ଼ି ଚାଲିବା ସାଙ୍ଗକୁ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ଆଡକୁ ଯାଉଥିବା ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ମୟୂରଭଞ୍ଜ ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ସାମ୍ପ୍ରତିକ ସ୍ଥିତି ବିରୋଧରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳ ପକ୍ଷରୁ ଅଗଷ୍ଟ ୧ ରୁ ୮ ପର୍ଯ୍ୟନ୍ତ ରାଜ୍ୟ ବ୍ୟାପୀ ବିକ୍ଷୋଭ ଏବଂ ସ୍ମାରକପତ୍ର ପ୍ରଦାନ ଚାଲିଛି । ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଓ ବାରିପଦା ସହରରେ ସମସ୍ତ କଲେଜ ଛାତ୍ରଛାତ୍ରୀ ମାନେ ମିଶି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାକ୍ଷାତ କରି ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ବିଜେପି ସରକାରଙ୍କ ଏକବର୍ଷ ଶାସନକାଳ ମଧ୍ୟରେ ଛାତ୍ରୀ ଅସଦାଚରଣ, ନାରୀ ନିର୍ଯାତନା ଓ ଦୁଷ୍କର୍ମ ଅହେତୁକ ଭାବେ ବୃଦ୍ଧି ପାଉଛି, ତଦନ୍ତ ନିର୍ଦ୍ଦେଶ ଦେଇ ସରକାର କେବଳ ନୀରବ ଦ୍ରଷ୍ଟା ହୋଯାଇଛନ୍ତି, ଗୋପାଳପୁର୍ ବେଳାଭୂମି ଛାତ୍ରୀ ଦୁଷ୍କର୍ମ, ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି, ପୁରୀ ଜିଲ୍ଲା ବଲଙ୍ଗାରେ ନାବାଳିକା ପୋଡି ବର୍ତ୍ତମାନର ସରକାର କଡାକଡି ପାଇଁ ଛାତ୍ର ଓ ଯୁବ ସଂଗଠନ ପକ୍ଷରୁ ଦାବି ହୋଇଛି, ଆୟୋଜିତ ବିକ୍ଷୋଭ ସଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଯୁବ ନିର୍ବାଚନ ମଣ୍ଡଳୀ ସଭାପତି ସରୋଜ ଶତପଥୀ, ଏମପିସି କଲେଜ ପୂର୍ବତନ ସଭାପତି ଆଭାସ ଦେ, ପୂର୍ବତନ ଛାତ୍ର ସଭାପତି ବିରଞ୍ଚି ମହାପାତ୍ର, ଯୁବ ସଂଗଠକ ଲାଲାତେନ୍ଦୁ ବେହେରା, ନାନୁ ମହାକୁଡ, ପ୍ରସନ୍‌ଜିତ ମହାନ୍ତି, ଦେବଜିତ୍



କୁଶାସନର ନିର୍ଦ୍ଦେଶନ ହୋଇଛି ବଲି ଛାତ୍ର ଯୁବନେତା ମାନେ କହିଛନ୍ତି । ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷା ଅନୁଷ୍ଠାନର, ଛାତ୍ରଛାତ୍ରୀଙ୍କ ସୁରକ୍ଷା ବୃଦ୍ଧି, ନାରୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦଳ ଗଠନ, ପର୍ଯ୍ୟଟନ ସ୍ଥଳୀରେ ପୁଲିସ ପେଟ୍ରୋଲିଂ ବ୍ୟବସ୍ଥା ଛାତ୍ର ବିଜେଡ଼ି ସଭାପତି ସୁନୀଲ କୁମାର ନାୟକ, ଯୁବ ବିଜେଡ଼ି ସଭାପତି ଅରୁଣ ବରାଡ଼, ଜୋନାଲ ଛାତ୍ର ସଭାପତି ଅବଦୁଲ ହବିବ, ରାଜ୍ୟ ଯୁବ ସମ୍ପାଦକ ରାଜୀବ ଜେନା, ରାଜ୍ୟ ଛାତ୍ର ସମ୍ପାଦକ ଅଭୟ ସିଂ, ଆଶୀର୍ବାଦ ଦାସ, ଯୁବ ସହର ସଭାପତି ସେକ୍ ଉମର ଉଲ୍ଲା, ପଟ୍ଟନାୟକ, ଗୋବିନ୍ଦ ବେହେରା, ଲିଟନ ମହାପାତ୍ର, ସମରଜିତ ଗୋସ୍ୱାମୀ, ଅମିତ୍ ବଇଠା, ଦୀପକ ମତୁଆଲ, ସତ୍ୟ ଭୈରବ ବାରିକ୍, ମେଘା ସେନାପତି ପ୍ରମୁଖ ଙ୍କ ସମେତ ବାରିପଦା ସହରର ସମସ୍ତ କଲେଜ ଛାତ୍ର ଓ ଛାତ୍ରୀ ଭଉଣୀ ମାନେ ବହୁ ସଂଖ୍ୟାରେ ସାମିଲ୍ ହୋଇ ଥିଲେ ।

## ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଗଣଦୁଷ୍କର୍ମ ମାମଲା

# ୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ବାରିପଦା, (ସବ୍ୟୁ) : ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଗଣଦୁଷ୍କର୍ମ ମାମଲାର ବିଚାର କରି ଜିଲ୍ଲା ଦୌରାଜଜ୍ ସୁଦିପ୍ତ ଆଚାର୍ଯ୍ୟ ଅଭିଯୁକ୍ତ କାହ୍ନୁ ଚରଣ ମାରାଣ୍ଡି, ସଲେ ହାଁସଦାଃ ଓ ହୃଦାନନ୍ଦ ନାୟକଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଲେଖାଏଁ ଜୋରିମାନ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକବର୍ଷ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପି.ପି ସସ୍ମିତା ମହାପାତ୍ର ମାମଲା ପରିଚାଳନା କରିଥିଲେ। ପ୍ରକାଶ ଯେ, ୨୦୧୮ ମସିହା ଅଗଷ୍ଟ ୨୪ତାରିଖ ମୟୂରଭଞ୍ଜ ଜିଲ୍ଲା ବଡସାହି ଥାନା ଅନ୍ତର୍ଗତ ସିଆଲଘାଟି ଗ୍ରାମର ରାଜୀବ୍ ସେବା କେନ୍ଦ୍ର ବାରଣ୍ଡାରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ବସିଥିଲେ। ଏହି ମହିଳାଙ୍କୁ ରାତିରେ ଏକୁଟିଆ ପାଇ ବଡସାହି ଥାନା ଅଞ୍ଚଳର କାହ୍ନୁ ମାରାଣ୍ଡି, ସଲେ ହାଁସଦାଃ ଓ ହୃଦାନନ୍ଦ ନାୟକ ମିଶି ଗଣଦୁଷ୍କର୍ମ କରିଥିଲେ। ଏହି ସମୟରେ ଉକ୍ତ ଅଞ୍ଚଳର ଦୁଇଜଣ ପିଲା ଟ୍ୟୁସନ୍‌ରୁ ଫେରୁଥିବା ବେଳେ ପୀଡିତା ମହିଳା ଜଣଙ୍କ ଚିକାର ଶୁଣି ଗ୍ରାମବାସୀଙ୍କୁ ଡାକିଥିଲେ, ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଏହି ୩ଜଣ ଅଭିଯୁକ୍ତଙ୍କୁ କାବୁ କରି ପୋଲିସକୁ ଜିମା ଦେଇଥିଲେ। ଏନେଇ ବଡସାହି ଥାନାରେ ୧୨୪/୧୮ ମାମଲା ରୁଜୁ ହୋଇ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଗୁରୁବାର ୧୬ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

# ଫୁଲବାଣୀ ସହରାଞ୍ଚଳରେ ବାଇକ୍ ପାଟ୍ରୋଲିଂ ଆରମ୍ଭ

ଫୁଲବାଣୀ, (ସବ୍ୟୁ): ଫୁଲବାଣୀ ସହରାଞ୍ଚଳରେ ଦିନକୁ ଦିନ ଅପରାଧ, ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ, ଗଞ୍ଜେଇ ଚୋରା ଚାଲାଣ ଓ ବିଦ୍ୟାଳୟ ସବୁ ଖୋଲିବା ଓ ଛୁଟି ବେଳେ ରୋଡ୍ ରୋମିଙ୍କ ପାଦୁର୍ଭାବ ବଢିବାରେ ଲାଗିଛି । ଏଥିପାଇଁ ପୋଲିସ୍ ପାଖରେ ଚାରିଚକିଆ ଗାଡି ରହିଥିଲେ ମଧ୍ୟ ସହରର ସମସ୍ତ ଅଞ୍ଚଳର ଗଳିକନ୍ଦିରେ ପଶି ଏହିସବୁ ଅସାମାଜିକ କାର୍ଯ୍ୟକଳାପକୁ ରୋକିବା କଷ୍ଟକର ହୋଇଥାଏ ।

### ସାଧାରଣ ଅଭିଯୋଗ ଓ ସୂଚନା ପାଇଁ ଲୋକାର୍ପିତ ହେବ ବାରକୋଡ଼

ସେଥିପାଇଁ କନ୍ଧମାଳ ଜିଲ୍ଲା ପୋଲିସ ପକ୍ଷରୁ ଏହାର ମୁକାବିଲା କରିବା ପାଇଁ ଏକ ବାଇକ୍ ପାଟ୍ରୋଲିଂ ଟିମ୍ ପ୍ରସ୍ତୁତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ତିନିଟି ବାଇକ୍ ରହିଛି । ଏହି ଟିମ୍‌ରେ ଦାୟିତ୍ୱ ସମ୍ପୂର୍ଣ୍ଣ ଅଧିକାରୀ ଅଛନ୍ତି । ଏଥିପାଇଁ ଇବିଟ୍ ଜରିଆରେ ସୂଚନା ଆଦାନ ପ୍ରଦାନର ବ୍ୟବସ୍ଥା ହୋଇଛି । ଏହି ଟିମ୍ ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟକୁ ଯିବା ଆସିବା ବେଳେ ତଥା ସହରର କିଛି ପ୍ରମୁଖ ଓ ସମ୍ବେଦନଶୀଳ ସ୍ଥାନରେ ପାଟ୍ରୋଲିଂ କରିବ ବୋଲି କନ୍ଧମାଳ ଏସପି ଶ୍ରୀ ହରିଶ୍ ବିସି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏଥି ସହିତ ସାଧାରଣ ଲୋକ ପୋଲିସ ନିକଟରେ ସେମାନଙ୍କ ଅଭିଯୋଗ ଓ ଆବଶ୍ୟକୀୟ ସୂଚନା ପ୍ରଦାନ କରିବା ପାଇଁ ଅତିଶ୍ରିଘ୍ର ଏକ ଆପ ପ୍ରସ୍ତୁତ କରି ଏହାର ବାରକୋଡ଼ ପୋଲିସ୍ ଜାରି କରିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି କନ୍ଧମାଳ ଏସପି । ଏହା ଦ୍ୱାରା ଲୋକମାନେ ପୋଲିସ୍ ନିକଟରେ ନପହଞ୍ଚି ମଧ୍ୟ ସିଧାସଳଖ ଏସପିଙ୍କୁ ସେମାନଙ୍କ ଅଭିଯୋଗ ଜଣାଇବେ ଏବଂ ପୋଲିସ୍ ସେମାନଙ୍କ ଅଭିଯୋଗ ଓ ସୂଚନା ମୁତାବକ ପଦକ୍ଷେପ ନେବ ବୋଲି କହିବା ସହ ଏହାଦ୍ୱାରା ଫୁଲବାଣୀ ସହରର ଅଧିକାଂଶ ଅପରାଧ ନିୟନ୍ତ୍ରଣ ସମ୍ଭବ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି ଏସପି । ଏହି ଅବସରରେ କନ୍ଧମାଳ ଏସପିଙ୍କ ସହିତ ଫୁଲବାଣୀ ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ଓ ଫୁଲବାଣୀ ଆଦର୍ଶ ଥାନା ଅଧିକାରୀ ସ୍ୱରୁପ କିଶାନ୍ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଟ୍ରେଲର ଚକା ତଳେ ପଡି ୨ ମୃତ୍ୟୁ ଘଟଣା, ଡ୍ରାଇଭର ଗିରଫ

ବୁଗୁଡା, (ସବ୍ୟୁ): ଗତ ବୁଧବାର ପୂର୍ବାହ୍ନରେ ବୁଗୁଡା ନିକଟସ୍ଥ ଷୋଳମାଇଲି ମୁଖ୍ୟ ସଡକରେ ଲୁହାଖାଡି ବୋଝେଇ ଟ୍ରେଲର ଚକା ତଳେ ପଡି ୨ ଜଣ ମୃତ୍ୟୁବରଣ କରିଥିବା ଘଟଣାରେ ପୋଲିସ ଟ୍ରେଲର ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଡ୍ରାଇଭର ଜଣକ ହେଲେ ନୟାଗଡ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ଗୋପାଳପ୍ରସାଦ ଗ୍ରାମର ସନାତନ ଆଲୁକ (୫୭) । ଏନେଇ ବୁଗୁଡା ଥାନାରେ କେସ୍ ନଂ ୫୦୯/୨୫ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯୋଗ୍ୟ ଯେ, ଗତକାଲି ବାଇକରେ ଯାଉଥିବା ବେତାରସିଂ ଗ୍ରାମର ପୁତୁରା ଶଶାଙ୍କ ମହାରଣା ଓ ବଡବାପା ଖଦାଳ ମହାରାଣା ଟ୍ରେଲର ଚକା ତଳେ ପଡି ମୃତ୍ୟୁ ବରଣ କରିଥିଲେ ।

# ଗଞ୍ଜାମ ଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପରିଦର୍ଶନ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାପାଳ ଓ୍ୱି କୀର୍ତ୍ତି ଭାସନ ବ୍ରହ୍ମପୁର ମହାନଗରର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ପରିଦର୍ଶନ କରିଛନ୍ତି । ଓପିଟିସିଏଲ୍ ଆସ୍କା ରୋଡ଼ ଠାରେ ପ୍ରସ୍ତାବିତ ଅସ୍ଥାୟୀ ବସଷ୍ଟାଣ୍ଡ, ବ୍ରହ୍ମପୁର କର୍ପୋରେସନ ରୋଡର ଗଞ୍ଜାମ ହାଟ, ପୁରୁଣା ବସଷ୍ଟାଣ୍ଡ ବହୁ ତଳୀୟ କାର୍ ପାର୍କିଂ, ଆମ୍ବପୁଆର ରୋକ୍ ଗାର୍ଡେନ, ବିବେକ ବିହାର ବିବାହ ମଣ୍ଡପ ସ୍ଥଳ ନିରୀକ୍ଷଣ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହି



ପରିଦର୍ଶନ ସମୟରେ ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଅରବିନ୍ଦ ପ୍ରଥମେଶ ରାଜସିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ପ୍ରୋବେସନ୍ ଆଇଏଏସ ମ୍ରିନାଲୀକା ରାଠୋର ପ୍ରମୁଖ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଗୀତାବାଣୀ ପ୍ରଚାର ସଂଘର ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ଏକ ପ୍ରମୁଖ ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟର ସଭାଗୃହରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରୀମଦ୍ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା ସଂଘର ସ୍ଥାୟୀ ସଭାପତି ଡାଃ ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ଗୀତା ପାଠର ଉପଯୋଗିତା ତଥା ଆଜିର ପ୍ରତିଯୋଗିତାର ଉଦ୍ଦେଶ୍ୟ ସମ୍ପର୍କରେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ ।



ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ସମାଜସେବିକା ପ୍ରୀତିସୁଧା ତ୍ରିପାଠୀ, ଡାକ୍ତର ପାର୍ଥ ସାରଥୀ ଜେନା ଓ ବିଶିଷ୍ଟ ସଂଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ତ୍ତା ଯୋଗଦେଇ ପ୍ରତିଯୋଗୀମାନଙ୍କର ପ୍ରତିଭାର ମୂଲ୍ୟାୟନ କରିଥିଲେ । ଏହି ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସୌମ୍ୟରଂଜନ ତାଲଧି ପ୍ରଥମ, ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ପ୍ରୀତିପ୍ରିୟଦର୍ଶିନୀ ପୋଇ ଦ୍ୱିତୀୟସ୍ଥାନ ଅଧିକାର କରିଥିବାବେଳେ ଶ୍ରୀମା ମହିଳା ମହାବିଦ୍ୟାଳୟର ଛାତ୍ରୀ ମୀନତି ମାର୍ଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ହାଇସ୍କୁଲ ସ୍ତରରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ, ଶିରିଶବଣୀର ଛାତ୍ରୀ ଅଞ୍ଜଳିକା ଦାଶ ଓ ପାର୍ବତୀ ସୋରେନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟସ୍ଥାନ ଅଧିକାର କରିଥିବାବେଳେ ସାଇ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସଂଗୀତା ବେହେରା ଓ ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧାସୁମନ ଜେନା ଯୁଗ୍ମ ତୃତୀୟସ୍ଥାନ ଅଧିକାର କରି ପୁରସ୍କାର ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଛନ୍ତି । ସଂଘ ତରଫରୁ ସମସ୍ତ ପ୍ରତିଯୋଗୀ ଓ ପ୍ରତିଯୋଗିନୀ ମାନଙ୍କୁ ସଭାପତି ଡାକ୍ତର ପାର୍ଥ ସାରଥୀ ଜେନା ଓ ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲଳିତ କୁମାରୀ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଭା ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡଃ ଶଶିଧର ବିଶ୍ୱାଳ ପରିଚାଳନା କରିବା ସହିତ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ଆଗାମୀ ଅଗଷ୍ଟ ୧୫ତାରିଖ ଦିନ ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ହେବାକୁ ଥିବା ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଦିବସର ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ।

# ଟ୍ରିମ୍‌ସ ପଲିଟେକ୍‌ନିକକୁ ଏନ୍‌ବିଏ ମାନ୍ୟତା

କଟକ, (ସ୍ୱପ୍ର) : ଟ୍ରିମ୍‌ସ ପଲିଟେକ୍‌ନିକକୁ କ୍ରମାଗତ ୨ୟ ଥର ପାଇଁ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରାଳୟ ଅଧୀନ ନ୍ୟାସନାଲ ବୋର୍ଡ ଅଫ ଆକ୍ରିଡିସନ୍ (ଏନ୍‌ବିଏ) ମାନ୍ୟତା ପ୍ରଦାନ କରାଯାଇଛି । କଟକ ଜିଲା ଟାଙ୍ଗୀସ୍ଥିତ ଟ୍ରିମ୍‌ସ ପଲିଟେକନିକ୍‌ର ୩ଟି ପ୍ରମୁଖ ପାଠ୍ୟକ୍ରମ ଯଥା ଇଲେକଟ୍ରିକାଲ, କମ୍ପ୍ୟୁଟର ସାଇନ୍ସ ଏବଂ ମେକାନିକାଲ ଇଂଜନିୟରିଂକୁ ଉକ୍ତ ମାନ୍ୟତା ଦିଆଯାଇଛି ।

ଗୁଣାତ୍ମକ ଶିକ୍ଷାଦାନ, ଉନ୍ନତ ଭିତ୍ତିଭୂମି, ନିର୍ଦ୍ଧାରିତ ନିୟମାବଳୀ ତଥା ମାର୍ଗଦର୍ଶିକା ସଠିକ୍ ଅନୁପାଳନ, ଆବଶ୍ୟକତା ପୂରଣ କରୁଥିବା କୁଶଳୀ ମାନବ ସମ୍ବଳ ସୃଷ୍ଟି ନିମନ୍ତେ ଛାତ୍ରଛାତ୍ରୀଙ୍କ ଜ୍ଞାନ ଓ ଦକ୍ଷତା ସହିତ ଅନ୍ୟାନ୍ୟ ଦିଗକୁ ପର୍ଯ୍ୟାଲୋଚନା ଏବଂ ଆକଳନ ଭିତ୍ତିରେ ଏହି ମାନ୍ୟତା ପ୍ରଦାନ କରାଯାଇଛି । ଏଭଳି ଏକ ମର୍ଯ୍ୟାଦାଜନକ ସ୍ୱୀକୃତି ହାସଲ କରିବାରେ ଟ୍ରିମ୍‌ସ ପଲିଟେକନିକ୍ ଗ୍ରାମାଞ୍ଚଳରେ ଗଢି ଉଠିଥିବା ରାଜ୍ୟର ପ୍ରଥମ ଘରୋଇ ଶିକ୍ଷାନୁଷ୍ଠାନ । ଏହି ସଫଳତା ନିମନ୍ତେ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏନ୍‌ବିଏ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଶିକ୍ଷାନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ, ଅଧକ୍ଷା, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ନିଷ୍ଠାପର କର୍ତ୍ତବ୍ୟ ଓ ଦାୟିତ୍ୱ ନିର୍ବାହ ପାଇଁ ବଧାଇ ଜଣାଇଛନ୍ତି । ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ସ୍ୱୀକୃତି ଓ ଫଳାଫଳ ଶିକ୍ଷାନୁଷ୍ଠାନର ଗୋର୍ୟରବକୁ ଦ୍ୱିଗୁଣିତ କରିଛି । ସୂଚନାଯୋଗ୍ୟ, ୨୦୨୨-୨୩ ରେ ପ୍ରଥମ ଥର ପାଇଁ ଟ୍ରିମ୍‌ସ ପଲିଟେକ୍‌ନିକକୁ ଏନ୍‌ବିଏ ମାନ୍ୟତା ମିଳିଥିଲା । ୩ବର୍ଷ ପରେ ଏହାର ଅବଧି ଶେଷ ହେବାପରେ ପୁନର୍ବାର ଏନ୍‌ବିଏ ଏକ୍ସପର୍ଟ ଟିମ୍ ଗତ ମେ ୩୧ ତାରିଖରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ବିଭିନ୍ନ ଦିଗକୁ ପୁନଃ ଆକଳନ କରି ରିପୋର୍ଟ ପ୍ରଦାନ କରିବା ପରେ ଏହି ସ୍ୱୀକୃତିକୁ ପରିବର୍ଦ୍ଧିତ କରାଯାଇଛି । ୨୦୨୫-୨୬ରୁ ୨୦୨୭-୨୮ ପର୍ଯ୍ୟନ୍ତ ସ୍ୱୀକୃତି ବଳବତ୍ତର ରହିବ ବୋଲି ଏନ୍‌ବିଏ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ।

## ଘରୋଇକଳିକୁ କେନ୍ଦ୍ର କରି ମା'କୁ ଆକ୍ରମଣ, ନ୍ୟାୟ ପାଇଁ ଏସପିଙ୍କୁ ଫେରାଦ

କୁକୁଡାଖଣ୍ଡି, (ସବ୍ୟୁ): ନଳିହାଡ଼ ଗ୍ରାମରେ ଘରୋଇକଳିର କରୁଣ ପରିଣତି ଯୋଗୁଁ ମାକୁ ପିଟିଲା ସାନ ପୁଅ । ଘଟଣାକୁ ନେଇ ବ୍ରହ୍ମପୁର ଏସପିଙ୍କ ନିକଟରେ ଫେରାଦ ହୋଇଛନ୍ତି ନଳିହାଡ଼ ଗ୍ରାମର ସୁଦସ୍ନା ବିଶୋଇ । ପୂର୍ବରୁ ମା' ସୁଦସ୍ନାଙ୍କ ଚାଷ ଜମିରେ ଧାନ ତଳି ନଷ୍ଟ କରିବାକୁ ବିଷାକ୍ତ ଔଷଧ ପକାଇଥିଲେ । ଏନେଇ ପୁଅ ନାଁରେ ମା' ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଅନ୍ୟପକ୍ଷେ ସାନ ପୁଅ ନାଁରେ ମା' ଏତଲା ଦେବା ଯୋଗୁଁ ଥାନାକୁ କଣ ପାଇଁ ଗଲୁ ମୋ ନାଁରେ କଣ ପାଇଁ ଥାନାରେ ଅଭିଯୋଗ କଲୁ କହି ସାନ ପୁଅ ମା' ଙ୍କୁ ପୁଣି ପିଟା ପିଟି କରିଥିବା ସଦର ଥାନାରେ ଅଭିଯୋଗ ହୋଇଛି । ଏନେଇ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ମା ସୁଦସ୍ନା ବ୍ରହ୍ମପୁର ଏସପି ସର୍ବଣ ବିବେକଙ୍କୁ ନ୍ୟାୟ ପାଇଁ ଗୁହାରି କରିଥିଲେ । ଏନେଇ ବ୍ରହ୍ମପୁର ଏସପି ଘଟଣାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।


### ବିଦ୍ୟୁତ୍‌ଚାର୍ଜ ସମ୍ପର୍କରେ ସର୍ବସାଧାରଣ ବିଜ୍ଞପ୍ତି

ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ତଳ ସୂଚିତ ସେକ୍ସନର ସମ୍ପୂର୍ଣ୍ଣ ସେକ୍ସନ ଉପରେ ଅବସ୍ଥିତ ରେଳବାଇ ଲାଇନ ଏବଂ ହତା ଆଦିର ସମସ୍ତ ବ୍ୟବହାରକାରୀଙ୍କ ଅବଗତି ନିମନ୍ତେ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ୨୦.୦୮.୨୦୨୫ ରିଖ କିମ୍ବା ଏହା ପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ଚାର୍ଜ କରାଯିବ । ୨୦.୦୮.୨୦୨୫ ରିଖ ଏବଂ ଏହା ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନ ସବୁ ସମୟ ପାଇଁ ବିଦ୍ୟୁତଚାର୍ଜ ହେଲାବୋଲି ବିବେଚନା କରାଯିବ ଏବଂ କଥିତ ଓଭରହେଡର ନିକଟକୁ ଆସିବା, ନିକଟକୁ ଆସି କାମ କରିବା କିମ୍ବା ଏହାର ପାଖାପାଖି ଅଞ୍ଚଳକୁ ଆସିବାକୁ ଅନଧିକୃତ ବ୍ୟକ୍ତିଙ୍କୁ ବାରଣ କରାଯାଇ ଅଛି । ଷ୍ଟେସନ/ରେଳବାଇ : ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନ ଅନ୍ତର୍ଗତ ମେସର୍ସ ଏନ୍‌ଟିପିସି/ଦର୍ଲିପଲ୍ଲୀର ଲାଇବେରା ଷ୍ଟେସନ ୟାର୍ଡ ଓ ବିଭିନ୍ନ ଲାଇନ । ସେକ୍ସନର ନାମ, କ୍ରମିକ ନଂ.୧, ଲାଇନ : ଲଇବେରା ୟାର୍ଡ ଠାରେ ୟାର୍ଡ ଆଧୁନିକିକରଣ ଓ କନେକ୍ଟିଂ ଏକ୍ସ/ଓଭର ସମେତ ନୂଆ କମନ ୟୁଜର ଲାଇନ ନଂ.୧ର ଓଏଚଇ । ଚେନେଜ (କିମିରେ) – ଠାରୁ : ଏଲଓସି ନଂ. ୫୪୨/୧୭ (ଚେନଜ : ୫୪୨/୪୩୧.୫୦) ପର୍ଯ୍ୟନ୍ତ କୁ ଏଲ୍‌ଓସି.ନଂ ଏଲଆଇଏ/୨୦୩୧ (ଚେନଜ:୫୪୩/୪୮୩.୬୦) । ଓଏଚଇର ଲମ୍ବ (ଆରକେଏମ୍‌ରେ) : ୧୦୫୨.୨୦ ମିଟର । କ୍ର.ନଂ. ୨- ଲାଇନ : ଲାଇବେରା ୟାର୍ଡରୁ ଜଙ୍କସନ କ୍ୟାବିନ ପର୍ଯ୍ୟନ୍ତ ଏନ୍‌ଟିପିସିର କନେକ୍ଟିଂ ଲାଇନର ଓଏଚଇ । ଚେନେଜ (କିମିରେ) – ଠାରୁ : ଏଲଓସି ନଂ. ୫୪୨/୧୭ (ଚେନଜ: ୦୦/୦୦.୦୦) (ଏନ୍‌ଟିପିସି ସାଇଡିଂର ଚକ୍ଆରଟି ଟେକ ଅପ୍ ପଏଣ୍ଟ) ପର୍ଯ୍ୟନ୍ତ ଏଲଓସି ନଂ. ଏନ୍‌ଟିପିସି/୪/୨୫ (ଚେନଜ ୪/୮୦୩.୫୦) ଓଏଚଇ ଲମ୍ବ (ଆରକେଏମ୍‌ରେ) : ୪୮୦୩.୫୦ ମିଟର । କ୍ର.ନଂ. ୩- ଲାଇନ : କନେକ୍ଟିଂ ଏକ୍ସ/ଓଭର ସମେତ ଆର ଆଣ୍ଡ ଡି ୟାର୍ଡ କନେକ୍ଟିଂ ଲାଇନ ନଂ. ୧ ଓ ୨ କୁ ଜଙ୍କସନ କ୍ୟାବିନ୍‌ର ଓଏଚଇ । ଚେନେଜ (କିମିରେ) – ଠାରୁ ଏଲ୍‌ଓସି ନଂ. ଏନ୍‌ଟିପିସି/୪/୨୫ (ଚେନେଜ : ୪/୮୦୩.୫୦) ପର୍ଯ୍ୟନ୍ତ : ଏଲ୍‌ଓସି ନଂ. ଏନ୍‌ଟିପିସି/୬/୧୪ (ଚେନେଜ ୬/୬୦୬.୦୦) ଓଏଚଇର ଲମ୍ବ (ଆରକେଏମ୍‌ରେ) ୧୮୦୨.୫୦ ମିଟର । କ୍ର.ନଂ.୪ : ଲାଇନ : ଲାଇନ ନଂ. ୧,୨,୩,୪,୫ ଓ କନେକ୍ଟିଂ ଏକ୍ସ/ଓଭରର ଆର ଆଣ୍ଡ ଡି ୟାର୍ଡ ର ଓଏଚଇ । ଚେନେଜ (କିମିରେ) – ଠାରୁ ଏଲ୍‌ଓସି ନଂ. ଏନ୍‌ଟିପିସି/୬/୧୩ ( ଚେନେଜ: ୬/୬୦୬.୫୦) ପର୍ଯ୍ୟନ୍ତ ଏଲ୍‌ଓସି ନଂ. ଏନଟିପିସି/୮/୭ (ଚେନେଜ : ୮/୨୮୫.୦୦) । ଓଏଚଇ ର ଲମ୍ବ (ଆରକେଏମ୍‌ରେ ) : ୧୬୭୮.୫୦ ମିଟର । କ୍ର.ନଂ. ୫, ଲାଇନ : ଆର ଆଣ୍ଡ ଡି ୟାର୍ଡ ଏବଂ ପ୍ଲାଣ୍ଟ ୟାର୍ଡ ମଧ୍ୟରେ କନେକ୍ଟିଂ ୨,୩ ଏବଂ ଏକ୍ସ / ଓଭର ସମେତ କନେକ୍ଟିଂ ଲାଇନ ନଂ. ୧ର ଓ ଏଚଇ । ଚେନେଜ (କିମିରେ) – ଠାରୁ ଏଲ୍‌ଓସି ନଂ. ଏନ୍‌ଟିପିସି/୮/୩ (ଚେନେଜ ୮/୦୬୪.୩୦) ପର୍ଯ୍ୟନ୍ତ ଏଲ୍‌ଓସି ନଂ. ଏନ୍‌ଟିପିସି/୧୦/୬ (ଚେନେଜ ୧୦/୨୮୩.୫୦) । ଓଏଚଇ ର ଲମ୍ବ (ଆରକେଏମରେ) : ୨୨୧୯.୨୦ ମିଟର । କ୍ର.ନଂ-୬, ଲାଇନ : ଲାଇନ ନଂ ୧,୨,୩,୪,୫,୬,୭,୮ ଓ ୯ର ପ୍ଲାଣ୍ଟୟାର୍ଡର ଓଏଚଇ । ଚେନେଜ (କିମିରେ) – ଠାରୁ ଏଲ୍‌ଓସି ନଂ. ଏନ୍‌ଟିପିସି/୧୦/୫ (ଚେନେଜ ୧୦/୨୫୭.୦୦) ପର୍ଯ୍ୟନ୍ତ ଏଲ୍‌ଓସି ନଂ. ଏନ୍‌ଟିପିସି/୧୨/ଏଲ-୨/୧୫ (ଚେନେଜ: ୧୨/୪୧୨.୫୦) । ଓଏଚଇ ର ଲମ୍ବ (ଆରକେଏମ୍‌ରେ) : ୧୯୬୫.୫୦ ମିଟର । ରେଲୱେ / ଡିଭିଜନ : ଦକ୍ଷଣ ପୂର୍ବ ରେଳପଥ/ ଚକ୍ରଧରପୁର (ସମସ୍ତ ପାଇଁ) । ବିଦ୍ୟୁତ୍ ଚାର୍ଜ ତାରିଖ : ୨୦.୦୮.୨୦୨୫ ।

(PR-492) ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି), ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହାସ୍ୟ ସହ ସେବା ପ୍ରଦାନ କରୁଛୁ



इंडिया पोस्ट पेमेंट्स बैंक | India Post Payments Bank

(ଭାରତ ସରକାରଙ୍କ ଏକ ଉପକ୍ରମ)
କର୍ପୋରେଟ୍ ଅଫିସ, ସ୍ପିଡ୍‌ପୋଷ୍ଟ ସେଣ୍ଟର ବିଲ୍ଡିଂ, ଭାଇ ବୀର ସିଂ ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧

ଚିଫ୍ ଅପରେଟିଂ ଅଫିସର (ସିଓଓ), ଚିଫ୍ କମ୍ପ୍ଲାଏନସ୍ ଅଫିସର (ସିସିଓ), ଚିଫ୍ ଫାଇନାନ୍ସ ଅଫିସର (ସିଏଫଓ), ଚିଫ୍ ଏଚଆର ଅଫିସର (ସିଏଚଆରଓ)ଙ୍କ ନିଯୁକ୍ତି ପରୀକ୍ଷା

ବିଜ୍ଞାପନ ନଂ : ଆଇପିପିବି/ସିଓ/ଏଚଆର/ଆରଇସିଟି./୨୦୨୫-୨୬/୦୧

ନିମ୍ନୋକ୍ତ ପଦପୀଗୁଡିକରେ ନିଯୁକ୍ତି ପାଇଁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି ।

୧. ବ୍ୟାକଲଗ୍ ସଂରକ୍ଷିତ ଖାଲି ପଦବୀ ଗୁଡିକ ସମେତ ନିୟମିତ ଖାଲି ପଡିଥିବା ପଦବୀ (ଆପାତତଃ)ର ସଂଖ୍ୟାର ବିବରଣୀ :

| ବିଭାଗ | ସ୍କେଲ | ପଦବୀ | ପଦବୀ ସଂଖ୍ୟା | ଖାଲିପଡିଥିବା ସଂରକ୍ଷିତ ପଦବୀ: ୟୁଆର | ଓବିସି | ଇଡବ୍ଲୁଏସ | ଏସସି | ଏସଟି |
|---|---|---|---|---|---|---|---|---|
| ଫାଇନାନ୍ସ | ଭିଆଇ | ଚିଜିଏମ୍-ଫାଇନାନ୍ସ/ସିଏଫଓ | ୧ | - | ୧ | - | - | - |
| | ଭିଆଇଆଇ | ଜେନେରାଲ ମ୍ୟାନେଜର-ଫାଇନାନ୍ସ/ ସିଏଫଓ | | ୧ | - | - | - | - |
| ଏଚଆର ଓ ପ୍ରଶାସନ | ଭିଆଇଆଇ | ଚିଫ୍ ଏଚଆର ଅଫିସର | ୧ | - | - | - | ୧ | - |

ସୂଚନା : ଖାଲିପଡିଥିବା ସିଏଫଓ ପଦବୀ ହେଉଛି ଏକମାତ୍ର ପଦବୀ ଯାହାକି ସ୍କେଲ ଭିଆଇ କିମ୍ବା ଭିଆଇଆଇ ପଦବୀରେ ପୂରଣ ହେବ ଯେଉଁଠାରେ କି ବହୁଠାରୁ ପ୍ରୟୋଜନୀୟ ପ୍ରାର୍ଥୀ ମିଳିବେ । ଖାଲିପଡିଥିବା ପଦବୀଗୁଡିକ ଆପାତତଃ ଏବଂ ବ୍ୟାଙ୍କର ଆବଶ୍ୟକତା ଅନୁଯାୟୀ ହୁଏତ ଏହା ବଢ଼ିପାରେ କିମ୍ବା କମିପାରେ ।

୨. ଖାଲି ପଡିଥିବା ବ୍ୟାକଲଗ୍ ସଂରକ୍ଷିତ ସମେତ ଖାଲି ପଡିଥିବା ଫିକ୍ସା ପଦବୀ (ଆପାତତଃ) ଗୁଡିକର ସବିଶେଷ ସଂଖ୍ୟା ।

| ବିଭାଗ | ପଦବୀ / ଉପାଧି | ଖାଲିପଡିଥିବା ସ୍ଥାନ | ଖାଲିପଡିଥିବା ସଂରକ୍ଷିତ ପଦବୀ: ୟୁଆର | ଓବିସି | ଇଡବ୍ଲୁଏସ | ଏସସି | ଏସଟି |
|---|---|---|---|---|---|---|---|
| କମ୍ପ୍ଲିଆନ୍ସ | ଚିଫ୍ କମ୍ପ୍ଲିଆନ୍ସ ଅଫିସର | ୧ | - | ୧ | - | - | - |
| ଅପରେସନ୍ସ | ଚିଫ୍ ଅପରେଟିଂ ଅଫିସର | ୧ | - | - | - | ୧ | - |

ଭାରତ ସରକାରଙ୍କ ନିୟମ ଅନୁଯାୟୀ ଭିନ୍ନକ୍ଷମ ବ୍ୟକ୍ତି (ସର୍ବନିମ୍ନ ୪୦% ଭିନ୍ନକ୍ଷମ) ବ୍ୟକ୍ତିଙ୍କ ପାଇଁ ହରିଜେଣ୍ଟାଲ ସଂରକ୍ଷଣ ପ୍ରଯୁଜ୍ୟ ଅଟେ ।

ଗୁରୁତ୍ୱପୂର୍ଣ୍ଣ ତାରିଖ

| | | |
|---|---|---|
| (ଆଇ) | ଆବେଦନ ପତ୍ରର ଅନ-ଲାଇନ ପଞ୍ଜିକରଣ ପାଇଁ ଖୋଲା | ତାରିଖ ୦୨.୦୮.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକା |
| (ଆଇଆଇ) | ଫି ସହିତ ଆବେଦନ ପତ୍ରର ଅନ୍-ଲାଇନ ଦାଖଲର ଅନ୍ତିମ | ତାରିଖ ୨୨.୦୮.୨୦୨୫ ଅପରାହ୍ନ ୧୧.୫୯ ଘଟିକା |

ସବିଶେଷ ବିଜ୍ଞାପନ ପାଇଁ, ଦୟାପୂର୍ବକ ଆମର ଅଫିସିଆଲ୍ ୱେବସାଇଟ୍ https://ippbonline.com/web/ippb/current-opening ଦେଖନ୍ତୁ

ସ୍ଥାନ : ନୂଆ ଦିଲ୍ଲୀ
ତାରିଖ : ୦୨.୦୮.୨୦୨୫

ସ୍ୱା/-
ଚିଫ୍ ଏଚଆର ଅଫିସର

CBC-06346/12/0004/2526



यूनियन बैंक ऑफ इंडिया | Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡ଼ା
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ୍.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ତାରିଖ/ ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିର ବିବରଣୀ |
|---|---|---|---|
| ମାଲକାନଗିରି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ: ୧) ଶ୍ରୀମତୀ ରାକ୍ଷୀ ହାଲଦାର, ସ୍ୱାମୀ: ମୃଣାଳ ହାଲଦାର / ଗ୍ୟାରେଣ୍ଟିଦାତା: ଶ୍ରୀ ମୃଣାଳ ହାଲଦାର, ପିତା: ପ୍ରଫୁଲ୍ଲ ହାଲଦାର, ଉଭୟଙ୍କ ଠିକଣା- ସା: ଏମଭି-୧୧, ପୋ.: ପଞ୍ଚବଟି, ଜିଲ୍ଲା: ମାଲକାନଗିରି-୭୬୪୦୪୫ | ୦୬.୦୮.୨୦୨୫ ସୁଦ୍ଧା ଟ.୨୦,୧୬,୫୬୩.୨୬ + ସେବାବଦ ସୁଧ ଏବଂ ଦେୟ | ୧୬.୦୫.୨୦୨୫ / ୦୫.୦୮.୨୦୨୫ | ଶ୍ରୀ ମୃଣାଳ ହାଲଦାରଙ୍କ ନାମରେ ଥିବା ବ୍ୟବସାୟିକ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୧୯୮ ଡିସିମିଲି, ଖାତା ନଂ.: ୧୨୮/୧୭୨, ପ୍ଲଟ୍ ନଂ.: ୩୬୫/୧୨୪୦, ମୌଜା: ବାଟପାଲି, ପୋ.: ପଞ୍ଚବଟି, ଥାନା: ମାଲକାନଗିରି ନଂ.: ୧୪୬, ତହସିଲ: ମାଲକାନଗିରି, ଜିଲ୍ଲା: ମାଲକାନଗିରି, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ମୁକ୍ତା ପତିଆମି, ଉତ୍ତର: ବିବେକାନନ୍ଦ ବିଶ୍ୱାସ, ପଶ୍ଚିମ: ବିକ୍ରେତାଙ୍କ ଜମି, ଦକ୍ଷିଣ: ରାସ୍ତା |
| ମାଲକାନଗିରି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ: ୧) ଶ୍ରୀ ଦୁର୍ଗା ମାଧବ ପଟ୍ଟନାୟକ, ସା: ଜଗନ୍ନାଥ ମନ୍ଦିର ଷ୍ଟ୍ରିଟ୍, ମାଲକାନଗିରି, ଜିଲ୍ଲା: ମାଲକାନଗିରି, ଓଡିଶା-୭୬୪୦୪୫, ୨) ଶ୍ରୀମତୀ ଉଷାରାଣୀ ପଟ୍ଟନାୟକ, ସା: ଜଗନ୍ନାଥ ମନ୍ଦିର ଷ୍ଟ୍ରିଟ୍, ମାଲକାନଗିରି, ଜିଲ୍ଲା: ମାଲକାନଗିରି, ଓଡିଶା-୭୬୪୦୪୫, ୩) ଶ୍ରୀ ଅନିଲ କୁମାର ଲେଙ୍କା, ସା: ମେନ୍ ରୋଡ, ମାଲକାନଗିରି, ଜିଲ୍ଲା: ମାଲକାନଗିରି, ଓଡିଶା-୭୬୪୦୪୫ | ୦୬.୦୮.୨୦୨୫ ସୁଦ୍ଧା ଟ.୨,୮୮,୫୫୦/- + ସେବାବଦ ସୁଧ ଏବଂ ଦେୟ | ୨୦.୦୪.୨୦୨୧ / ୦୬.୦୮.୨୦୨୫ | ଶ୍ରୀମତୀ ଉଷାରାଣୀ ପଟ୍ଟନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୧୫ ଡିସିମିଲି (୬୭୨ ବର୍ଗଫୁଟ), ଖାତା ନଂ.: ୯୯୪/୩୯୩୯, ପ୍ଲଟ୍ ନଂ.: ୨୨୮୮/୯୫୬୬, ମୌଜା: ମାଲକାନଗିରି, ଥାନା: ମାଲକାନଗିରି ନଂ.: ୧୧୯, ତହସିଲ: ମାଲକାନଗିରି-୨୩୬, ଜିଲ୍ଲା: ମାଲକାନଗିରି, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ନିଜସ୍ୱ ଜମି, ଉତ୍ତର: କଲୋନୀ ରାସ୍ତା, ପଶ୍ଚିମ: ଲେନ୍, ଦକ୍ଷିଣ: କଲୋନୀ ରାସ୍ତା |
| ଉମୁରି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ: ୧) ଶ୍ରୀ ଚନ୍ଦନ କୁମାର ପାତ୍ର, ୨) ଶ୍ରୀ ବିଭୂତି ଭୂଷଣ ପାତ୍ର, ୩) ଶ୍ରୀମତୀ ପୁଷ୍ପାଞ୍ଜଳୀ ପାତ୍ର, ସମସ୍ତଙ୍କ ଠିକଣା- ୧୮, ଇରିଗେସନ କଲୋନୀ, କେନ୍ଦୁଗୁଡା, ଜୟପୁର, ଜିଲ୍ଲା: କୋରାପୁଟ, ଓଡିଶା-୭୬୪୦୦୪ | ୦୬.୦୮.୨୦୨୫ ସୁଦ୍ଧା ଟ.୯,୮୧,୬୩୫/- + ସେବାବଦ ସୁଧ ଏବଂ ଦେୟ | ୨୨.୧୧.୨୦୨୪ / ୦୫.୦୮.୨୦୨୫ | ଶ୍ରୀ ଚନ୍ଦନ କୁମାର ପାତ୍ର ଏବଂ ଶ୍ରୀ ବିଭୂତି ଭୂଷଣ ପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ୩୪୮୫ ବର୍ଗଫୁଟ, ଖାତା ନଂ.: ୨୬୩/୩୬୧୦, ପ୍ଲଟ୍ ନଂ.: ୬୬/୫୩୨୦, ଲିଙ୍ଗରାଜନଗର, ଇରିଗେସନ କଲୋନୀ, କେନ୍ଦୁଗୁଡା, ଜୟପୁର, ଜିଲ୍ଲା: କୋରାପୁଟ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା, ପୂର୍ବ: ବିକ୍ରେତାଙ୍କ ଖାଲି ସ୍ଥାନ, ପଶ୍ଚିମ: ବିକ୍ରେତାଙ୍କ ଖାଲି ସ୍ଥାନ |
| ଜୟପୁର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ: ୧) ଶ୍ରୀ ପାଟନାନା ସୁରେଶ କୁମାର, ପିତା: ୪ ପି କ୍ରିଷ୍ଣା, ଭୂପତି ଷ୍ଟ୍ରିଟ, ଜୟପୁର, ଜିଲ୍ଲା: କୋରାପୁଟ, ଓଡିଶା-୭୬୪୦୦୧, ୨) ଶ୍ରୀ ପାଟନାନା ରାଜେଶ, ପିତା: ୪ ପି କ୍ରିଷ୍ଣା, ଭୂପତି ଷ୍ଟ୍ରିଟ, ଜୟପୁର, ଜିଲ୍ଲା: କୋରାପୁଟ, ଓଡିଶା-୭୬୪୦୦୧, ୩) ଶ୍ରୀ ବି ରବୀ କୁମାର, ପିତା: ବି ମାଧବ ରାଓ, କାପୁ ଷ୍ଟ୍ରିଟ, ଜୟପୁର, ଜିଲ୍ଲା: କୋରାପୁଟ, ଓଡିଶା-୭୬୪୦୦୧ | ୦୬.୦୮.୨୦୨୫ ସୁଦ୍ଧା ଟ.୧୩,୫୮,୯୩୨/- + ସେବାବଦ ସୁଧ ଏବଂ ଦେୟ | ୦୮.୦୫.୨୦୨୪ / ୦୫.୦୮.୨୦୨୫ | ଶ୍ରୀ ପାଟନାନା ସୁରେଶ କୁମାର ଏବଂ ଶ୍ରୀ ପାଟନାନା ରାଜେଶଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୧୪୨/୫୯, ପ୍ଲଟ୍ ନଂ.: ୬୨୭/୧୬୯୪, ପରିମିତ କ୍ଷେତ୍ର: ୦.୦୨ ସେଣ୍ଟସ (୯୦୦ ବର୍ଗଫୁଟ), ଲକ୍ଷ୍ମୀ ନଗର, ଶୁଭମ କଲ୍ୟାଣୀ ମଣ୍ଡପ ପଛପାର୍ଶ୍ୱ, ବିକ୍ରମ ନଗର, ଜୟପୁର, ବ୍ଲକ୍-ଜୟପୁର, ଥାନା: ଜୟପୁର, ଜିଲ୍ଲା: କୋରାପୁଟ, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସମ୍ପତ୍ତି ୮୯ର ଅବଶିଷ୍ଟ ଅଂଶ, ଦକ୍ଷିଣ: ୮ ଫୁଟ ସ୍କାବେଞ୍ଜି ଲେନ୍, ପଶ୍ଚିମ: ସମ୍ପତ୍ତି ନଂ.: ୮୮, ଉତ୍ତର: ୨୦ ଫୁଟ ମ୍ୟୁନିସିପାଲିଟୀ ରାସ୍ତା |

ସ୍ଥାନ: ରାୟଗଡ଼ା, ତାରିଖ: ୦୭.୦୮.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ମାହାଙ୍ଗା ଡାକ୍ତରଖାନାରେ ଜିଲ୍ଲାପାଳ

ମାହାଙ୍ଗା,(ସବ୍ୟୁ): ଆଜି ତା. ୭.୮.୨୦୨୫ ରିଖ ଗୁରୁବାର ଦିନ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିବା ସହ କାର୍ଯ୍ୟର ମନ୍ଥରତା ସଂପର୍କରେ କଟକ ଜିଲ୍ଲାପାଳ ପହଞ୍ଚି ସମୀକ୍ଷା କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣ କାର୍ଯ୍ୟ ୯୦ ଭାଗ ସଂପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ କାର୍ଯ୍ୟ ଶିଘ୍ର ସଂପୂର୍ଣ୍ଣ କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ସୂଚନା ଦେଇଥିଲେ । ଜିଲ୍ଲାପାଳଙ୍କ ତଦାରଖ ସମୟରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକ୍ଷକ ତନୁସ୍ମିତା ବିଶ୍ୱାଣୀ, ମାହାଙ୍ଗା ତହସିଲଦାର ସୁଭାଶିଷ ପାଲ୍‌ଟା, ପ୍ରମୋଦ କୁମାର ସ୍ୱାଇଁ, ଇଲେକ୍ଟ୍ରିକାଲ ଇଂଜିନିୟର, ସୁପରିଟେଣ୍ଡିଙ୍ଗ ଇଜିନିୟର, ଡିପିଏମ୍, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁଧାଂଶୁ ଶେଖର ଦାସ ଏବଂ ଠିକାଦାର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଯୁବକଙ୍କୁ ବାଲିଚନ୍ଦ୍ରପୁର ଥାନାରେ ଥାର୍ଡଡିଗ୍ରୀ ଘଟଣା
## ଥାନା ଅଧିକାରୀଙ୍କ ସହ ଆଉ ୭ଜଣ ପୋଲିସ ନାଁରେ ଏତଲା

ଚଣ୍ଡିଖୋଲ,(ସବ୍ୟୁ) ରାଜ୍ୟରେ ଏବେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଚର୍ଚ୍ଚା ଯୋର ଧରିଥିଲା ବେଳେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ଜଣେ ଯୁବକକୁ ଥାର୍ଡଡିଗ୍ରୀ ପ୍ରଦର୍ଶନ ସହିତ ଗରମ ଲୁହା ରଡରେ ଚେଙ୍କ ଦେବା ଓ ଶେଷରେ ବିଷ ପିଇବାକୁ ବାଧ କରାଯିବା ଘଟଣା ଏବେ ଆଲୋଡନ ସେଷ୍ଟି କରିଛି । ବିଷପାନ ପରେ ସଂପୃକ୍ତ ଯୁବକ ଗୁରୁତର ହେବାରୁ ତାକୁ କଟକ ବଡଡାକ୍ତର ଖାନାରେ ଭର୍ତ୍ତି କରାଯିବା କଥା ଜଣାପଡିବା ପରେ ଯାଜପୁର ଏସପି ଘଟଣାରେ ସଂପୃକ୍ତ ତିନିଜଣ ପୋଲିଙ୍କୁ ବୁଧବାର ରାତିରେ ନିଲମ୍ବନ କରିଛନ୍ତି । ତେବେ ଏହିଠାରେ ଉକ୍ତ ପ୍ରସଙ୍ଗ ଥମିବା ପରିବର୍ତ୍ତେ ଗୁରୁବାର ଦିନ ଆହୁରି ଅଧିକ ସଂଗିନ ହେବାରେ ଲାଗିଛ । ଗୁରୁବାର ଏହି ଘଟଣାକୁ ନେଇ ଥାର୍ଡ ଡିଗ୍ରୀର ସମ୍ମୁଖୀନ ହୋଇଥିବା ଯୁବକଙ୍କ ସ୍ତ୍ରୀ ବାଲିଚନ୍ଦ୍ରପୁର ଥାନା ଅଧିକାରୀଙ୍କ ସହ ଆଉ ୭ଜଣ ପୋଲିସଙ୍କ ନାମରେ ଏତଲା ଦାୟର କରି ଏହିମାନେ ତାଙ୍କ ସ୍ୱାମୀଙ୍କୁ ଥାନାଭିତରେ ଅକଥନୀୟ ଶାରିରୀକ ନିର୍ଯାତନା ଦେବାସହ ବିଷ ପିଆଇ ମାରିଦେବାକୁ ଯୋଜନା କରିଥିବା ଅଭିଯୋଗ କରିଛନ୍ତି । ଏହି ଏତଲା ଦାୟର ହେବାପରେ ଘଟଣାଟି ଆହୁରି ଅଧିକ ସଂଗିନ ହୋଇପଡିଛି । ତେବେ ଏସପିଙ୍କ ନିର୍ଦ୍ଦେଶରେ ବାଲିଚନ୍ଦ୍ରପୁର ଉକ୍ତ ଏତଲାକୁ ଗ୍ରହଣ କରିଥିବା ଜଣାପଡ଼ିଛି । ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମହିପୁର ଗ୍ରାମର ରବୀନ୍ଦ୍ର ମଲ୍ଲିକ ଏକ ଏତଲା ଦେବାକୁ ଥାନାକୁ ଆସିଥିଲେ । ତେବେ ତାଙ୍କ ଏତଲା ରଖିବା ପରିବର୍ତ୍ତେ ପୋଲିସ ତାଙ୍କୁ ଥାନାରେ ଅଟକ ରଖି ନିସ୍ଥୁକ ମାଡ ମାରିବା ସହ ତତଲା ଲୁହାରଡରେ ତାଙ୍କୁ ଉଲଗ୍ନକରି ଚେଙ୍କ ଦେଇ ଶେଷରେ ବିଷ ପିଇବାକୁ ଦେଇଥିଲା । ଉକ୍ତ ଯୁବକ ଅଚେତ ହୋଇପଡିବାରୁ ତାକୁ କଟକ ମେଡିକାଲରେ ଭର୍ତ୍ତି କରିଥିଲା । ଏହି ଘଟଣା ଜଣାଡିବା ପରେ ବୁଧବାର ଦିନ ଏସ ଆଇ ଚିନ୍ମୟ ପୃଷ୍ଟି ,ଏ ତାରିଖ ରାତିରେ ଡି ସି ଓ ଦାୟିରେ ଥିବା ଦୁର୍ଗେଶ ନନ୍ଦିନୀ ଦେ ଓ କନେଷ୍ଟବଳ ଦେବେନ୍ଦ୍ର ବାନରାଙ୍କୁ ନିଲମ୍ବିତ କରିଥିଲେ । ଏହି ଘଟଣା ଚର୍ଚ୍ଚା ଓ ଆଲୋଚନାର ବିଷୟ ବସ୍ତୁ ପାଲଟି ଥିଲା ବେଳେ ଗୁରୁବାର ଯୁବକଙ୍କ ସ୍ତ୍ରୀ ଏତଲା ଦେବାପରେ ପୁଣି ଏହି ଘଟଣାକୁ ନେଇ ଅଧିକ ଚର୍ଚ୍ଚା ହେଉଛି । ରବୀନ୍ଦ୍ରଙ୍କ ପତ୍ନୀ ଭାନୁ ମଲ୍ଲିକ ବାଲିଚନ୍ଦ୍ରପୁର ଥାନାକୁ ଆସି ଥାନା ଅଧିକାରୀ ସମରଜିତ ନାୟକ ଓ ଏସ ଆଇ ହରିଶ ସିଂହଙ୍କ ସମେତ ୭ ଜଣ ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗ କରି ସେମାନଙ୍କୁ ତୁରନ୍ତ ନିଲମ୍ବିତ ଓ ଗିରଫ କରାଯିବା ପାଇଁ ଦାବି କରିଛନ୍ତ । ଏହି ଘଟଣାର ଉପଯୁକ୍ତ ତଦନ୍ତ ହେବ ଓ ଦୋଷୀଙ୍କ ବିରୁଦ୍ଧରେ ସଠିକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଯାଜପୁର ଏସପି ଯଶପ୍ରତାପ ଶ୍ରୀମଲ କହିଛନ୍ତି ।

## ଟାଟା ଷ୍ଟିଲ ଓ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ବ୍ୟାସନଗର,(ଜିପ୍ର):ଟାଟା ଷ୍ଟିଲ ଓ କଳିଙ୍ଗନଗର ପୁଲିସ ମିଳିତ ସହଯୋଗରେ ବର୍ଷା ଋତୁ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଅନୁଷ୍ଠିତ ହୋଇଛି ।ଅଭିଯାନକୁ ଅତିରିକ୍ତ ପୁଲିସ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଓ ଇନ୍ସପେକ୍ଟର ଇନ୍-ଚାର୍ଜ ପ୍ରକାଶ କୁମାର ସାହୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ଓ ଟାଟା ଷ୍ଟିଲ ମେରାମଣ୍ଡଳୀର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଅତ୍ୟଧିକ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା କଷ୍ଟକର ସଡ଼କ ପରିସ୍ଥିତି ଜନିତ ବିପଦକୁ ହ୍ରାସ କରିବା। ଏହି ଅଭିଯାନରେ ମୋନସୁନ ସମୟରେ



ସଡ଼କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରାଯାଇଛି। ଏହି ଅବସରରେ ଚାଳକମାନଙ୍କୁ ସିଟ୍ ବେଲ୍ଟ ପିନ୍ଧିବାର ଗୁରୁତ୍ୱ ବିଷୟରେ ସଚେତନ କରାଯିବା ସହିତ, ବାଇକ ଚାଳକ ଏବଂ ପିଲିଅନ୍ ଆରୋହୀଙ୍କୁ ସର୍ବଦା ହେଲମେଟ୍ ପିନ୍ଧିବା ପାଇଁ ଉତ୍ସାହିତ କରାଯାଇଥିଲା। ଏଥି ସହ ମୋନସୁନ ସମୟରେ ଗ୍ରହଣୀୟ ମୁଖ୍ୟ ସତର୍କତା ସମ୍ବନ୍ଧୀୟ ସୁରକ୍ଷା ପତ୍ରିକା ମଧ୍ୟ ବିତରଣ କରାଯାଇଥିଲା। ଅଭିଯାନ ମାଧ୍ୟମରେ ରୋଗ ପ୍ରତିରୋଧର ଉପାୟ ଓ ରୋଗ ଚିହ୍ନଟ ପାଇଁ ପ୍ରାରମ୍ଭିକ ଲକ୍ଷଣ ବିଷୟରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା ।

## ୧୧ ଦିନ ପରେ ମୃତଦେହ ମିଳିଲା

ରାଜନଗର,(ସବ୍ୟୁ): ଚଳିତ ବର୍ଷ ଜୁଲାଇ ୨୮ ତାରିଖ ରାତିରୁ ନଦୀକୁ ଡେଇଁ ନିଖୋଜ ଯୁବକ ର ୧୧ଦିନ ପରେ ମୃତଦେହ ମିଳିଛି । ଭିତରକନିକା ଜାତୀୟ ଉଦ୍ୟାନର କାଳିଭଞ୍ଜ ଡିଆ ଦୀପରେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି । ମୃତଦେହ ମିଳିବା ପରେ ଏହାକୁ ଉଦ୍ଧାର କରି କୁଳକୁ ଆଣିବା ପ୍ରକ୍ରିୟା ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଆରମ୍ଭ ହୋଇଛି । ମୃତଦେହ ଗୁରୁବାର ଉଦ୍ଧାର କରାଯିବ ଓ ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

ସୂଚନା ଯୋଗ୍ୟ ନଳିତାପାଟିଆ ଗାଁର ବନମାଳି ନାୟକଙ୍କ ପୁଅ ଚୈତନ୍ୟ ନାୟକ (୩୨ ବର୍ଷ ) ରାଜ୍ୟ ବାହାରେ ଦାଦନ ଖଟନ୍ତି । ମାସେ ତଳେ ତାଙ୍କ ପରିବାରର ସ୍ୱାମୀ ସ୍ତ୍ରୀ ବନ୍ଦ ଘର ଭିତରେ ଆତ୍ମହତ୍ୟା କରିଥିବାରୁ ଶୁଦ୍ଧି ହେବା ପାଇଁ ଗାଁକୁ ଆସିଥିଲେ । ଗତମାସ ୨୮ ତାରିଖ ରାତି ପ୍ରାୟ ୯ ଘଟିକା ସମୟରେ ଗାଁ ନିକଟରେ ବହି ଯାଇଥିବା ବୈତରଣୀ ନଦୀ ନିକଟକୁ ଚାଲି ଚାଲି ଆସିଥିଲେ । ନଳିତାପାଟିଆ ଘାଟ ନିକଟରେ ଗାଁର ଅନ୍ୟମାନେ ୭ /୮ ଜଣ ବସିଥିଲେ । ଅନ୍ୟମାନଙ୍କ ଆଗରେ ହଟାତ ନଦୀ ମଧ୍ୟକୁ ଡେଇଁ ପଡ଼ିଥିଲେ ।

## ଝିଅର ଚିକିତ୍ସା ସାରି ଫେରୁଥିବା ବେଳେ ମା' ଅଧା ବାଟରୁ ନିଖୋଜ

ଚଣ୍ଡିଖୋଲ,(ସବ୍ୟୁ) ଝିଅର ଦେହ ଅସୁସ୍ଥ ଥିଲା । କଟକ ବଡ଼ ଡ଼ାକ୍ତରଖାନାରୁ ତାର ଚିକିତ୍ସା ଶାରି ବଡଚଣା ବ୍ଲକର ଚଣ୍ଡିତଳ ସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ମା କଟକରୁ କିଛିବାଟ ଆସିବା ପରେ ବାଟରୁ ନିଖୋଜ ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ମୁତାବକ ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ଗ୍ରାମ ଶବର ସାହିର ଗନ୍ଧର୍ବ ସାମଲଙ୍କର ସାନ ଝିଅ ଦେହ ଅସୁସ୍ଥ ହେବାରୁ ଗନ୍ଧର୍ବ ଓ ତାଙ୍କ ପତ୍ନୀ କୌଶଲ୍ୟା (୪୦) ଝିଅର ଚିକିତ୍ସା ପାଇଁ ପ୍ରଥମେ ବଡ଼ଚଣା ଓ ପରେ କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ନେଇଯାଇଥିଲେ । ତେବେ ଝିଅ ସୁସ୍ଥ ହେବା ପରେ ସେମାନେ ଗତ ୫ ତାରିଖ ଦିନ ଘରକୁ ଫେରୁଥିବା ବେଳେ କଟକ ମେଡିକାଲରୁ କିଛିବାଟ ଆସିବା ପରେ କୌଶଲ୍ୟା କେଉଁଆଡେ ନିଖୋଜ ହୋଇ ଯାଇଥିଲେ । ପତ୍ନୀଙ୍କୁ ନପାଇ ଗନ୍ଧର୍ବ ଛୋଟ ଝିଅକୁ କାଖେଇ ଅତି ଦୟନୀୟ ଅବସ୍ଥାରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନଥିଲେ । ଶେଷରେ ସେ ବାଧ ହୋଇ ଝିଅକୁ ଧରି ଘରକୁ ଫେରି ଆସିଥିଲେ । ସୂଚନା ଯୋଗ୍ୟଯେ,ଗନ୍ଧର୍ବ ଜଣେ ଅତି ଗରିବ ଓ ଭୂମିହୀନ ମଣିଷ ! ଏକ ସରକାରୀ ଜମିରେ ଛିଣ୍ଡା ଦଦରା ପାଲ ଘେରାଉ କରି ସେ ପତ୍ନୀ ଓ ତିନି ଝିଅ ସହିତ ରହି ଆସୁଛନ୍ତି । ଶାରୀରିକ ଭାବେ ଅସୁସ୍ଥ ଥିବା ଗନ୍ଧର୍ବ ଏଠୁ ସେଠୁ ମାଗି ଯାଚି ଅତି କଷ୍ଟରେ ପରିବାର ଚଳାଇ ଆସୁଥିଲା ବେଳେ ଏପରି ଅବସ୍ଥାରେ ତାଙ୍କ ପତ୍ନୀ ନିଖୋଜ ହୋଇଯିବା ଘଟଣା ତାଙ୍କୁ ମର୍ମାହତ କରିଛି । ସେ ହତୋତ୍ସାହିତ ହୋଇ ନିଜ ଭଙ୍ଗା ଦଦରା ଘରେ ପଡି ରହି ପତ୍ନୀ ଫେରିବା ବାଟକୁ ଚାହିଁ ବସିଛନ୍ତି! ତେବେ ତାଙ୍କ ପତ୍ନୀ କୌସଲ୍ୟା କେଉଁ ଅବସ୍ଥାରେ ଓ କାହିଁକି ନିଖୋଜ ହୋଇଗଲେ ତାହା ସେ ଜାଣି ପାରୁ ନାହାଁନ୍ତି ବୋଲି ଗର୍ନ୍ଧର୍ବ କହିଛନ୍ତି ।

## ଆପଣଙ୍କ ଯାତ୍ରାରେ କ୍ରେଡିଟ୍ କାର୍ଡ

**ବ୍ୟ**ବସାୟ ହେଉ କିମ୍ବା ଚିତ୍ତବିନୋଦନ, ଭ୍ରମଣ ଆବଶ୍ୟକ ଏବଂ ତାହା ମହଙ୍ଗା ମଧ୍ୟ। ମାତ୍ର ସଠିକ୍‌କ୍ରେଡିଟ୍ କାର୍ଡ ରଣନୀତି ଜରିଆରେ ଭ୍ରମଣମକାରୀମାନେ ସଞ୍ଚୟ ଏବଂ ସ୍ୱତନ୍ତ୍ର ଅନୁଭୂତିର ଏକ ଦୁନିଆ ଉଜାଗର

କରିପାରିବେ। ଭ୍ରମଣକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା କ୍ରେଡିଟ୍ କାର୍ଡଗୁଡିକ ରିୱାର୍ଡ, ଆରାମ ଏବଂ ଆଜିର ବିଶ୍ୱଭ୍ରମଣକାରୀଙ୍କ ସୁରକ୍ଷାର ମିଶ୍ରଣ ପ୍ରଦାନ କରୁଛନ୍ତି।ଯାତ୍ରା ସମୟରେ ଆୟ କରନ୍ତୁ: ଅଧିକ ରିୱାର୍ଡ ପାଆନ୍ତୁ । ଯାତ୍ରା-ଅନୁକୂଳ କ୍ରେଡିଟ କାର୍ଡଗୁଡିକ ଉପଭୋକ୍ତାଙ୍କୁ ପ୍ରତ୍ୟେକ କାରବାରରେ ପଏଣ୍ଟ ବା ମାଇଲ୍ ଅର୍ଜନ କରିବାରସୁଯୋଗ ଦେଇଥାନ୍ତି ଯାହା କିରାନା ଜିନିଷ କିମ୍ବା ଯାତ୍ରା ସମ୍ପର୍କିତ ଖର୍ଚ୍ଚ ହୋଇପାରେ। ଏହା ବ୍ୟତୀତ ଏହି ପଏଣ୍ଟଗୁଡିକୁ ବିମାନ ଯାତ୍ରା କିମ୍ବା ହୋଟେଲ ମାଇଲ୍ ପାଇଁ ବଦଳାଇବା ମୂଲ୍ୟ ଆହୁରି ବଢିଯାଇଥାଏ। ଉଡାଣ ପୂର୍ବରୁ ଆରାମ କରନ୍ତୁ: ଲାଉଞ୍ଜ ପ୍ରବେଶ ବିମାନବନ୍ଦର ଲାଉଞ୍ଜଗୁଡିକ ଟର୍ମିନାଲର ବ୍ୟସ୍ତତାଠାରୁ ଏକ ଶାନ୍ତିପୂର୍ଣ୍ଣ ସ୍ଥାନ ପ୍ରଦାନ କରିଥାଏ। କେତେକ କାର୍ଡ ଘରୋଇ ଏବଂ ଅନ୍ତର୍ଜାତୀୟ ଲାଉଞ୍ଜଗୁଡିକୁ ମାଗଣାରେ ପ୍ରବେଶ ସୁବିଧା ପ୍ରଦାନ କରୁଛନ୍ତି।ବିଶ୍ୱବ୍ୟାପୀ ଖର୍ଚ୍ଚ କରନ୍ତୁ, ସ୍ଥାନୀୟ ଭାବରେ ସଂଚୟ କରନ୍ତୁ: ବିଦେଶୀ କାରବାର ସୁବିଧା:ଏୟାରପୋର୍ଟ କରେନ୍ସି ଏକ୍ସଚେଞ୍ଜ ବା ସ୍ଥାନୀୟ ମୁଦ୍ରା ବଦଳ ତୁଳନାରେ କ୍ରେଡିଟ କାର୍ଡଗୁଡିକ ସାଧାରଣତଃ ଉତ୍ତମ ଏକ୍ସଚେଞ୍ଜ ରେଟ ପ୍ରଦାନ କରଥାଏ। ବିଦେଶରେ କିଣାକିଣି କରିବା ସମୟରେ ଆପଣଙ୍କୁ ସ୍ଥାନୀୟ ମୁଦ୍ରା ବା ଆପଣଙ୍କଘରୋଇ ମୁଦ୍ରାରେ ଦେୟ ଦେବାର ବିକଳ୍ପ ଦିଆଯାଇଥାଏ। ଚିନ୍ତାଜନକ ଏକ୍ସଚେଞ୍ଜ ରେଟ୍ ଥିବା ଡାଇନାମିକ୍ କରେନ୍ସିବଦଳ ଫିସ୍ ଏଡ଼ାଇବା ପାଇଁ ସର୍ବଦା ସ୍ଥାନୀୟ ମୁଦ୍ରା ବିକଳ୍ପ ବାଛନ୍ତୁ। କେତେକ ଯାତ୍ରା କୈନ୍ଦ୍ରୀକ କାର୍ଡଗୁଡିକ ଫୋରେକ୍ସ ମାର୍କଅପ୍ ରିହାତି ମଧ୍ୟ ପ୍ରଦାନ କରୁଛନ୍ତି।ଆତ୍ମବିଶ୍ୱାସ ସହିତ ଯାତ୍ରା କରନ୍ତୁ: ବିଲ୍ଟ-ଇନ୍ ସୁରକ୍ଷା:ଯାତ୍ରାରେ କିଛି ଅନିଶ୍ଚିତତା ରହିଥାଏ ଏବଂ ଅପ୍ରତ୍ୟାଶିତ ଯାତ୍ରା ପ୍ରତିବନ୍ଧକ ଖର୍ଚ୍ଚ ବହୁଳ ହୋଇପାରେ। କେତେକ ପ୍ରିମିୟମ୍ କାର୍ଡଗୁଡିକ ନିମ୍ନଲିଖିତ ବୀମା ଏବଂ ସୁରକ୍ଷା ସୁବିଧା ପ୍ରଦାନ କରନ୍ତି: ଟ୍ରିପ୍ ବାତିଲ୍ ଏବଂ ବିଳମ୍ବ ସୁରକ୍ଷା ହଜିଯାଇଥିବା ବ୍ୟାଗେଜ୍ ସୁରକ୍ଷା ବିଦେଶରେ ଜରୁରୀ ଚିକିତ୍ସା ସୁରକ୍ଷା କାର୍ ଭାଡା ବୀମାଏହି ସୁବିଧାଗୁଡିକ ଯାତ୍ରା ସମୟରେ ମାନସିକ ଶାନ୍ତି ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ଭିନ୍ନତା ପ୍ରଦାନ କରୁଥିବା ସୁବିଧା: ସ୍ୱତନ୍ତ୍ର ସୁବିଧା:ପୁରସ୍କାର ଏବଂ ସୁରକ୍ଷା ବ୍ୟତୀତ ଅନେକ ଯାତ୍ରା କ୍ରେଡିଟ କାର୍ଡ ଜୀବନଶୈଳୀ ଏବଂ ଯାତ୍ରା ସୁବିଧା ପ୍ରଦାନ କରିଥାଏ ଯାହା ଯାତ୍ରାକୁ ଅଧିକ ସୁଖଦ କରିଥାଏ: ଖାଦ୍ୟ ରିହାତି ମନୋନୀତ ଏୟାରଲାଇନ୍‌ରେ ମାଗଣା ଚେକ୍‌ଡ ବ୍ୟାଗେଜ୍ ଏବଂ ପ୍ରାଥମିକତା ବୋର୍ଡିଂ ବାର୍ଷିକ ଯାତ୍ରା କ୍ରେଡିଟ୍ ଏବଂ କନସିଏର୍ଜ ସେବା ହୋଟେଲ୍ ଲୟାଲଟି ସୁବିଧା ଯେପରିକି ରୁମ୍ ଅପଗ୍ରେଡ, ଲେଟ୍ ଚେକ୍-ଆଉଟ୍ ଏବଂ ମାଗଣା ଜଳଖିଆସ୍ମାର୍ଟ ବ୍ୟବହାର ସର୍ବାଧିକ ମୂଲ୍ୟ: ଆପଣଙ୍କ କ୍ରେଡିଟ କାର୍ଡର ଯାତ୍ରା ସୁବିଧାଗୁଡିକୁ ସଠିକ୍ ଭାବରେ ବ୍ୟବହାର କରିବା ପାଇଁ ସ୍ମାର୍ଟ ବ୍ୟବହାର ଅଭ୍ୟାସଗଢନ୍ତୁ। ସର୍ବାଧିକ ରିୱାର୍ଡ ଅର୍ଜନ କରିବା ପାଇଁ ସର୍ବଦା ଫ୍ଲାଇଟ୍ ଏବଂ ହୋଟେଲ୍ ବୁକିଂ ପାଇଁ ଆପଣଙ୍କର ଯାତ୍ରା କାର୍ଡବ୍ୟବହାର କରନ୍ତୁ ଏବଂ ଯଦି ଆପଣଙ୍କ କାର୍ଡ ଏଥିପାଇଁ ବୋନସ୍ ପଏଣ୍ଟ ପ୍ରଦାନ କରେ ତେବେ ଅଧିକୃତଉପଭୋକ୍ତାଙ୍କୁ ଯୋଡନ୍ତୁ। ବିଶେଷ ପ୍ରମୋସନ୍ ପ୍ରତି ଧ୍ୟାନ ଦିଅନ୍ତୁ ଯେଉଁଠାରେ ଆପଣ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କଠାରୁ ବା ନିର୍ଦ୍ଦିଷ୍ଟ ସମୟରେ ଅତିରିକ୍ତ ପଏଣ୍ଟ ଅର୍ଜନ କରିପାରିବେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ପ୍ରତ୍ୟେକ ମାସରେ ସମ୍ପୂର୍ଣ୍ଣ ବାଲାନ୍ସ ପେମେଣ୍ଟ୍ କରନ୍ତୁ। ନଚେତ୍, ବକେୟା ରାଶି ପାଇଁ ସୁଧଖର୍ଚ୍ଚ ଆପଣ ଅର୍ଜନ କରିଥିବା ଯେକୌଣସି ଯାତ୍ରା ସୁବିଧାକୁ ଶୀଘ୍ର ସମାପ୍ତ କରିଦେବ। ବିଚକ୍ଷଣ ବ୍ୟବହାର ସହିତଆପଣଙ୍କ କ୍ରେଡିଟ କାର୍ଡ ଏକ ପେମେଂଟ୍ ଟୁଲ୍ ଠାରୁ ଅଧିକ ହୋଇପାରେ । ଏହା ଏକ ଶକ୍ତିଶାଳୀ ସାଧନହୋଇପାରେ ଯାହା ପ୍ରତ୍ୟେକ ଯାତ୍ରାକୁ ଅଧିକ ଆନନ୍ଦଦାୟକ ଏବଂ ସହଜ କରିବାଏହି ସୁବିଧାଗୁଡିକୁ ବୁଝିବା ଏବଂ ଗୁରୁତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରିବା ଦ୍ୱାରା ଆପଣ ଆପଣଙ୍କ କ୍ରେଡିଟ କାର୍ଡକୁଏକ ସରଳ ଆର୍ଥିକ ସାଧନରୁ ଏକ ମୂଲ୍ୟବାନ ଯାତ୍ରା ସାଥୀରେ ପରିଣତ କରିପାରିବେ ଯାହା ଆପଣଙ୍କୁ ଟଙ୍କା ସଂଚୟକରିବାରେ ସାହାଯ୍ୟ କରିବ ଏବଂ ଆପଣଙ୍କର ଯାତ୍ରାଗୁଡିକୁ ଅଧିକ ସୁଖଦ କରିବ। ମୁଖ୍ୟ କଥା ହେଉଛି ଆପଣଙ୍କରଯାତ୍ରା ପାଇଁ ସଠିକ୍ କାର୍ଡ ବାଛିବା ଏବଂ ଆପଣଙ୍କର ଯାତ୍ରା ସମୟ ଏହାର ବିଶେଷତାଗୁଡିକୁ ବୁଦ୍ଧିମତାର ସହିତ ବ୍ୟବହାର କରିବା ଦରକାର ।

**ଆର୍ଣ୍ଣିକା ଦୀକ୍ଷିତ**
**ଆକ୍ସିସ ବ୍ୟାଙ୍କ**

## ୨୫ ବର୍ଷର କାମକୁ ୨୫ ମିନିଟରେ କଲେ ଜିଲ୍ଲାପାଳ

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡା ରେ ନୂତନଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ରଘୁରାମ ଆର ଆୟାର ଜିଲ୍ଲାର ବିଭିନ୍ନ କାର୍ଯ୍ୟକୁ ଗୁରୁତର ସହ ଦେଖୁଥିବା ବେଳେ ଜଣେ ଜନ୍ମରୁ ଭିନ୍ନକ୍ଷମ ଥିବା ବ୍ୟକ୍ତିଙ୍କର ଦୀର୍ଘ ୨୫ ବର୍ଷ ହେଲା ରାସନ କାର୍ଡ ହୋଇ ପାରୁନଥିବା ଦୁଃଖ ପ୍ରକାଶ କରି ୨୫ ମିନିଟ୍‌ରେ କାର୍ଯ୍ୟ କରିଥିଲେ । ଘଟଣାରୁ ପ୍ରକାଶ ଯେ, କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତ (ଦୁତିଆଳ) ପୁରୁଷୋତମପୁର ଗ୍ରାମର ପ୍ରସନ୍ନ କୁମାର କରଙ୍କ ପୁଅ ରାଜ କୀଶୋରଙ୍କ ଜନ୍ମରୁ ସଂପୂର୍ଣ୍ଣ ଭିନ୍ନକ୍ଷମ । ତାଙ୍କର ହାତ ଗୋଡ ଏବଂ ଆଖି କାମ କରୁ ନଥିବାରୁ ସେ ଆଧାର କାର୍ଡ କିମ୍ବା ଭୋଟର କାର୍ଡ ମ ନଥିବରୁ ତାଙ୍କର ରସନ କାର୍ଡ ହୋଇ ପାରୁନଥିବାରୁ ସେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଜନ ଅଭିଯୋଗ ଶୁଣାଣୀ ରେ ଗୁହାରୀ କରୁଥିବା ବେଳେ ଜିଲ୍ଲାପାଳ ରଘୁରାମ ଆର ଆୟାର ଉଠି ଆସି ତାଙ୍କୁ ତୁରନ୍ତ ରାସାନ କାର୍ଡ ପ୍ରଦାନ କରିବା ପାଇଁ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ (ସେଏସଓ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଭିନ୍ନକ୍ଷମଙ୍କର ବାଇପାସ କରାଇ ରାସନ କାର୍ଡ କରି ତାଙ୍କୁ ପ୍ରଦାନ କରା ଯାଇଥିବାରୁ ତାଙ୍କ ପରିବାର ଓ ତାଙ୍କ ଗ୍ରାମରେ ଜିଲ୍ଲାପାଳଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଲୋକଙ୍କ ବିରୋଧ : ଅଟକିଲା ଜବରଦଖଲ ଉଚ୍ଛେଦ

ମହାକାଳପଡ଼ା,(ସବ୍ୟୁ): ମହାକାଳପଡ଼ା ତହସିଲ ଅଧୀନ ପେଟଛେଲା ଓ ରାମଚଣ୍ଡୀ ରାଜସ୍ୱ ସର୍କଲ ରେ ଶହ ଶହ ଏକର ସରକାରୀ ଜମି ଜବରଦଖଲରେ ରହିଛି । କିନ୍ତୁ ବାରଡାଙ୍ଗ ରାଜସ୍ୱ ସର୍କଲ ଅଧୀନ ନନ୍ତାର ମୌଜା ର ଭୂମିହୀନ ମଥୁରୀ ମଳିକଙ୍କ ପରିବାର ରାସ୍ତା କଡ଼ରେ ବସବାସ କରୁଥିବା ବେଳେ ତହସିଲ କର୍ତ୍ତୃପକ୍ଷଙ୍କ ଉଚ୍ଛେଦ ପ୍ରୟାସ କୁ ନେଇ ଚର୍ଚ୍ଚା ହେଉଛି । ଜାଗା ଜମି ଅଭାବରୁ ସମ୍ପୃକ୍ତ ପରିବାର ତହସିଲ କର୍ତ୍ତୃପକ୍ଷଙ୍କୁ ବସୁନ୍ଧରା ଯୋଜନାରେ ଆବେଦନ କରିବାକୁ ଯାଇ ହତାଶ ହେବା ପରେ ରାସ୍ତା କଡ଼ ଭୁଇଁ ପଲ୍ଲା ରେ ଜୀବନ ବିତାଉଛନ୍ତି । ସମ୍ପୃକ୍ତ ମୌଜା ର ଖାତା ନଂ -୪୦୧ ପ୍ଲଟ ନଂ -୯୭୨ ଏ ୪୦. ୧୩୦ର ଏ ୦. ୦୪୦ଉପରେ ବସବାସ କରୁଛନ୍ତି ୯ ରାଜସ୍ୱ କର୍ତ୍ତୃପକ୍ଷ ଭୂମିହୀନ ପରିବାର କୁ ବସୁନ୍ଧରା ଯୋଜନା ରେ ବସବାସ ପାଇଁ ଜାଗା ଜମି ଯୋଗାଇ ଦେବାର ଉତ୍ତମ ବ୍ୟବସ୍ଥା ନକରାଇ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରି କରିଥିଲେ । ତଦନୁଯାୟୀ ଗୁରୁବାର ମହାକାଳପଡ଼ା ତହସିଲ କର୍ତ୍ତୃପକ୍ଷ ପୋଲିସ ପ୍ରଶାସନ ସହିତ ଜବର ଦଖଲ ଉଚ୍ଛେଦ ପାଇଁ ମଥୁରିଙ୍କ ଭୁଇଁ ପଲ୍ଲା ନିକଟରେ ପହଂଚିଥିଲେ । ମାତ୍ର ସ୍ଥାନୀୟ ଲୋକେ ଭୂମିହୀନ ପରିବାର ବସବାସ ପାଇଁ ଜାଗା ଜମି ର ବ୍ୟବସ୍ଥା ନ କରାଇ ଭୂମିହୀନ ପରିବାରକୁ ବାସଚ୍ୟୁତ କରାଇବା ଅସଂଗତ ବୋଲି କହିବା ସହିତ ଉଚ୍ଛେଦ କୁ ବିରୋଧ କରିଥିଲେ । ଏଣୁ ମଥୁରୀଙ୍କ ପଲ୍ଲା ନିକଟ କୁ ସଦଳବଳେ ଯାଇଥିବା ପ୍ରଶାସନ ଜବରଦଖଲ ଉଚ୍ଛେଦ ରୁ ନିବୃତ୍ତ ରହିଥିବାର ଜଣାପଡିଛି ।

## ଆଇଶୃଙ୍ଖଳା ବିପର୍ଯ୍ୟସ୍ତ: କ୍ରସର କର୍ମଚାରୀ ଅର୍ଜିତଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବି

ଧର୍ମଶାଳା,(ସବ୍ୟୁ): ଧର୍ମଶାଳାରେ ଆଇଶୃଙ୍ଖଳା ବିପର୍ଯ୍ୟସ୍ତ ଓ କ୍ରସର କର୍ମଚାରୀ ଅର୍ଜିତ ଜେନାଙ୍କ ହତ୍ୟାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରୁନଥିବାରୁ ଆଜି ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି, ଜାରକାରେ ରହୁଥିବା ଅମୂଲ୍ୟ ଜେନାଙ୍କ ପୁଅ ଅର୍ଜିତ ଜେନା କ୍ରସରରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । କିଛି ଟଙ୍କା ହେରଫେର ହୋଇଥିବା ଅଭିଯୋଗ ଆଣି ଅର୍ଜିତକୁ ଏକ କୋଠରୀରେ ଅଟକ ରଖି ୪ଜଣ ମାଡ଼ ମାରିଥିଲେ । ଫଳରେ ଅର୍ଜିତ ଗୁରୁତ୍ୱର ହୋଇପଡ଼ିଥିଲେ । ତାଙ୍କୁ ପରିବାର ଲୋକେ ଉଦ୍ଧାର କରି କଟକ ମେଡିକାଲରେ ଚିକିତ୍ସା କରାଇ ଥିଲେ । ଚିକିତ୍ସା ଚାଲିଥିବା ବେଳେ ମେ ୧ତାରିଖରେ ତାଙ୍କର ମୃତ୍ୟୁ ହେଇଥିଲା । ଏହି ହତ୍ୟା ଘଟଣାରେ ସଂପୃକ୍ତ ୪ ଜଣଙ୍କ ମଧ୍ୟରୁ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଜ୍ଞାନ ରଂଜନ ମହାପାତ୍ରଙ୍କୁ ପୁଲିସ ଅଦ୍ୟାବଧି ଗିରଫ କରୁନାହିଁ । ଅର୍ଜିତ ପରିବାର ଗୋଟେ ପୁଅକୁ ହରାଇ ଦୁଃଖରେ ଦିନ କାଟୁଥିବା ବେଳେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ ନକରି ହାତବାନ୍ଧି ବସିରହିଛି । ପୁଲିସର ନିଷ୍କ୍ରିୟତାକୁ ବିରୋଧ କରି ଆଜି ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟ ଅଭିଯୁକ୍ତକୁ ୭ଦିନ ମଧ୍ୟରେ ଗିରଫ କରିବାକୁ ଦାବି କରିଛି । ନଚେତ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ସେହିପରି ଧର୍ମଶାଳାରେ ଆଇଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଅଭିଯୋଗ କରିଛି କଂଗ୍ରେସ । ଏଥିରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା,ପ୍ରଫୁଲ୍ଲ କୁମାର ରାୟ, ପୂର୍ଣ୍ଣଚନ୍ଦ୍ର ତରେଇ ,ଲକ୍ଷ୍ମୀଧର ନାୟକ, ନରୋତ୍ତମ ନାୟକ ,ନକୁଳ ଜେନା,ଯୁବନେତା ସଂଜୟ କୁମାର ରାଉତ, ଦୀପକ ବାଳ, ମିହିର ଖୁଣ୍ଟିଆ, ଉଗ୍ରସେନ ମହାନ୍ତି, ଗଗନ ବିହାରୀ ରାଉତ, ମକରଧ୍ୱଜ ରାଉତ, କେଶବ ଚନ୍ଦ୍ର ମଲିକ, ପ୍ରମୋଦ କୁମାର ମହାନ୍ତି, ଉମାକାନ୍ତ ସାମଲ, ସୁଦାମ ରାଉତ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ଏସ ଏନ କଲେଜ ପ୍ରାଣୀ ବିଭାଗରେ ସ୍ୱାଗତ ଉତ୍ସବ

ରାଜକନିକା,(ସବ୍ୟୁ): ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପ୍ରାଣୀ ବିଭାଗ ପକ୍ଷରୁ ଯୁକ୍ତ ୩ ର ନବଗତ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଭାଗୀୟ ମୁଖ୍ୟ ଡ. ମିଥିଳା ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସ୍ୱାଗତଉତ୍ସବ ରେ ମହାବିଦ୍ୟାଳୟ ର ଅଧକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡା, ଡ. ଫକୀର ଚନ୍ଦ୍ର ପ୍ରଧାନ, ଡ. ସଂଜୀବ କୁମାର ଦାଶ,ଡ.ମିର୍ଜା ଇବ୍ରାହିମ ବେଗ,ଡ.ଅଜୟ କୁମାର କୁଣ୍ଡ,ପ୍ରଫେସର ବିଶ୍ୱ ରଞ୍ଜନ ଦାସ,ପ୍ରଫେସର ପ୍ରଯୁକ୍ତା ପ୍ରିୟଦର୍ଶିନୀ,ଅଧାପିକା ଶତାବ୍ଦୀ ଭାରତୀ ପ୍ରିୟଦର୍ଶିନୀ, ପୁଷ୍ପା ଦାସ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଆଗକୁ ବଢିବା ଏବଂ ନିଜର ଲକ୍ଷ୍ୟ ପୂରଣ ପାଇଁ ମାର୍ଗ ଦର୍ଶନ ଦେଇଥିଲେ । ଏହି ଅବସରରେ ବିଭାଗ ତରଫରୁ ଅଧକ୍ଷ ପ୍ରଫେସର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟ ଅଧାପକ ଅଧାପିକାମାନଙ୍କ ମଧ୍ୟରେ ଡ. ପ୍ରକାଶ ସାମଲ, କାଳନ୍ଦୀ ମଲ୍ଲିକ,ଜ୍ୟୋତି ପୁଷ୍ପା ବେହେରା, ଗୋଲଖ ଚନ୍ଦ୍ର ଧଳ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଅଧାପିକା ଶତାବ୍ଦୀ ଭାରତୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଦୀପ ଦାଶ, ସୁରେଶ ବିଶ୍ୱାଳଙ୍କ ସମେତ ବିଭାଗର ସମସ୍ତ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ,

## ପଞ୍ଚାମୁଣ୍ଡାଇରେ ଛାତ୍ରୀ ଆତ୍ମଦାହ ଘଟଣା: ଅନୁଧ୍ୟାନ କଲା ପିସିସି ଟିମ୍

କେନ୍ଦ୍ରାପଡ଼ା,(ସବ୍ୟୁ): ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବା କେନ୍ଦ୍ରାପଡ଼ା ଜିଲ୍ଲା ପଞ୍ଚାମୁଣ୍ଡାଇ ବ୍ଲକ ବଡ଼ପଡା ପଂଚାୟତ କାଠିଆପଡା ଗ୍ରାମରେ ପହଂଚି ନିଆଁରେ ପୋଡି ମୃତ୍ୟୁବରଣ କରିଥିବା ଛାତ୍ରୀ ପି ଡି ସଂଗୀତାଙ୍କ ପରିବାରକୁ ଭେଟି ଏହି ସମବେଦନଶୀଳ ମାମଲାର ଅନୁଧ୍ୟାନ କରିଛି ପିସିସି ଟିମ୍ । ପି ସି ସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ପି ସି ସି ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳ ସଦସ୍ୟା ପି ସି ସି ମୁଖପାତ୍ର ସୋନାଲି ସାହୁ, ମନୀଷା ଦାଶ ପଟନାୟକ, ଓ ଜୟଶ୍ରୀ ପାତ୍ର, ମଧୁସ୍ମିତା ଆଚାର୍ଯ୍ୟ, ଅମ୍ରିତା ଦାସ ପ୍ରମୁଖ ପି ସି ସି କୋଷାଧକ୍ଷ ତଥା କେନ୍ଦ୍ରାପଡ଼ା ଲୋକ ସଭା କଂଗ୍ରେସ ପ୍ରାର୍ଥୀ ଇଂ ସିଦ୍ଧାର୍ଥ ଦାସ, ବିଧାନସଭା ପ୍ରାର୍ଥୀ ପୂର୍ବତନ ବିଧାୟିକା ଡ଼ ସିପ୍ରା ମଲିକ, ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାଶ, ରାଜନଗର ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବନେତା ପ୍ରଶାନ୍ତ ରାଉତ ପୂର୍ବତନ ଜିଲ୍ଲା ଯୁବକଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ,ବରିଷ୍ଠ ନେତା ଧନେଶ୍ୱର ଦାସ ଓ ଯୁବ ନେତା ପ୍ରଦୀପ ପ୍ରଧାନ ପ୍ରମୁଖ କାଠିଆପଡା ଗ୍ରାମରେ ପହଂଚି ମୃତା ଛାତ୍ରୀଙ୍କ ବାପା ଶଶିକାନ୍ତ ପରିଡାଙ୍କୁ ଭେଟି ଆଲୋଚନା କରିବା ସହିତ ଚଳିତ ସରକାରରେ ମହିଳା ଓ ଛାତ୍ରୀମାନେ ସୁରକ୍ଷିତ ନୁହଁନ୍ତି । ପୋଲିସ ଓ ପ୍ରଶାସନର ଅବହେଳା ପାଇଁ ନିର୍ଯ୍ୟାତିତା ଛାତ୍ରୀଜଣକର ଅମୂଲ୍ୟ ଜୀବନ ଯାଇଛି ବୋଲି ଅଭିଯୋଗ କରି ଏହାର ବିଚାର ବିଭାଗୀୟ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଥିଲେ । ସେହିପରି ରାଜନଗର ବିଧାନସଭା କଂଗ୍ରେସ ପ୍ରାର୍ଥୀ ଅଶୋକ ପ୍ରତିହାରୀ ଓ ଜିଲ୍ଲା ଓ ବି ସି ଅଧକ୍ଷ ମଳୟ ଦାସ ମଧ୍ୟ ମୃତା ଛାତ୍ରୀଙ୍କ ପରିବାରକୁ ସ୍ୱତନ୍ତ୍ର ଭାବେ ଭେଟିବା ସହିତ ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ ।

## ଶ୍ରୀ କ୍ଷେତ୍ରରୁ ତୁଳସୀ କ୍ଷେତ୍ରକୁ ଆସିଲା ପାଟ ରାକ୍ଷୀ

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡା ତୁଳସୀ କ୍ଷେତ୍ରର ଆରାଧ ଦେବତା ବଡଭାଇ ଶ୍ରୀ ଶ୍ରୀ ବଳଦେବଜୀୟୁ ଓ ସାନଭାଇ ଜଗନ୍ନାଥଙ୍କ ପାଇଁ ଶ୍ରୀକ୍ଷେତ୍ରରୁ ଭଉଣୀ ସୁଭଦ୍ରା ଦେବୀଙ୍କ ତରଫରୁ ପାଟରାଖୀ ଆହି ମଧ୍ୟାହ୍ନରେ ତୁଳସୀ କ୍ଷେତ୍ରରେ ଭାବ୍ୟ ସମ୍ବର୍ଦ୍ଧନାରେ ଆସି ପହଞ୍ଚିଲା । ଏହି ପାଟରାକ୍ଷୀକୁ ଶ୍ରୀ କ୍ଷେତ୍ର ମା ସୁଭଦ୍ରାଙ୍କ ମୁଖ୍ୟ ବାଡଗ୍ରାହୀ ରାମଚନ୍ଦ୍ର ଦାଶ ମହାପାତ୍ରଙ୍କ ନେତୃତ୍ୱରେ କେନ୍ଦ୍ରାପଡା ବଳଦେବଜୀୟୁ ଯାତ୍ରୀ ନିବାସରେ ପହଞ୍ଚିଥିଲା । ଏହା ପରେ ଓଡିଶା ପାଟରା ସେବା ସଂଘ ତରଫରୁ ସୁରେଶ ପାଣିଗ୍ରାହୀ, ହିମାଂଶୁ ଶେଖର ସାହୁ, ବିଜୟ ପୃଷ୍ଟି, ଶୁଭେନ୍ଦୁ ସ୍ୱାଇଁ, ଦୁର୍ଗା ଚରଣ ବେହେରାଙ୍କ ସମେତ ବହୁ ପାଟରା ସଂଘର ସଭ୍ୟ/ସଭ୍ୟାମାନେ ଏକ ଶୋଭାଯାତ୍ରାରେ କ୍ରିତନ ମଣ୍ଡଳୀ, ଘଣ୍ଟ, ଘଣ୍ଟା ବାଜାରେ ଆଧ୍ୟାତ୍ମକ ପରିବେଶରେ ଶ୍ରୀ ବଳଦେବ ଜୀୟୁ ମନ୍ଦିରରେ ପହଞ୍ଚିଥିଲା । ସେଠାରେ ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀଙ୍କୁ ହସ୍ତାନ୍ତର କରିଥିଲେ । ଏହାକୁ ଶ୍ରୀ ପତ୍ରୀ ଗ୍ରହଣ କରି ଶ୍ରୀ ଜିୟୁଙ୍କ ଭଣ୍ଡାର ଘରେ ରଖିଥିଲେ । ଯାହାକି ଆସନ୍ତା ନଅ ତାରିଖ ଶନିବାର ରକ୍ଷାବନ୍ଧନ ଜନ୍ମ ଉତ୍ସବରେ ପିନ୍ଧିବେ ।

## ଜଗତସିଂହପୁର ଶିଶୁ ମଙ୍ଗଳ ସମିତି ର ବେଆଇନ୍ ଓ ଭ୍ରମାତ୍ମକ ଆଦେଶକୁ ବିରୋଧ

ଜଗତସିଂହପୁର,(ସବ୍ୟୁ):ଗତ ଆଗଷ୍ଟ ୨ ତାରିଖ ଦିନ ରଚିକାର ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରୁଥିବା ଅଭିଯୋଗରେ ଜଗତସିଂହପୁର ଶିଶୁ ମଙ୍ଗଳ ସମିତିର ସଦସ୍ୟ ବିବେକାନନ୍ଦ ବଳ ଗିରଫ ହେବା ପରେ ଅଗଷ୍ଟ ୩ ତାରିଖ ଦିନ ସମିତିର ଅଧକ୍ଷା ଶ୍ରୀମତୀ ଶକୁନ୍ତଳା ଚୌଧୁରୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଜଗତସିଂହପୁର ଶିଶୁ ମଙ୍ଗଳ ସମିତି ବାଲ୍ୟ ବିବାହ ରୋକିବା ବା ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ କୌଣସି ବ୍ୟକ୍ତି ବା ସଙ୍ଗଠନକୁ ଅଧିକୃତ କରିନଥିବା କହି ସେମାନଙ୍କୁ ପୋଲିସ କର୍ତ୍ତୃପକ୍ଷ ଓ ବାଲ୍ୟ ବିବାହ ନିରୋଧ ଅଧିକାରୀ ସାହାଯ୍ୟ କରିବେ ନାହିଁ ବୋଲି ଏକ ନିର୍ଦ୍ଦେଶନମା ତାଙ୍କ ଚିଠି ସଂଖ୍ୟା ୬୪୮ ରେ ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମା ଏକ ବେଆଇନ୍ ଓ ଭ୍ରମାତ୍ମକ ଓ ଅନଧିକାର ନିର୍ଦ୍ଦେଶ ନାମା ବୋଲି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ବେଣୁଧର ସେନାପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ଭ୍ରମାତ୍ମକ ତଥା ବେଆଇନ ନିର୍ଦ୍ଦେଶନାମାକୁ ରଦ୍ଦ କରିବା ପାଇଁ ସେ ଆଜି ଜଗତସିଂହପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ ମଙ୍ଗଳ ସମିତି ଅଧକ୍ଷାଙ୍କୁ ନିବେଦନ କରିଛନ୍ତି ।

ସେ ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି ଯେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଯେ ଭଳି ଭାରତ ପାର୍ଲିଆମେଣ୍ଟ ର ଏକ ଆଇନ ଅନୁସାରେ ସୃଷ୍ଟି ହୋଇଛି , ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡ଼ିକ ମଧ୍ୟ ସେହି ଭଳି ପାର୍ଲିଆମେଣ୍ଟର ଆଇନ୍ ଅନୁସାରେ ସୃଷ୍ଟି ହୋଇଛନ୍ତି । ତେଣୁ କର୍ତ୍ତୃପକ୍ଷଙ୍କର୍ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ କାର୍ଯ୍ୟ ରେ ହସ୍ତକ୍ଷେପ କରିବାର ଅଧିକାର ନାହିଁ । ଦେଶର ଆଇନ୍ ଅନୁସାରେ ସ୍ୱେଚ୍ଛାସେବୀ ସଙ୍ଗଠନ ମାନେ ସମାଜସେବା କାର୍ଯ୍ୟ ଯେ କୌଣସି ସ୍ଥାନରେ କରିପାରିବେ । କିଶୋର ନ୍ୟାୟ ଆଇନ୍‌ର ଧାରା ୨୯ ଓ ୩୦ ରେ ଉଲ୍ଲେଖ ଥିବା କ୍ଷମତା ଓ କାର୍ଯ୍ୟ ବ୍ୟତୀତ ସିଡବ୍ଲ୍ୟୁସି ଅନ୍ୟ କୌଣସି କାର୍ଯ୍ୟ କରିବାର ଅଧିକାର ନାହିଁ । ଏହି ଆଇନ୍ ର ଧାରା ୩୧ ଓ ୩୨ ଅନୁସାରେ ଯେ କୌଣସି ବ୍ୟକ୍ତି , ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସରକାରୀ କର୍ମଚାରୀ, ପୋଲିସ, ଚାଇଲ୍ଡ ହେଲ୍ପଲାଇନ ଯଦି କୌଣସି ଯତ୍ନ ଓ ସୁରକ୍ଷା ଆବଶ୍ୟକ ପଡୁଥିବା ଶିଶୁ କୁ ପାଆନ୍ତି ତେବେ ସେମାନେ ଆଣି ଶିଶୁ ମଙ୍ଗଳ ସମିତିରେ ୨୪ ଘଣ୍ଟା ମଧ୍ୟରେ ହାଜର କରାଇବେ ଓ ଶିଶୁ ମଙ୍ଗଳ ସମିତି ଶିଶୁ ଟିକୁ ତୁରନ୍ତ ଗ୍ରହଣ କରି ତା ବିଷୟରେ ଅନୁସନ୍ଧାନ କରି ତାର ସୁରକ୍ଷା ଓ ଥଇଥାନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବେ । ଅନୁସନ୍ଧାନ ପରେ ଶିଶଟି କୁ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ବୋଲି ଘୋଷଣା କରିବାକୁ କେବଳ ଶିଶୁ ମଙ୍ଗଳ ସମିତିକୁ ଅଧିକାର ଦିଆଯାଇଛି । ଏହି ଆଇନ୍‌ର ଧାରା ୨ (୧୪) ଅନୁସାରେ ଅଠର ବର୍ଷ ରୁ କମ୍ ସମସ୍ତ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ପାଇଁ ଯାଉଥିବା ସମସ୍ତ ଶିଶୁ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥବା ଶିଶୁ ଭାବେ ପରିଗଣିତ ହେବେ । ଏତାୟବ୍ ୧୮ ବର୍ଷ ରୁ କମ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ପାଇଁ ଯାଉଥିବା ସମସ୍ତ ଶିଶୁ ଙ୍କୁ ଉଦ୍ଧାର କରି ପୋଲିସ ଓ ବାଲ୍ୟ ବିବାହ ନିରୋଧ ଅଧିକାରୀ ମାନଙ୍କ ସହାୟତା ରେ ଉଦ୍ଧାର କରି ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ପାଇଁ ସିଡବ୍ଲ୍ୟୁସିରେ ହାଜର କରାଇବା ପ୍ରତ୍ୟେକ ନାଗରିକ ଓ ସ୍ୱେଚ୍ଛାସେବୀ ମାନଙ୍କର ନୈତିକ ଦାୟିତ୍ୱ । ଏହି ଦାୟିତ୍ୱରୁ ସେମାନଙ୍କୁ ଶିଶୁ ମଙ୍ଗଳ ସମିତି ବଞ୍ଚିତ କରିପାରିବ ନାହିଁ ।

ଅଧିକନ୍ତୁ ଶିଶୁ ଶ୍ରମିକ ନିରୋଧ ଆଇନ୍ ନୀୟମାବଳି ୨୦୧୭ ଧାରା ୧୭ (କ) ଓ ଜାତୀୟ ମାନବିକ ଅଧିକାର ସୁରକ୍ଷା ଆୟୋଗ ଦ୍ୱାରା ଜାରି କରା ଯାଇଥିବା ଏସଓପି ଅନୁସାରେ ଯେ କୌଣସି ବ୍ୟକ୍ତି ଶିଶୁ ଶ୍ରମିକମାନଙ୍କୁ ଦେଖିଲେ ବା ଚାଲାଣ ହୋଇଥିବା ଶିଶୁ ଟି ଦେଖିଲେ ତୁରନ୍ତ ନିକଟସ୍ଥ ପୋଲିସ୍ ବା ଶିଶୁ ମଙ୍ଗଳ ସମିତି ରେ ଅଭିଯୋଗ କରି ତାକୁ ଉଦ୍ଧାର କରି ପାରିବେ ବୋଲି ଆଇନ୍ ଗତ ସିକୃତି ପ୍ରାପ୍ତ । ଉଚ୍ଚତମ ନ୍ୟାୟାଳୟଙ୍କ ରିଟ୍ ପିଟିସନ ନମ୍ବର ୧୨୩୪/୨୦୧୭ ଐତିହାସିକ ରାୟ ଅନୁସାରେ ପ୍ରତ୍ୟେକ ରାଜ୍ୟ ସରକାରମାନେ ବାଲ୍ୟ ବିବାହ ରୋକିବା , ନିଷେଧ କରିବା ଓ ଏଥି ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପୋଲିସ ଓ ବାଲ୍ୟବିବାହ ନିରୋଧ ଅଧିକାରିଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ମାନେ ସହାୟତା କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି ।

ଡକ୍ଟର ସେନାପତି ଆହୁରି କହିଛନ୍ତି ଯେ ଗତ ୭ ମାସ ଭିତରେ ରୂଚିକା ସମାଜ ମଙ୍ଗଳ ସଙ୍ଗଠନର ଆକସେକ୍ ଟୁ ଜଷ୍ଟିସ ପ୍ରକଳ୍ପର କର୍ମୀମାନେ ଜଗତସିଂହପୁର ଜିଲ୍ଲାରେ ପୋଲିସ ସହାୟତାରେ ୬୯ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ହାଜର କରିଛନ୍ତି ଓ ନିଯୁକ୍ତଦାତାମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ୩୬ଟି ଅଭିଯୋଗ ଦାଖଲ କରିଛନ୍ତି ଓ ସେହି ପିଲାମାନଙ୍କୁ କ୍ଷତି ପୁରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଶ୍ରମଅଧିକାରୀଙ୍କ ପାଖରେ ୩୬ ଟି ଅଭିଯୋଗ ଦାଖଲ କରିଛନ୍ତି । ଏତ୍‌ଦ ବ୍ୟତୀତ ଅଙ୍ଗନୱାଡ଼ି କର୍ମୀ, ବାଲ୍ୟ ବିବାହ ନିରୋଧ ଅଧିକାରୀ ଓ ସରପଞ୍ଚଙ୍କ ସହାୟତା ରେ ପ୍ରାୟ ୧୩୮୪ ଟି ବାଲ୍ୟ ବିବାହ ବନ୍ଦ କରିପାରିଛି ଏବଂ ୬୬ ଟି ଗ୍ରାମରେ ବାଲ୍ୟ ବିବାହ ନିରୋଧ ରେଜିଷ୍ଟର ପ୍ରଚଳନ କରିପାରିଛି, ଯେଉଁ ରେଜିଷ୍ଟର ରେ ବନ୍ଦ ହୋଇଥିବା ବାଲ୍ୟ ବିବାହ ର ତାଲିକା ଲିପିବଦ୍ଧ ଅଛି ଓ ସଂପୃକ୍ତ ସରପଞ୍ଚମାନେ ଏଥିରେ ସ୍ୱାକ୍ଷର କରିଛନ୍ତି । ରୁଚିକା ର ଏହି ଦକ୍ଷତାସମ୍ପନ୍ନ କାର୍ଯ୍ୟ ପାଇଁ ମାତ୍ର ଏକ ବର୍ଷ ମଧ୍ୟରେ ଜଗତସିଂହପୁର ଜିଲ୍ଲା ରେ ଅନେକାଂଶରେ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ପ୍ରଥାରେ ରୋକ୍ ଲାଗିପାରିଛି । ତେଣୁ ଶିଶୁ ମଙ୍ଗଳ ସମିତି ବେଆଇନ୍ ଭାବେ ଦେଇଥିବା ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ପଦକ୍ଷେପ ନେବାକୁ ରୂଚିକା ପକ୍ଷରୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଜିଲ୍ଲା ପ୍ରଶାସନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ସହ ମିଶି ଶିଶୁ ସୁରକ୍ଷା ଦିଗ ରେ କାର୍ଯ୍ୟ କଲେ ଜିଲ୍ଲା ର ପ୍ରତ୍ୟେକ ଶିଶୁ କୁ ସୁରକ୍ଷା ଓ ନ୍ୟାୟ ଯୋଗାଇ ଦିଆ ଯାଇପାରିବ ବୋଲି କୁହାଯାଇଛି ।

# ଦେଢ଼ଘଣ୍ଟା ବର୍ଷାରେ ବୁଡିଲା, ଭାଙ୍ଗିଲା ଗଛ



ଗୋପ, (ସବ୍ୟୁ): ଗୋପ ବ୍ଲକ ଅଞ୍ଚଳରେ ଗୁରୁବାର ଦୀର୍ଘ ୮୦ ମିନିଟ ଧରି ଅର୍ନଗଳ ବର୍ଷା ସହିତ ୭୦/୮୦ କିଲୋମିଟର ବେଗରେ ପବନ ବୋହିବା ଯୋଗୁଁ ଗଛ ଭାଙ୍ଗିଛି । ବର୍ଷା ପାଇଁ ଖରୀଫ ଚାଷ ବାଧା ପ୍ରାପ୍ତ ହୋଇଥିବା ବେଳେ ମାତ୍ର ଏହି ଅର୍ନଗଳ ବର୍ଷା ଚାଷ ଜମିରେ ଲହଡି ଭାଙ୍ଗିବା ଯୋଗୁଁ ଚାଷୀ ମହଲରେ ଆନନ୍ଦ ପରିଲକ୍ଷିତ ହୋଇଛି ।

ପ୍ରକାଶ ଯେ ମଧ୍ୟାହ୍ନ ସାଢ଼େ ବାରଟାରେ ହଠାତ୍ ଆକାଶରେ କଳା ହାଣ୍ଡିଆ ବାଦଲ ଘୋଟି ଆସିବା ସହ ପ୍ରବଳ ବେଗରେ ବର୍ଷା , ପବନ ହେବା ଯୋଗୁଁ ସାଧାରଣ ରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଥିଲା । ବିଜୁଳି ଘଡଘଡି ମାରିବା ଫଳରେ ଲୋକମାନେ ବାହାରକୁ ବାହାରି ପାରି ନ ଥିଲେ । ମାତ୍ର ୮୦ ମିନିଟ ବର୍ଷା, ପବନ ସମସ୍ତ ଅଞ୍ଚଳ ବୁଡି ଥିଲା । ଗୋପ ବ୍ଲକ ର ଏରବଙ୍ଗ, ଗୋପ ସହିତ ଅନ୍ୟାନ୍ୟ ପଞ୍ଚାୟତ ରେ ମଧ ବହୁ ଗଛ ଭାଙ୍ଗି ପଡିଥିଲା । ଏପରି କି ଗୋପ –କୋଣାର୍କ ରାସ୍ତା ର ଗୋପ କଲେଜ ଛକ ନିକଟରେ ଏକ ବିରାଟ କୃଷ୍ଣଚୁଡା ଗଛ ପଡିବା ଯୋଗୁଁ ଦୀର୍ଘ ୧ ଘଣ୍ଟା ଧରି ପର୍ଯ୍ୟଟକ, ସାଧାରଣ ଲୋକ ମାନେ ଯା ଆସରେ ବାଧା ଉପୁଜି ଥିଲା । ଗୋପ ବିଜେପି ଯୁବନେତା ଶୀବ ପ୍ରସାଦ ସ୍ୱାଇ,ଏରବଙ୍ଗ ପଞ୍ଚାୟତର ଯୁବ ନେତା ଯୋଗେନ୍ଦ୍ର ଜେନା ସଙ୍ଗେ ସଙ୍ଗେ ଗୋପ ଅଗ୍ନିଶ୍ରମ ବିଭାଗ ଅଧିକାରୀ ଙ୍କ ସହିତ ଯୋଗାଯୋଗ କରିବା ପରେ ବିଭାଗୀୟ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଭାଙ୍ଗି ପଡିଥିବା ଗଛ କାଟି ରାସ୍ତା ସଫା କରିଥିଲେ । ଗୋପ ବ୍ଲକ ରେ ହଜାର ହଜାର ହେକ୍ଟର ଚାଷଜମି ଫାଟି ଆଁ କରିଥିବା ବେଳେ ଗୁରୁବାର ହୋଇଥିବା ବର୍ଷା ଚାଷୀ ମହଲରେ ଆନନ୍ଦ ପରିଲକ୍ଷିତ ହୋଇଥିବା ଜଣା ପଡ଼ିଛି ।

## ପୁଣି ପରିବହନ ବିଭାଗର ଚଢ଼ାଉ

# ୩ଲକ୍ଷ ୭୩ହଜାର ଜରିମାନା, ୭ ଡ୍ରାଇଭରଙ୍କ ଲାଇସେନସ ରଦ୍ଦ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ବିଭାଗ ଗତ ୨୦ ଦିନ ମଧ୍ୟରେ ବିଭିନ୍ନ ଅଞ୍ଚଳରେ ଚଢାଉ କରି ଖିଲାପୀ ଗାଡି ମାଲିକ ଓ ଡ୍ରାଇଭର ମାନଙ୍କ ଆଖିରୁ ନିଦ ହଜାଇ ଦେଇଥିବା ଜଣାପଡିଛି । ଗୁରୁବାର ଦିନ ପୁଣି ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ଅଞ୍ଚଳରେ ଚଢାଉ କରି ୪୧ ଟି ଚାଲାଣ କରି ୩ ଲକ୍ଷ ୭୨ ହଜାର ୭୮୧ ଟଙ୍କା ଜୋରିମାନା ରିମାନା କରିବା ସହ ୭ ଜଣ ଡ୍ରାଇଭରଙ୍କ ଲାଇସେନସ ୩ ମାସ ରଦ୍ଦ କରାଯାଇଥିବା ଜଣାପଡିଛି ।

ସୂଚନାଯୋଗ୍ୟ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାଳୟ ଟ୍ରାଫିକ ସବଇନସପେକ୍ଟର ତୃପ୍ତିରେଖା ଜେନା ସଦଳବଳେ ଚଢଉ କରି ଗତ ୨୨ ତାରିଖ,୨୪ ତାରିଖ ଓ ଗତକାଲି ବୁଧବାର ସୁଦ୍ଧା ସମୁଦାୟ ୧୦୬ ଟି ଚାଲାଣ ରେ ୮ ଲକ୍ଷ ୧୧ଶହ ୬ ଟଙ୍କା ଜୋରିମାନା କରି ୫ ଜଣ ଡ୍ରାଇଭରଙ୍କ ଲାଇସେନସ ରଦ୍ଦ କରିଥିଲେ । ତେବେ ଗୁରୁବାର ଦିନ ଗୋଟିଏ ଦିନରେ ନିରାକାରପୁର, ୧୬ ନମ୍ବର ଜାତୀୟ ରାଜପଥ ର ଟାଙ୍ଗୀ, କୁହୁଡି, ନାଚୁଣୀ ଅଞ୍ଚଳରେ ଚଢାଉ କରି ସମୁଦାୟ ୪୧ ଟି ଚାଲାଣ ରେ ୩ ଲକ୍ଷ ୭୨ ହଜାର ୭୮୧ ଟଙ୍କା ଜୋରିମାନା କରିଥିବା ବେଳେ ୭ ଜଣ ଡ୍ରାଇଭରଙ୍କ ଲାଇସେନସ ରଦ୍ଦ କରି ରେକର୍ଡ ସୃଷ୍ଟି କରିଥିବା ଜଣାପଡିଛି। ସବୁଠାରୁ ଗୁରୁତ୍ୱ ପୂର୍ଣ ୧୧ ଟି ମାଲ ବୋଝେଇ ଗାଡିରେ ବିପଦଜନକ ଭାବେ ଯାତ୍ରୀ ପରିବହନ କରି ନେଉଥିବା ବେଳେ ଧରାପଡି ଜୋରିମାନା ଶିକାର ହୋଇଥିବା ଏ ଅଞ୍ଚଳ ଚର୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

ସବୁଠାରୁ ଗୁରୁତ୍ୱପୂର୍ଣ ଏ ଅଞ୍ଚଳରେ ଛତୁ ଫୁଟିବା ଭଳି ବେସରକାରୀ ଶିକ୍ଷାନୁଷ୍ଠାନ ଏପରିକି ସରକାରଙ୍କ ଆଦର୍ଶ ବିଦ୍ୟାଳୟ ଗୁଡିକରେ ମଧ ବେଆଇନ ଭାବେ ଘରୋଇ ପଂଜିକରଣ ଗାଡିରେ ବିପଦଜନକ ଭାବେ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ କୁ ପରିବହନ କରୁଥିବା ସଂପର୍କରେ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରେ ଅଭିଯୋଗ ପରେ ଚଢାଉ ଜାରି ରହିଥିବା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକ ଓ ଟ୍ରାଫିକ ସବଇନସପେକ୍ଟର ତୃପ୍ତିରେଖା ଜେନା ସୂଚନା ଦେବା ସହ ବିଭିନ୍ନ ବିଦ୍ୟାଳୟ ଗୁଡିକରେ ବେଆଇନ ଭାବେ ଛାତ୍ରଛାତ୍ରୀମାନଙ୍କୁ ପରିବହନ କରାଯାଉଥିବା ସ୍ୱୀକାର କରିଛନ୍ତି । ବିଭିନ୍ନ ଛାପା ବୈଦୁ୍ୟତିକ ଗଣମାଧମରେ ରେ ସରକାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପ୍ରଚାର ପ୍ରସାର ପାଇଁ କୋଟି ଟଙ୍କା ଖର୍ଚ କରୁଥିବା ବେଳେ ଅଭିଭାବକମାନଙ୍କୁ ସଚେତନ କରିବା ପାଇଁ କେବଳ ରୋଡ ସେଫଟି କାର୍ଯ୍ୟକ୍ରମରେ ସୀମିତ ନରହି ସ୍ୱତନ୍ତ୍ର ବିଜ୍ଞାପନ ସହ ସୁଚିନ୍ତିତ ପଦକ୍ଷେପ ନେବା ଆବଶ୍ୟକତା ରହିଛି ବୋଲି କୁହାଯାଇଛି ।

# ଦଳିତ ବାଳିକାକୁ ଅସଦାଚରଣ : ଅଭିଯୁକ୍ତକୁ ଗିରଫ ଦାବି

ଅସ୍ତରଙ୍ଗ, (ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଓସିଆଁ ଗ୍ରାମରେ ଜଣେ ଦଳିତ ବାଳିକା (୧୮ ) କୁ ଅସଦାଚରଣ କରିଥିବା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ହେଲେ ଘଟଣାକୁ ୯ ଦିନ ବିତିଯାଇଥିଲେ ବି ଅଭିଯୁକ୍ତକୁ ପୋଲିସ ଗିରଫ କରୁନାହିଁ । ଫଳରେ ଏହାରୁ ପ୍ରତିବାଦରେ ଗୁରୁବାର ଦିନ ବିଜୁ ଜନତା ଦଳ ଏକ ଶୋଭାଯାତ୍ରା ବ୍ଲକ ବିଜୁ ଜନତା ଦଳ ସଭାପତି ପଞ୍ଚାନନ ସ୍ୱାଇଁ ଙ୍କ ନେତୃତ୍ୱରେ ଯୁବ ନେତା ତଥା ପୁରୀ ଜିଲ୍ଲା ଉପାଧ୍ୟକ୍ଷ ସତ୍ୱାଧୀନ କୁମାର ନାୟକ, ବିଧାୟକ ପ୍ରତିନିଧି ଭୀମସେନ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସତ୍ୱାଇଁ, ପୁରୀ ନିମାପଡା ସମବାୟ ନିର୍ଦ୍ଦେଶକ କୁଞ୍ଜ ବିହାରୀ ପ୍ରଧାନ, ବରିଷ୍ଠ ନେତା ଗଦାଧର ବିଶ୍ୱାଳ, ଯୁବ ବିଜେଡି ସଭାପତି ପ୍ରଶାନ୍ତ କୁମାର ନାୟକ,ପୂର୍ବତନ ବ୍ଲକ ସଭାପତି ସାଇରଞ୍ଜନ ପ୍ରଧାନ ଓ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଧାରଣାରେ ବସିଥିଲେ ।

ଧାରଣା ସ୍ଥଳରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ପହଂଚି ଧାରଣରେ ସାମିଲି ହୋଇଥିଲେ । ଧାରଣା ସ୍ଥଳରେ ନିମାପଡା ଉପ ଅଧିକ୍ଷକ ଜନାର୍ଦନ ପାଢ଼ୀ ପହଂଚି ଅଭିଯୁକ୍ତ କୁ ଗିରଫ କରିବା ଓ ଆଇନି ଅନୁଯାଇ ସମସ୍ତ ପଦକ୍ଷେପ ନେବାକୁ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା ସୂଚନା ମୁତାବକ ୨୮/ ୭ ରିଖ ଘର ପାଖ ନଈ ପାଖରେ ଲଙ୍କା ତୋଳିବାକୁ ଯାଇଥିବା ବାଳିକାକୁ ସେହି ଗ୍ରାମର ପ୍ରତାପ ଜେନା (୬୦) ବାଳିକାକୁ ଟଣା ଓଟରା କରିଥିବା ସ୍ଥଳେ ଟଙ୍କା ପ୍ରଲୋଭନ ଦେଖାଇ ଥିଲେ । ସେ ସ୍ଥାନରୁ ଖସି ବାଳିକା ଘର ଲୋକଙ୍କୁ ଆସି କହିଥିଲା । ଘରଲୋକ ଗ୍ରାମ ମୁଖିଆଙ୍କୁ ଘଟଣା ସମ୍ପର୍କ ରେ ଅବଗତ କରାଇଥିଲେ । ମୁଖିଆ କମିଟି ମାଧ୍ୟମରେ ଆଲୋଚନା ପାଇଁ ସମୟ ଧାର୍ଯ୍ୟ କରାଯାଇ ଆଲୋଚନା ଚାଲୁଥିବା ବେଳେ ଅଭିଯୁକ୍ତ ଉକ୍ତ ସ୍ଥାନରୁ ଉଠି ବାଳିକା ଜଣଙ୍କୁ ଜାତିଆଣ ଆକ୍ଷେପ କରି କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମୋର ବାପା ଓ ମା ସେଠାରେ ଉପସ୍ଥିତ ଥିଲେ ତାଙ୍କୁ ମଧ୍ୟ ବହୁ ଅଧର୍ଯ୍ୟ ଓ ଅସଭ୍ୟ ଭାଷାରେ ଗାଳି ଗୁଲଜ ମଧ୍ୟ କରି ଥିଲେ । ସେଠାରୁ ନିରାଶ ହୋଇ ଅସ୍ତରଙ୍ଗ ଥାନରେ ୩୦/ ୭ ରେ ଦ୍ୱାରସ୍ଥ ହୋଇଥିଲେ । ଥାନା ଅଧିକାରୀ ୧୫୯/ ୨୦୨୫ ରେ ମାମଲା ରୁଜୁକରି ଚୁପ ହୋଇ ରହିଗଲେ ।

## ଅବକାରୀ ଚଢ଼ାଉ : ୨ ଗିରଫ

# ମଦ ସହ ୪ ଗାଡ଼ି ଜବତ

ଆଠଗଡ଼,(ସବ୍ୟୁ): ବୁଧବାର ବିଳମ୍ବିତ ରାତିରେ ଏବଂ ଗୁରୁବାରର ସକାଳେ ଆଠଗଡ ଅବକାରୀ ଉପ ଅଧିକ୍ଷ୍ୟକ ସି ଏଚ ତିରୁପତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ତିଗିରିଆ ଥାନା ଅନ୍ତର୍ଗତ ପଣସ ପାଟଣା, ଭିରୁଡ଼ା, ବଡମ୍ବା ଥାନା ଅନ୍ତର୍ଗତ ଟି ସେତୁ ରେ ଆଠଗଡ ଏବଂ ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ ଚଡାଉ କରାଯାଇ ଥିଲା । ଉକ୍ତ ଚଡାଉ ରେ ଗୋଟିଏ ମାରୁତି ମାରୁତି ସୁଜୁକି ୱାଗନର ନମ୍ବର ଓଆର –୦୨– ବିଏମ – ୦୭୪୫ ରେ ୨୮୦ ଲିଟର ଚୋରା ଦେଶୀ ରନ୍ଧା ମଦ,ଗୋଟିଏ ବୋଲେରୋ ଠିକ ଅପ ନମ୍ବର ଓଡି –୦୫– ଏଫ– ୬୩୧୬ ରୁ ୪୪୦ ଲିଟର ଚୋରା ଦେଶୀ ରନ୍ଧା ମଦ,ଗୋଟିଏ ସ୍କୁଟି ନମ୍ବର ଓଡି –୦୫– ବିକେ –୮୯୮୩ ରୁ ୫୦ ଲିଟର ଚୋରା ଦେଶୀ ରନ୍ଧା ମଦ, ଏବଂ ଅନ୍ୟ ଏକ ସ୍କୁଟି ନମ୍ବର ଓଡି –୦୫– ବି ଜେଡ –୬୧୨୫ ରୁ ୪୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି । ଏହି ପରିପ୍ରେକ୍ଷୀରେ ସର୍ବମୋଟ ୮୧୦ ଲିଟର ଚୋରା ଦେଶୀ ରନ୍ଧା ମଦ ସହିତ ଦୁଇ ଟି ଚାରି ଚକିଆ ଏବଂ ଦୁଇ ଟି ସ୍କୁଟି ଜବତ କରାଯିବା ସହିତ ୪ ଗୋଟି ମାମଲା ରୁଜୁ କରା ଯାଇଛି ।

ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ଆସାମି ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଶଙ୍କର ପୁର ବୀର ବେହେରାଙ୍କ ପୁଅ ବିଷଣ ବେହେରା (୨୨) ଏବଂ ପବନ ବେହେରାଙ୍କ ପୁଅ ପପୁ ବେହେରା, (୨୦) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏଥିରେ ଅଭିଯୁକ୍ତ ଅନ୍ୟ ତିନି ଜଣ ବ୍ୟକ୍ତି ଫେରାର ଅଛନ୍ତି ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଏହି ଚଢାଉରେ ଆଠଗଡ଼ ଅବକାରୀ ଉପ ଅଧିକ୍ଷକ ସି ଏଚ ତିରୁପତି ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ ଉପ ନିରୀକ୍ଷକ ଅରୁଣ କୁମାର ଭୋଇ ସୌମ୍ୟରଞ୍ଜନ ମାଝୀଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

# ନିଖୋଜ ନାବାଳିକା ଉଦ୍ଧାର

କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଜଙ୍ଘାର ଗ୍ରାମର ଜୈନିକ ନାବାଳିକା ଗତ ଜୁନ ୨୧ତାରିଖରେ ଘରୁ କେଉଁଆଡେ ଚାଲିଯାଇଥିବା ପରିବାର ଲୋକେ କଣାସ ଥାନାରେ ଅଭିଯୋଗ କରିଥିଲେ । ଏନେଇ କଣାସ ଥାନା ପକ୍ଷରୁ ୧୩୮/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ହେଲେ ଦୀର୍ଘ ଦିନ ବିଭିନ୍ନ ସ୍ଥାନରେ ଚଢାଉ ପରେ ଉକ୍ତ ନାବାଳିକାକୁ ଭୁବନେଶ୍ୱର ଏକ ବସ୍ତିରୁ କଣାସ ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ ଓ ଅନ୍ୟ ଅଧିକାରୀ ସଦଳବେଳେ ଉକ୍ତ ନାବାଳିକାକୁ ଉଦ୍ଧାର କରି କଣାସ ଥାନାକୁ ଆଣିଥିବା ବେଳେ ତାର ବୟାନକୁ ଆଧାର କରି ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିବା ଥାନା ଅଧୀନରେ ଶ୍ରୀ ନାୟକ କହିଛନ୍ତି ।

## ପ୍ରଧାନଶିକ୍ଷକ ନିଲମ୍ବିତ

ଆଠଗଡ, (ସବ୍ୟୁ): ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି ଘଟଣାରେ ପ୍ରଧାନଶିକ୍ଷକ ନିଲମ୍ବିତ ହୋଇଛନ୍ତି । ଘଟଣାରୁ ପ୍ରକାଶ ଆଠଗଡ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣବସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି ନେଇ ଗ୍ରାମବାସୀମାନେ ଗତ ବୁଧବାର ଦିନ ବ୍ଲକ ଶିକ୍ଷାଧିକାରୀ ଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ପରେ ବ୍ଲକ ଶିକ୍ଷାଧିକାରୀ ଗୁରୁବାର ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ । ମଧ୍ୟାହ୍ନ ଭୋଜନ ଚାଉଳ ୬ ବସ୍ତା ଅର୍ଥାତ ୩ କୁଇଣ୍ଟାଲ ଚାଉଳ ବିକ୍ରି କରି ଦେଇଥିବା ନେଇ ପ୍ରଧାନଶିକ୍ଷକ ସ୍ୱୀକାର କରିଥିବା ବ୍ଲକ ଶିକ୍ଷାଧିକାରୀ ପ୍ରକାଶ କରିଛନ୍ତି । ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଜେନାଙ୍କୁ ନିଲମ୍ବିତ କରାଯାଇ ଥିବା ଜଣାପଡିଛି ।

## ମଇଁଷି ଚାଲାଣ ଜବତ ପିକଅପ୍‌କୁ ଛାଡ଼ିଲା ପୋଲିସ

ବାଙ୍କୀ, (ସବ୍ୟୁ) ବାଙ୍କୀ କଳାପଥର ରାସ୍ତାରେ ବିଳମ୍ବିତ ରାତିରେ ପିକଅପ ଭ୍ୟାନରେ ତିନି ଗୋଟି ମଇଁଷି ନେଇ ଦ୍ରୁତଗତିରେ ଯାଉଥିବା ବେଳେ ରାତ୍ରୀରେ ପାଟ୍ରୋଲଂ କରୁଥିବା ବୈଦେଶ୍ୱର ପୋଲିସ ଟିମ ଭ୍ୟାନକୁ ଖଜୁରୀପଦା ନିକଟସ୍ଥ ଚାରିଛକ ଠାରେ ଅଟକାଇ ଏହାକୁ ବୈଦେଶ୍ୱର ଥାନାକୁ ଆଣି ପଚରଉଚରା କରି ଅଟକ ରଖିଥିଲେ । କିନ୍ତୁ କଣ ସୂଚନା ପାଇଲେ ଯେ । ପୋଲିସ ଠିକ ପୂର୍ବାହ୍ନ ୧୦ ଟାରେ ମଇଁଷି ବୋଝେଇ ଜବତ ପିକଅପ ଭ୍ୟାନ ପୋଲିସ ଛାଡି ହେଲା । ଏହାକୁ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ଦୀର୍ଘ ନଅ ଘଣ୍ଟା ଥାନା ସମ୍ମୁଖରେ ପୋଲିସ ଅଟକ ରଖି ଜବତ କରିଥିବା ପୋଲିସ ହାତ ଗୁଞ୍ଜା ପାଇ ମଇଁଷି ତିନି ଗୋଟି ପୋଲିସ ଛାଡି ଥିବାର ଅଭିଯୋଗ ହୋଇଛି । ଏ ସମ୍ପର୍କରେ ବୈଦେଶ୍ୱର ଥାନାଅଧିକାରୀ ସଞ୍ଜୟ କୁମାର ଜେନାଙ୍କୁ ପଚାରିବାରୁ ସେ କହିଲେ କଟକରୁ ଜଣେ ବ୍ୟକ୍ତି ତାଙ୍କ ଝିଅ ଘର କଳାପଥରକୁ ଆଣୁ ଥିବାର ପ୍ରମାଣ ଦେବା ସହ ଘରେ ପାଳିବା ପାଇଁ ଆଣି ଥିବାର ଲିଖିତ ଚୁକ୍ତିନାମା କରିବା ପରେ ଭ୍ୟାନ ସହିତ ମଇଁଷିକୁ ଛଡା ଯାଇଛି । ହେଲେ ଯଦିଓ ବ୍ୟକ୍ତିଗତ ଭାବେ କେହି ପାଳିବା ପାଇଁ ମଇଁଷି ନେଉଥିଲେ ତେବେ ବିଳମ୍ବିତ ରାତିରେ କାହିଁକି ନେଉଥିଲେ । ଦିନ ବେଳେ ଥାନାରୁ ଅନୁମତି ଆଣି ନେବା କଥା । ତେବେ ପୋଲିସ ର କାର୍ଯ୍ୟ ନେଇ ସନ୍ଦେହ ପ୍ରକାଶ ପାଇଛି ।

## ଚାରା ବଣ୍ଟନ

କଣ୍ଟାପଡ଼ା, (ସବ୍ୟୁ) : କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ କାଳିଆଘାଇରେ ପୁଷ୍ପ ଓ ଫଳ ଚାରା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ପିରାମିଡ଼ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଯଶୋଦା ମଲିକ ଅଧ୍ୟକ୍ଷତା କରିଥିଲେ। ରାଜ ଓଷ୍ଟା କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ମୁଖ ଅତିଥି ଓ ପ୍ରାଚୀ ଏକାଡ଼େମୀ ପ୍ରଧାନ ଶିକ୍ଷକ ଅଜୟକୁମାର ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତପନକୁମାର ଆଚାର୍ଯ୍ୟ, ପ୍ରକୃତିବନ୍ଧୁ ଅତୁଲବିକ୍ରମ ପ୍ରଧାନ, ଗୌରବପ୍ରସାଦ ଦଳାଇ ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସାହୁ ସ୍ୱାଗତ ଭାଷଣ ଦେଇଥିଲାବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଣ୍ଟକାର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ



ଫୁଲନଖରା , (ସବ୍ୟୁ) : ବୟାଳିଶମୌଜା ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଧେ ପରିଦର୍ଶନରେ ଆସି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ତଦାରଖ କରିଥିଲେ । ଔଷଧ ବିତରଣ କେନ୍ଦ୍ରରେ ଗୋଟିଏ ମାତ୍ର କାଉଣ୍ଟର ଥିବାରୁ ଏହାକୁ ଦୁଇଟି କରିବା ପାଇଁ ଆଦେଶ ଦେଇଥିବା ବେଳେ ବର୍ହିବିଭାଗ କୋଠାକୁ ଖୁବଶୀଘ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପ୍ରତେ୍ୟକଟି କୋଠରୀ ସମ୍ମୁଖରେ ସ୍ପଷ୍ଟ ଭାବରେ ନାମଫଳକ ଲେଖା ଯାଇନଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ନାମ ଫଳକ ଲେଖିବାକୁ ଅଧକ୍ଷଙ୍କୁ କହିଥିଲେ । ବାରମ୍ବାର ବିଦ୍ୟୁତକାଟ ପାଇଁ ରୋଗୀସେବା ବାଧାପ୍ରାପ୍ତ ହେଉଥିବାରୁ ଦୁଇବର୍ଷ ଧରି ଅଚଳ ହୋଇପଡିଥିବା ଜେନେରେଟରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ । ବର୍ହିବିଭାଗ ରୋଗୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ନିମନ୍ତେ ଦୁଇବର୍ଷ ତଳେ ନିର୍ମାଣ ସରିଥିବା ମିଶନ ଶକ୍ତି କାଫେ କୁ କାର୍ଯକ୍ଷମ ନହେବାକୁ ନେଇ ଜିଲ୍ଲାପାଳ କ୍ଷୁବ୍ଧ ହୋଇଥିଲେ । ୭ଦିନ ଭିତରେ ପୂର୍ତବିଭାଗ ଏହି ମିଶନ ଶକ୍ତି ଗୃହକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର ନକଲେ ଏହାର ତାଲା ଭାଙ୍ଗି ଗୃହକୁ ନିଜ ଦଖଲକୁ ନେବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପରିମଳ ବ୍ୟବସ୍ଥା ଏବଂ ନୂତନ ଭାବରେ ପୂର୍ତବିଭାଗ ଦ୍ୱାରା କରାଯାଇଥିବା ଅନେକ ଅସମ୍ପୂର୍ଣ୍ଣ ଏବଂ ନିମ୍ନମାନର କାମକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ତେବେ ଜିଲ୍ଲାପାଳ ସମସ୍ତ ଅସୁବିଧାକୁ ୭ଦିନ ଭିତରେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ ସମ୍ପୂର୍ଣ୍ଣ ଚକାଚକ ଥିବା ବେଳେ ବହୁ ଅବ୍ୟବସ୍ଥିତ ଜିନିଷକୁ ସଜାଡି ଦିଆଯାଇଥିଲା । ତେବେ ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଡାକ୍ତର ପ୍ରଶାନ୍ତ କୁମାର ସାମଲ କହିଛନ୍ତି ଜିଲ୍ଲାପାଳ ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଛି,ଏବଂ ଛୋଟ ଛୋଟ ସମସ୍ୟା ର ସମାଧାନ ଖୁବଶୀଘ୍ର କରାଯିବ । ତେବେ ଜିଲ୍ଲାପାଳଙ୍କ ଗସ୍ତ ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ରର ପରିବର୍ତ୍ତିତ ରୂପକୁ ଦେଖି ସାଧାରଣ ରୋଗୀ ଏବଂ ରୋଗୀ ସମ୍ପର୍କୀୟମାନେ ଜିଲ୍ଲାପାଳ ଏଭଳି ବାରମ୍ବାର ଅସନ୍ତୁ ବୋଲି ମତବ୍ୟକ୍ତ କରିଛନ୍ତି ।

# ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡିର ବନ୍ଦ ଡାକରା

ପିପିଲି, (ସବ୍ୟୁ) : ବଳଙ୍ଗାର ନାବାଳିକା ପୀଡିତା ମୃତ୍ୟୁକୁ ନେଇ ପରିବାରକୁ ନ୍ୟାୟ ପ୍ରଦାନ ଦାବୀରେ ବିଜୁ ଜନତା ଦଳ ପକ୍ଷରୁ ୭ତାରିଖ ଦିନ ପୁରୀ ଜିଲ୍ଲା ବନ୍ଦ ଡାକରା ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକ ସମେତ ଏନଏସି, ପୌରାଚଂଳ ଗୁଡିକ ଏହି ବନ୍ଦରେ ସାମିଲ ହୋଇଥିଲେ । ଏହି ପରୀପ୍ରେକ୍ଷୀରେ ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳିରେ ପୁର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ବନ୍ଦ ଡାକରା ଦିଆଯାଇଥିଲା । ପିପିଲି ଠାରେ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ପୁର୍ବତନ ସାଂସଦ ପ୍ରଦୀପ ମାଝୀ, ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଂଟିଆ, ବିଜେଡି ଯୁବ ନେତା ସୁବ୍ରତ ଛାଟୋଇ ପ୍ରମୁଖ ଏଠାରେ ସାମିଲ ହୋଇଥିଲେ । ପିପିଲି ଟୋଲଗେଟ ଠାରେ ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ପୁର୍ବତନ ଅଧକ୍ଷ ଯୁଧୀଷ୍ଠିର ସ୍ୱାଇଁ,ଜିଲ୍ଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ପୁର୍ବତନ ଜିଲ୍ଲାପରିଷଦ ଦେବାଶିଷ ନନ୍ଦ, ଛାତ୍ର ବିଜେଡି ସଭାପତି ସୌମ୍ୟରନ ମହାପାତ୍ର ପ୍ରମୁଖ ସମେତ ଶତାଧିକ ବିଜେଡି କର୍ମୀ ଏହି ବନ୍ଦରେ ସାମିଲ ହୋଇଥିଲେ। ପିପିଲି ଏନଏସି ଠାରେ ଏନଏସିର ଅଧକ୍ଷ ସେକ ବାବୁ , ପୌରାଂଚଳ ସଭାପତି ଶରତ କୁମାର ବେହେରା , ଉପାଧକ୍ଷା ଭାଗ୍ୟବତୀ ମହାରଣା, କାଉନସିଲର ଚନ୍ଦନ ସେଠୀ, ଲିଲିତା ପାତ୍ର, ମାନସି ବେହେରା, ପ୍ରମୁଖ ଓ ମଙ୍ଗଳପୁର ଛକ ଠାରେ ବିଶ୍ୱଜିତ୍ ଦାଶଙ୍କ ନେତୃତ୍ୱରେ ମାଗୁଣୀ ଚରଣ ପରିଡା, ସିଲୁ ସ୍ୱାଇଁ, ଲୋକନାଥ ଦାଶ, ତ୍ରିଲୋଚନ ନାୟକ ପ୍ରମୁଖ ସମେତ ବିଜେଡ଼ି କର୍ମୀ ନାରାବାଜି ପ୍ରଦର୍ଶନ କରିଥିଲେ । ସାତଶଂଖ ବଜାର ଠାରେ ଜିଲ୍ଲାପରିଷଦ ଧରଣୀଧର ସାହୁଙ୍କ ନେତୃତ୍ୱରେ ବିଜେଡ଼ି କର୍ମୀ ଏହି ବନ୍ଦରେ ସାମିଲ ହୋଇ ଆନ୍ଦୋଳନ କରିଥିଲେ ।

**ସାକ୍ଷୀଗୋପାଳ :** ବିଜେଡ଼ି ପକ୍ଷରୁ ଡ଼ାକରା ଦିଆଯାଇଥିବା ୬ ଘଣ୍ଟିଆ ପୁରୀ ଜିଲ୍ଲା ବନ୍ଦ ସତ୍ୟବାଦୀରେ ସଫଳ ହୋଇଛି । ସକାଳୁ ସାକ୍ଷୀଗୋପାଳ ମନ୍ଦିର ମୁଖ୍ୟ ରାସ୍ତାର ଷ୍ଟେଟବ୍ୟାଙ୍କ ଛକରେ ଦଳର କର୍ମକର୍ତ୍ତାମାନେ ଟାୟାର ଜଳାଇ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାକ୍ଷୀଗୋପାଳ ବଜାରରେ ଏକ ଶୋଭାଯାତ୍ରାରେ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା, ରାଜ୍ୟ ସଭା ସାଂସଦ ସୁବାଶିଷ ଖୁଣ୍ଟିଆ, ବ୍ଲକ ବିଜେଡ଼ି ସଭାପତି ପ୍ରମୋଦ କୁମାର ରାଉତରାୟ, ବ୍ଲକ ଯୁବ ବିଜେ ସଭାପତି ଶରତ କୁମାର ରାଉତରାୟ, ଜିଲ୍ଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରେମାନନ୍ଦ ବେହେରା, ପୂର୍ବତନ ଉପାଧ୍ୟକ୍ଷ ବିକ୍ରମ ଜେନା ,ଆମ୍ବା ଅଧକ୍ଷ ମହମ୍ମଦ ଜିକରିଆ, ସରପଞ୍ଚ ଦୁଃଶାସନ ପ୍ରଧାନ, ବିଜେଡ଼ି ରାଜ୍ୟ ମହିଳା ସମ୍ପାଦିକା କସ୍ତୁରୀ ସାହୁ, ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ଖଟେଇ, ପ୍ରମୁଖଙ୍କ ସମେତ ଅନ୍ୟମାନେ ଆନ୍ଦୋଳନ ରେ ଆନ୍ଦୋଳନ ରେ ସାମିଲ ହୋଇଥିଲେ।

**ନୟାହାଟ :** ନୟାହାଟରେ ବିଜୁ ଜନତା ଦଳ ପକ୍ଷରୁ ୬ଘଣ୍ଟିଆ ହରତାଳ ଡାକରା ସଫଳ ହୋଇଛି । ପୁର୍ବତନ ଜିଲ୍ଲପରିଷଦ ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ଯୁବନେତା ଅଭିମନ୍ୟୁ ସିଂ, କାହ୍ନୁଚରଣ ସାହୁ, ଆଲୋକ ରାୟ, ବଟକୃଷ୍ଣ ମହାପାତ୍ର, କୈଳାସ ସାହୁ, କାଶିନାଥ ନାୟକଙ୍କ ନେତୃତ୍ୱରେ କର୍ମୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଏଥିରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଉପସ୍ଥିତ ଥିଲେ । ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା ।

**ଗୋପ:** ବଳଙ୍ଗା ପିଡ଼ିତାଙ୍କୁ ନାୟ ଦାବିରେ ପୁରୀ ଜିଲ୍ଲା ବିଜେଡିର ବନ୍ଦ ଡାକରାରେ ଗୋପରେ ଦୋକାନ ବଜାର, ସରକାରୀ, ବେସରକାରୀ ଶିକ୍ଷା ଅନୁଷ୍ଠାନ ସହିତ ସରକାରୀ କାର୍ଯ୍ୟାଳୟ ଓ ଗାଡି ଚଳାଚଳ ବନ୍ଦ ରହିଥିଲା। ବିଜେଡିର ଏହି ୬ ଘଣ୍ଟିଆ ବନ୍ଦ ଜୋଙ୍ଗୁ ଗାଡି ଚଳାଚଳ ବନ୍ଦ ରହିବା ସହିତ କୋଣାର୍କ – ପିପିଲି ରାସ୍ତା ପୁରା ପୁରି ଖାଁ ଖାଁ ଦେଖିବାକୁ ମିଳିଛି, ଗୋପ, ବେଗୁନିଆ, ଜୁଣେଇ ସବୁଠି ବିଜେଡି କର୍ମୀମାନେ ରାସ୍ତାରେ ବସି ରହିଥିଲେ ।

**ନିମାପଡା :** ନିମାପଡା ବ୍ଲକ ବଳଙ୍ଗା ଥାନା ବାୟାବର ନୂଆ ଗୋପାଳପୁର ବସ୍ତିର ନାବାଳିକା ପୋଡି ମୃତ୍ୟୁର ସଠିକ ନ୍ୟାୟ ପ୍ରଦାନ ଦାବୀରେ ବିଜେଡି ପକ୍ଷରୁ ଦିଆଯାଇ ଥିବା ପୁରୀ ଜିଲ୍ଲା ବନ୍ଦ ଡାକରା ନିମାପଡା ଓ ଚାରିଛକରେ ସଫଳ ହୋଇଛି । ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ଆହ୍ୱାନକ୍ରମେ ନିମାପଡା ବିଜେଡି ନେତା ଦିଲ୍ଲୀପ ନାୟକଙ୍କ ନେତୃତ୍ୱରେ ନିମାପଡା ଓ ଚାରିଛକ ବଜାରରେ ନେତା ଓ କର୍ମୀମାନେ ହରତାଳରେ ସାମିଲ ହୋଇ ରାସ୍ତାରେ ବିଭିନ୍ନ ଯାନବାହାନ ଚଳାଚଳ ଓ ଦୋକାନ ବଜାର ଗୁଡିକୁ ବନ୍ଦ କରିଥିଲେ । ସକାଳେ ନିମାପଡା ଦୋଳବେଦୀ ଛକ, ଜୟଶ୍ରୀ ଛକ ଓ ଚାରିଛକ ବଜାର ଠାରେ ବିଜେଡି ନେତା ଓ କର୍ମୀ ମାନେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହିତ ପିକେଟିଂ କରି ଦୋକାନ, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ସରକାରୀ ଓ ବେସରକାରୀ କାଯ୍ୟାଳୟ ଗୁଡିକୁ ବନ୍ଦ କରିଥିଲେ । ଫଳରେ ଘଣ୍ଟା ଘଣ୍ଟା ଧରି ବିଭିନ୍ନ ଯାନବାହାନ ବିଭିନ୍ନ ସ୍ଥାନରେ ଅଟକି ରହିଥିଲା । ଏହି ହରତାଳରେ ବିଜେଡି ନେତା ଶ୍ରୀ ନାୟକ, ଯୁବନେତା ଦିଲ୍ଲୀପ ପାତ୍ର, ମାନସ ପ୍ରଧାନ, କାଉନସିଲର ଧନୁର୍ଦ୍ଧର ଦାସ, ପ୍ରଫୁଲ ସାହୁ, ସନ୍ତୋଷ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

**ବଳଙ୍ଗା :** ବହୁ ଚର୍ଚ୍ଚିତ ବଳଙ୍ଗା ନାବାଳିକା ପୋଡ଼ି ମାରିବା ଉଦ୍ୟମ ଓ ଚିକିତ୍ସାଧୀନ ଅବସ୍ଥାରେ ରହସ୍ୟ ଜନକ ଭାବେ ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ଚର୍ଚ୍ଚା ହେଉଥିବା ବେଳେ ପ୍ରତିବାଦରେ ବିଜେଡ଼ିର ପୁରୀ ଜିଲ୍ଲାରେ ବିଜେଡି ଦେଇଥିବା ୬ ଘଣ୍ଟିଆ ବନ୍ଦ ଡାକରାକୁ ସଫଳ କରିବା ପାଇଁ ବିଜେଡି ବିଧାୟକ ପାର୍ଥୀ ବରିଷ୍ଠ ନେତା ଦିଲ୍ଲୀପ ନାୟକ, ପୁରୀ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲିର ପୂର୍ବତନ ବିଧାୟକ ରୁଦ୍ର ମହାରଥୀଙ୍କ ନେତୃତ୍ୱରେ ଳଙ୍ଗା ଅଞ୍ଚଳର ସମସ୍ତ ଦୋକାନବଜାର, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ପ୍ରଧାନ, ପ୍ରକାଶ କୁମାର ସାହୁ, ଗଙ୍ଗାଧର ଜେନା, ମାନସ ପ୍ରଧାନ, ଦିଲ୍ଲୀପ ପାତ୍ର, ସମିତି ସଭ୍ୟ ସୁନିଲ ରଥ, ସତ୍ୟବାଦୀ ମହାପାତ୍ର, ସୁବ୍ରଦ ଛାଟୋଇ, ରଶ୍ମିରେଖା ଦାଶ, ସରପଞ୍ଚ ରାକେଶ କୁମାର ବାରିକ, ଦୀପକ ଦାଶ, ସନ୍ତୋଷ ରଥ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ଭାରତରେ କୃଷି ବିପ୍ଳବ ଓ ପ୍ରଗତିର ଦ୍ରୁତ ଧାରା

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱ ଫଳରେ କ୍ରମାଗତ ଭାବରେ ସଂସ୍କାର ଏବଂ କୃଷକ କୈନ୍ଦ୍ରିକ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯାଇ ଆସୁଛି । ଏହି କାରଣରୁ କୃଷି କ୍ଷେତ୍ରରେ ନିରନ୍ତର ପ୍ରଗତିର ଧାରା ଅବ୍ୟାହତ ରହିଛି । ଦେଶରେ ଧାନ, ଗହମ, ମକା, ଚିନାବାଦାମ ଏବଂ ସୋୟାବିନର ରେକର୍ଡ ଉତ୍ପାଦନ ସମ୍ଭବପର ହୋଇପାରିଛି। ୨୦୨୪–୨୫ କୃଷି ବର୍ଷ ନିମନ୍ତେ ପ୍ରମୁଖ କୃଷି ଫସଲ ଉତ୍ପାଦନର ତୃତୀୟ ଅଗ୍ରୀମ ଅନୁମାନ ଅନୁସାରେ, ୨୦୨୪–୨୫ ବର୍ଷରେ ମୋଟ ଖାଦ୍ୟଶସ୍ୟ ଉତ୍ପାଦନ ୩୫୩.୯୬ ନିୟୁତ ଟନ ହେବାର ଅନୁମାନ କରାଯାଇଛି, ଯାହା ଏପର୍ଯ୍ୟନ୍ତ ଦେଶର ସର୍ବାଧିକ ଖାଦ୍ୟାନ୍ନ ଉତ୍ପାଦନ ହେବ ଏବଂ ବର୍ଷ ୨୦୧୪–୧୫ ( ୨୫୨.୦୨ ନିୟୁତ ଟନ) ତୁଳନାରେ ଏହା ୪୦ ପ୍ରତିଶତ ଅଧିକ ହେବ। ୧୯୬୦ ଦଶକ ପୂର୍ବରୁ କୃଷି ଉତ୍ପାଦନ କ୍ଷେତ୍ରରେ ଲାଗି ରହିଥିବା ସ୍ଥିରତା ଏବଂ ଖାଦ୍ୟ ଅସୁରକ୍ଷାକୁ ପଛରେ ପକାଇ ଆଜି ଭାରତୀୟ କୃଷି ଖାଦ୍ୟ ଅଧିଶେଷ ପ୍ରାପ୍ତ କରିବା ସ୍ଥିତିରେ ପହଂଚି ସାରିଛି । ଯାହାକି ମାଲଥୁସଙ୍କ ଏହି ଧାରଣାକୁ ଭୁଲ ବୋଲି ପ୍ରମାଣିତ କରିଛି ଯେ ଜନସଂଖ୍ୟା ବୃଦ୍ଧି, ଖାଦ୍ୟ ଉତ୍ପାଦନ ତୁଳନାରେ ଅଧିକ ହେବା ଜରୁରୀ । ୧୯୬୭ ମସିହାରେ ୱିଲିଅମ୍ ଏବଂ ପଲ୍ ପାଡକ ଭାରତରେ ମରୁଡ଼ି ସମ୍ପର୍କରେ ଏକ ଭବିଷ୍ୟବାଣୀ କରିଥିଲେ । ସେମାନଙ୍କ ଦାବି ଥିଲା ଯେ ଦେଶ ନିଜର ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ପେଟପୂରା ଖାଦ୍ୟ ଯୋଗାଇବାକୁ ସକ୍ଷମ ହେବନାହିଁ । ସେମାନେ ଖାଦ୍ୟ ସହାୟତା ବିରୁଦ୍ଧରେ ବିବାଦାସ୍ପଦ ଯୁକ୍ତିମାନ ଦର୍ଶାଇଥିଲେ। କାରଣ ସେମାନଙ୍କର ଆଶଙ୍କା ହେଉଥିଲା ଯେ ଏହା ଫଳରେ ଭବିଷ୍ୟତରେ କ୍ଷୁଦା ଜନିତ ମୃତ୍ୟୁ ମାତ୍ରା ବୃଦ୍ଧି ପାଇବ। ଅଧିକ ଅମଳକ୍ଷମ ଧାନ ଓ ଗହମର କିସମ, କୃଷି ରସାୟନ ଏବଂ ସିଞ୍ଚନ ଦ୍ୱାରା ସଂଚାଳିତ ସବୁଜ ବିପ୍ଳବ ପାଡ଼କଙ୍କ ଭବିଷ୍ୟବାଣୀକୁ ମଧ ଭୁଲ ବୋଲି ସାବ୍ୟସ୍ତ କରିଥିଲା। ଭାରତର ଖାଦ୍ୟଶସ୍ୟ ଉତ୍ପାଦନ ୧୯୬୬–୬୭ ମସିହାରେ ମାତ୍ର ୭୪ ନିୟୁତ ଟନରୁ ବୃଦ୍ଧି ପାଇ ୧୯୭୯–୮୦ ମସିହା ପର୍ଯ୍ୟନ୍ତ ୧୩୦ ନିୟୁତ ଟନ ହୋଇଯାଇଥିଲା । ବାର୍ଷିକ ୮.୧ ନିୟୁତ ଟନ ବୃଦ୍ଧି (୨୦୧୪–୨୦୨୫)ର ଶୀର୍ଷ ବିନ୍ଦୁକୁ ସ୍ପର୍ଶ କରି ୩୫୪ ନିୟୁତ ଟନ ପର୍ଯ୍ୟନ୍ତ ପହଁଚିଛି । ବାଡ଼ିବଗିଚାର ପନିପରିବା ଫସଲ ମଧ ୧୦୬୦ ଦଶକରେ ୪୦ ନିୟୁତ ଟନ ଥିବାବେଳେ ତାହା ବୃଦ୍ଧି ପାଇ ୨୦୨୪–୨୫ ବର୍ଷରେ ୩୩୪ ନିୟୁତ ଟନ୍ ଛୁଇଁଛି । ଏହା ଫଳରେ ସମ୍ପ୍ରତି ୭.୫ ନିୟୁତ ଟନ ବାର୍ଷିକ ବୃଦ୍ଧି ସମ୍ଭବପର ହୋଇପାରିଛି । ପ୍ରତିକୂଳ ପରିସ୍ଥିତିମାନଙ୍କୁ ସହ୍ୟ କରିବାକୁ ସକ୍ଷମ କିସମ ମାନଙ୍କର କୃଷି ଏବଂ ଅନୁକୂଳ କୃଷି ପଦ୍ଧତି ଅବଲମ୍ବନ ଫଳରେ ଏଭଳି ପ୍ରଗତି ସମ୍ଭବପର ହୋଇପାରିଛି । ଏହି କାରଣରୁ ଫସଲ ଉତ୍ପାଦନରେ ମଧ ଅଧିକ ସ୍ଥିରତା ଆସିପାରିଛି । ଭାରତ ଡାଏରୀ (ଦୁଗ୍ଧ), କୁକୁଡ଼ା ପାଳନ ଏବଂ ମତ୍ସ୍ୟଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ୧୯୭୦ ଦଶକରେ ଆରମ୍ଭ ହୋଇଥିବା ଶ୍ୱେତ ବିପ୍ଳବ ଦୁଗ୍ଧ ଉତ୍ପାଦନକୁ ୨୦ ନିୟୁତ ଟନରୁ ବଢାଇ ୨୦୨୩–୨୪ ସୁଦ୍ଧା ୨୩୯ ନିୟୁତ ଟନରେ ପହଞ୍ଚାଇଛି, ଯାହା ସମଗ୍ର ୟୁରୋପର ଉତ୍ପାଦନ ସଙ୍ଗେ ସମାନ । ୧୯୮୦ ଦଶକର ନୀଳ ବିପ୍ଳବ ମତ୍ସ୍ୟ ଉତ୍ପାଦନକୁ ୨.୪ ନିୟୁତ ଟନରୁ ବଢାଇ ୨୦୨୪–୨୫ ସୁଦ୍ଧା ୧୯.୫ ନିୟୁତ ଟନରେ ପହଞ୍ଚାଇଛି । ଏହା ଫଳରେ ଭାରତ ସମଗ୍ର ବିଶ୍ୱରେ ଦ୍ୱିତୀୟ ସର୍ବବୃହତ୍ତ ସାମୁଦ୍ରିକ ଖାଦ୍ୟ ଉତ୍ପାଦକ ଏବଂ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି । କୁକୁଡ଼ା ପାଳନ, ଘରୋଇ ଗତିବିଧିକୁ ଆଗକୁ ବଢାଇ ଏକ ଉଦ୍ୟୋଗ ଭାବରେ ବିକଶିତ ଘଟାଇଛି । ଯେଉଁଥିରେ ଅଣ୍ଡା ଉତ୍ପାଦନ ୧୦ ବିଲିୟନରୁ ବଢି ୨୪୩ ବିଲିୟନ ଛୁଇଁଛି ଏବଂ ଏହି ଅବଧି ମଧ୍ୟରେ ମାଂସ ଉତ୍ପାଦନ ୧୧୩ ହଜାର ଟନରୁ ବୃଦ୍ଧି ପାଇ ୫,୦୧୯ ହଜାର ଟନ ହୋଇଛି । ୨୦୧୪–୧୫ ଏବଂ ୨୦୨୩–୨୪ ଅବଧି ମଧ୍ୟରେ ପ୍ରାଣୀ ସ୍ରୋତରୁ ପ୍ରାପ୍ତ ଖାଦ୍ୟ ଉତ୍ପାଦନରେ ଅଭୂତପୂର୍ବ ବୃଦ୍ଧି ପରିଲକ୍ଷିତ ହୋଇଛି । ପ୍ରତି ବର୍ଷ ଦୁଗ୍ଧ ଉତ୍ପାଦନରେ ୧୦.୨ ନିୟୁତ ଟନ୍, ଅଣ୍ଡାରେ ୬.୮ ବିଲିୟନ ୟୁନିଟ, ବ୍ରଏଲର ମାଂସରେ ୨୧୭ ହଜାର ଟନ ଏବଂ ମାଛ (ମୁଖ୍ୟତଃ ଜଳୀୟ କୃଷି ଉତ୍ସରୁ) ରେ ୦.୭୮ ନିୟୁତ ଟନ ବୃଦ୍ଧି ଘଟିଛି । ପ୍ରଜନନ, ସଂସାଧନ, ପ୍ରବନ୍ଧନ ଏବଂ କୁଶଳୀ ଜନଶକ୍ତିର ପ୍ରଯୁକ୍ତିଗତ ପ୍ରଗତି ଏଭଳି କ୍ଷିପ୍ର ଅଭିବୃଦ୍ଧିକୁ ଗତି ପ୍ରଦାନ କରିଛି । ଫଳ, ପନିପରିବା, ଏବଂ ପଶୁ ଉତ୍ପାଦ ଭଳି ଉଚ୍ଚ ମୂଲ୍ୟଯୁକ୍ତ ଖାଦ୍ୟ ପଦାର୍ଥ ବର୍ତ୍ତମାନ ଖାଦ୍ୟଶସ୍ୟ ବୃଦ୍ଧିଠାରୁ ଆଗକୁ ବଢି ଚାଲିଛି ଯାହା କୃଷି ବିବିଧିକରଣ, ଉତ୍ତମ ପୋଷଣ, କୃଷକମାନଙ୍କ ଉପାର୍ଜନ ବୃଦ୍ଧି ଏବଂ ଜଳବାୟୁ ବିଷମ ପରିସ୍ଥିତିମାନଙ୍କ ପ୍ରତି ସହନଶୀଳତାରେ ପ୍ରାଦ୍ୟୋଗିକୀର ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ରେଖାଙ୍କିତ କରେ । ଭାରତ ଖାଦ୍ୟ ଉତ୍ପାଦନ ସଫଳତା ପୋଷଣ, କୃଷକମାନଙ୍କ ଉପାର୍ଜନ, ଜଳବାୟୁର ବିଷମ ପରିସ୍ଥିତି ପ୍ରତି ସହନଶୀଳତା ଏବଂ ରପ୍ତାନୀକୁ ପ୍ରୋତ୍ସାହନ ଯୋଗାଣ ଭଳି ପ୍ରାଦ୍ୟୋଗିକୀ ଏବଂ ନୀତିର ପରିବର୍ତ୍ତନକାରୀ ଭୂମିକାକୁ ଦର୍ଶାଇଥାଏ । ଭାରତୀୟ କୃଷି ଗବେଷଣା ପରିଷଦ(ଆଇ.ସି.ଏ.ଆର.)ର ଗବେଷଣାରୁ ଜଣାପଡ଼ିଛି ଯେ କୃଷି କ୍ଷେତ୍ରରେ ପୁଂଜି ନିବେଶରୁ ଅଧିକ ଉପାର୍ଜନ ମିଳୁଛି। ଅନୁସନ୍ଧାନ ଓ ବିସ୍ତାରଣ ଉପରେ ବ୍ୟୟ କରାଯାଇଥିବା ପ୍ରତି ଏକ ଟଙ୍କା କ୍ରମଶ । ୧୪.୮୫ ଟଙ୍କା ଏବଂ ୭.୪୦ ଟଙ୍କା ହେଉଛି । ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା, ପ୍ରଧାନମନ୍ତ୍ରୀ– କିଷାନ (ପ୍ରତ୍ୟକ୍ଷ କୃଷକ ସହାୟତା, ରାଷ୍ଟ୍ରୀୟ ପ୍ରାଣୀଧନ ମିଶନ ଏବଂ ନୀଳ ବିପ୍ଳବ ଭଳି ସମ୍ପ୍ରତି ସରକାରୀ କାର୍ଯ୍ୟକ୍ରମ ସଂସାଧନର ଉପଯୋଗକୁ ବଢାଇ, କ୍ଷତିକ କମ୍ କରିବା ଏବଂ କୃଷି ଖାଦ୍ୟ ପ୍ରଣାଳୀରେ ପ୍ରାଦ୍ୟୋଗିକୀକୁ ଆପଣାଇବାକୁ ପ୍ରୋତ୍ସାହନ ଯୋଗାଇ କୃଷି ବିକାଶକୁ ଅଧିକ ଶକ୍ତି ପ୍ରଦାନ କରୁଛି ।



**ଶିବରାଜ ସିଂହ ଚୌହାନ**
କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ

୨୦୪୭ ମସିହା ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବାର ଲକ୍ଷ୍ୟ ନିର୍ଦ୍ଧାରଣ କରିଛି । ସେଥିପାଇଁ ଦେଶର ଅର୍ଥବ୍ୟବସ୍ଥାକୁ ବାର୍ଷିକ ୭.୮ ପ୍ରତିଶତ ହାରରେ ବୃଦ୍ଧି କରିବାକୁ ପଡ଼ିବ । ଅନୁମାନ କରାଯାଏ ଯେ ୨୦୪୭ ମସିହା ସୁଦ୍ଧା ଦେଶର ଜନସଂଖ୍ୟା ୧.୬ ବିଲିୟନ ହୋଇ ସାରିଥିବ– ଏମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଲୋକ ସହରାଞ୍ଚଳରେ ବସବାସ କରୁଥିବେ । ଏଭଳି ପରିବର୍ତ୍ତନ ଯୋଗୁ ଖାଦ୍ୟାନ୍ନର ମୋଟ ଚାହିଦା ଦୁଇଗୁଣ ହୋଇ ଯାଇଥିବ। ଫଳ, ପନିପରିବା ଏବଂ ପ୍ରାଣୀ ଆଧାରିତ ଖାଦ୍ୟ ପଦାର୍ଥର ଚାହିଦା ସ୍ଥିର ରହିବ, ଯାହା ଅଧିଶେଷର ସ୍ଥିତିକୁ ମଧ କାଏମ ରଖିବ। ସମ୍ପ୍ରତି, ବର୍ଦ୍ଧିଷ୍ଣୁ ସହରୀକରଣ ଏବଂ ଔଦ୍ୟୋଗୀକରଣ କାରଣରୁ କୃଷି ଭୂମି ୧୮୦ ହେକ୍ଟରରୁ ହ୍ରାସ ପାଇ ୧୭୬ ନିୟୁତ ହେକ୍ଟର ଏବଂ ପ୍ରତିଶତ ଭୂମି ୧ରୁ ହ୍ରାସ ପାଇ ୦.୬ ହେକ୍ଟର ହୋଇସାରିଥିବ। ଏହା ଫଳରେ ଜଳ ଓ କୃଷି ରାସାୟନିକ ସାର ଉପରେ ଚାପ ବୃଦ୍ଧି ପାଇବ, ଯାହା ଫଳରେ ସଂସାଧନର କ୍ଷରଣ ହେବାର ବିପଦ ମଧ ବୃଦ୍ଧି ପାଇବ। ଜଳବାୟୁ ପରିବର୍ତ୍ତନ ଆହୁରି ଅଧିକ ସଙ୍ଗୀନ ହୋଇଯିବ ଏବଂ ଏହା ସ୍ଥାୟୀ କୃଷି ଏବଂ ଗ୍ରାମୀଣ ଆଜୀବିକାକୁ ବିପଦ ପହଞ୍ଚାଇବ। ଭାରତର ବର୍ଦ୍ଧିଷ୍ଣୁ କୃଷି ଖାଦ୍ୟ ଚାଲେଞ୍ଜ, ଉତ୍ପାଦନ ରଣନୀତିରେ ପରିବର୍ତ୍ତନର ଆବଶ୍ୟକତା କରେ। ପ୍ରତିବର୍ଷ ୨୦ ନିୟୁତ ଟନ୍ ଚାଉଳ, ଯାହାର କୃଷି ପାଇଁ ଅଧିକ ପରିମାଣର ଜଳର ଆବଶ୍ୟକତା ପଡ଼ିବ । ଏହାର ରପ୍ତାନୀ ସତ୍ତ୍ୱେ, ଭୂତଳ ଜଳର ନିରନ୍ତର ଉପଲବ୍ଧତା ବିପଦରେ ରହିଛି । ଏହା ମଧ୍ୟରେ ଭାରତ ଖାଦ୍ୟ ତୈଳବୀଜ ଏବଂ ଡାଲିଜାତୀୟ ଶସ୍ୟର ଆମଦାନୀ ଉପରେ ଅଧିକ ନିର୍ଭରଶୀଳ । ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା, କୃଷକମାନଙ୍କ ହିତ ରକ୍ଷା କରିବା ଏବଂ ସଂସାଧନକୁ ସଂରକ୍ଷଣ କରିବା ନିମନ୍ତେ, ଫସଲ ନିୟୋଜନରେ ସ୍ଥାୟୀ କୃଷି ପଦ୍ଧତିଗୁଡ଼ିକ ସହିତ ତୈଳବୀଜ ଏବଂ ଡାଲିଜାତୀୟ ଶସ୍ୟ ଏବଂ ଜଳ କୁଶଳ ଫସଲକୁ ପ୍ରାଥମିକତା ଦେବା ଜରୁରୀ ।

ନାନାଦି ବାଧାବନ୍ଧନ, କାରଣ ଯୋଗୁ କୃଷି କାର୍ଯ୍ୟରେ ବ୍ୟବହାର କରାଯାଉ ନଥିବା ଭଳି ୧୨ ବିଲିୟନ ହେକ୍ଟର ଧାନ ଫସଲ ପାଇଁ ଉର୍ଦ୍ଧିଷ୍ଟ ଭୂମି ଉପରେ ଭାରତ ଡାଲିଜାତୀୟ ଓ ତୈଳବୀଜ କୃଷିକୁ ବିସ୍ତାରିତ କରିପାରିବ । ସମ୍ପ୍ରତି, କମ୍ ଉତ୍ପାଦନକ୍ଷମ ତୈଳବୀଜରେ ୧୮– ୪୦ ପ୍ରତିଶତ ଏବଂ ଡାଲିଜାତୀୟ ଶସ୍ୟରେ ୩୧.–୩୭ ପ୍ରତିଶତ ପାର୍ଥକ୍ୟ– ପ୍ରଯୁକ୍ତି ଉନ୍ନୟନର ଆବଶ୍ୟକତାକୁ ରେଖାଙ୍କିତ କରେ। ବିକଶିତ କୃଷି ସଂକଳ୍ପ ଅଭିଯାନ (ବି.କେ.ଏସ.ୱାଇ.) ଦେଶର ୭୨୮ଟି ଜିଲ୍ଲାରେ ୧.୩୫ କୋଟି କୃଷକଙ୍କ ନିକଟରେ ପହଞ୍ଚାଯାଇ ସାରିଛି । କୃଷକ– ବୈଜ୍ଞାନିକ ପ୍ରତ୍ୟକ୍ଷ ଭାବ ବିନିମୟ କାର୍ଯ୍ୟକ୍ରମ ମାଧମରେ ଉତ୍ତମ କୃଷି କାର୍ଯ୍ୟ ପ୍ରଣାଳୀଗୁଡ଼ିକୁ ସମ୍ପ୍ରସାରିତ କରିଛି । ଉତ୍ପାଦନ ବୃଦ୍ଧି ନିମନ୍ତେ ଏବଂ ଆମଦାନୀକୁ କମ୍ କରିବା ସକାଶେ, ସରକାର ମିଶନ ମୋଡରେ ଅନେକ ନୂଆ ନୂଆ ଯୋଜନାମାନ ଶୁଭାରମ୍ଭ କରିଛନ୍ତି ଯାହା ତୈଳବୀଜ, ଡାଲିଜାତୀୟ ଶସ୍ୟ ଏବଂ କପାର ଅଧିକ ଉତ୍ପାଦନଯୁକ୍ତ ମଞ୍ଜି ଉପରେ କେନ୍ଦ୍ରିତ ଅଟେ। କୃଷି ଅନୁସନ୍ଧାନ ବ୍ୟୟ କମ୍ କରିବା ଏବଂ ଏଥି ନିମନ୍ତେ ଉପଯୁକ୍ତ ପ୍ରବନ୍ଧନ କରି କୃଷି ଉତ୍ପାଦକତା, ସହନଶୀଳତା ଏବଂ ସଂସାଧନର ଦକ୍ଷତା ବୃଦ୍ଧିକୁ ସହାୟତା ପ୍ରଦାନର ଅପାର ସମ୍ଭାବନା ରହିଛି । ସମୟୋଚିତ ଭାବରେ ସୂଚନା ଆବଶ୍ୟକତାର ବର୍ଦ୍ଧିଷ୍ଣୁ ଚାହିଦା ସହିତ କୃତ୍ରିମ ପ୍ରଜ୍ଞା (ଏ.ଆଇ.) ଏବଂ ଡାଟା ବିଶ୍ଳେଷଣ ଭଳି ଆଧୁନିକ ଉପକରଣ ବୈଶ୍ୱିକ କୃଷି ଅନୁସନ୍ଧାନରେ ପରିବର୍ତ୍ତନ ଆଣି ଚାଲିଛି । ଭାରତ ସମ୍ପ୍ରତି ଅନୁସନ୍ଧାନ ଓ ବିକାଶରେ ପ୍ରତିବର୍ଷ ୧୧୬ ବିଲିୟନ ଟଙ୍କା (କୃଷି ଜି.ଡ଼ି.ପିର ୦.୫ ପ୍ରତିଶତ) ନିବେଶ କରୁଛି । ଏହା ସହିତ ବିତ୍ତୀୟ ପୋଷଣ ବୃଦ୍ଧି ଏବଂ ଚାହିଦା ଆଧାରିତ ଦୃଷ୍ଟିକୋଣ ଆପଣାଇବା ଯୋଜନାଗୁଡ଼ିକୁ ମଧ ପ୍ରସ୍ତୁତ କରିଚାଲିଛି । କୃଷି ବିଜ୍ଞାନ କେନ୍ଦ୍ର, ରାଜ୍ୟମାନଙ୍କରେ ବିସ୍ତାରଣ ପ୍ରଣାଳୀ ଏବଂ କେନ୍ଦ୍ର– ରାଜ୍ୟ ମଧ୍ୟରେ ଟପଯୁକ୍ତ ସମନ୍ୱୟ ରକ୍ଷାକୁ ଅଧିକ ମଜଭୁତ କରିବା ଫଳରେ ଅନୁସନ୍ଧାନ ଉପରେ ଗୁରୁତ୍ୱ ଦିଆଯାଉଛି । କୃଷକମାନଙ୍କ ଏହିସବୁ କାର୍ଯ୍ୟକ୍ରମକୁ ଅଧିକ ଘନିଷ୍ଠ ମାତ୍ରାରେ ଯୋଡ଼ାଯାଉଛି । 'ଏକ ରାଷ୍ଟ୍ର, ଏକ କୃଷି, ଏକ ଟିମ୍' ଭିଜନ ଅଧୀନରେ ଭାରତୀୟ କୃଷି ଗବେଷଣା ପରିଷଦର ନୋଡାଲ ଅଧିକାରୀମାନେ ବିକଶିତ ଭାରତକୁ ସମର୍ଥନ ଯୋଗାଇବା ନିମନ୍ତେ ରାଜ୍ୟସ୍ତରୀୟ କାର୍ଯ୍ୟ ଯୋଜନାଗୁଡ଼ିକୁ ମାର୍ଗଦର୍ଶନ କରୁଛନ୍ତି ।

**********

(ଶ୍ରୀମଭଗବଦ୍ ଗୀତା ୧୮/୧୦)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ )

**ନ ଦ୍ୱେଷ୍ଟ୍ୟକୁଶଳଂ କର୍ମ୍ମ କୁଶଳେ ନାନୁଷଜ୍ଜତେ ।**
**ତ୍ୟାଗୀ ସତ୍ତ୍ୱସମାବିଷ୍ଟୋ ମେଧାବୀ ଛିନ୍ନସଂଶୟଃ ।। ୧୦ ।।**

(ଏବମ୍ଭୂତସାତ୍ତ୍ୱକତ୍ୟାଗପରିନିଷ୍ଠିତସ୍ୟ ଲକ୍ଷଣମାହ )-ସତ୍ତ୍ୱସମାବଇଷ୍ଟଃ (ସତ୍ତ୍ୱଗୁଣପରିବ୍ୟାପ୍ତଃ), ମେଧାବୀ (ସ୍ଥିରବୁଦ୍ଧିଃ), ଛିନ୍ନସଂଶୟଃ (ଛିନ୍ନଃସଂଶୟଃ ମିଥ୍ୟାଜ୍ଞାନ ଯସ୍ୟ ସଃ), ତ୍ୟାଗୀ (ସାତ୍ତ୍ୱିକତ୍ୟାଗୀ), ଅକୁଶଳଂ (ଦୁଃଖାବହଂ) କର୍ମ୍ମ ନ ଦ୍ୱେଷ୍ଟି ( ପ୍ରତିକୂଳଂ ମନ୍ୟତେ), କୁଶଳେ (ସୁଖକରେ କର୍ମ୍ମଣି) ନ ଅନୁଷଜ୍ଜତେ ( ପ୍ରୀତିଂ ନାନୁଭବତି) ।। ୧୦ ।।

# ବଢୁଛି ଆତ୍ମହତ୍ୟାପ୍ରବଣତା

ଅନେକ ବର୍ଷ ତଳେ ୧୯୯୬ ଜୁନ୍ ମାସରେ ପ୍ରସିଦ୍ଧ ଇଂରାଜୀ ପତ୍ରିକା 'ଇଣ୍ଡିଆ ଟୁଡେ'ରେ Growing Death Wish (ମୃତ୍ୟୁମୁଖରେ ପଡିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି) ଶୀର୍ଷକରେ ଗୋଟାଏ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶିତ ହୋଇଥିଲା । ଅତ୍ୟାଧୁନିକ ଜୀବନର ଚାପର ମାତ୍ରା ବୃଦ୍ଧି କାରଣରୁ ଅଧିକାଂଶ ବ୍ୟକ୍ତି ଆତ୍ମହତ୍ୟାର ଶିକାର ହେଉଥିଲେ ଏବଂ ସେମାନଙ୍କ ସଂଖ୍ୟା ପୂର୍ବ ଦଶନ୍ଧି ଅପେକ୍ଷା ଦୁଇଗୁଣ ଅଧିକ ବୋଲି ମଧ୍ୟ ସେହି ରିପୋର୍ଟରେ ଦର୍ଶାଯାଇଥିଲା । ଦୀର୍ଘ ଅଣତିରିଶ ବର୍ଷ ପରେ ଭାରତରେ ନୁହେଁ, ଓଡ଼ିଶାରେ ମଧ୍ୟ ଆତ୍ମହତ୍ୟାପ୍ରବଣତା ଏବେ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । ଅତ୍ୟାଧୁନିକ ଜୀବନଯାପନ ପ୍ରଣାଳୀର ଚାପ ହେଉ, ପ୍ରଚଳିତ ସାମାଜିକ ଜୀବନରେ ଅସନ୍ତୋଷ ହେଉ କି ପ୍ରେମରେ ବିଫଳତା ହେଉ ବା ଦାରିଦ୍ର୍ୟର କଷାଘାତ ହେଉ କିମ୍ବା ଅନ୍ୟ କୌଣସି କାରଣ ହେଉ, ଏ ବିଷୟରେ ଓଡ଼ିଶାର ସାମ୍ବାଦିକମାନେ ତନ୍ନ ତନ୍ନ କରି ଅନୁସନନ୍ଧାନ କରି ବେଶୀ କିଛି ସେ ବିଷୟରେ ଲେଖିଥିବା କଥା ମନେ ହୁଏ ନାହିଁ ।

ଅନେକ କ୍ଷେତ୍ରରେ ମାଦକ ଦ୍ରବ୍ୟର ବହୁଳ ବ୍ୟବହାର ଏପରି ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି କେହି କେହି ସନ୍ଦେହ କରନ୍ତି । ମାତ୍ର ଆତ୍ମହତ୍ୟା ହେଉ ବା ଆତ୍ମାହୁତି ହେଉ, ଅଭିଯୋଗଗୁଡ଼ିକ ତଥ୍ୟଭିତ୍ତିକ ହେବା ବାଞ୍ଛନୀୟ ।

ଜାତୀୟ ଅପରାଧ ବ୍ୟୁରୋ ରେକର୍ଡକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଭାରତରେ ୨୦୨୦ ମସିହାରେ ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି । ଏହାର କାରଣ ପାରିବାରିକ ବିପର୍ଯ୍ୟୟାବସ୍ଥା, ସାଙ୍ଗସାଥୀ ବା ନିଜ ଗୋଷ୍ଠୀର ଲୋକଙ୍କ ମଧ୍ୟରେ ମନୋମାଳିନ୍ୟ ବି ହୋଇପାରେ । ଅନେକ ଗଣ ଯୋଗାଯୋଗ ମାଧ୍ୟମର ସଂସ୍ଥା ଗୋଟିଏ ଗୋଟିଏ ଆତ୍ମହତ୍ୟା ବା ଆତ୍ମାହୁତି ଘଟଣାକୁ ଅତି ଚମକପ୍ରଦ ଭାବେ ବା ଚାଞ୍ଚଲ୍ୟକର ଢ଼ଙ୍ଗରେ ହେଉ କିମ୍ବା ଅତିରଞ୍ଜିତ କରି ବର୍ଣ୍ଣନା କରିବା ଦ୍ୱାରା ହେଉ ତାହା ଆତ୍ମହତ୍ୟାକାରୀଙ୍କୁ ଅଧିକ ଉତ୍ସାହିତ କରୁଥିବା ମଧ୍ୟ ଅଭିଯୋଗ ହୋଇଥାଏ ।

ସେ ଯାହାହେଉ, ଗଣମାଧ୍ୟମ ଏ ସବୁ ବିଷୟରେ ସତର୍କତା ଅବଲମ୍ବନ କରି ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ଉଦ୍ୟମ କରିବା ଉଚିତ ।

ଭାରତରେ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ଅନୁସନ୍ଧାନ ଓ ଗବେଷଣାତ୍ମକ ସନ୍ଦର୍ଭରୁ ପ୍ରାପ୍ତ ସୂଚନା ଅନୁସାରେ ଭାରତରେ ଅନ୍ୟାନ୍ୟ ରାଷ୍ଟ୍ର ପରି ଆତ୍ମହତ୍ୟା ଘଟଣା ବୃଦ୍ଧି ପାଇଛି । କିନ୍ତୁ ମହିଳାଙ୍କ ତୁଳନାରେ ପୁରୁଷମାନଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଅଧିକ । ମଧ୍ୟ ବୟସ୍କ ବା ବୟସ୍କ ଲୋକଙ୍କ ମଧ୍ୟରେ ଭାରତରେ ଏହି ଆତ୍ମହତ୍ୟା ହାର ଅଧିକ ଥିବା ବେଳେ ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ଥିବା ଯୁବତୀମାନେ ଅଧିକାଂଶ ଆତ୍ମହତ୍ୟା ଆଡ଼କୁ ମୁହାଁଉଥିବା କୁହାଯାଉଛି । ଯେଉଁଠି ନିଯୁକ୍ତି ସୁଯୋଗ ନ ମିଳୁଛି, ଭାରତରେ ସେପରି ସ୍ଥାନରେ ଯୁବକମାନଙ୍କ ଆତ୍ମହତ୍ୟାର ହାର ଅଧିକ ବୋଲି ଉପରୋକ୍ତ ଅନୁଧ୍ୟାନରୁ ଜଣାଯାଇଛି ।

ଓଡ଼ିଶାରେ ଏଇ ଅଳ୍ପ କେତେ ମାସ ମଧ୍ୟରେ ବାଲେଶ୍ୱର କଲେଜ ଛାତ୍ରୀ, ବଳଙ୍ଗା (ପୁରୀ ଜିଲ୍ଲା)ର ବାଳିକା ଓ ପଟ୍ଟାମୁଣ୍ଡାଇ କାଠିଆପଡ଼ା ଗ୍ରାମରେ ଆଉ ଜଣେ କଲେଜ ଛାତ୍ରୀ ଅଳ୍ପ ଦିନର ବ୍ୟବଧାନ ମଧ୍ୟରେ ଆତ୍ମାହୁତି ପରି ଭୟାନକ ଆତ୍ମହତ୍ୟାର ଶିକାର ହୋଇଥିବା ବିଷୟରେ ଚର୍ଚ୍ଚା ରାଜ୍ୟରେ ଏବେ ଜୋରସୋରରେ ଚାଲିଛି । ରାଜ୍ୟରେ ଅଭିଭାବକମାନେ ଏ ବିଷୟରେ ଏକତ୍ର ବିଚାରବିମର୍ଶ କରିବା ଆବଶ୍ୟକ । ରାଜ୍ୟ ସରକାର ତ ବିଭିନ୍ନ ଉପାୟରେ ଏହାର ପ୍ରତିକାର କରିବାକୁ ଚାହୁଁଛନ୍ତି । ସମ୍ଭବତଃ ସେଥିପାଇଁ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଭାବେ ରେମୁଣା ବ୍ଲକର କରଞ୍ଜିଆ ଗ୍ରାମର ଶୋଭନା ମହାନ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି । ସେହିପରି ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ପଦବୀରେ ବ୍ରହ୍ମପୁରର ବବିତା ପାତ୍ରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ଏହି ବିଜ୍ଞପ୍ତି ଅନୁଯାୟୀ ମହିଳା କମିଶନରେ ଯେଉଁ ଚାରିଜଣ ସଦସ୍ୟାଙ୍କୁ ନିଯୁକ୍ତି ଦିଆଯାଇଛି, ସେମାନଙ୍କ ମଧ୍ୟରୁ ସମସ୍ତେ ସକ୍ରିୟ କି ନୁହେଁ, ତାହା ବିଚାର କରିବା କଥା ।

ଧର୍ମଭିତ୍ତିରେ, ଭାରତରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନେ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଥିବା ଜଣାଯାଇଛି । ରାଜ୍ୟ ବା କେନ୍ଦ୍ର ସରକାରଙ୍କଠାରୁ ଅନୁଦାନ ଲାଭ କରୁଥିବା ଅନେକ ରେଜିଷ୍ଟ୍ରିଭୁକ୍ତ ସାମାଜିକ ସଂଗଠନ ମଧ୍ୟ ଏହି ଆତ୍ମହତ୍ୟା ଘଟଣାସବୁକୁ ଗୁରୁତର ଭାବେ ଗ୍ରହଣ କରି ଘଟଣାସ୍ଥଳ ପରିଦର୍ଶନ କରିବା ଉଚିତ ପଦକ୍ଷେପ ହୁଅନ୍ତା ।

# ସ୍ତନ୍ୟପାନ: ଏକ ସୁସ୍ଥ ରାଷ୍ଟ୍ର ଗଠନର ସହଜ ସମାଧାନ

## ଡାକ୍ତର ରାମପ୍ରସାଦ ରାୟ

ବିଶ୍ୱରେ ଉପଯୁକ୍ତ ପୋଷଣର ଅଭାବ ହେତୁ ୫ବର୍ଷରୁ କମ୍ ବୟସର ଶିଶୁମାନଙ୍କର ମୃତ୍ୟୁହାର ହେଉଛି ୪୫ ପ୍ରତିଶତ । ଏକ ତୃତୀୟାଂଶ ଶିଶୁ କୁପୋଷଣଜନିତ ରୋଗର ଶିକାର ହେଉଛନ୍ତି । ଏ କ୍ଷେତ୍ରରେ ଭାରତର ସ୍ଥିତି ଅଧିକ ଜଟିଳ, ଯେଉଁଠାରେ ୫ବର୍ଷ ବୟସରୁ କମ୍ ୪୦ ପ୍ରତିଶତ ଶିଶୁ କୁପୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଏକମାତ୍ର ସରଳ ସମାଧାନର ପନ୍ଥା ହେଉଛି ଶିଶୁମାନଙ୍କୁ ଉପଯୁକ୍ତ ସମୟରୁ ସ୍ତନ୍ୟପାନର ଆରମ୍ଭ କରାଇବା ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ୫ ବର୍ଷରୁ କମ ପ୍ରାୟ ୮ ଲକ୍ଷ ଶିଶୁମାନଙ୍କୁ କେବଳ ଜନ୍ମରୁ ପ୍ରଥମ ୬ ମାସ ପର୍ଯ୍ୟନ୍ତ ମା' ସ୍ତନ୍ୟପାନ କରାଇ ଏବଂ ଏଥି ସାଙ୍ଗକୁ ୨୪ ମାସ ହେବା ପର୍ଯ୍ୟନ୍ତ ଉପଯୁକ୍ତ ପରିପୂରକ ଖାଦ୍ୟ ପ୍ରଦାନ କରି କୁପୋଷଣଜନିତ ସମସ୍ୟାକୁ ଦୂର କରାଯାଇପାରିବ । ଶିଶୁର ପ୍ରାରମ୍ଭିକ ଦୁଇ ବର୍ଷ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ସମୟରେ ତା' ପାଇଁ ପର୍ଯ୍ୟାପ୍ତ ପରିମାଣର ପୋଷାକ ଆବଶ୍ୟକ ହୋଇଥାଏ । ଏହି ଉପଯୁକ୍ତ ପୋଷାକ ଦ୍ୱାରା ଶିଶୁଠାରେ ଦେଖା ଦେବାକୁ ଥିବା କ୍ରମାଗତ ରୋଗକୁ ଦୂର କରାଯାଇପାରେ ଓ ଶିଶୁର ସାମଗ୍ରିକ ବିକାଶ ହୋଇପାରେ ।

କୁହାଯାଏ ଯେ ମା'କ୍ଷୀର ପିଲାମାନଙ୍କ ପାଇଁ ଅମୃତ ସଦୃଶ । ସ୍ତନ୍ୟପାନ ଶିଶୁ ପାଇଁ ପ୍ରଥମ ଟିକା ଭାବେ କାର୍ଯ୍ୟ କରିଥାଏ । ମା' କ୍ଷୀର ଶିଶୁମାନଙ୍କ ପାଇଁ ଏକ ଆଦର୍ଶ ଖାଦ୍ୟ, କାରଣ ଏହା ଜୀବନର ପ୍ରଥମ ଛଅ ମାସରେ ଶିଶୁର ବୃଦ୍ଧି ଓ ବିକାଶ ପାଇଁ ସମସ୍ତ ଆବଶ୍ୟକ ପୁଷ୍ଟିକର ପଦାର୍ଥ ଯୋଗାଇଥାଏ । ଏଥିରେ ଆଣ୍ଟିବଡ଼ି ଥାଏ ଯାହା ପାଚନ କ୍ରିୟାକୁ ବୃଦ୍ଧି କରିଥାଏ, ଅନେକ ମାରାତ୍ମକ ରୋଗରୁ ରକ୍ଷା କରେ। ଏହା ବ୍ୟତୀତ ସ୍ତନ୍ୟପାନ ସଂକ୍ରମଣ, ଶ୍ୱାସକ୍ରିୟା ରୋଗ ଓ ଆଲର୍ଜି ପରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ମଧ୍ୟ ହ୍ରାସ କରିପାରିଥାଏ । ଏହି କାରଣରୁ ପ୍ରତିବର୍ଷ ଅଗଷ୍ଟ ପ୍ରଥମ ସପ୍ତାହରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ମଧ୍ୟ କରାଯାଏ, ଯାହାଦ୍ୱାରା ଲୋକଙ୍କୁ ସ୍ତନ୍ୟପାନର ଗୁରୁତ୍ୱ ବିଷୟରେ ସଚେତନ କରାଯାଇପାରିବ । ଏହି ବିଶେଷ ସପ୍ତାହର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ କୁପୋଷଣରୁ ରକ୍ଷା କରିବା ଏବଂ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶକୁ ପ୍ରୋତ୍ସାହିତ କରିବା । ପରନ୍ତୁ ଆଜି ସାରା ବିଶ୍ୱରେ କେବଳ ୪୮ ପ୍ରତିଶତ ଶିଶୁ ଛଅ ମାସ ବୟସ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ତନ୍ୟପାନ କରିପାରୁଛନ୍ତି । ଗତ ବାର ବର୍ଷ ମଧ୍ୟରେ ଏହି ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଲକ୍ଷ ଲକ୍ଷ ପିଲାଙ୍କ ଜୀବନ ରକ୍ଷା କରିଛି । ତଥାପି ୨୦୨୫ ସୁଦ୍ଧା ୫୦ ପ୍ରତିଶତ ପିଲାଙ୍କୁ ସମ୍ପୂର୍ଣ୍ଣ ସ୍ତନ୍ୟପାନ ଯୋଗାଇବାର ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ପ୍ରୟାସ ଆବଶ୍ୟକ । ୟୁନିସେଫ ତଥ୍ୟ ଅନୁଯାୟୀ ସ୍ତନ୍ୟପାନ ହାରରେ ଉନ୍ନତି ଆଣି ପ୍ରତିବର୍ଷ ପ୍ରାୟ ୮ଲକ୍ଷ ୨ ହଜାର ପିଲାଙ୍କ ଜୀବନ ରକ୍ଷା କରାଯାଇପାରିବ । ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ସ୍ତନ୍ୟପାନ ହେଉଛି ପିଲାମାନଙ୍କ ପାଇଁ ପୁଷ୍ଟିସାରଯୁକ୍ତ ଖାଦ୍ୟ, ଯାହା ସବୁଠାରୁ ନିରାପଦ ଓ ସୁଲଭ ଉତ୍ସ । ଏଥର ବିଶ୍ୱ ସ୍ତନ୍ୟପାନ ସପ୍ତାହର ମୂଳ ଲକ୍ଷ୍ୟ ଥିଲା ସ୍ତନ୍ୟପାନକୁ ପ୍ରାଥମିକତା ଦେବା । ଏହାର ଉଦ୍ଦେଶ୍ୟ ହେଉଛି ମା' ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା । ଏହି ବିଷୟବସ୍ତୁ ମା'ମାନଙ୍କୁ ସ୍ତନ୍ୟପାନ କରାଇବାକୁ ଉତ୍ସାହିତ କରିବା ସହିତ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରେ । ଡବ୍ଲୁଏଚଓ ଏବଂ ୟୁନିସେଫ ଅନୁଯାୟୀ ପିଲାମାନଙ୍କୁ ସୁସ୍ଥ ରଖିବା ପାଇଁ ସ୍ତନ୍ୟପାନ ହେଉଛି ସର୍ବୋତ୍ତମ ଉପାୟ । ଏଥିରେ ଥିବା ପୁଷ୍ଟିକର ତତ୍ତ୍ୱ ପିଲାମାନଙ୍କୁ ଡାଇରିଆ ଓ ନିମୋନିଆ ଭଳି ରୋଗକୁ ରକ୍ଷା କରେ । ଏଥି ସହିତ ମା' ମାନଙ୍କ ଠାରେ ସ୍ତନ କର୍କଟ, ଡିମ୍ବାଶୟ କର୍କଟ ଓ ମଧୁମେହର ଆଶଙ୍କା ମଧ୍ୟ ହ୍ରାସ କରେ ।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁକଲ୍ୟାଣ ବିଭାଗ କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ମଧ୍ୟ ପ୍ରସୂତୀମାନଙ୍କୁ ଗର୍ଭବତୀ ସମୟରୁ ସନ୍ତାନ ଜନ୍ମ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ସମସ୍ତ ପ୍ରକାର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକୀୟ ଔଷଧ ଓ ପୋଷଣଯୁକ୍ତ ଖାଦ୍ୟପେୟ ପ୍ରଦାନ କରାଇବାର ବ୍ୟବସ୍ଥା ହୋଇଛି । ମା'କ୍ଷୀର ହେଉଛି ପିଲାଟି ପାଇଁ ସର୍ବଶ୍ରେଷ୍ଠ ମହୌଷଧୀ ଓ ଅମୃତ, ଏଥିରୁ ପିଲାଟିକୁ ବଞ୍ଚିତ କରାଯିବା ଅନୁଚିତ । ସୁସ୍ଥ ମାଆ ଓ ନବଜାତ ଶିଶୁଟିର ସମସ୍ତ ସ୍ୱାସ୍ଥ୍ୟ ପରାମର୍ଶ ସରକାରଙ୍କ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହେଉ ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡସ୍ତରୀୟ ଡାକ୍ତରଖାନା ବା ଜିଲ୍ଲାସ୍ତରୀୟ, ସିଟି ହସ୍ପିଟାଲ, ଶିଶୁଭବନ ଓ ରାଜ୍ୟର ବଡ଼ ମେଡ଼ିକାଲମାନଙ୍କରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଆଯାଇ ପାରିବ ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସ୍ରୋଲ ରେଡ୍‌କ୍ରସ ବ୍ଲଡ ସେଣ୍ଟର, କଟକ, ମୋ-୮୨୬୦୪୦୮୮୩୬**

## ଶ୍ରଦ୍ଧାଞ୍ଜଳି:
# 'ଦିଶୋମ ଗୁରୁ' ଶିବୁସୋରେନ୍



ଦଶରଥ ହେମ୍ବ୍ରମ୍

ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ପ୍ରତିଷ୍ଠାତା, ସାଧାରଣ ସମ୍ପାଦକ, ସଂଗଠକ, ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଗଠନର ମୁଖ୍ୟ ପୁରୋଧା, କେନ୍ଦ୍ରମନ୍ତ୍ରୀ, ପୂର୍ବତନ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମାଟିର ସୁଯୋଗ୍ୟ ସନ୍ତାନ ଶିବୁ ସୋରେନ ୮୧ ବର୍ଷରେ ପରଲୋକ ଗମନ କରିଛନ୍ତି । ଭଗବାନ ବୀର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀରେ ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟର ମାନ୍ୟତା ୨୦୦୦ ମସିହା ନଭେମ୍ବର ୧୫ ତାରିଖରେ ପାଇଥିଲା । ଦୀର୍ଘ ବର୍ଷର ବ୍ୟବଧାନ ମଧ୍ୟରେ ଶିବୁ ସୋରେନଙ୍କ ସୁପ୍ରଚେଷ୍ଟା ଏବଂ ଆପ୍ରାଣ ଉଦ୍ୟମ ଦ୍ୱାରା ଝାଡ଼ଖଣ୍ଡ ମାଟି ସମଗ୍ର ଦେଶ-ବିଦେଶରେ ସୁପରିଚିତ ହୋଇପାରିଛି । ଝାଡ଼ଖଣ୍ଡ ରାଜ୍ୟ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ । ତେଣୁ ଏହିଭଳି ମହାନ ଜନନାୟକଙ୍କ ବିୟୋଗରେ ସମଗ୍ର ଦେଶରେ ଶୋକର ଛାୟା ଖେଳିଯାଇଛି । ବିହାର ପ୍ରଦେଶ (ଅଧୁନା ଝାଡ଼ଖଣ୍ଡ ରାଜ୍ୟ)ରେ ଥିବା ରାମଗଡ଼ ଜିଲ୍ଲା ନେମ୍ରା ଗ୍ରାମରେ ୧୯୪୪ ମସିହା ଜାନୁଆରୀ ୧୧ ତାରିଖରେ ଶିବୁ ସୋରେନଙ୍କ ଜନ୍ମ । ତାଙ୍କ ପିତା ସୋବରଣ ମାଝୀ ଥିଲେ ସେହି ଅଞ୍ଚଳର ସବୁଠାରୁ ଶିକ୍ଷିତ ବ୍ୟକ୍ତି । ସେ ପ୍ରଖର ଜ୍ଞାନୀ ଏବଂ ସଚେତକ ଥିଲେ । ତେଣୁ ସମାଜରେ ଶିକ୍ଷା ବିଷୟରେ ସମସ୍ତଙ୍କୁ ସଚେତନତା ପ୍ରସାର କରୁଥିଲେ । କିନ୍ତୁ ସେହି ସମୟରେ ବିହାରରେ ମାରାତ୍ମକ ମହାମାରୀ ମହାଜନ ପ୍ରଥା ସକ୍ରିୟ ଥିଲା । ଲୋକମାନେ ଚାଷ କରି ଯେତିକି ଉତ୍ପାଦନ ବା ଅମଳ କରୁଥିଲେ, ସେମାନଙ୍କ ଉତ୍ପାଦର କେବଳ ଏକ ତୃତୀୟାଅଂଶ ପାଉଥିଲେ, ବାକି ଟଙ୍କା ମହାଜନମାନେ ଜବରଦସ୍ତ ନେଇଯାଉଥିଲେ । ଯେଉଁମାନେ ସୁଧ ଦେଇ ପାରୁ ନଥିଲେ ସେମାନଙ୍କୁ ଆହୁରି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା ।

> **ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଗଠନ ପରେ, ଗୁରୁଜୀ ଝାଡ଼ଖଣ୍ଡର ୨୦୦୫ରେ ପ୍ରଥମ ଥର, ୨୦୦୮ରେ ଦ୍ୱିତୀୟ ଥର ଏବଂ ୨୦୦୯ରେ ତୃତୀୟ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ।**

ଏଭଳି ହୀନମାନସିକ କାର୍ଯ୍ୟକୁ ପ୍ରତିବାଦ କରିବାରୁ ଶିବୁ ସୋରେନଙ୍କ ପିତାଙ୍କୁ ୧୯୫୭ରେ ମହାଜନମାନଙ୍କ ନିର୍ଦ୍ଦେଶରେ ହତ୍ୟା କରାଯାଇଥିଲା । ସେତେବେଳେ ଶିବୁ ସୋରେନ ବିଦ୍ୟାଳୟରେ ପାଠ ପଢୁଥିଲେ । କିନ୍ତୁ ସେ ଏଥିରେ ଆଦୌ ବିଚଳିତ ନହୋଇ ଧୈର୍ଯ୍ୟ ସହକାରେ ସମସ୍ୟାକୁ ମୁକାବିଲା କରିଚାଲିଲେ । ବିହାରରେ ପ୍ରଚଳିତ ମାରାତ୍ମକ ମହାଜନ ପ୍ରଥା ବିରୋଧରେ ଆନ୍ଦୋଳନ ଆରମ୍ଭ କଲେ । ମହିଳାମାନେ ହାତରେ ଦାଆ ଧରିଲେ ଏବଂ ପୁରୁଷମାନେ ହାତରେ ଧନୁତୀର ଧରି ଆନ୍ଦୋଳନରେ ସାମିଲ ହେଲେ । ମହିଳାମାନେ ଜମିଦାର ଏବଂ ମହାଜନଙ୍କ କ୍ଷେତରୁ ଫସଲ ଅମଳ କରି ନେଇଯାଉଥିଲେ । ଏହି କାରଣରୁ ଏହାକୁ ଧାନ୍‌କଟା ଆନ୍ଦୋଳନ କୁହାଗଲା । କିନ୍ତୁ ଏହି ଆନ୍ଦୋଳନରେ ଅନେକ ଲୋକଙ୍କ ପ୍ରାଣ ହାନି ହୋଇଥିଲା । ଏହି ସମୟରେ ଶିବୁ ସୋରେନଙ୍କୁ ପରସନାଥ ଜଙ୍ଗଲକୁ ପଳାୟନ କରି କିଛି ଦିନ ଜଙ୍ଗଲରେ ରହିବାକୁ ମଧ୍ୟ ପଡ଼ିଥିଲା । ପରସନାଥ ଜଙ୍ଗଲରେ ରହି ସେ ଧାନ୍‌କଟା ଆନ୍ଦୋଳନକୁ ତୀବ୍ର କରିଥିଲେ । ଫଳରେ ପରବର୍ତ୍ତୀ ସମୟରେ ତାଙ୍କର ରାଜନୈତିକ ଯାତ୍ରା ଆକର୍ଷଣୀୟ ହେଲା ଏବଂ ଲୋକପ୍ରିୟତା ପାଇ ସେ ସଫଳତା ମଧ୍ୟ ହାସଲ କଲେ ।

ଶିବୁ ସୋରେନ ଆଦିବାସୀଙ୍କ କଲ୍ୟାଣ ଏବଂ ସେମାନଙ୍କ ହକ-ଅଧିକାର ପାଇଁ ନିଜେ ଲଢ଼ି ଅନ୍ୟମାନଙ୍କୁ ଲଢ଼େଇ କରିବାକୁ ମନ୍ତ୍ର ଦେଉଥିଲେ । ସେହି ସମୟରେ ଜମିଦାର ଓ ମହାଜନଙ୍କ ଦ୍ୱାରା ଆଦିବାସୀମାନଙ୍କୁ ବହୁତ ହଇରାଣ ହେବାକୁ ପଡୁଥିଲା । ଆଦିବାସୀ ଜମିଗୁଡ଼ିକ ବଳପୂର୍ବକ ଜମିଦାର ଓ ମହାଜନମାନେ ଛଡ଼େଇ ନେଇଯାଉଥିଲେ । ତେଣୁ ପ୍ରଚଳିତ ମହାଜନ ବ୍ୟବସ୍ଥା ଓ ସୁଧଖୋରଙ୍କ କବଳରୁ ମୁକ୍ତ କରିବା ପାଇଁ ୧୮ ବର୍ଷ ବୟସରେ ସାନ୍ତାଳ ଯୁବକଙ୍କୁ ଏକତ୍ର କରାଇ 'ସାନ୍ତାଳ ନବଯୁବକ ସଂଘ' ନାମକ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ । ଆଦିବାସୀଙ୍କ ଜମି ଫେରାଇବା ସହିତ ସେମାନଙ୍କୁ ଉଚିତ ନ୍ୟାୟ ଦେବା ପାଇଁ ନ୍ୟାୟାଳୟ ମଧ୍ୟ ବସାଇଥିଲେ । ଝାଡ଼ଖଣ୍ଡକୁ ଏକ ସ୍ୱତନ୍ତ୍ର ରାଜ୍ୟ କରିବାର ସ୍ୱପ୍ନ ଦେଖିବା ପରେ ୧୯୭୩ରେ ବୀର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜନୈତିକ ଦଳ ଗଠନ କରିଥିଲେ । ଏହି ରାଜନୈତିକ ଦଳ ମାଧ୍ୟମରେ ଝାଡ଼ଖଣ୍ଡକୁ ବିହାର ରାଜ୍ୟରୁ ଅଲଗା କରିବା ପାଇଁ ସଂଗ୍ରାମ ଜାରି ରହିଲା। ତାଙ୍କର ଅକ୍ଳାନ୍ତ ପରିଶ୍ରମ ପରେ, ବିହାର ରାଜ୍ୟର ୧୮ ଗୋଟି ଜିଲ୍ଲାକୁ ପୃଥକ୍ କରାଯାଇ ୧୫ ନଭେମ୍ବର ୨୦୦୦ ମସିହାରେ ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଗଠନ କରାଗଲା, ଯାହାକୁ ସେ ପୂରଣ କରି ଝାଡ଼ଖଣ୍ଡ ରାଜ୍ୟରେ ତିନିଥର ମୁଖ୍ୟମନ୍ତ୍ରୀ ହୋଇ ରାଜ୍ୟବାସୀଙ୍କୁ ସେବା କରିବାରେ ସୌଭାଗ୍ୟ ଅର୍ଜନ କରିଥିଲେ । ତାଙ୍କର ନିଃସ୍ୱାର୍ଥପର ଜନସେବା ଯୋଗୁଁ ପରବର୍ତ୍ତୀ ସମୟରେ ଶିବୁ ସୋରେନଙ୍କୁ 'ଦିଶୋମ୍ ଗୁରୁ' ଉପାଧିରେ ଭୂଷିତ କରାଗଲା ।



ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଦଳ ଗଠନ ପରେ ୧୯୭୭ରେ ଶିବୁ ସୋରେନ ପ୍ରଥମ ଥର ପାଇଁ ରାଜନୀତି ମଇଦାନକୁ ଓହ୍ଲାଇଥିଲେ ଏବଂ ସାଧାରଣ ନିର୍ବାଚନରେ ଲଢ଼ି ସେ ପରାଜିତ ହୋଇଥିଲେ । ପରାଜୟକୁ ଖାତିର ନକରି ଦ୍ୱିତୀୟ ଥର ସାଧାରଣ ନିର୍ବାଚନ ୧୯୮୦ରେ ଦୁମ୍‌କା ଲୋକ ସଭାରୁ ସାଂସଦ ଭାବେ ନିର୍ବାଚିତ ହେଲେ । ଏହାପରେ ଲଗାତର ୧୯୮୯, ୧୯୯୧, ୧୯୯୬, ୨୦୦୪, ୨୦୦୯ ଏବଂ ୨୦୧୪ରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୨ରେ ରାଜ୍ୟସଭାକୁ ନିର୍ବାଚିତ ହେଲେ । ୨୦୦୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସରକାର ସମୟରେ ସେ କୋଇଲା କେନ୍ଦ୍ରମନ୍ତ୍ରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ସେହି ବର୍ଷ ସେ ଉପନିର୍ବାଚନରେ ଦୁମକା ଲୋକସଭା ଆସନରୁ ବିଜୟ ହୋଇଥିଲେ ଏବଂ ରାଜ୍ୟସଭା ଆସନରୁ ଇସ୍ତଫା ଦେଇଥିଲେ । ଜାତୀୟ ରାଜନୀତିରେ ଦିଶୋମ୍ ଗୁରୁଜୀଙ୍କ ବହୁତ ପ୍ରଭାବ ଥିଲା । ଆଦିବାସୀ ସମ୍ପ୍ରଦାୟର ସବୁଠାରୁ ବଡ଼ ନେତା ଭାବରେ ତାଙ୍କର ନାମ ଗଣାଯାଏ । ଗୁରୁଜୀଙ୍କ ବିନା ଝାଡ଼ଖଣ୍ଡର କଥା ଦିଲ୍ଲୀ ଦରବାରରେ ପହଞ୍ଚି ପାରି ନଥିଲା । ତେବେ ୧୯୭୭ରେ ଲୋକସଭା ନିର୍ବାଚନ ଲଢ଼ି ସିଧାସଳଖ ରାଜନୈତିକ ଜୀବନ ଆରମ୍ଭ କରିବା ଏବଂ ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଗଠନ ପରେ, ଗୁରୁଜୀ ଝାଡ଼ଖଣ୍ଡର ୨୦୦୫ରେ ପ୍ରଥମ ଥର, ୨୦୦୮ରେ ଦ୍ୱିତୀୟ ଥର ଏବଂ ୨୦୦୯ରେ ତୃତୀୟ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ । ମାତ୍ର ଝାଡ଼ଖଣ୍ଡ ସ୍ୱତନ୍ତ୍ର ରାଜ୍ୟ ନ ହେବା ପୂର୍ବରୁ ଅର୍ଥାତ ୧୯୯୪ ମସିହା ମେ ମାସ ୨୨ ତାରିଖରେ ଶିବୁ ସୋରେନଙ୍କ ବ୍ୟକ୍ତିଗତ ସଚିବ ଶଶିନାଥ ଝାଙ୍କୁ ଅପହରଣ କରି ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହେଇଥିଲେ ।

ଶିବୁ ସୋରେନଙ୍କ ରାଜନୈତିକ କ୍ଷେତ୍ର ହେଉ କିମ୍ବା ସାମାଜିକ ବ୍ୟବସ୍ଥାରେ ତାଙ୍କର ପ୍ରଭାବ ବୃଦ୍ଧି ପାଇଥିଲା । ଝାଡ଼ଖଣ୍ଡ ସମେତ ଓଡିଶା, ବିହାର, ପଶ୍ଚିମବଙ୍ଗ ଏବଂ ଆସାମରେ ବସବାସ କରୁଥିବା ସାନ୍ତାଳ ଆଦିବାସୀମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନରେ ମହାଜନ ପ୍ରଥା ହେଉ ଅବା ସୁଧଖୋର ନୀତି ଏବଂ ଅନ୍ୟାନ୍ୟ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ଏଭଳି କୁସଂସ୍କାର ଓ ମାରାତ୍ମକ ପ୍ରଥା ବିରୋଧରେ ସ୍ୱର ଉଠାଇ ସେଥିରୁ ମୁକ୍ତି ପାଇବା ପାଇଁ ଗୁରୁଜୀଙ୍କ ନେତୃତ୍ୱରେ ଆନ୍ଦୋଳନ କରି ଗରିବ, ମୂଲିଆ, ଖଟିଖିଆ ଶ୍ରମିକଙ୍କ ଅଧିକାର ଫେରାଇ ଦେଇଥିବାରୁ ଆଦିବାସୀଙ୍କ ନେତା ଭାବେ ଭାରତ ବର୍ଷରେ ନୂତନ ପରିଚୟ ପାଇଥିଲେ । ପରେ ଆଦିବାସୀମାନେ 'ଦିଶୋମ୍ ଗୁରୁ' ବୋଲି କହିବା ଆରମ୍ଭ କଲେ । ଏହା ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ସହିତ ଗଭୀର ଭାବରେ ଜଡ଼ିତ କହିଲେ ଅତ୍ୟୁକ୍ତି ହେବନାହିଁ । **ଦିଶୋମ୍ ଅର୍ଥ ଦେଶକୁ ବୁଝାଏ ଏବଂ ଗୁରୁ ଅର୍ଥ ଗୁରୁ, ଅର୍ଥାତ୍ ଦେଶର ଗୁରୁ ହେଉଛନ୍ତି ଶିବୁ ସୋରେନ।**

**ଦୁର୍ନୀତି ନିବାରଣ ଅଧିକାରୀ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ-୯୩୩୭୪୦୪୨୫୪**

# ଝୁଲଣ ଯାତ୍ରା, ଏକ ଦୃଷ୍ଟିପାତ

## ଅଲେଖ ଚନ୍ଦ୍ର ସାମଲ

ଭାରତବର୍ଷର ଅଧିକାଂଶ ପର୍ବ ପୁରାଣ ବର୍ଣ୍ଣିତ ଓ କିମ୍ବଦନ୍ତୀ ଅନ୍ତରାଳରେ ପାଳନ କରାଯାଉଥିବା ହେତୁ ପ୍ରତ୍ୟେକ ଉତ୍ସବର କିଛି ଆଧ୍ୟାତ୍ମିକ ତଥା ଧାର୍ମିକ ଗୁରୁତ୍ୱ ରହିଛି । ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବ୍ରଜଭୂମି ବୃନ୍ଦାବନରେ ଏହି ଝୁଲଣ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଥାଏ । କୁହାଯାଏ ଆଜକୁ ପାଞ୍ଚ ହଜାର ବର୍ଷ ଧରି ବୃନ୍ଦାବନରେ ଶ୍ରୀରାଧାକୃଷ୍ଣଙ୍କର ପବିତ୍ର ଝୁଲଣ ଯାତ୍ରା ଉତ୍ସବ ଖୁବ ଜାକଜମକରେ ପାରମ୍ପରିକ ରୀତି ନୀତିରେ ପାଳିତ ହେଉଥିବା ଲକ୍ଷ୍ୟ କରାଯାଇ ଆସୁଛି ।

ବୃନ୍ଦାବନରେ ଏହି ପ୍ରସିଦ୍ଧ ଝୁଲଣ ଯାତ୍ରା ଦୀର୍ଘ ତେର ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ । ବୃନ୍ଦାବନ ଓ ତାହାର ଆଖପାଖ ଅଞ୍ଚଳରେ ଭାରତ ତଥା ବିଶ୍ୱର ବିଭିନ୍ନ ଦେଶରୁ ପର୍ଯ୍ୟଟକମାନେ ଏହି ଝୁଲଣ ଯାତ୍ରାକୁ ଆସିଥାନ୍ତି। ବୃନ୍ଦାବନରେ ଠାକୁରମାନେ ଝୁଲୁଥିବା ଦୋଳିଗୁଡ଼ିକ କେଉଁଠାରେ ବିଭିନ୍ନ ପୁଷ୍ପ ଦ୍ୱାରା ତ କିଛି ମନ୍ଦିରରେ ଦୋଳିଗୁଡ଼ିକ ରୂପା ଓ ସୁନାରେ ନିର୍ମିତ ହୋଇଥାଏ । ବୃନ୍ଦାବନରେ ଥିବା ପ୍ରସିଦ୍ଧ ଶ୍ରୀବାଙ୍କେବିହାରୀ ମନ୍ଦିର, ଶ୍ରୀରାଧାରମଣ ମନ୍ଦିର, ମଥୁରାର ଶ୍ରୀଦ୍ୱାରକାଧୀଶ ମନ୍ଦିର, ଶ୍ରୀଲାଡ଼ଲୀଲାଲ ଏବଂ ପୁରୀ ଶ୍ରୀମନ୍ଦିରରେ ଶ୍ରାବଣର ଏହି ପବିତ୍ର ଝୁଲଣଯାତ୍ରା ଦେଖିବାକୁ ଭକ୍ତମାନଙ୍କ ପ୍ରବଳ ଜନସମାଗମ ହୁଏ । ବୃନ୍ଦାବନର ଘଞ୍ଚ କୁଞ୍ଜବନର ବର୍ଷା ଭିଜା ଆକାଶ ଶ୍ରାବଣରେ ଏକ ରୋମାଞ୍ଚକର ପରିବେଶ ସୃଷ୍ଟି କରୁଥାଏ ।

> **ଆମ ରାଜ୍ୟର କ୍ଷତ୍ରିୟମାନେ ଏହି ଦିନରେ ଯଜ୍ଞ ଉପବୀତ ବଦଳାନ୍ତି । ଆଗ କାଳରେ ପାଇକମାନେ ଏହି ଦିନକୁ ଅତି ଶୁଭ ମନେକରି, ପିଲାଙ୍କର ଯୁଦ୍ଧବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ । ଏହି ଅବସରରେ ପାଇକ ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ । ସୁଉଚ୍ଚ ସ୍ଥାନକୁ ତଳକୁ ଡେଇଁବାକୁ ଗହ୍ମା ଡିଆଁ କୁହାଯାଏ । ଯେଉଁମାନେ ସେଥିରେ କୃତକାର୍ଯ୍ୟ ହେଉଥିଲେ, ସେମାନଙ୍କୁ ପାଇକ ହେବା ପାଇଁ ତାଲିମ ଦିଆଯାଉଥିଲା ।**

ଭରା ଯମୁନାର କୂଳେ କୂଳେ ବର୍ଷା ଦିନିଆ ଫୁଲମାନେ ଜୁଇ, ଜାଇ, ଚମେଲୀ, ମାଧବୀ ଫୁଲ ମଧ୍ୟରେ ଛାଇ ହୋଇ ଯାଇଥାନ୍ତି । ସମଗ୍ର ପରିବେଶ ଜୀବନ୍ତ ହୋଇଉଠେ ଯେତେବେଳେ ବୃନ୍ଦାବନର ପ୍ରତ୍ୟେକ ମଠରେ, ଘରେ, ମନ୍ଦିରରେ ଓ କୁଞ୍ଜବନରେ ରାଧାରାଣୀ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ସହିତ ଆକର୍ଷଣୀୟ ଝୁଲଣରେ ଦୋଳି ଖେଳନ୍ତି । ବୃନ୍ଦାବନର ସାରା ପରିବେଶ 'ରାଧେ ରାଧେ' ପରି ଅମୃତ ନାମାମୃତରେ ପବିତ୍ର ହୋଇଉଠେ ଝୁଲଣ ଯାତ୍ରାର ଏହି ତେର ଦିନ ।

ଶ୍ରାବଣ ମାସର ପୂର୍ଣ୍ଣିମା ହେଉଛି ଗହ୍ମା ପୂର୍ଣ୍ଣିମା । ଏହାକୁ ବଳରାମଙ୍କ ଜନ୍ମ ତିଥି ଭାବେ ଗ୍ରହଣ କରାଯାଇଛି । ସେ ଚାଷୀ କୁଳର ପ୍ରତୀକ ତଥା ଗୋ ଜାତିର ପାଳନ କର୍ତ୍ତା । ତେଣୁ ଏହି ଦିନରେ ଗାଈଗୋରୁଙ୍କୁ ମଧ୍ୟ ପୂଜା କରାଯାଏ । ଏକମତ ଅନୁଯାୟୀ, ଗୋପୂର୍ଣ୍ଣିମାର ଅପଭ୍ରଂଶ ହେଉଛି ଗହ୍ମା ପୂର୍ଣ୍ଣିମା। ପୁଣି ଏହାକୁ ରାଖୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ । କିମ୍ବଦନ୍ତୀ କହେ, କୁନ୍ତୀ ମାତା, ଏହି ଦିନରେ ପଞ୍ଚପୁତ୍ରଙ୍କୁ କୌରବଙ୍କ ବିଷ ଦୃଷ୍ଟିରୁ ରକ୍ଷା କରିବା ଉଦ୍ଦେଶ୍ୟରେ, ଶ୍ରୀକୃଷ୍ଣଙ୍କ ହାତରେ ରାଖୀ ବାନ୍ଧି, ତାଙ୍କ ଅନୁଗ୍ରହ ଭିକ୍ଷା କରିଥିଲେ। ଏହି ଦିନର ଅନ୍ୟ ଏକ ଆକର୍ଷଣ ହେଉଛି ଝୁଲଣ ଯାତ୍ରା । ଶ୍ରାବଣ ଶୁକ୍ଳ ପକ୍ଷ ଏକାଦଶୀରେ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମାରେ ଶେଷ ହୋଇଥାଏ । ଆମ ରାଜ୍ୟର କ୍ଷତ୍ରିୟମାନେ ଏହି ଦିନରେ ଯଜ୍ଞ ଉପବୀତ ବଦଳାନ୍ତି । ଆଗ କାଳରେ ପାଇକମାନେ ଏହି ଦିନକୁ ଅତି ଶୁଭ ମନେକରି, ପିଲାଙ୍କର ଯୁଦ୍ଧବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ । ଏହି ଅବସରରେ ପାଇକ ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ । ସୁଉଚ୍ଚ ସ୍ଥାନକୁ ତଳକୁ ଡେଇଁବାକୁ ଗହ୍ମା ଡିଆଁ କୁହାଯାଏ । ଯେଉଁମାନେ ସେଥିରେ କୃତକାର୍ଯ୍ୟ ହେଉଥିଲେ, ସେମାନଙ୍କୁ ପାଇକ ହେବା ପାଇଁ ତାଲିମ ଦିଆଯାଉଥିଲା ।

ଓଡ଼ିଶାର କୋଣ ଅନୁକୋଣରେ ଥିବା ପ୍ରାୟ ସମସ୍ତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଝୁଲଣ ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ । ପ୍ରତ୍ୟେକ ମନ୍ଦିର ପରିସରରେ ସୁସଜ୍ଜିତ ଦୋଳି ନିର୍ମାଣ କରାଯାଇ ଠାକୁରମାନଙ୍କୁ ରୀତିନୀତିରେ ଭକ୍ତମାନେ ଝୁଲାଇ ଥାଆନ୍ତି । ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକ ବ୍ୟତୀତ କିଲୋର ନୀଳମାଧବ ମନ୍ଦିର, ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ପୁରୀ ନିକଟସ୍ଥ ସାକ୍ଷୀଗୋପାଳ ଜିଉଙ୍କ ମନ୍ଦିର ଏବଂ ଭୁବନେଶ୍ୱରସ୍ଥ ଇସ୍କନ ଶ୍ରୀକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ମହାସମାରୋହରେ ସାତ ଦିନ ବ୍ୟାପୀ ଭକ୍ତମାନଙ୍କ ଦ୍ୱାରା ପାଳିତ ହୋଇଥାଏ ।

ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ପର୍ଯ୍ୟନ୍ତ ସାତ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଏ । ମୁକ୍ତି ମଣ୍ଡପରେ ହୋଇଥିବା ସୁସଜ୍ଜିତ ଝୁଲଣ କୁଞ୍ଜରେ ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଦୋଳି ଉପରେ ବିଜେ କରନ୍ତି । ଏହା ଦ୍ୱାଦଶ ଯାତ୍ରା ଅନ୍ତର୍ଗତ ନ ହେଲେ ସୁଦ୍ଧା ଏ ଯାତ୍ରାର ଲୋକପ୍ରିୟତା ଖୁବ୍ ବେଶି । ଶ୍ରୀମନ୍ଦିରର କୁଞ୍ଜବନରେ ଅନୁଷ୍ଠିତ ଝୁଲଣ ଯାତ୍ରାରେ କିନ୍ତୁ ସ୍ୱକୀୟା ପ୍ରେମକୁ ପ୍ରାଧାନ୍ୟ ଦେଇ ପତି ପତ୍ନୀଙ୍କ ପ୍ରେମ ପ୍ରଣୟ ଏହି ପର୍ବରେ ପ୍ରତିଫଳିତ ହୋଇଥାଏ । ପୁରୀ ମନ୍ଦିରରେ ଝୁଲଣ ପରମ୍ପରା ଅଷ୍ଟାଦଶ ଶତକର ଶେଷ ଭାଗରୁ ଅଦ୍ୟାବଧି ଚଳି ଆସୁଥିବାର ବିଭିନ୍ନ ଲିଖିତ ବିବରଣୀରୁ ମିଳିଥାଏ । ପୁରୀର ଶୋଲ ଶିଳ୍ପୀମାନଙ୍କର କରାମତି ସବୁଠୁ ଅଧିକ ଫୁଟି ଉଠେ ଝୁଲଣ କୁଞ୍ଜରେ। ଶ୍ରୀମନ୍ଦିର କୁଞ୍ଜବନର ଅନ୍ୟତମ ବିଶେଷତ୍ୱ ହେଲା ଯେ, ଏହାର ଦୁଇ ପାର୍ଶ୍ୱରେ ପ୍ରକାଣ୍ଡକାୟ ଦୁଇ ଜଣ ଦ୍ୱାରପାଳ ରହନ୍ତି । ଏ ଦୁଇଟି ଦ୍ୱାରପାଳଙ୍କ ଉଚ୍ଚତା ପ୍ରାୟ ଚଉଦ ଫୁଟ । ମୂର୍ତ୍ତି ଦ୍ୱୟର ଗୋଟେ ଲେଖାଏଁ ହାତ ଉତ୍ତୋଳିତ ହୋଇଥାଏ ଏବଂ ସେଥିରେ ସେମାନେ ଧରିଥାଆନ୍ତି ଗୋଟିଏ ଗୋଟିଏ ଗଦା । ଏହି ପ୍ରକାଣ୍ଡକାୟ ମୂର୍ତ୍ତିଗୁଡ଼ିକ ଶୋଲରେ ହିଁ ତିଆରି ହୋଇଥାଏ ।

ସାତଦିନ ଯାଏଁ ଝୁଲଣ କୁଞ୍ଜରେ ଦେବତାମାନେ ଝୁଲନ୍ତି । ଅବଶ୍ୟ ରତ୍ନସିଂହାସନରେ ବିରାଜୁଥିବା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଏହି ଝୁଲଣରେ ଶୋଭା ନପାଇଲେ ମଧ୍ୟ ଅଷ୍ଟଧାତୁରେ ନିର୍ମିତ ହୋଇଥିବା ତାଙ୍କର ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଲକ୍ଷ୍ମୀ ସାଆନ୍ତାଣୀ ତଥା ମା'ସରସ୍ୱତୀଙ୍କ ପିତୁଳା ଦ୍ୱୟ ଝୁଲଣରେ ଝୁଲିଥାନ୍ତି । ପ୍ରତି ଝୁଲଣରେ ସୁନ୍ଦର ଭାବେ ବିଗ୍ରହଗୁଡ଼ିକୁ ବିଶେଷ ବେଶରେ ସଜାଇ ଦିଆଯାଏ । ଯଥାରୀତି ଭୋଗ ଅର୍ପଣ କରିବା ପରେ ସେବାୟତ ବସିରହି ଧୀରେ ଧୀରେ ଦଉଡି ଟାଣି ଦୋଳିକୁ ଝୁଲାନ୍ତି । ଏହି ଝୁଲଣ ଯାତ୍ରା ଯେ, କେବଳ ଶ୍ରୀମନ୍ଦିରରେ ନୁହେଁ ବରଂ ଶ୍ରୀମନ୍ଦିରକୁ ବେଢ଼ି ରହିଥିବା କୋଡିଏରୁ ଅଧିକ ମଠରେ । ମହାନନ୍ଦରେ ପାଳିତ ହେବା ଦେଖାଯାଏ । **ଏମାର ମଠର ଆକର୍ଷଣୀୟ କୁଞ୍ଜବନରେ ବାଇଶି ଫୁଟର କୁ ନିର୍ମାଣ କରାଯାଇ ଶୋଲରେ ସଜ୍ଜିତ କରାଯାଇଥାଏ । ପ୍ରତିମଠରେ ଏକା ଦେବତା ଝୁଲନ୍ତି ନାହିଁ । ଏମାର ମଠରେ ଝୁଲନ୍ତି ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତା। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଝୁଲନ୍ତି ଶ୍ରୀରାଧାକୃଷ୍ଣ। ସେହିପରି ଅନ୍ୟାନ୍ୟ ମଠ ଯଥା ଓଡ଼ିଆ ମଠ, ଗୌଡ଼ିୟ ମଠ, ଶ୍ରୀଚୈତନ୍ୟ ମଠ ପ୍ରଭୃତିରେ ପୁଷ୍ପ ଓ ଶୋଲରେ ନିର୍ମିତ ଆକର୍ଷଣୀୟକୁ ଶ୍ରୀରାଧାକୃଷ୍ଣ ଦୋଳି ଖେଳନ୍ତି । ଓଡ଼ିଆ ଆଧ୍ୟାତ୍ମିକ ଜୀବନ ଚେତନାରେ ଝୁଲଣ ଯାତ୍ରାର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ ।**

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ-୯୪୩୭୨୫୭୧୨୩

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ-ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହସ୍ତତନ୍ତ...

ବୁଣାକାର ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଜରିଆରେ ଆମର ବୁଣାକାର ବନ୍ଧୁମାନେ ସଂଗଠିତ ହୋଇ ବୟନ ଐତିହ୍ୟକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିଆସୁଛନ୍ତି । ପୂର୍ବ ଭାରତର ସର୍ବବୃହତ ଓଡିଶା ଟେକ୍ସଟାଇଲ କନକ୍ଲେଭରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଭିତ୍ତିଭୂମି ଓ ପ୍ରତିଷ୍ଠାନଗତ ସହାୟତା ଦିଗରେ ଆମ ସରକାର ତତ୍ପର ଅଛନ୍ତି । ଆମେ ବରଗଡ଼, କଟକରେ ଡାଇ ହାଉସ୍, ଗୋଦାମ, ଡିଜାଇନ୍ ଷ୍ଟୁଡିଓ, ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଭଳି ସାଧାରଣ ସୁବିଧା ସହିତ ହସ୍ତତନ୍ତ ପାର୍କ ବିକଶିତ କରୁଛୁ । ଉତ୍କର୍ଷତା ଏବଂ ନବସୃଜନ ପାଇଁ ଓଡ଼ିଶାର ୪୦ରୁ ଅଧିକ ମାଷ୍ଟର ବୁଣାକାରଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ୧୨୦ ବର୍ଷ ପୂର୍ବେ ଯେଉଁ ସ୍ୱଦେଶୀ ଆନ୍ଦୋଳନକୁ ଚରିତାର୍ଥ କରିବା ପାଇଁ ଏହା ଆରମ୍ଭ ହୋଇଥିଲା । ଆଜି ମଧ୍ୟ ସମୟ ଆସିଛି, ଆମ ବୁଣାକାରଙ୍କୁ ସମ୍ମାନ ଦେବା ଏବଂ ତାଙ୍କ ପ୍ରସ୍ତୁତ ବସ୍ତ୍ର ବ୍ୟବହାର କରିବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଦିବସର ମାସ୍କଟ ରେଶା ଏବଂ ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚନ କରିଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀ ରାଜ୍ୟର ହସ୍ତତନ୍ତ ବୁଣାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ମାଧୁରୀ ଦୀକ୍ଷିତ କହିଥିଲେ, ସେ ବୁଣାକାରଙ୍କ ହୃଦୟର ସ୍ପନ୍ଦନକୁ ଅନୁଭବ କରନ୍ତି । ଏହି ଶିଳ୍ପ କେବଳ ବସ୍ତ୍ର ନୁହେଁ ପ୍ରତ୍ୟେକ ଓଡ଼ିଆର ପରିଚୟ ଏବଂ ଏହା ହିଁ ଓଡ଼ିଆ ଅସ୍ମିତା । ହସ୍ତତନ୍ତ କେବଳ ଜୀବିକା ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ ବୋଲି ସେ କହିଥିଲେ ।

ଏହି ଅବସରରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ, ଆମ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବୟନ ଶିଳ୍ପର ଗୌରବମୟ ପରମ୍ପରାକୁ ବଜାୟ ରଖି ଏହାକୁ ଏକ ଆଧୁନିକ ବଜାର-ଚାହିଦା ଭିତ୍ତିକ ଉତ୍ପାଦରେ ପରିଣତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଶ୍ରମିକ ସମ୍ମାନ ଯୋଜନା, ହସ୍ତତନ୍ତ ଶିଳ୍ପୀ ସଂପ୍ରସାରଣ ନୀତି, ଏବଂ ବିଭିନ୍ନ ଶିଳ୍ପ ମେଳା ଓ ଅନୁଦାନ ଯୋଜନା ମାଧ୍ୟମରେ ହସ୍ତତନ୍ତ ଶିଳ୍ପୀଙ୍କ ଉନ୍ନତି ସୁନିଶ୍ଚିତ କରାଯାଇଛି । ରାଜ୍ୟର ନୂଆ ପିଢିକୁ ଆହ୍ୱାନ ଦେଇ ସେ କହିଥିଲେ ଯେ- ଆମ ଓଡ଼ିଶାର ହସ୍ତତନ୍ତ ପୋଷାକ ପିନ୍ଧନ୍ତୁ, ଶିଳ୍ପୀଙ୍କୁ ସମ୍ମାନ କରନ୍ତୁ, ସ୍ୱଦେଶୀ ଉତ୍ପାଦନକୁ ଗ୍ରହଣ କରନ୍ତୁ ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ । ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ପ୍ରେମ ଚାନ୍ଦ ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କଟକରେ...

ଥାନାରେ ସମ୍ପୃକ୍ତ ଯୁବକ ବିରୋଧରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୋଗ ଗ୍ରହଣ ନକରି ଯୁବକଙ୍କ ନମ୍ବର ବ୍ଲକ କରିବାକୁ କହି ଥାନାରୁ ଫେରାଇ ଦେଇଥିବା ମୃତା ସଂଗୀତାଙ୍କ ବାପା ବୟାନ ଦେଇଥିଲେ। ପୋଲିସ ଉପରେ ଅଙ୍ଗୁଳି ଉଠିବା ପରେ ପୋଲିସ ତଦନ୍ତର ମୋଡ଼ ବଦଳିଛି। ଗତକାଲି କେନ୍ଦ୍ରାପଡ଼ା ଏସ ପି, ସିଦ୍ଧାର୍ଥ କଟାରିଆ, ଡି ଏସ ପି ସୁଧାକର ସାହୁ, ମଡେଲ ଥାନା ଆଇ ଆଇ ସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ଧୀରଜ ଲେଙ୍କାଙ୍କ ଉପସ୍ଥିତିରେ ପୋଲିସ ମୃତା ସଂଗୀତାଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ନେଇଥିଲା। ମାତ୍ର ଆଜି ସକାଳେ ସେଠାରୁ କଟକ ନିଆଯାଇ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ପରେ ଆତ୍ମଦାହ କରିଥିବା ଛାତ୍ରୀଙ୍କ ମୃତ ଶରୀର ଗାଁ କୁ ଫେରିଛି। ଛାତ୍ରୀ ମୃତ୍ୟୁ ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ପୋଲିସ ସମସ୍ତ ଦିଗକୁ ଛାନଭିନ୍ କରି ତଦନ୍ତକୁ ନୂଆ ମୋଡ଼ ଦେବା ପାଇଁ ପ୍ରକ୍ରିୟା ଜାରି ରହିଛି। ଗତକାଲି ପୋଲିସ ସନ୍ଦିଗ୍ଧ ପ୍ରେମିକ ଯୁବକ ଘର ଉପରେ ଚଢ଼ାଉ କରିଥିଲେ ମଧ୍ୟ ସେ କୌଶଳକ୍ରମେ ଫେରାର ହୋଇଯାଇଛି। ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଓ ଗ୍ରାମାଞ୍ଚଳ ଥାନା ଦାୟିତ୍ୱରେ ଥିବା ଆଇ ଆଇ ସି ବନ୍ଦନା ପାତ୍ର କାଠିଆପଡା ଗ୍ରାମକୁ ଯାଇ ମୃତା ସଂଗୀତାଙ୍କ ବାପା, ମାଙ୍କୁ ପଚରା ଉଚରା କରିବା ସହିତ ସାହି ପଡିଶା ଓ ଗ୍ରାମବାସୀଙ୍କ ବୟାନ ରେକର୍ଡ କରିଛନ୍ତି। ପୋଲିସ ତଦନ୍ତ ଧାରା ବାରମ୍ବାର ବଦଳୁ ଥିବାରୁ ସଂଗୀତାଙ୍କ ପରିବାର ଲୋକମାନେ ଆଶଙ୍କା ମଧ୍ୟରେ ଥିବା କିଛି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁବରଣ କରିଥିବା ସଂଗୀତାଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ପାଇଁ ପୋଲିସ ପୁରା ଦମ ଲଗାଇ ଦେଇଛି। ଶବ ବ୍ୟବଚ୍ଛେଦ ପରେ ସଂଗୀତାଙ୍କ ମର ଶରୀର ଗାଁ ରେ ପହଂଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଂଚାୟତ କାଠିଆପଡା ଗାଁ ରେ ଗତକାଲି ଘଟିଥିବା ଛାତ୍ରୀ ଆତ୍ମଦାହ ଘଟଣାକୁ ନେଇ ରାଜନୈତିକ ବାତାବରଣ ସରଗରମ ହୋଇପଡିଛି। ଆଜି ଘଟଣା ସମ୍ପର୍କ ରେ ସ୍ଥିତି ଅନୁଧ୍ୟାନ ପାଇଁ କଂଗ୍ରେସ, ବିଜେପି, ବିଜେଡି ଓ କମ୍ୟୁନିଷ୍ଟ ଦଳ ନେତାମାନେ କାଠିଆପଡାରେ ପହଂଚି ମୃତା ଛାତ୍ରୀ ପରିବାରକୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। କାଠିଆପଡା ଗାଁକୁ ବିଭିନ୍ନ ରାଜନୈତିକ ଦଳ ନେତାଙ୍କ ଗସ୍ତ ଯୋଗୁଁ ଘଟଣା ପ୍ରବାହ ତୀବ୍ର ହୋଇଛି।

## ଭାରତ...

ବେଳେ ପୁଟିନଙ୍କ ଭାରତ ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି । ଏବେ ରୁଷଠାରୁ ଭାରତ ତେଲ କିଣୁଛି । ରୁଷରୁ ଭାରତ ସର୍ବାଧିକ ତୈଳ ଆମଦାନୀ କରୁଛି । ମେ ୨୦୨୩ ସୁଦ୍ଧା ଭାରତ ୨ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଗୋଟିଏ ଦିନକୁ କ୍ରୟ କରୁଛି ।

## କ୍ରାଇମବ୍ରାଞ୍ଚ...

ମାନେୟୁନିଫର୍ମ ରେ ଥିଲେ ନା ନର୍ମାଲ ଡ୍ରେସରେ ଥିଲେ । ଏସବୁ ବିଷୟକୁ ନେଇ ପଚରାଉଚରା କରିଛି କ୍ରାଇମବ୍ରାଞ୍ଚ । ମେନ ଗେଟ ସହ, ପ୍ରିନ୍ସପାଲ ଚାମ୍ବର ଓ କ୍ୟାମ୍ପସରେ ଡ୍ୟୁଟି କରୁଥିବା ୩ ଜଣ ସିକ୍ୟୁରିଟି ଗାର୍ଡଙ୍କୁ ଜେରା କରିଛି କ୍ରାଇମବ୍ରାଞ୍ଚ । ସେପଟେ ସମୀର ସାହୁଙ୍କ ବେଲ ପିଟିସନର ଶୁଣାଣି ଆସନ୍ତା ୧୨ ତାରିଖ ଧାର୍ଯ୍ୟ କରିଛନ୍ତି । ଏହାରି ଭିତରେ ଜବାବ ଦାଖଲ ପାଇଁ କ୍ରାଇମବ୍ରାଞ୍ଚ ଆବେଦନକୁ ଗ୍ରହଣ କରି କୋର୍ଟ ୭ ଦିନ ସମୟ ଦେଇଛନ୍ତି ।

## ବାପ, ଝିଅଙ୍କ...

ବଜାରରୁ ଖୁଦୁରୁକୁଣି ଠାକୁରାଣୀ କିଣି ନିଜ ଗାଁ ଷ,,ପୁରକୁ ଫେରିବା ବେଳେ ଅପରପକ୍ଷରୁ ଏକ ହାଇଓ୍ୱା ଓ ଡି ୦୯ସି ୭୨୫୫ ଆସି ଏ ଦୁହିଁଙ୍କ ଉପରେ ମାଡିଯାଇଥିଲା। କୋଠିଆସାହି ହମ୍ପସ ପାଖରେ ଏହି ଗୁରୁତର ଦୁର୍ଘଟଣା ଘଟିଥିଲା ଓ ଦୁଇ ବାପ ଝିଅଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରେ ଟାୟାର ଜାଳି ନିଆଁ ଲଗାଇ ପାରାଦୀପ- କଟକ ରାସ୍ତା ଅବରୋଧ କରିଥିଲେ। ସମସ୍ତ ଯାନବାହାନ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ବାବୁ ର ମୃତ୍ୟୁ ପାଇଁ ତା ନିଜ ସ୍ତ୍ରୀକୁ ନିଯୁକ୍ତି ଓ ଅର୍ଥ ଦାବକରି ରାସ୍ତା ଅବରୋଧ କରାଯାଇଥିଲା। ଖବର ପାଇ କୁଜଙ୍ଗ ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଂପୃକ୍ତ ଡ୍ରାଇଭରକୁ ପୋଲିସ ଗିରଫ କରିଛି। ରାସ୍ତା ଅବରୋଧ ସ୍ଥଳରେ ଉପଜିଲ୍ଲାପାଳ ପହଞ୍ଚିଥିଲେ। ଗ୍ରାମବାସୀ ଙ୍କ ସହ ଆଲୋଚନା ଚାଲିଥିଲେ ବି ଅଧିକ ଟଙ୍କା ଲୋକେ ଦାବି କରିଥିଲେ। ବାବର ସ୍ତ୍ରୀ କେଉଁଠି ଚାକିରି କରିବ ସେ ସମ୍ପର୍କ ରେ ମଧ୍ୟ ସୂଚନା ଦିଆଯାଇନଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟି ନଥିଲା। ଏହି ରାସ୍ତା ରୋକ ଫଳରେ ବଡ ଅସ୍ୱାଭାବିକ ପରିସ୍ଥିତି ଉପୁଜିଥିଲା।

## ଭୋଟ୍..

ନକଲି ଭୋଟର ଥିଲାବେଳେ ୪୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ଜାଲ ଓ ଅବୈଧ ଠିକଣାରେ ଅଛନ୍ତି । ୧୦,୪୫୨ ଭୋଟରଙ୍କର ଗୋଟିଏ ଠିକଣା ରହିଛି । ୪୧୩୨ ଭୋଟରଙ୍କ ଫଟୋ ଅଚଳ ହୋଇଛି । ୩୩ହଜାର ୬୯୨ ଭୋଟରଙ୍କର ଫର୍ମ ୬କୁ ହେରଫେର୍ କରାଯାଇଛି । ବୈଦ୍ୟୁତିକ ଫର୍ମାଟ୍‌ରେ ଭୋଟରଙ୍କ ତଥ୍ୟ ଦେବାକୁ ନିର୍ବାଚନ କମିଶନଙ୍କ ନିକଟରେ ରାହୁଲ ଦାବି କରିଛନ୍ତି । ରାହୁଲ କହିଛନ୍ତି ଯେ ସେ ୭ଫୁଟ ଉଚ୍ଚର କାଗଜ ଯୋଗାଡ଼ କରିଛନ୍ତି । ଯଦି ଆପଣ ଦୁଇଥର ଭୋଟ ଦେଇଛନ୍ତି କିମ୍ବା ଆପଣଙ୍କ ନାମ ଦୁଇ ଭୋଟର ତାଲିକାରେ ରହିଛି କି ନାହିଁ, ମୁଁ ଜାଣିବାକୁ ଚାହିଁବି ତାହାଲେ ମୋତେ ଫଟୋ ଉଠାଇବାକୁ ପଡ଼ିବ । ଏହାପରେ ପ୍ରତି କାଗଜ ସହ ମେଳ କରାଇବାକୁ ପଡ଼ିବ । ଏଥିପାଇଁ କେତେ ସମୟ ଲାଗିବ ଚିନ୍ତା କରନ୍ତୁ । ନିର୍ବାଚନ କମିଶନ ଯଦି ବୈଦ୍ୟୁତିକ ଫର୍ମାଟରେ ତଥ୍ୟ ଦେବେ ଏହାକୁ ଯାଞ୍ଚ କରିବାକୁ ୩୦ ସେକେଣ୍ଡ ସମୟ ଲାଗିବ । ରାହୁଲ ମଧ୍ୟ ହରିୟାଣା, ମହାରାଷ୍ଟ୍ର, ଉତ୍ତରପ୍ରଦେଶର ଲୋକ ଭୋଟର ତାଲିକାରେ ଅଛନ୍ତି ବୋଲି କହିବା ସହ ୪ଟି ବୁଥ୍‌ରେ ଗୋଟିଏ ଲୋକଙ୍କ ନାଁ ଥିବା ଦର୍ଶାଇଛନ୍ତି । କର୍ଣ୍ଣାଟକରେ ଆମେ ୧୬ଟି ଆସନ ଜିତିବୁ ବୋଲି ସର୍ଭେରୁ ଜାଣିଥିଲୁ । ହେଲେ ୯ଟିରେ ଜିତିଲୁ ଓ ୭ଟିରେ ପରାଜୟ ବରଣ କଲୁ । ଏହାପରେ ଏହାର କାରଣ ଖୋଜିବାକୁ ସର୍ଭେ କରିଥିଲୁ । ଆମ ଟିମ୍ ଗୋଟିଏ ବିଧାନସଭା ଆସନ ଉପରେ ଫୋକସ କରିବାକୁ କହିଥିଲା ।

## ଶ୍ରାବଣରେ...

ବିହନ, ସାର କରିଥିଲେ । ହେଲେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାତ୍ୟା ରିପୋର୍ଟ ପାଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେଲିକେପଟର ଯୋଗେ ବାତ୍ୟାଞ୍ଚଳ ଗସ୍ତ କରୁଛନ୍ତି । ହେଲେ ଏଠିକାର ରିପୋର୍ଟ ରାଜ୍ୟ ସରକାରଙ୍କ ପାଖକୁ ଯାଉନାହିଁ ।

ଚାଷର ବେହାଲ ପରିସ୍ଥିତି ନେଇ ଚାଷୀ ପରିବାର ଭାଙ୍ଗି ପଡ଼ିଥିବା ବେଳେ ଦୁଇ ଦିନ ତଳେ ଖୋଦ ଜିଲା କୃଷି ଅଧିକାରୀ ବାବୁଲି ଚରଣ ସେଠି ସରକାରୀ ଖର୍ଚ୍ଚରେ ଟିଟିଲାଗଡ଼ ଗସ୍ତରେ ଆସିଥିବା ବେଳେ ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କ ଶୀତତାପ ନିୟନ୍ତ୍ରୀତ କାର୍ଯ୍ୟାଳୟରେ ବସି ଚାଲିଯିବା ଘଟଣା ଚାଷୀ ମହଲ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଇନ୍ଦ୍ର ପୁଜା କରି ନିଜ ସମସ୍ୟା ଭଗବାନ ଇନ୍ଦ୍ର ଏବଂ ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ପ୍ରୟାସ କରିଥିବା ଚାଷୀଙ୍କ ଜମିକୁ ବୁଲି ନଦେଖିବା ଅତ୍ୟନ୍ତ ନିନ୍ଦାଜନକ ବୋଲି ଟିଟିଲାଗଡ଼ ଜନସ୍ୱାର୍ଥ ସୁରକ୍ଷା ସମିତି ସମେତ ବେଣୁଧର ଝାଙ୍କର, ନିତ୍ୟାନନ୍ଦ ବିଶି, ଅମରେଶ ଯୋଷୀ କ୍ଷୋଭ ପ୍ରକାଶ କରିଛନ୍ତି । ଏହା ପ୍ରଶାସନର ଚାଷୀଙ୍କ ପ୍ରତି ହେୟ ମନୋଭାବକୁ ପ୍ରଦର୍ଶନ କରୁଥିବା ଚାଷୀଙ୍କ ମଧ୍ୟରେ ନିରାଶାଭାବ ଖେଳାଇ ଦେଇଛି । ରାଜ୍ୟ ସରକାର ସ୍ଥାନୀୟ ଚାଷୀ ସମସ୍ୟା ନେଇ ଗମ୍ଭୀରତା ପ୍ରଦର୍ଶନ ନକଲେ ଆଗାମୀ ଦିନରେ କଡା ଜବାବ ଦିଆଯିବ ବୋଲି ଚାଷୀନେତା ଚେତାବନୀ ଦେଇଛନ୍ତି । ସେପଟେ ସ୍ଥାନୀୟ କୃଷି ଅଧିକାରୀଙ୍କ କହିବା କଥା ଯେ ଚଳିତ ବର୍ଷ ସ୍ୱାଭାବିକ ବର୍ଷା ଠାରୁ କମ ପରିମାଣ ରେ ବର୍ଷା ହୋଇଛି । ଆଗାମୀ ଦୁଇ ଦିନରେ ଯଦି ଭଲ ବର୍ଷା ନ ହୁଏ ତେବେ ଚାଷ ନଷ୍ଟ ହେବାର ସମ୍ଭାବନା ରହିଛି । ଫସଲ ବୀମା ଅଗଷ୍ଟ ମାସ ପର୍ଯ୍ୟନ୍ତ ଅବଧି ରହିଛି । ଏଣୁ ଚାଷୀ ମାନେ ଫସଲ ବୀମା କରି ପାରିବେ ବୋଲି ଟିଟିଲାଗଡ଼ କୃଷି ଅଧିକାରୀ କହିଛନ୍ତି ।

## ଚାଷୀଙ୍କ...

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗତକାଲି କୁହାଯାଇଥିଲା ଯେ ଆମେରିକାର ଏଭଳି ନିଷ୍ପତ୍ତି ଅଯୌକ୍ତିକ । ଆମେ ସ୍ପଷ୍ଟ କରିଛୁ ଯେ ଦେଶର ୧.୪ ବିଲିଅନ ଲୋକଙ୍କୁ ଶକ୍ତି ସୁରକ୍ଷା ଯୋଗାଇବୁ । ଆମେରିକାର ଏଭଳି ଅତିରିକ୍ତ ଶୁଳ୍କ ଧାର୍ଯ୍ୟ ନିଷ୍ପତ୍ତି ବାସ୍ତବିକ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଥିଲା । ଅପରେସନ ସିନ୍ଦୂର ପରେ ଆମେରିକା ଓ ଭାରତ ମଧ୍ୟରେ ଚାଲିଥିବା ବୁଝାମଣା ଏବେ ଏକ ଭିନ୍ନ ମୋଡ଼ ନେଇଛି । ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧକୁ ବନ୍ଦ କରିଥିଲେ ବୋଲି ଟ୍ରମ୍ପ ବାରମ୍ବାର ଦାବି କରୁଥିଲେ ହେଁ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଚାଲିଥିଲେ । ମାତ୍ର ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କ ନାମ ନନେଇ ବିଶ୍ୱର କୌଣସି ନେତା ଏଥିପାଇଁ ତାଙ୍କୁ କହି ନଥିଲେ ବୋଲି ସଂସଦରେ କହିଥିଲେ ।

## ଭାରତକୁ...

ନାହିଁ । ସେମାନେ ତାଙ୍କ ପସନ୍ଦ ଅନୁଯାୟୀ ବୈଦେଶିକ ନୀତି ଲାଗୁ କରିପାରିବେ । ତାହା ଅନ୍ୟ କେଉଁ ଦେଶ ତାହାକୁ ପ୍ରଭାବିତ କରିପାରିବେ ନାହିଁ । ଭାରତ ତା'ର ସହଯୋଗୀ କିଏ ହେବ ସେ ନିଜେ ହିଁ ସ୍ଥିର କରିବ ବୋଲି ସେ ଉଲ୍ଲେଖ କରିଛନ୍ତି ।

# ଉତ୍କଳିୟସ ଅନୁଷ୍ଠାନ ପକ୍ଷରୁ ବୟନ ଶିଳ୍ପ ଓ କଳାକୃତି କାର୍ଯ୍ୟକ୍ରମ



ଭୁବନେଶ୍ୱର (ସବ୍ୟୁ) : ସବୁଥର ପରି ଏଥର ମଧ୍ୟ ଉତ୍କଳିୟସର ସଭ୍ୟ ମାନେ ଜାତୀୟ ହସ୍ତତନ୍ତ ଦିବସକୁ ଧୂମଧାମରେ ପାଳନ କରିଛନ୍ତି । ଜାତୀୟ ହସ୍ତତନ୍ତ ଦିବସ ପାଳନ କରିବା ଅବସରରେ ହସ୍ତତନ୍ତ ଶାଢ଼ିକୁ ଭଲ ପାଉଥିବା ଏବଂ ଏହାର ଐତିହ୍ୟକୁ ନେଇ ଗର୍ବ କରୁଥିବା 'ଉତ୍କଳିୟସ' ଅନୁଷ୍ଠାନ, ଓଡ଼ିଶାର ସମୃଦ୍ଧ ବୟନ ଶିଳ୍ପକୁ ନେଇ ଏଭଳି ଏକ ଉତ୍ସବ ଆୟୋଜନ କରିଥିଲେ, ଯାହା ବାସ୍ତବିକ ପ୍ରଶଂସନୀୟ ।

ପଦ୍ମଶ୍ରୀ ଅରୁଣା ମହାନ୍ତି ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ତାଙ୍କ ଭାଷଣରେ ସେ ଆମ ରାଜ୍ୟର ଓଡିଶା ବୟନ ସଂସ୍କୃତିର ପୁରୁଣା ପରମ୍ପରା ଉପରେ ଆଲୋକପାତ କରିଥିଲେ, ଏହାକୁ ହସ୍ତତନ୍ତ ଏବଂ ପ୍ରଦର୍ଶନ କଳାର ଏକ ପ୍ରତୀକାତ୍ମକ ସାଂସ୍କୃତିକ ଐତିହ୍ୟ ବୋଲି କହିଥିଲେ ।

ଏହି ଉତ୍ସବରେ, ନୂଆପାଟଣାର ଦୁଇଜଣ ଦକ୍ଷ ବୁଣାକାର ଯୋଗ ଦେଇ ସେମାନଙ୍କର ଅଭିଜ୍ଞତାକୁ ବଖାଣିଥିଲେ । ସେମାନେ ସେମାନଙ୍କ ପୂର୍ବପୁରୁଷଙ୍କ ଏହି ବୟନ ପରମ୍ପରାକୁ କିପରି ବଞ୍ଚାଇ ରଖିଛନ୍ତି ତାହା ବାସ୍ତବରେ ଖୁବ ପ୍ରେରଣାଦାୟକ ଥିଲା । ଏହି ବୁଣାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ମଧ୍ୟ କରାଯାଇଥିଲା । ସାରା ରାଜ୍ୟରୁ ପ୍ରାୟ ସତୁରି ଜଣ ଉତ୍କଳୀୟ ମହିଳା ଗର୍ବର ସହିତ ଆମ ରାଜ୍ୟର ବିଭିନ୍ନ ବୟନ ଶୈଳୀ ଓ କଳାକୃତୀକୁ ପ୍ରଦର୍ଶନ କରିଥିଲେ ଯାହା ସମଗ୍ର ଓଡ଼ିଶାର ବିଭିନ୍ନ ବୟନ ଶୈଳୀ - ସମ୍ବଲପୁରୀ, ବୋମକାଇ, କୋଟପାଡ, ଖଣ୍ଡୁଆ, ଗୋପାଳପୁର ଟସର, ବରହମପୁରୀ, ଖୋର୍ଦ୍ଧା ଏବଂ ସମସାମୟିକ ଓଡ଼ିଶା ବୁଣାକାରଙ୍କ ପ୍ରତିନିଧିତ୍ୱ କରୁଥିଲା ।

ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ, ଯୁବ ପିଢ଼ି କିପରି, ଆମ ଦେଶର ହସ୍ତତନ୍ତ ଐତିହ୍ୟ, ବିଶେଷକରି ଛଅ ଗଜ ଡ୍ରେପକୁ ସ୍ଥାୟୀ ଫ୍ୟାଶନ୍ ଏବଂ ସାଂସ୍କୃତିକ ଗର୍ବର ପ୍ରତୀକ ଭାବରେ ଅଧିକରୁ ଅଧିକ ଗ୍ରହଣ କରିବେ, ସେ ଦିଗରେ ଉତ୍କଳିୟସ ସଚେତନତା ସୃଷ୍ଟି କରିଚାଲିଛି ।

# ରାଜ୍ୟ ବାହାରୁ ଆସୁଛି ଗୁଳି-ବନ୍ଧୁକ

ରାଉରକେଲା, (ସବ୍ୟୁ) : ରାଉରକେଲା ଗାନ୍ଧୀରୋଡ୍ ଅଞ୍ଚଳରୁ ଜଣେ ବନ୍ଧୁକ ବେପାରୀକୁ ପ୍ଲାଣ୍ଟସାଇଟ୍ ପୁଲିସ ଗିରଫ କରିଛି । ଅଭିଯୁକ୍ତହେଲା ବିହାର ମୁଙ୍ଗେର ଜିଲ୍ଲାର ମୂଳନିବାସୀ ତଥା ରେଲୱେ କଲୋନି ରିମ୍‌ଝିମ୍ ବସ୍ତିରେ ରହୁଥିବା ରାଜେଶ ସାହୁ(୨୫) । ଅଭିଯୁକ୍ତଠାରୁ ୧୦ଟି ଦେଶୀ ବନ୍ଧୁକ, ୬ଟି ଜୀବନ୍ତ ଗୁଳି ଓ ୨ଟି ଖାଲି ମାଗାଜିନ୍ ଜବତ ହୋଇଛି । ତାକୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ଏନେଇ ରାଉରକେଲା ଏସପି ନୀତେଶ ଧାୱାନୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅତିରିକ୍ତ ଏସପି ରାଜକିଶୋର ମିଶ୍ର, ଏସଡ଼ିପିଓ ଅମରେନ୍ଦ୍ର ଷଣ୍ଢ ଓ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ଉପସ୍ଥିତ ଥିଲେ ।

ମଙ୍ଗଳବାର ଦିନ ପ୍ରାୟ ୨ଟା, ଅଭିଯୁକ୍ତ ରାଜେଶ ସହରର ବିଭିନ୍ନ ସ୍ଥାନରେ ଦେଶୀବନ୍ଧୁକ ବିକ୍ରି କରିବାକୁ ବାହାରିଥିଲା । ଏନେଇ ପ୍ଲାଣ୍ଟସାଇଟ୍ ପୁଲିସକୁ ଏକ ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିଥିଲା । ଗାନ୍ଧୀରୋଡ୍‌ରୁ ରାଉରକେଲା ରିଙ୍ଗରୋଡ୍ ଯିବା ରାସ୍ତାରେ ଛକି ରହିଥିବା ପୁଲିସ ଅଭିଯୁକ୍ତ କାବୁ କରିଥିଲେ । ରାଜେଶଠାରୁ ଏକ ବ୍ୟାଗ୍ ମିଳିଥିଲା ଯେଉଁଥିରେ ଗୋଟିଏ ବିଭିନ୍ନ ସ୍ଥାନର ପ୍ରସ୍ତୁତି ଲେଖାଥିବା ଦେଶୀବନ୍ଧୁକ(ଚୀନ୍ ପ୍ରସ୍ତୁତ), ୩ଟି ଦେଶୀ ବନ୍ଧୁକ(ୟୁଏସ୍ଏ ପ୍ରସ୍ତୁତ), ଦେଶୀବନ୍ଧୁକ(କିଙ୍ଗ କେଜିଏଫ୍ ଲେଖା ରହିଛି), ଗୋଟିଏ ରିଭରଭର, ୪ଟି ସିଙ୍ଗଲ୍ ସଟ୍ ଦେଶୀବନ୍ଧୁକ, ଗୋଟିଏ ୭.୬୫ ଏମ୍‌ଏମ୍ ଗୁଳି, ୫ଟି ୮ ଏମ୍‌ଏମ୍ ଗୁଳି ଏବଂ ୨ଟି ଖାଲି ମାଗାଜିନ୍ ମିଳିଥିଲା । ପୁଲିସ ତାକୁ ଉଠାଇ ଆଣି ଥାନାରେ ପଚରାଉଚରା କରିଥିଲା । ସହରର ବିଭିନ୍ନ ସ୍ଥାନରେ ସେ ବନ୍ଧୁକ ବ୍ୟବସାୟ କରୁଥିବା ଜଣାପଡ଼ିଥିଲା । ତାଠାରୁ ପୁଲିସ ଅନେକ ତଥ୍ୟ ସଂଗ୍ରହ କରିବା ପରେ କୋର୍ଟ ଚାଲାଣ କରିଛି । ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ରାଜେଶ ନାଁରେ ରାଜଗାଙ୍ଗପୁର ଥାନାରେ ପୂର୍ବରୁ ବନ୍ଧୁକ କାରବାର ମାମଲା ରହିଛି । ଏସପି ଶ୍ରୀ ଧାୱାନୀ କହିଛନ୍ତି, ବେଆଇନ ବନ୍ଧୁକ ଚାଲାଣ ଉପରେ ସ୍ୱତନ୍ତ୍ର ଡ୍ରାଇଭ୍ ଜାରି ରହିଛି । ଏହି କ୍ରମରେ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଅଭିଯୁକ୍ତ ସହ ସହରର ଅନେକ ଲୋକ ବେଆଇନ ବନ୍ଧୁକ କାରବାରରେ ସାମିଲ ଅଛନ୍ତି । ସେମାନଙ୍କୁ ଧରିବାକୁ ତନାଘନା ଜାରି ରହିଛି । ଅଭିଯୁକ୍ତ ବିହାର, ଝାଡ଼ଖଣ୍ଡ ଓ ଆଖପାଖ ଜିଲ୍ଲାରୁ ବନ୍ଧୁକ ଆଣି ସହରରେ ବେପାର କରୁଥିଲା । ୮ରୁ ୧୮ ହଜାର ଟଙ୍କାରେ ବନ୍ଧୁକ ବିକ୍ରି କରୁଥିଲା ଅଭିଯୁକ୍ତ । ସହରର ଗୋଟିଏ ସ୍ଥାନରେ ବନ୍ଧୁକ ମହଜୁଦ ନାହିଁ । ବେପାରୀଙ୍କୁ ମିଳୁଥିବା ଅର୍ଡର ଅନୁଯାୟୀ ସହରକୁ ବନ୍ଧୁକ ଓ ଗୁଳି ଆସୁଥିଲା । ବନ୍ଧୁକ ବେପାରରେ ବ୍ରେକ୍ ଲଗାଇବାକୁ ୨୦୨୪ ଅକ୍ଟୋବରରୁ ଏପର୍ଯ୍ୟନ୍ତ ୧୩ଟି ମାମଲାରେ ୫୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ୨୭ଟି ବନ୍ଧୁକ ଜବତ କରାଯାଇଛି ।

AFFIDAVIT

BY VIRTUE OF AN AFFIDAVIT SWORN BEFORE NOTARY PUBLIC, BHUBANESWAR ODISHA DATED 21.07.2025 I PEYYAVALASA JAGADEESWARE RAO, S/O P. APPA RAO RESIDENT OF QTR NO-29 TYPE-4 NEW AG COLONY, NEAR KALINGA STADIUM, PO-NAYAPALLI, BHUBANESWAR, DIST-KHORDHA, PIN-751012, ODISHA HAVE CHANGE MY DAUGHTER'S NAME FROM PEYYAVALASA SAI ISHITA TO PEYYAVALASA SAI EESHANYA. HENCEFORTH SHE WILL BE KNOWN AS PEYYAVALASA SAI EESHANYA FOR ALL PURPOSE.

O-558
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SAMBALPUR
1st Corrigendum to Tender online-SBPR-01 of 2025-26

The following changes have been made in respect of the Bid Identification No. Tender Online SBPR-01 of 2025-26 due to unavoidable reasons.
1. Date and time have been changed as given below.

DATE & TIME

| Sl.No. | Description | Schedule | Re-Schedule |
|---|---|---|---|
| 1. | Last date of availability of bid documents in the portal for bidding | 30.07.2025 11 AM to 14.08.2025 up to 5.00 PM | 08.08.2025 11AM to 20.08.2025 up to 5.00 PM |
| 2 | Date & time of opening of bid | At 11.00 AM of 16.08.2025 | At 11.00 AM of 21.08.2025 (Technical) |
| 3 | Financial Bid | | Will be intimated later |

All other terms and conditions of remain unchanged.

Sd/- Executive Engineer
Rural Works Division, Sambalpur
OIPR : 25076/11/0025/2526

AFFIDAVIT

By virtue of an affidavit sworn before Notary Public, Kendrapara dated 6th August 2025. I, Hrushikesh Panda, S/o-Late Balaram Panda address of Village-Kuhudi, P.O.-Angulai, P.S-Marshaghai, Dist-Kendrapara, Odisha, PIN-754212 declare that I have changed my name from Madhusudan Panda to **Hrushikesh Panda**. Henceforth, I shall be known as Hrushikesh Panda for all purposes.

Sd/- **Hrushikesh Panda**

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER-cum DISTRICT MISSION DIRECTOR, SUNDARGARH
E-Mail- sngcdmo@gmail.com
E-299

Tender Ref No.5369/DPMU/2025-26 Date: 07/ 08 /2025

**Request for Proposal (RFP) for Selection of Agency to undertake Paramedics, Nursing & other Techno Managerial Service at Govt. Health Institutions.**

Sealed proposals as per the prescribed RFP document are invited from interested eligible bidders for engagement of Techno Manpower in different health institutions of Sundargarh districts. The eligibility criteria, the detail requirement and the formats for submission of proposals are set forth in the following RFP document which can be downloaded from the district website: **www.sundargarh.odisha.gov.in.** Interested bidders fulfilling the eligibility criteria may submit their proposal along with all required documents by Speed post / Registered post / Courier only on or before **01-09-2025** till **5.00 P.M.** The technical proposal shall be opened on **02-09-2025** at **11.00 AM.** The undersigned reserves the right to reject any or all the proposals without assigning any reason thereof.

S/d- CDM & PHO cum DMD
Sundargarh
OIPR : 10100/11/0029/2526

AFFIDAVIT

By virtue of an affidavit sworn before Executive Magistrate, Delang. I, Prashant Kumar Jena, Permanent Resident of At-Garamotari, Po- Motari, P.s-Delang, Dist- Puri, Pin- 752015. Declare that this affidavit no. 1237, dated. 08.07.2025, I have changed my son's name from SOUMYANDRA JENA to SWOMENDRA KUMAR JENA Henceforth, He shall be known as SWOMENDRA KUMAR JENA for all purposes.

**Sd/- Prashant Kumar Jena**

TO WHOM IT MAY CONCERN

Kind Attn:
Mr. Lokesh Dash of Cuttack
(Address not known)
We are hereby informed you that the undersigned has no power to register the flats (flat no.407,408 & 409) as per the certificate Case no.23/2025 issued on Dt.21.03.2025. We had informed you through the other Director, who has booked the flat during his tenure of Managing the company. We are unable to deposit the required amount of approx. Rupees Forty Lakhs penalties levied on the company of the promoter by Hon'ble Adjudicating Officer vide case no. AOCC No.22 of 2023 and execution case no.06 of 2024 in the matter of Saroj Kumar Sahu Vs. Mahodadhi Devlopers Pvt Ltd. So we informed through this notice by odia daily for information and refund of of your deposits of Rs.18,00,000/- for flat no 407, 408 and 409 of Tulasi Vihar, Phase-II, Puri. If any other claim, other Director will settle the issue at his end.
Managing Director,
Mahodadhi Devlopers Pvt. Ltd.
Bhubaneswar.

ZILLA SWASTHYA SAMITI, KEONJHAR
CHIEF DISTRICT MEDICAL & PUBLIC HEALTH OFFICER, KEONJHAR
Advt. No 4075 Date : 07.08.2025
E-301
TENDER CALL NOTICE

Sealed Tenders are invited from the interested/ bonafide/ reputed agencies for printing and supply of different types of IEC/ BCC materials on different Health programme of Keonjhar district. The details regarding the terms and conditions and Tender papers may be downloaded from the district Portal website i.e. https://kendujhar.odisha.gov.in up to dt. 01.09.2025. The Tender document should reach to the office of the undersigned by 01.09.2025 up to 5:30 P.M through Reg. Post /Speed Post/ Courier only along with all the relevant documents and E.M.D with sealed cover and the envelope should be super scribed on the top of the envelope clearly, " Tender for Printing, Supply & Fixing of different types of IEC/BCC Materials under NHM for Keonjhar district " . The Tender will be opened on dated 02.09.2025 at 11.30 AM in NHM Conference Hall, DHH, Keonjhar in presence of the bidders/their authorized representatives.

The undersigned has reserves the right to reject or cancel any or all the Tender without assigning any reason thereof.

Sd/- Chief District Medical & Public Health Officer
Keonjhar
OIPR : 10033/11/0044/2526

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, PURI (R&B) DIVISION, PURI
WORKS DEPARTMENT
Short Tender Call Notice
B-375
E-mail: eerbpuri@yahoo.co.in
Bid Identification No. SE (R&B) Puri-20/2025-26

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in Double cover/Single cover system in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Civil Works.
2. No of Work : 2 Nos
3. Tender Cost : Rs. 10000.00 / Rs. 6000.00 (On-Line)
4. Class of bidders : 'C' & 'B' Class
5. Available of Bid document in the Website : From 10.00 AM of Dt.11.08.2025 to 05.00 PM of Dt. 18.08.2025
6. Last Date of receipt of tender : Dt. 18.08.2025 up to 05.00 PM
7. Date of opening of Bid : Dt. 19.08.2025 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer,
Puri (R&B) Division, Puri
OIPR : 34064/11/0031/2526

GOVERNMENT OF ODISHA : DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
RAIRANGPUR IRRIGATION DIVISION, RAIRANGPUR
e-mail: eerrpurdivn@gmail.com
A-473
'e'-Procurement Notice No.02 RID/2025-26

| | | | |
|---|---|---|---|
| 1. | Name of works | : | Canal improvement work, Bank protection works & Road & Bridges works as mentioned in the website. |
| 2. | Total no. of works | : | 16 nos ( Sixteen ) only |
| 3. | Amount put to tender | : | Varies from 9.27 Lakh to 33.83 Lakh |
| 4. | Class of Contractor | : | 'D', 'C & ' B' |
| 5. | Period of completion | : | As mentioned against work. |
| 6. | Other details as follows | : | |
| (i) | Procurement Officer | : | Superintending Engineer, Rairangpur Irrigation Division, Rairangpur |
| (ii) | Availability of Tender online for bidding | : | 16.08.2025 from 10.00 Hours to 29.08.2025 up to 17.00 Hours. |
| (iii) | Date, time and place of opening of Bid. | : | On 30.08.2025 at 11.00 Hours in the O/o the Superintending Engineer, Rairangpur Irrigation Division, Rairangpur. |
| (iv) | Date of Transparent Lottery to be conducted (if required) | : | On 17.09.2025 at 11.00 A.M. in the O/o the Superintending Engineer, Rairangpur Irrigation Division, Rairangpur. |

Further details can be seen from the 'e' Procurement Portal http://tendersorissa.gov.in

Sd/- Superintending Engineer
Rairangpur Irrigation Division
Rairangpur
OIPR : 32349/11/0010/2526

OFFICE OF THE NOTIFIED AREA COUNCIL, BALIMELA
Dist.- Malkangiri, eMail: eonacbalimela@gmail.com
Lt. No. 1560/ NAC / 2025 Date : 06/08/ 2025

**Expression of Interest (EOI) for Selection of Local Self-Help Group (SHG) for the Work "Rejuvenation of water bodies at Stadium Bandha (Part-05), Ward No-02 NAC Balimela**

C-828 : Sealed proposal are invited from the local WSHGs for the work "Rejuvenation of Water Bodies at Stadium Bandha (Part-5), Ward-02, NAC, Balimela". Interested SHG may submit their Expression of Interest with relevant documents in a sealed envelope to the office of the Executive Officer, Balimela NAC on or before 18.08.2025 by 2 PM during office hours through Speed post/Regd. post only and the same will be opened on the same date i.e. 18.08.2025 at 03:00 PM in the presence of WSHGs and their authorized agent if present. The envelope should be superscribed with "EOI for Rejuvenation of Water Bodies at Stadium Bandha". The WSHGs should submit the self-attested copy of valid registration certificate. This office shall not be held responsible for any delay in receipt of the EoI. The Undersigned reserve the right to reject any or all the application without assigning any reason thereof.

**Nature of Work - Pavar Road**

**Eligibility Criteria**

1. The Mission Shakti Group belong to the same ULB.
2. The Mission Shakti Group must adhering to Pancha Sutra for Group management.
3. The Mission Shakti Group must have been involved in Income Generation Activity (IGA) at least for 03 years.
4. The Mission Shakti Group must have an annual financial turnover of minimum 3 lakhs per annum for last 3 years consecutively.
5. The Mission Shakti Group must have not been involved in any financial irregularities such as loan declared as NPA, pre-settlement or one time settlement of loan etc.
6. The Mission Shakti Group members should not have record of involvement in any antisocial activity.
7. The Mission Shakti Group having experience in similar kind of activities may be given preference.
8. The SHG should not be blacklisted or involved in any litigation with any government agency.

**Document Should be Submitted:**

1. Application expressing interest.
2. SHG registration certificate
3. Copy of Aadhaar card of all members
4. Past Experience details (if any) with supporting documents.
5. Bank account details
6. Resolution copy for willingness to take up the work.
7. SHG should submit last 06 (Six) months resolution copy.
8. SHG should submit the last 06 (Six) month cash book copy.
9. SHG should submit last three years transaction details copy.
10. SHG PAN Card.
11. Filled copy of Annexure - I & III

Sd/- Executive Officer
Balimela, NAC
OIPR : 13140/11/0005/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ନାଲକୋ ଆର୍ଥିକ ବର୍ଷ ୨୦୨୫ - ୨୬ ର ପ୍ରଥମ ତ୍ରୈମାସିକ ଫଳାଫଳ

# ୭୭% ଅଭିବୃଦ୍ଧି ସହ ୧୦୬୪ କୋଟି ଟଙ୍କାର ନିଟ୍ ଲାଭ

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୁନସ୍ଥ ନବରନ୍ ଲୋକ ଉଦ୍ୟୋଗ ତଥା ଦେଶର ଅଗ୍ରଣୀ ଆଲୁମିନା ଏବଂ ଆଲୁମିନିୟମ ଉତ୍ପାଦକ ଏବଂ ରପ୍ତାନିକାରୀ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ





ଲିମିଟେଡ଼ (ନାଲକୋ) ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି। ପ୍ରଥମ ତ୍ରୈମାସିକରେ କମ୍ପାନୀ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲାବେଳେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ହାସଲ କରିଛି । ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀର ବୈଠକରେ ରେକର୍ଡରେ କରାଯାଇଥିବା ଫଳାଫଳ ଅନୁଯାୟୀ, ନାଲକୋ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜୁନ୍ ୩୦ ତାରିଖରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ ୭୭% ଅଭିବୃଦ୍ଧି ସହ ୧୦୬୪ କୋଟି ଟଙ୍କାର ନିଟ୍ ଲାଭ ଅର୍ଜନ କରିଛି, ଯାହା ପୂର୍ବ ବର୍ଷର ସମାନ ତ୍ରୈମାସିକରେ ୬୦୧ କୋଟି ଟଙ୍କା ଥିଲା। ଚଳିତ ତ୍ରୈମାସିକରେ କମ୍ପାନୀ ମଧ୍ୟ ୩୮୦୭ କୋଟି ଟଙ୍କାର ବ୍ୟବସାୟ କରିଛି।

ନାଲକୋ ବୋର୍ଡ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ଟ ୨.୫୦ଙ୍କା ହିସାବରେ ୪୫୯.୧୬ କୋଟି ଟଙ୍କା ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହା ଆଗାମୀ ୪୪ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନା କରାଯିବ। ଏଥିସହ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ଲାଭାଂଶ ପ୍ରଦାନ ପରିମାଣ ୧୯୨୮.୪୬ କୋଟି ଟଙ୍କା ହେବ ଓ ନାଲକୋ ବୋର୍ଡର ସକ୍ଷମ ମାର୍ଗଦର୍ଶନ ତଥା କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଫଳରେ କମ୍ପାନୀ ପ୍ରଥମ ତ୍ରୈମାସିକର ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି ବୋଲି ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି । ଶ୍ରୀ ସିଂହ ଆହୁରି ମଧ୍ୟ କହିଛନ୍ତି ଯେ, କମ୍ପାନୀର ଦୃଢ଼ ଫଳାଫଳ ମୂଲ୍ୟ-ଦକ୍ଷ କାର୍ଯ୍ୟ, ଅନୁକୂଳ ଘରୋଇ

**ଘରୋଇ ବଜାରରେ ସର୍ବକାଳୀନ ସର୍ବାଧିକ ଆଲୁମିନା ଏବଂ ଆଲୁମିନିୟମ ବିକ୍ରିର ରେକର୍ଡ**

ବ୍ୟବସାୟିକ ପରିବେଶ, ଏବଂ ସାମଗ୍ରିକ ଟେକ୍ନୋ-ଅର୍ଥନୈତିକ ପାରାମିଟରରେ ଉନ୍ନତିର ମିଶ୍ରଣ ଦ୍ୱାରା ସମ୍ଭବ ହୋଇଛି।

ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ପ୍ରଦର୍ଶନ ତୁଳନାରେ, ବକ୍ସାଇଟ୍ ପରିବହନରେ ୬.୫୬% ବୃଦ୍ଧି ଘଟିଥିବାବେଳେ ଆଲୁମିନା ହାଇଡ୍ରେଟ୍, କାଲସାଇଣ୍ଡ ଆଲୁମିନା ଏବଂ ଆଲୁମିନିୟମ୍ କାଷ୍ଟ ଧାତୁର ଉତ୍ପାଦନ ଯଥାକ୍ରମେ ୩୫.୫%, ୫୨.୨୫% ଏବଂ ୨.୬୮% ବୃଦ୍ଧି ପାଇଛି। ସେହିପରି, ବିକ୍ରୟ କ୍ଷେତ୍ରରେ, କମ୍ପାନୀ ବଳିଷ୍ଠ ପ୍ରଦର୍ଶନ ସହ ଆଲୁମିନା ରପ୍ତାନି କ୍ଷେତ୍ରରେ ୨୦୯% ଅଭିବୃଦ୍ଧି ହାସଲ କରିଛି। ଏଥି ସହ ଘରୋଇ ବଜାରରେ ଆଲୁମିନା ଏବଂ ଆଲୁମିନିୟମର ସର୍ବାଧିକ ଘରୋଇ ବିକ୍ରୟ ରେକର୍ଡ ମଧ୍ୟ ହାସଲ କରିଛି!

ଫଳାଫଳ ସମ୍ବନ୍ଧରେ ନିଜର ମତ ପ୍ରକଟ କରିବା ସହ ଶ୍ରୀ ସିଂହ କହିଛନ୍ତି ଯେ, ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ଉଭା ହେବା ସହିତ, ଆଲୁମିନିୟମ୍ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରଗତି ହାସଲ କରୁଛି, ଚାହିଦା ୯ -୧୦% ବୃଦ୍ଧି ପାଇଛି ଏବଂ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ଓ ସେ ଆହୁରି ମଧ୍ୟ କହିଛନ୍ତି ଯେ "ପରିବହନ, ନିର୍ମାଣ ଏବଂ ବୈଦ୍ୟୁତିକ କ୍ଷେତ୍ରଗୁଡ଼ିକ ବଡ଼ ଧରଣର ଅଭିବୃଦ୍ଧି ପାଇଁ ପ୍ରସ୍ତୁତ, ଏବଂ ୨୦୩୦ ସୁଦ୍ଧା, ଭାରତରେ ଆଲୁମିନିୟମ୍ ବ୍ୟବହାର ବାର୍ଷିକ ୭.୫ ରୁ ୮ ନିୟୁତ ଟନ୍ ପହଞ୍ଚିବ ବୋଲି ଆକଳନ କରାଯାଇଛି। "ନାଲକୋର ଦୃଢ଼ ତ୍ରୟମାସିକ ଉତ୍କର୍ଷତା ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଏବଂ ଆମେ ଏହି ଗତିକୁ ବଜାୟ ରଖିବା ପାଇଁ ଆଶାବାଦୀ ଅଛୁ," ।

# ନିସ୍ ଇନ୍ଷ୍ଟିଚ୍ୟୁଟର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ମଦନପୁର ସ୍ଥିତ ନିସ୍ ଇନ୍ଷଟିଚ୍ୟୁଟ ଅଫ ଇନ®ରମେସନ୍ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟର ନୂତନ ଶିକ୍ଷାବର୍ଷ ପାଇଁ ନବାଗତ ବିବିଏ, ବିସିଏ, ବିଏସ୍ସି (କମ୍ପ୍ୟୁଟର ସାଇନ୍ସ), ବିଏସ୍ସି (ଆଇଟିଏମ୍), ୩ ବିଜ୍ଞାନ, କଳା, ବାଣିଜ୍ୟ ଓ ବିଏସସି (ବାୟୋଟେକ୍ନୋଲୋଜିର) ର ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍ୱାଗତ ଉତ୍ସବରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉନ୍ନତମାନର ଶିକ୍ଷାଦାନ ସହିତ ଛାତ୍ରଛାତ୍ରୀମାନେ ସ୍ନାତକ ଶିକ୍ଷା ଗ୍ରହଣ କରି କିପରି ଉଜ୍ଜଳ ଭବିଷ୍ୟତ ଗଠନ କରିପାରିବେ ସେନଇ ଉଦବୋଧନ ଦେଇଥିଲେ । ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡକ୍ଟର ସୂର୍ଯ୍ୟନାରାୟଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କର ସାରଗର୍ଭକ ମତବ୍ୟକ୍ତ କରିଥିଲେ । ଉକ୍ତ ଉତ୍ସବରେ ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର୍ ସ୍ମୃତିସୁଧା ନାୟକ, ଡେପୁଟି




ଡାଇରେକଟର ଡକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡକ୍ଟର ଅଜିତ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟକାନ୍ତ ମହାପାତ୍ର, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ପ୍ରମୁଖ ଯୋଗ ଦେଇ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର ନୀତି, ନିୟମ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଶେଷରେ ନବାଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶପଥ ଗ୍ରହଣ ଉତ୍ସବର ଆୟୋଜନବ କରାଯାଇଥିଲା ।

# ମାସକ ଭିତରେ ତିନି ନାବାଳିକାଙ୍କୁ ବଳାତ୍କାର : ଆସାମୀ ବୁଦ୍ଧିଆକୁ ଆଜୀବନ କାରାଦଣ୍ଡ

କଟକ,(ସବ୍ୟୁ): ମାସକ ଭିତରେ ତିନି ଜଣ ନାବାଳିକାକୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ବୁଦ୍ଧିଆ ବିନ୍ଧାଣୀ(୨୪) କୁ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଭଳି ହୀନ କାର୍ଯ୍ୟ ଲାଗି ଅଦାଲତ ଆସାମୀ ବୁଦ୍ଧିଆକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୬୦ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଅଧିକ ଦୁଇ ବର୍ଷ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ପ୍ରତ୍ୟେକ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧୁକରଣଙ୍କୁ ନିର୍ଦ୍ଦେ;ଶଶ ଦିଆଯାଇଛି ।

ମୟୁରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ବୁଦ୍ଧିଆ ବିନ୍ଧାଣୀ ସିଡିଏ ଅଞ୍ଚଳରେ ସିଡିଏ ଫେଜ୍-୨ ଥାନା ଅଞ୍ଚଳରେ ରହୁଥିଲା। ସେହି ଅଞ୍ଚଳର ଏକ ନାବାଳିକାଙ୍କୁ ୨୦୨୨ ମସିହା ସେପ୍ଟେମ୍ବର ୧୨ତାରିଖରେ ବଳାତ୍କାର କରିଥିଲା । ଉକ୍ତ ନାବାଳିକା ଜଣକ ପରିବାରରେ ଜଣାଇବା ପରେ ତାଙ୍କ ପରିବାର ଲୋକେ ସିଡିଏ ଫେଜ୍-୨ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ୍ ପଚରାଉଚୁରା କରିବା ପରେ ଅଭିଯୁକ୍ତ ଆହୁରି ଦୁଇଜଣ ନାବାଳିକାଙ୍କୁ ସେହି ଗୋଟେ ମାସରେ ବଳାତ୍କାର କରିଥିବା ଜଣାପଡ଼ିଥିଲା ।

## ୱି ଓମେନ୍ ୱାଣ୍ଟ କନ୍‌କ୍ଲେଭ ୨୦୨୫

# ଶୈଫାଳିକା ପଣ୍ଡାଙ୍କୁ ଶକ୍ତି ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଇମ୍ପାର କର୍ପୋରେଟ୍ ସାମାଜିକ କଲ୍ୟାଣ ଶାଖା ବଂଶିଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ ର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା ନୂଆଦିଲ୍ଲୀର ଦି ଇଣ୍ଡେରିଆଲରେ ନ୍ୟୁଜ୍ ଏକ୍ସ ଦ୍ୱାରା ଆୟୋଜିତ ୱି ଓମେନ୍ ୱାଣ୍ଟ କନ୍‌କ୍ଲେଭ୍ ଆଣ୍ଡ ଶକ୍ତି ଆୱାର୍ଡ-୨୦୨୫ରେ ପ୍ରତିଷ୍ଠିତ ଶକ୍ତି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏହି ଅବସରରେ ଏକ ପ୍ୟାନେଲ୍ ଆଲୋଚନାରେ ଆଜିର ବିଶ୍ୱରେ ଆତ୍ମବିଶ୍ୱାସୀ ଝିଅମାନଙ୍କୁ ବୃଦ୍ଧି କରିବା ଉପରେ ଶ୍ରୀମତୀ ପଣ୍ଡା ଆଲୋକପାତ କରିଥିଲେ ।




ଏହି ବର୍ଷର କି ଓମେନ୍ ୱାଣ୍ଟ ଜକ୍ଲେଇ ଆଣ୍ଡୁ ଶକ୍ତି ଆୱାର୍ଡ଼ ୨୦୨୫ ସଂସ୍କରଣରେ ଡକ୍ଟର ଶଶି ଥରୁର ଏବଂ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱଡ଼ଙ୍କ ମୁଖ୍ୟ ଭାଷଣ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ନେତୃତ୍ୱ, ଗଣମାଧ୍ୟମରେ ପ୍ରତିନିକ୍ତ ସୁରକ୍ଷା ଏବଂ ନ୍ୟାୟ ଏବଂ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଭାରତୀୟ ମହିଳାଙ୍କ ଦୈନନ୍ଦିନ ବାସ୍ତବତା ଭଳି ବିଷୟବସ୍ତୁ ଉପରେ ଚିନ୍ତାପ୍ରବଣ ପ୍ୟାନେଲ ଆଲୋଚନା ଅନ୍ତର୍ଭୁକ୍ତ ହୋଇଥିଲା । ଏକତା କପୁର, ଦିୟା ମିର୍ଜା, ଶବାନା ଆଜମୀ, ନିପତ୍ କୌଡ଼ ଏବଂ ଡିଜାଇନର ଭିତୁ ଦେରୀଙ୍କ ପରି ସାଂସ୍କୃତିକ ବ୍ୟକ୍ତିତ୍ୱ ସେମାନଙ୍କ ଯାତ୍ରାର ଅନ୍ତଦୃଷ୍ଟି ବାଣ୍ଟିଥିଲେ, । ଏହି କାର୍ଯ୍ୟକ୍ରମରେ ଛୋଟ୍ ଦିଦି ଏବଂ ଲକ୍ଷପତି ଦିଦି ମାନଙ୍କ ସମେତ ତୃଣମୂଳ ସ୍ତରରେ ପରିବର୍ତ୍ତନକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅଧିବେଶନ ସମୟରେ ଭାଷଣ ଦେଇ, ଶ୍ରୀମତୀ ପଣ୍ଡା ଗଭୀର ଭାବରେ ମୂଳ ଲିଙ୍ଗଗତ ମାନଦଣ୍ଡ ଏବଂ ପଦ୍ଧତିଗତ ଅସମାନତାକୁ ସାମ୍ନା କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ହାଇକୋର୍ଟରେ ସରକାରଙ୍କ ଜବାବ ଦାଖଲ

# ପୁଲିସ୍ ଡ୍ରାଇଭର ଆବେଦନ ବୟସ ସୀମା ୪ବର୍ଷ ବଢ଼ିଲା

କଟକ,(ସବ୍ୟୁ): ପୁଲିସ୍ ଡ୍ରାଇଭରଙ୍କ ବୟସ ସୀମା ୧୮ରୁ ୨୩ବର୍ଷ ଧାର୍ଯ୍ୟ ହୋଇଥିଲା । ଏହି ପଦ ଲାଗି ଆବେଦନର ବୟସ ସୀମା ବୃଦ୍ଧି ଲାଗି ରୁଜୁ ମାମଲରେ ଅଜି ରାଜ୍ୟ ସରକାର ଜବାବ ଦାଖଲ କରି ଏହି ଆବେଦନର ବୟସ ସୀମାକୁ ଚାରି ବର୍ଷ ବୃଦ୍ଧି କରିଛନ୍ତି । ହାଇକୋର୍ଟକୁ ଆସିଥିଲେ ୧୨୪୫ଜଣଙ୍କ କ୍ଷେତ୍ରରେ ଏହି ବୟସ ସୀମା ବୃଦ୍ଧି ଲାଗୁ ହେବ ବୋଲି ରାଜ୍ୟ ସରକାର ଅଦାଲତଙ୍କୁ ଅବଗତ କରିଥିଲେ । ରାଜ୍ୟ ସରକାରଙ୍କ ଏହି ଜବାବ ପରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲର ଅନ୍ତ ଘଟାଇଛନ୍ତି ।

୨୦୨୪ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪୦୫ଟି ପୁଲିସ୍ ଡାଇଭର ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ପଦଲାଗି ଆବେଦନର ସର୍ବନିମ୍ନ ବୟସ ସୀମା ୧୮ ବର୍ଷ ଧାର୍ଯ୍ୟ କରାଯାଇଥିଲାବେଳେ ସର୍ବାଧିକ ବୟସ ସୀମା ୨୩ ଧାର୍ଯ୍ୟ ହୋଇଥିଲା । କରୋନା ସମୟରେ କୌଣସି ଚାକିରି ବାହାରିନଥିବାରୁ ଏଥିରେ ବୟସସୀମା କୋହଳ ଲାଗି ପ୍ରାର୍ଥନା କରି ୧୨୪୫ଜଣ ଆଶାୟୀ ପ୍ରାର୍ଥୀ ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟର ଜଣିକିଆ ବିଚାରପତି ଏହି ମାମଲର ଶୁଣାଣି କରି ୪ବର୍ଷ ବୟସ ସୀମା କୋହଳ ଲାଗି ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ରାଜ୍ୟ ସରକାର ହାଇକୋର୍ଟକୁ ଆସିଥିଲେ । କିନ୍ତୁ ନିଜେ ରାଜ୍ୟ ସରକାର ଅନ୍ୟ କେତେକ ପଦବି ପାଇଁ ସମାନ ନୀତି ଆପଣାଇଥିବାବେଳେ ପୁଲିସ୍ ଡ୍ରାଇଭରଙ୍କ କ୍ଷେତ୍ରରେ ମଧ୍ୟ ଏହି ବୟସ ସୀମା କୋହଳ କରାଯିବ ବୋଲି ଅଦାଲତଙ୍କୁ ଅବଗତ କରିବା ସହ ରିଟ୍ ଅପିଲ୍‌କୁ ପ୍ରତ୍ୟାହାର କରି ନେଇଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପୀତାମ୍ବର ଆଚାର୍ଯ୍ୟ ଅଳି ଅଦାଲତରେ ଉପସ୍ଥିତ ରହି ଏହି ନିଷ୍ପତି ସମ୍ପର୍କରେ ଅବଗତ କରିଥିଲେ ।

# ଏବେ ଏସେନ ହିରୋରେ ମିଳିବ ଜୁମ୍ ୧୨୫

କଟକ, (ସ୍ୱପ୍ର) : ବୃହତ୍ତମ ବାଇକ୍ ଓ ସ୍କୁଟର ନିର୍ମାତା ହିରୋ ମୋଟୋକପ ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ଥିବା ସୋରୁମ୍‌ରେ ଜୁମ୍ ୧୨୫ ସ୍କୁଟରର ବଜାର ପ୍ରବେଶ ହୋଇଛି । ସ୍ଥାନୀୟ ଶିଖରପୁର ସ୍ଥିତ ଏସେନ ହିରୋ ସୋରୁମ୍‌ରେ ମଧ୍ୟ ଏଣିକି ମିଳିବ ଜୁମ୍ ୧୨୫ । ଏହି ଜୁମ୍ ୧୨୫ ବହୁ ଆକର୍ଷଣୀୟ ରଙ୍ଗ ସହିତ ଅନେକ ନୂତନ ଫିଚର ମଧ୍ୟରେ ଉପଲବ୍ଧ । ଜୁମ୍ ୧୨୫ ଭିଏକ୍ସର ମୂଲ୍ୟ ୯୬.୬୦୦ ଟଙ୍କା ଥିବାବେଳେ ଜୁମ୍ ୧୨୫ ଜେଡ୍ ଏକ୍ସର ମୂଲ୍ୟ ୯୯.୯୯୦ ଟଙ୍କା ରହିଛି । ଉତ୍କୃଷ୍ଟ ନିୟନ୍ତ୍ରୀତ ଓ ସୁନିଶ୍ଚିତ



ବେକ୍ରିଙ୍ଗ ପାଇଁ ଗୋଟିଏ ଫ୍ରଣ୍ଟ ଡିସ୍‌ବ୍ରେକ୍ ରହିଛି । ଏସେନ ହିରୋ ସୋରୁମରେ ଏହି ନୂତନ ସ୍କୁଟରର ବଜାର ପ୍ରବେଶବେଳେ ଜେନେରାଲ ମ୍ୟାନେଜର ନାରାୟଣ ମହାପାତ୍ର, ଏସେନ ହିରୋର ମ୍ୟନେଜିଙ୍ଗ ପାର୍ଟନର ହେମନ୍ତ ଥାକରେ ଓ ସୌରଭ ଥାକେର ଉପସ୍ଥିତ ଥିଲେ ।

## ପିରାମଲ୍ ଫାଇନାନ୍ସର 'ପରଖ' ଏବେ ଓଡ଼ିଶା ଦର୍ଶକମାନଙ୍କ ପାଇଁ

# ଓଟିଟି ପ୍ଲାଟଫର୍ମରେ ଷ୍ଟ୍ରିମିଂ ପାଇଁ ଉପଲବ୍ଧ

ଭୁବନେଶ୍ୱର, (ସବ୍ୟୁ): ପିରାମଲ୍ ଫାଇନାନ୍ସ ଏହାର ଡକ୍ୟୁ-ସିରିଜ୍ ପରଖକୁ ଜିଓ ହଟଷ୍ଟାର ଏବଂ ସନ ଏନଏକ୍ସଟି ଓଟିଟି ପ୍ଲାଟଫର୍ମରେ ଉପଲବ୍ଧ କରାଇ ଏହାର ପ୍ରସାରଣକୁ ବିସ୍ତାର କରୁଛି। ପରଖ ଆର୍ଥିକ ଚ୍ୟାଲେଞ୍ଜକୁ ମୁକାବିଲା କରୁଥିବା ଗ୍ରାହକମାନଙ୍କର ପ୍ରାମାଣିକ, ବାସ୍ତବ ଜୀବନ କାହାଣୀ ଉପସ୍ଥାପନ କରେ, ଯାହା ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଅଣସେବାପ୍ରାପ୍ତ ଋଣଗ୍ରହୀତାମାନଙ୍କୁ ସମର୍ଥନ କରିବା ପାଇଁ ପିରାମଲ୍ ଫାଇନାନ୍ସର ଉତ୍ସର୍ଗକୁ ଉଜ୍ଜ୍ୱଳ କରିଥାଏ। ଏହି ପଦକ୍ଷେପ ପିରାମଲ୍ ଫାଇନାନ୍ସର ଆର୍ଥିକ ସଚେତନତାକୁ ଅଧିକ ସୁଗମ କରିବା ପାଇଁ ମିଶନକୁ ମଜବୁତ କରେ। ଓଟିଟି ପ୍ଲାଟଫର୍ମରେ ଲଂଚ କରି, ପିରାମଲ୍ ଫାଇନାନ୍ସ ଦର୍ଶକଙ୍କୁ ନମନୀୟତା ଏବଂ ସୁବିଧା ପ୍ରଦାନ କରି ଓଡ଼ିଶା ଏବଂ ବାହାରେ ବ୍ୟାପକ ଦର୍ଶକଙ୍କ ନିକଟରେ ପରଖକୁ ହଞ୍ଚାଇବାର ଲକ୍ଷ୍ୟ ରଖିଛି। ପିରାମଲ୍ ଫାଇନାନ୍ସର ମାର୍କେଟିଂ ମୁଖ୍ୟ ଅରବିନ୍ଦ ଆୟର ସେୟାର କରିଛନ୍ତି, "ପରଖ କେବଳ ଏକ ଧାରାବାହିକ ନୁହେଁ - ଏହା କାଗଜପତ୍ର ବାହାରେ ଆମର ଗ୍ରାହକମାନଙ୍କୁ ବୁଝିବା ପାଇଁ ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# କେନ୍ଦୁଝରଠାରେ ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ସ୍କୁଲ ବସ୍ ସେବାର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ ଏସ୍ ଇଣ୍ଡିଆ) ଏହାର ପ୍ରମୁଖ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ପଦକ୍ଷେପ 'ପଢେଗା ଭାରତ' ପ୍ରକଳ୍ପ ଅନ୍ତର୍ଗତ ଠାକୁରାଣୀ ଖଣି ଅଞ୍ଚଳ ନିକଟସ୍ଥ ଡାଲକି, ସେଡିଂ ଏବଂ ଠାକୁରାଣୀ ଗ୍ରାମର ୧୦୦ରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଏବଂ ବିଶ୍ୱସନୀୟ ପରିବହନ ସେବା ଯୋଗାଇବା ନିମନ୍ତେ କେନ୍ଦୁଝରର ବଡ଼ବିଲକୁ ଏକ ନୂତନ ସ୍କୁଲ ବସ୍ ସେବା ଆରମ୍ଭ କରିଛି। ଦିନସାରା




ଏକାଧିକ ଥର ଏହି ବସ ଯାତ୍ରା କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ବର୍ତ୍ତମାନ ନିଜ ଗାଁ ଓ ବଡ଼ବିଲରେ ଅବସ୍ଥିତ ବିଦ୍ୟାଳୟ ଯଥା :- ସେଣ୍ଟ ମେରି ଓଡ଼ିଆ ବିଦ୍ୟାଳୟ, ଗୁରୁ ନାନକ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ବଡ଼ବିଲ ବିଶ୍ୱବିଦ୍ୟାଳୟ ମଧ୍ୟରେ ସହଜରେ ଓ ଆରାମରେ ଯାତ୍ରା କରିପାରିବେ ।

ଏହି ବସ୍ ସେବାର ଶୁଭାରମ୍ଭ ଅବସରରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଖଣି ବିଭାଗ ମୁଖ୍ୟ ଶରଣପ୍ପା କାମ୍ବ୍ରାଲି ଏବଂ ଏଏମ୍/ ଏନ୍‌ଏସ୍ ଇଣ୍ଡିଆର ଠାକୁରାଣୀ ଲୁହାପଥର ଖଣିର ଖଣି ପ୍ରବନ୍ଧକ ଇନ୍ଦ୍ରକାନ୍ତ ସାହାଙ୍କ ସମେତ କମ୍ପାନୀର ଅନ୍ୟ କର୍ମଚାରୀ ଓ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ। ବଡ଼ବିଲ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଏହା ଦ୍ୱିତୀୟ ଉତ୍ସର୍ଗୀକୃତ ସ୍କୁଲ ବସ୍ ସେବା। ୨୦୨୨ ମସିହାରୁ କାରା, ବେଲକୁଣ୍ଡି ଓ ବଡ଼ବିଲ ମଧ୍ୟରେ ସମାନ ବସ୍ ସେବା ସଫଳତାର ସହ ଚଳାଚଳ କରୁଛି, ଯାହା ଦ୍ୱାରା ଦୈନିକ ପ୍ରାୟ ୯୦ ଜଣ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି।

ଏହି ସମ୍ପ୍ରସାରିତ ପଦକ୍ଷେପ ମାଧ୍ୟମରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାକୁ ଅଧିକ ସୁଗମ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି, ଯାହା ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଗୋଷ୍ଠୀ ଏବଂ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସହାୟତା କରୁଛି ।

# ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ କଳାହାଣ୍ଡିରେ ଶିକ୍ଷାର ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିଛି

ଭୁବନେଶ୍ୱର, (ସବ୍ୟୁ): କଳାହାଣ୍ଡି, ଏକଦା ଦାରିଦ୍ର୍ୟ ଏବଂ କଷ୍ଟର କାହାଣୀ ପାଇଁ ଜଣାଶୁଣା ଏକ ଅଂଚଳ, ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାପକ ପରିବର୍ତ୍ତନ ଆଣିଛି। ବେଦାନ୍ତ ଏହାର ଆଲୁମିନା ରିଫାଇନାରୀ ପ୍ରତିଷ୍ଠା କରିବା ପରଠାରୁ, ଏକ ନୀରବ ବିପ୍ଳବ ମୂଳ ପୋଷଣ କରିଛି। ଏହି ବିକାଶର ଏକ ମୂଳଦୁଆ ହେଉଛି ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ - ଜିଲ୍ଲାର ପ୍ରଥମ ଇଂରାଜୀ ମାଧ୍ୟମ ସ୍କୁଲ। ୨୦୦୬ ମସିହାରେ, ଯେତେବେଳେ ସ୍କୁଲଟି ତା'ର ଦ୍ୱାର ଖୋଲିଥିଲା, ଦୃଷ୍ଟିକୋଣ ସରଳ ଥିଲା: ଶିକ୍ଷା ହେଉଛି ପ୍ରଗତିର ମୂଳଦୁଆ। କଳାହାଣ୍ଡି ଭଳି ଏକ ଆଦିବାସୀ ବହୁଳ ଅଂଚଳରେ, ଆବଶ୍ୟକତା ଶ୍ରେଣୀଗୃହ ବାହାରେ ମଧ୍ୟ ବିସ୍ତାରିତ ହୋଇଥିଲା। ପ୍ରାରମ୍ଭିକ ଶୈଶବରୁ ବରିଷ୍ଠ ମାଧ୍ୟମିକ ପର୍ଯ୍ୟନ୍ତ, ସ୍କୁଲଟି ଏକ ପୋଷଣ ସ୍ଥାନ ବନିଗଲା। ୧,୩୦୦ ରୁ ଅଧିକ ଛାତ୍ରଛାତ୍ରୀ - ନିକଟସ୍ଥ ସମ୍ପ୍ରଦାୟର ୮୩% - ସହିତ ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ କଳାହାଣ୍ଡିରେ ଶିକ୍ଷା ପାଇଁ ଏକ ନୂତନ ଭବିଷ୍ୟତ ଗଠନ କରୁଛି। ଅନେକ ଛାତ୍ର ପ୍ରଥମ ପିଢ଼ିର ଶିକ୍ଷାର୍ଥୀ,



ସ୍ମାର୍ଟ ବୋର୍ଡ, କମ୍ପ୍ୟୁଟର ଲ୍ୟାବ୍ ଏବଂ ବିଜ୍ଞାନ ସୁବିଧା ସହିତ ସଜ୍ଜିତ ଶ୍ରେଣୀଗୃହରେ ପାଦ ଦେଇ ଏହି ଦୂରବର୍ତ୍ତୀ ଜିଲ୍ଲାରେ ପହଂଚିବା ପୂର୍ବରୁ ସୁଯୋଗ ପାଇଥାନ୍ତି।

ଏହାର ପ୍ରଭାବ ସ୍ପଷ୍ଟ: ୨୦୨୩ ମସିହାରେ, ସ୍କୁଲଟି ସମସ୍ତ ଡିଏଭି ପ୍ରତିଷ୍ଠାନ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା, ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ହାରାହାରି ୯୦.୭% ଏବଂ ୧୦୦% ବୋର୍ଡ ପରୀକ୍ଷା ପାସ୍ ହାର ହାସଲ କରିଥିଲେ, ଅନେକ ୮୦% ଉପରେ ସ୍କୋର କରିଥିଲେ। ଏହାର ସଫଳତାର କାହାଣୀ ମଧ୍ୟରେ ସାଲୋନି ପ୍ରସାଦ ମଧ୍ୟ ଅଛନ୍ତି, ଯିଏ ଦଶମ ଶ୍ରେଣୀରେ ୯.୬ ସିଜିପିଏ ସହିତ ସ୍ନାତକ ହାସଲ କରିଥିଲେ, ବାୟୋଟେକ୍ନୋଲୋଜିରେ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ ଏବଂ ବର୍ତ୍ତମାନ ହାଇଦ୍ରାବାଦର ଆଇସିଏମଆର-ଏନଆଇଏନରେ ପ୍ରୋଜେକ୍ଟ ଆସୋସିଏଟ୍ ଭାବରେ କାମ କରନ୍ତି। "ମୋର ମାତୃତ୍ୱ ମୋର ଦକ୍ଷତା, ମୂଲ୍ୟବୋଧ ଏବଂ ଶିକ୍ଷା ପ୍ରତି ଜୀବନବ୍ୟାପୀ ପ୍ରେମକୁ ପୋଷଣ କରିଥିଲା, ବୋଲି ସେ କୁହନ୍ତି - ସ୍କୁଲ ଦ୍ୱାରା ସଶକ୍ତ ଅନେକ ଛାତ୍ରଙ୍କ ଯାତ୍ରାକୁ ପ୍ରତିଫଳିତ କରନ୍ତି। ଡିଏଭି ବେଦାନ୍ତ ଇଂଟରନ୍ୟାସନାଲ ସ୍କୁଲ ବ୍ୟତୀତ, ମୋ ସ୍କୁଲ ଅଭିଯାନ ଅଧୀନରେ ଓଡ଼ିଶା ସରକାରଙ୍କ ସହ ସହଯୋଗ ୨୨ଟି ସ୍କୁଲକୁ ଆଧୁନିକ ଶିକ୍ଷା କେନ୍ଦ୍ରରେ ପରିଣତ କରିବାରେ ସାହାଯ୍ୟ କରିଛି, ଯେଉଁଥିରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଅନ୍ତର୍ଭୁକ୍ତ ହୋଇଛି। ଏହା ବ୍ୟତୀତ, ବେଦାନ୍ତ ମିନି ସାଇନ୍ସ ସେଂଟର ଏବଂ ବେଦାନ୍ତ ଜ୍ଞାନଶ୍ରୀ ଏବଂ ମେରିଟୋରିଆସ୍ ସ୍କଲାରସିପ୍ ଭଳି ପଦକ୍ଷେପଗୁଡ଼ିକ ଶୈକ୍ଷିକ ସଫଳତାକୁ ସ୍ୱୀକୃତି ଦେବା ଏବଂ ବିଜ୍ଞାନ ଶିକ୍ଷାକୁ ସୁଗମ କରିବାର ଲକ୍ଷ୍ୟକୁ ଆହୁରି ସମର୍ଥନ କରେ। ଏହି ପ୍ରୟାସଗୁଡ଼ିକ ସାମୂହିକ ଭାବରେ ଅଂଚଳର ଶିକ୍ଷାଗତ ବିକାଶରେ ଅବଦାନ ରଖେ।

ପ୍ରଭାବ ସ୍କୁଲର ସୀମା ବାହାରକୁ ବିସ୍ତାର କରିଛି। ଏହା ପିଢ଼ିକୁ ଅଧିକ ପାଇଁ ଆକାଂକ୍ଷା କରିବାକୁ ପ୍ରେରଣା ଦିଏ। କଳାହାଣ୍ଡିର ଧୂଳି, ଯାହା ଏକଦା ଅବହେଳିତତାର ପ୍ରତୀକ ଥିଲା, ଏବେ ଶିକ୍ଷିତ, ସଶକ୍ତ ଯୁବ ବ୍ୟକ୍ତିବିଶେଷଙ୍କ ପାଦଚିହ୍ନ ଦ୍ୱାରା ପ୍ରବାହିତ ହେଉଛି। ସେମାନେ ଏକ ନୂତନ କାହାଣୀର ସ୍ଥପତି, ଯେଉଁଠାରେ ଶିକ୍ଷା ଏକ ସୁବିଧା ନୁହେଁ, ବରଂ ଏକ ମୌଳିକ ଅଧିକାର। ଲାଞ୍ଜିଗଡ଼ରେ ପ୍ରଜ୍ୱଳିତ କୋମଳ ସ୍ଫୁଲିଙ୍ଗ ସମଗ୍ର ଅଂଚଳକୁ ଆଲୋକିତ କରୁଛି, ଏହା ପ୍ରମାଣ କରୁଛି ଯେ ସବୁଠାରୁ ଦୂରବର୍ତ୍ତୀ କୋଣରେ ମଧ୍ୟ ପରିବର୍ତ୍ତନ ସମ୍ଭବ ଏବଂ ଶିକ୍ଷା ହେଉଛି ସ୍ଥାୟୀ ଚାବି ଅଟେ।

# ହିମାଚଳରେ ବାଦଲଫଟା ବର୍ଷା

## ଭାସିଗଲା ପୋଲ, ୪୧୩ ତୀର୍ଥଯାତ୍ରୀଙ୍କୁ ଉଦ୍ଧାର



କିନ୍ନୋର: ହିମାଚଳ ପ୍ରଦେଶର କିନ୍ନୌରରେ ବାଦଲଫଟା ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଦୁଇଟି ଅସ୍ଥାୟୀ ପୋଲ ଭାସିଯାଇଛି। ଏଥିଯୋଗୁ କୈଳାସ ଟ୍ରେକ୍ ମାର୍ଗରେ ଫସି ରହିଥିବା ୪୦୦ରୁ ଅଧିକ ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଭାରତ-ତିବ୍ବତ ସୀମା ପୁଲିସ (ଆଇଟିବିପି) ଓ ଜାତୀୟ ବିପର୍ଯ୍ୟୟ ରିଲିଫ୍ ଫୋର୍ସ (ଏନ୍‌ଡିଆର୍‌ଏଫ୍) ଉଦ୍ଧାର କାର୍ଯ୍ୟର ନେତୃତ୍ୱ ନେଇଥିବା ବେଳେ "ଜିପ୍ ଲାଇନ୍' ମାଧ୍ୟମରେ ୪୧୩ ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ନୌର ଜିଲ୍ଲା ପ୍ରଶାସନକୁ ଟ୍ରେକ୍ ମାର୍ଗରେ ଫସି ରହିଥିବା ତୀର୍ଥଯାତ୍ରୀଙ୍କ ବିଷୟରେ ସୂଚନା ମିଳିବା ପରେ ଉଦ୍ଧାରକାରୀ ଦଳକୁ ନିୟୋଜିତ କରାଯାଇଥିଲା। ଆଇଟିବିପି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଉଦ୍ଧାର କାର୍ଯ୍ୟର ଦୃଶ୍ୟ ସେୟାର କରିଛି। ଭିଡିଓରେ ତୀର୍ଥଯାତ୍ରୀଙ୍କୁ ଜିପ୍ ଲାଇନରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିବା ଦେଖିବାକୁ ମିଳୁଛି। ଆଇଟିବିପି ରଶି ଉଦ୍ଧାର ଟ୍ରାଭର୍ସ କ୍ରସିଂ କୌଶଳ ବ୍ୟବହାର କରିଥିଲା, ଯାହା କି ଏକ ଭିଡିଓରେ ଦେଖିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ଉଦ୍ଧାର କାର୍ଯ୍ୟରେ ପର୍ବତାରୋହଣ ଓ ଆର୍‌ଆର୍ସି (ରୋପ୍ ରେସ୍କ୍ୟୁ ଆଣ୍ଡ କ୍ଲାଇମ୍ବିଂ) ଉପକରଣ ବ୍ୟବହାର କରାଯାଇଥିଲା।

# ସଂସଦରେ ଦୁଇଟି ବିଲ୍ ଗୃହିତ

ନୂଆଦିଲ୍ଲୀ : ମେସୁମୀ ଅଧିବେଶନର ଗୁରୁବାର ତ୍ରୟୋଦଶ ଦିବସରେ ବି ବିରୋଧୀ ସାଂସଦମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିରୋଧୀ ଦଳ ନେତାମାନେ ବିହାର ଏସ୍‌ଆଇଆର୍ ପ୍ରସଙ୍ଗରେ ଗୃହରେ ଆଲୋଚନା ପାଇଁ ଦାବି କରିଥିବା ବେଳେ ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଗୃହକୁ ସୂଚନା ଦେଇଛନ୍ତି ଯେ ଏସ୍‌ଆଇଆର୍ ପ୍ରସଙ୍ଗ ଏବେ ସୁପ୍ରିମକୋର୍ଟଙ୍କ ପାଖରେ ବିଚାରାଧୀନ ଥିବାବେଳେ ଏହି ପ୍ରସଙ୍ଗରେ ସଂସଦରେ କେଣସି ଆଲୋଚନା ହୋଇପାରିବନି। ତେବେ ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ବି ଉଭୟ ଲୋକସଭା ଓ ରାଜ୍ୟସଭାରେ ଆଜି ୨ଟି ବିଲ୍ ଗୃହୀତ ହୋଇଛି। ଲୋକସଭାରେ ଆଜି ମର୍ଚାଣ୍ଟ ସିପିଂ ବିଲ୍ ଗୃହୀତ ହୋଇଛି। ଖୁବ୍ କମ୍ ସମୟର ଆଲୋଚନା ପରେ ଏହି ବିଲ୍ ଲୋକସଭାରେ ଗୃହୀତ ହୋଇଛି। ଅନ୍ୟପକ୍ଷେ ରାଜ୍ୟସଭାରେ ଆଜି କ୍ୟାରେଜ୍ ଅଫ୍ ଗୁଡ୍ସ ବାଏ ସି ବିଲ୍, ୨୦୨୫ ଗୃହୀତ ହୋଇଛି। ଗୃହରେ ବିରୋଧୀଙ୍କ ପ୍ରବଳ ହଙ୍ଗାମା ସତ୍ତ୍ୱେ ରାଜ୍ୟସଭାରେ ଗୁରୁବାର ଏହି ବିଲ୍ ଗୃହୀତ ହୋଇଛି। ଏହାପରେ ଉଭୟ ଗୃହରେ ବିରୋଧୀଙ୍କ ଏସ୍‌ଆଇଆର୍ ଆଲୋଚନା ଦାବିରେ ପ୍ରବଳ ହୋହଲ୍ଲା ହେବାରୁ ଗୃହକୁ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

ଇତିମଧ୍ୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ରାଜ୍ୟସଭା ଉପାଧ୍ୟକ୍ଷଙ୍କୁ ଚିଠି ଲେଖି ଏସ୍‌ଆଇଆର୍ ଆଲୋଚନା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ରାଜ୍ୟସଭାର ବିରୋଧୀ ଦଳ ନେତା କହିଛନ୍ତି, "ବିରୋଧୀ ସାଂସଦମାନେ ଚଳିତ ଅଧିବେଶନର ପ୍ରଥମ ଦିନରୁ ହିଁ ଗୃହରେ ଏସ୍‌ଆଇଆର ପ୍ରସଙ୍ଗରେ ଆଲୋଚନା ଦାବି କରିଛନ୍ତି। କିନ୍ତୁ ସେମାନଙ୍କୁ ଅନୁମତି ମିଳିନାହିଁ।'



## ଟ୍ରମ୍ପ ଜଣେ ବଦମାସ : ଚୀନ ରାଷ୍ଟ୍ରଦୂତ



ନୂଆଦିଲ୍ଲୀ : ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ଉତ୍ତେଜନା ପୁଣି ଥରେ ଗଭୀର ହେବାରେ ଲାଗିଛି। ଭାରତୀୟ ସାମଗ୍ରୀ ଉପରେ ଅତିରିକ୍ତ ୨୫% ଶୁଳ୍କ ଲଗାଇବା ପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ନିଷ୍ପତ୍ତି ରାଜନୈତିକ ଏବଂ କୂଟନୈତିକ ମହଲରେ ହଇଚଇ ସୃଷ୍ଟି କରିଛି। ଏହି ପଦକ୍ଷେପକୁ ସବୁ ଦିଗରୁ ସମାଲୋଚନା କରାଯାଉଛି, ଏବଂ ଏବେ ଚୀନ୍ ମଧ୍ୟ ଖୋଲାଖୋଲି ଭାବରେ ଭାରତକୁ ସମର୍ଥନ କରିଛି। ଚୀନ୍ ରାଷ୍ଟ୍ରଦୂତ ଟ୍ରମ୍ପଙ୍କୁ ବଦମାସ ବୋଲି କହି ତାଙ୍କୁ ଟାର୍ଗେଟ କରିଛନ୍ତି ଏବଂ ତାଙ୍କୁ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ପାଇଁ ବିପଦ ବୋଲି କହିଛନ୍ତି। ଏହି ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଚୀନ୍ ଗସ୍ତକୁ ନେଇ ମଧ୍ୟ କଳ୍ପନାଜଳ୍ପନା ଜୋର ଧରିଛି।

ନୂଆଦିଲ୍ଲୀରେ ଚୀନ୍ ରାଷ୍ଟ୍ରଦୂତଙ୍କୁ ଫେଇହୋଙ୍ଗ ଗୁରୁବାର ଦିନ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସମାଲୋଚନା କରି ତାଙ୍କୁ ବଦମାସ୍ ବୋଲି କହିଥିଲେ। ଯଦି ଜଣେ ବଦମାସ୍ ଲୋକଙ୍କୁ ଗୋଟିଏ ଇଞ୍ଚ ଦିଆଯାଏ, ତେବେ ସେ ଗୋଟିଏ ମାଇଲ୍ ନେଇଯାଏ, ସେ ଆମେରିକା ରାଷ୍ଟ୍ରପତିଙ୍କ ନାମ ନ ନେଇ "ଏକ୍ସ' ରେ ଲେଖିଛନ୍ତି। ସେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗୟି ଏବଂ ବ୍ରାଜିଲ ରାଷ୍ଟ୍ରପତିଙ୍କ ମୁଖ୍ୟ ପରାମର୍ଶଦାତାଙ୍କ ମଧ୍ୟରେ ହୋଇଥିବା ଏକ ସମ୍ପ୍ରତିକ ଫୋନ୍ କଲ୍‌ର ଏକ ଅଂଶ ମଧ୍ୟ ସେୟାର କରିଛନ୍ତି। କଲ୍‌ରେ, ୱାଙ୍ଗୟି କହିଛନ୍ତି, ଅନ୍ୟ ଦେଶଗୁଡ଼ିକୁ ଦମନ କରିବା ପାଇଁ ଶୁଳ୍କ ବ୍ୟବହାର ଜାତିସଂଘ ଚାର୍ଟରର ଉଲ୍ଲଂଘନ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନର ନିୟମକୁ ଦୁର୍ବଳ କରେ।

## ଜାତିସଂଘ ମହିଳା ଭାରତ କାର୍ଯ୍ୟାଳୟର କର୍ମଶାଳା

# ବିକଶିତ ଭାରତ ପାଇଁ ମହିଳାଙ୍କ ଭୂମିକା ଅପରିହାର୍ଯ୍ୟ



ନୂଆଦିଲ୍ଲୀ : କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଗୁରୁବାର ନୂଆଦିଲ୍ଲୀରେ "ୟୁଏନ ଓମେନ୍ସ'ର ପ୍ରମୁଖ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ - "ସି ଲିଡ୍ସ-୨: ନେତୃତ୍ୱ ନେଉଥିବା ମହିଳାମାନଙ୍କ ପାଇଁ କର୍ମଶାଳା'ର ଦ୍ୱିତୀୟ ସଂସ୍କରଣକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦେଶବ୍ୟାପୀ ତୃଣମୂଳ ସ୍ତରର ମହିଳା ନେତ୍ରୀ, ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସକମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିଥିଲା ଏବଂ ବିଚାରବିମର୍ଷ, ସମ୍ଭାବ୍ୟ ନେତୃତ୍ୱ ଦକ୍ଷତା ବିକାଶ ତଥା ପ୍ରଶାସନରେ ମହିଳାଙ୍କ ଭାଗିଦାରୀକୁ ପ୍ରେତ୍ସାହିତ କରିଥିଲା ।ଜାତିସଂଘ ମହିଳା ଭାରତ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆୟୋଜନ କରାଯାଇଛି, ଯେତେବେଳେ କି ଦେଶରେ ଐତିହାସିକ ମହିଳା ସଂରକ୍ଷଣ ଆଇନ, ୨୦୨୩ର ପାସ ହୋଇଛି, ଯାହାକି ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରେ। ତେବେ ବର୍ତ୍ତମାନର ୧୮ ତମ ଲୋକସଭାରେ ମହିଳାମାନଙ୍କ ପ୍ରତିନିଧିତ୍ୱ ମାତ୍ର ୧୪ ପ୍ରତିଶତ ଥିବାବେଳେ ଏହି ବ୍ୟବଧାନକୁ ପୂରଣ କରିବା ପାଇଁ "ସି ଲିଡ୍ସ" ଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ।ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ତାଙ୍କ ମୁଖ୍ୟ ଭାଷଣରେ ଗୁରୁତ୍ୱାରୋପ କରିଥିଲେ ଯେ ମହିଳା ନେତୃତ୍ୱ କେବଳ ପ୍ରତିନିଧିତ୍ୱ ନୁହେଁ ବରଂ ଏକ ବିକଶିତ ଭାରତ ପାଇଁ ମହିଳା ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିବ। "ସି ଲିଡ୍ସ' ଭଳି ପଦକ୍ଷେପ ମହିଳାମାନଙ୍କୁ ନେତୃତ୍ୱ ଭୂମିକା ଗ୍ରହଣ କରିବା ପାଇଁ ଆବଶ୍ୟକୀୟ ଦକ୍ଷତା ଏବଂ ନେଟୱାର୍କ ସହିତ ସଜ୍ଜିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ସୁନିଶ୍ଚିତ କରେ ଯେ ଆମର ବିକାଶ ଏଜେଣ୍ଡା, ତାହା ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ୨୦୩୦ ହେଉ କିମ୍ବା ଭାରତର ଏଜେଣ୍ଡା ୨୦୪୦, ପ୍ରକୃତରେ ସମାବେଶୀ ହେବ ଓ ସେଥିରେ ସମସ୍ତଙ୍କ ପ୍ରତିନିଧିତ୍ୱ ରହିବ ।ଭାରତ, ଶ୍ରୀଲଙ୍କା ଏବଂ ଭୁଟାନରେ ନରୱେର ରାଷ୍ଟ୍ରଦୂତ ସୁଶ୍ରୀ ମେ-ଏଲିନ୍ ଷ୍ଟେନର ତାଙ୍କ ଅଭିଭାଷଣରେ କହିଥିଲେ ଯେ ନରୱେ ନେତୃତ୍ୱ ସ୍ଥାନରେ ଥିବା ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଅନ୍ତର୍ଭୁକ୍ତ ଶାସନକୁ ପ୍ରୋତ୍ସାହିତ କରୁଥିବା ପଦକ୍ଷେପଗୁଡ଼ିକୁ ସମର୍ଥନ କରିବାକୁ ନେଇ ଗର୍ବିତ। ନୀତିଗତ ପ୍ରତିବଦ୍ଧତାକୁ ବାସ୍ତବିକ ପ୍ରଭାବରେ ପରିଣତ କରିବା ପାଇଁ "ସି ଲିଡ୍ସ" ଭଳି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚଳିତ ବର୍ଷ, ଏହି କର୍ମଶାଳା ଲାଗି ୨୨ଟି ରାଜ୍ୟରୁ ୨୭୦ରୁ ଅଧିକ ଆବେଦନ ମିଳିଛି, ଯାହା ଫେବୃଆରୀରେ ଏହାର ଉଦଘାଟନୀ ଅଧିବେଶନ ତୁଳନାରେ ଦୁଇଗୁଣ ଅଧିକ। ଏକ ପୁଙ୍ଖାନୁପୁଙ୍ଖ ଚୟନ ପ୍ରକ୍ରିୟା ପରେ, ୩୬ ଜଣ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଅଭିଜ୍ଞତା, ପ୍ରେରଣା ଏବଂ ଭବିଷ୍ୟତ ଯୋଜନା ଆଧାରରେ ଚୟନ କରାଯାଇଥିଲା।

## ୨୫ଟି ପୁସ୍ତକ ଉପରେ ନିଷେଦ୍ଧାଦେଶ



ଶ୍ରୀନଗର : ଜମ୍ମୁ ଓ କଶ୍ମୀର ପ୍ରଶାସନ ୨୫ଟି ପୁସ୍ତକର ପ୍ରକାଶନ ଏବଂ ବିକ୍ରି ଉପରେ ରୋକ ଲଗାଇବାକୁ ନିଷ୍ପତ୍ତି ନେଇଛି। ଏ ପ୍ରସଙ୍ଗକୁ ନେଇ ସରକାର କହିଛନ୍ତି, "ଏହି ପୁସ୍ତକଗୁଡ଼ିକ ମିଥ୍ୟା ଆଲୋଚନାକୁ ପ୍ରୋତ୍ସାହିତ କରିବା ନେଇ ଅଭିଯୋଗ ହୋଇଥିଲା। ଏଥିସହିତ କିଛି ପୁସ୍ତକ ଯୁବପିଢ଼ିଙ୍କୁ ହିଂସା ଦିଗରେ ଉସୁକାଇବା ଏବଂ ଆତଙ୍କବାଦକୁ ସମର୍ଥନ କରିବା ଭଳି ଥିଲା।'ଗୃହ ବିଭାଗ ଦ୍ୱାରା ଜାରି କରାଯାଇଥିବା ଆଦେଶରେ କୁହାଯାଇଛି, 'ସରକାରଙ୍କ ଦୃଷ୍ଟିକୁ ଆସିଛି ଯେ କିଛି ସାହିତ୍ୟ ଜମ୍ମୁ ଓ କଶ୍ମୀରରେ ମିଥ୍ୟା ଆଲୋଚନା ଏବଂ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରୁଛି।' ତଦନ୍ତ ଏବଂ ନିର୍ଭରଯୋଗ୍ୟ ଗୁଇନ୍ଦା ତଥ୍ୟ ଆଧାରରେ ଉପଲବ୍ଧ ପ୍ରମାଣ ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ପ୍ରତିବନ୍ଧକ ଲାଗିଥିବା ୨୫ଟି ସାହିତ୍ୟ ପୁସ୍ତକଗୁଡ଼ିକ ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ହିଂସା ଏବଂ ଆତଙ୍କବାଦରେ ଜଡିତ ହେବାର ଏକ ପ୍ରମୁଖ କାରଣ ରହିଛି। ଏପରି ସାହିତ୍ୟ ଯୁବପିଢ଼ିଙ୍କୁ ଭ୍ରମିତ କରିବାରେ, ଆତଙ୍କବାଦକୁ ପ୍ରୋତ୍ସାହିତ ପ୍ରଦାନ କରିବାରେ ଏବଂ ଭାରତ ବିରୋଧରେ ହିଂସାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେଣୁ ଏଭଳି ପୁସ୍ତକଗୁଡ଼ିକୁ ନିଷିଦ୍ଧ କରାଯାଇଛି।

## କପିଳ ଶର୍ମାଙ୍କ କାଫେ ଉପରକୁ ପୁଣି ଗୁଳିମାଡ଼

ସରେ : କାନାଡାର ସରେରେ ଥିବା ପ୍ରସିଦ୍ଧ ହାସ୍ୟ ଅଭିନେତା କପିଲ ଶର୍ମାଙ୍କ କାଫେରେ ପୁଣି ଗୁଳିଚାଳନା ହୋଇଥିବା ଖବର ଆସିଛି। ଏହି ଗୁଳିକାଣ୍ଡ ଲାଗି ଗୋଲ୍ଡି ଢିଲୋନ୍ ନାମକ ଜଣେ ଗ୍ୟାଙ୍ଗଷ୍ଟର ନିଜକୁ ଦାୟୀ କରିଛି। ସ୍ଥାନୀୟ ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଏପର୍ଯ୍ୟନ୍ତ ଗୁଳିକାଣ୍ଡରେ କେହି ଆହତ ହେବାର କୌଣସି ଖବର ଆସିନାହିଁ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ଏକ କାରରେ ବସିଥିବା କିଛି ଲୋକ କାଫେ ଆଡ଼କୁ ଗୁଳି ଚଳାଇବା ଦେଖାଯାଉଛି। ଏହି ଭିଡିଓଟି ୯ ସେକେଣ୍ଡର, ଯେଉଁଥିରେ ୧୨ ରାଉଣ୍ଡରୁ ଅଧିକ ଗୁଳି ଚାଳନା କରାଯାଇଥିଲା। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ଏକ କାରରେ ବସିଥିବା କିଛି ଲୋକ କାଫେ ଆଡ଼କୁ ଗୁଳି ଚଳାଇବା ଦେଖାଯାଉଛି। ଏହି ଭିଡିଓଟି ୯ ସେକେଣ୍ଡର, ଯେଉଁଥିରେ ୧୨ ରାଉଣ୍ଡରୁ ଅଧିକ ଗୁଳି ଚାଳନା କରାଯାଇଥିଲା। ଗୋଲ୍ଡି ଢିଲୋନ୍ ନିଜକୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ବୋଲି ଦାବି କରୁଛି ।

ରିପୋର୍ଟ ଅନୁଯାୟୀ, ଏହି ଗ୍ୟାଙ୍ଗ କହିଛି, ଜୟ ଶ୍ରୀ ରାମ, ସତ ଶ୍ରୀ ଅକାଳ। ସମସ୍ତ ଭାଇମାନଙ୍କୁ ରାମ ରାମ। କପିଲ ଶର୍ମାଙ୍କ କପ୍ସ କାଫେ, ସରେରେ ଗୁରୁବାର ଘଟିଥିବା ଗୁଳିକାଣ୍ଡର ଦାୟିତ୍ୱ ଗୋଲ୍ଡି ଢିଲୋନ୍ ଏବଂ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନେଉଛି। ଆମେ ତାଙ୍କୁ (କପିଲ ଶର୍ମା) ଫୋନ୍ କରିଥିଲୁ, କିନ୍ତୁ ସେ ଉଠାଇ ନଥିଲେ, ଯାହା ଯୋଗୁଁ ଆମକୁ କାର୍ଯ୍ୟାନୁଷ୍ଠାନ ନେବାକୁ ପଡିଲା। ଯଦି ସେ ପୁଣି ଫୋନ୍ ନ ଉଠାନ୍ତି, ତେବେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ମୁମ୍ବାଇରେ ଖୁବ୍ ଶୀଘ୍ର ନିଆଯିବ।




## ପୁଟିନଙ୍କୁ ଭେଟିଲେ ଡୋଭାଲ୍



ମସ୍କୋ : ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ ଗୁରୁବାର ମସ୍କୋରେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଭେଟିଛନ୍ତି। ଭାରତ ଏବଂ ରୁଷ ମଧ୍ୟରେ ଶକ୍ତି ଏବଂ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।ରୁଷରୁ ତେଲ କିଣିବା ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ଭାରତକୁ ବାରମ୍ବାର ଟାର୍ଗେଟ କରିବା ପରିପ୍ରେକ୍ଷୀରେ ଏହି ସାକ୍ଷାତକୁ ବେଶ ଗୁରୁତ୍ୱ ଦିଆଯାଉଛି ।ରୁଷରୁ ତେଲ କିଣିବା ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ଭାରତକୁ ବାରମ୍ବାର ଟାର୍ଗେଟ କରିବା ପରିପ୍ରେକ୍ଷୀରେ ଏହି ସାକ୍ଷାତକୁ ବେଶ ଗୁରୁତ୍ୱ ଦିଆଯାଉଛି । ଏହା ପୂର୍ବରୁ, ଡୋଭାଲ ରୁଷ ସୁରକ୍ଷା ପରିଷଦ ସଚିବ ସେରଗେ ସୋଇଗୁଙ୍କୁ ମଧ୍ୟ ଭେଟିଥିଲେ। ସୋଇଗୁ କହିଥିଲେ ଯେ ଭାରତ ଏବଂ ରୁଷ ମଧ୍ୟରେ ମଜବୁତ ଏବଂ ସମୟ ପରୀକ୍ଷିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ସେ କହିଥିଲେ ଯେ ରାଷ୍ଟ୍ରପତି ପୁଟିନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ନୂତନ ଉଚ୍ଚସ୍ତରୀୟ ଆଲୋଚନା ସୂଚୀବଦ୍ଧ କରିବା ଦୁଇ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ଡୋଭାଲ ବୁଧବାର ମସ୍କୋରେ ପହଞ୍ଚିଥିଲେ ।ସେ ମଧ୍ୟ ସୂଚନା ଦେଇଛନ୍ତି ଯେ ଚଳିତ ବର୍ଷ ପୁଟିନ ଭାରତ ଗସ୍ତ କରିବେ ।

# ଉତ୍ତରକାଶୀରୁ ଫେରିନାହାଁନ୍ତି ୨୪ ଜଣ ସହପାଠୀ

## ୩୫ ବର୍ଷ ପରେ ହୋଇଥିଲେ ଏକାଠି



ପୁଣେ: ଉତ୍ତରାଖଣ୍ଡରେ ବାଦଲ ଫଟା ବର୍ଷା ଯୋଗୁଁ ଅନେକ କ୍ଷୟକ୍ଷତିର ଖବର କ୍ରମାଗତ ଭୋ୍ୱ ସାମ୍ନାକୁ ଆସୁଛି। ଭୂସ୍ଖଳନ ହେତୁ ରାସ୍ତାଘାଟ ଆଦି ଭାସି ଯାଇଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିବାରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏଭଳି ପରିସ୍ଥିତିରେ ନିଖୋଜ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ମନ୍ଥର ହୋଇପଡ଼ିଛି। ଏହି ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ପରେ ଅନେକ ପର୍ଯ୍ୟଟକ ନିଖୋଜ ହୋଇଯାଇଥିବା ଖବର ସାମ୍ନାକୁ ଆସୁଥିବାବେଳେ ପୁଣେର ୨୪ଜଣିଆ ସ୍କୁଲସାଙ୍ଗଙ୍କ ଏକ ଦଳ କେଉଁଆଡେ ନିଖୋଜ ହୋଇଯାଇଛି। ସେମାନଙ୍କର କେଣସି ପ୍ରକାର ପତ୍ତା ମିଳୁ ନଥିବା ସୂଚନା ମିଳିଛି।

ପୁଣେର ସ୍କୁଲସାଙ୍ଗଙ୍କ ଏ ଦଳ ମଞ୍ଚରର ଆୱାସରୀ ଖୁର୍ଦ୍ଦ ଗାଁ ସ୍କୁଲର ୧୯୯୦ମସିହା ଦଶମ ଶ୍ରେଣୀ ବ୍ୟାଚର ଥିବା ଜଣାପଡ଼ିଛି। ଏହି ସମସ୍ତ ବନ୍ଧୁ ମହାରାଷ୍ଟ୍ରର ୭୫ ଜଣ ପର୍ଯ୍ୟଟକଙ୍କ ଏକ ଗୋଷ୍ଠୀର ଅଂଶ ଥିଲେ। ବୁଧବାର ଗଙ୍ଗୋତ୍ରୀ ନିକଟସ୍ଥ ଧରାଲି ଗାଁରେ ବନ୍ୟା ଆସିବା ପରେ ୨୪ ଜଣ ବନ୍ଧୁଙ୍କ ଏହି ଗୋଷ୍ଠୀ ନିଖୋଜ ହୋଇଯାଇଛନ୍ତି।

ପୁଣେର ମଞ୍ଚର ଆଭାସାରି ଖୁର୍ଦ୍ଦ ଗାଁର ଅଶୋକ ଭୋର ଏବଂ ତାଙ୍କର ୨୩ ଜଣ ବନ୍ଧୁ ୩୫ ବର୍ଷ ପରେ ଚାରିଧାମ ଯାତ୍ରା ପାଇଁ ଏକାଠି ହୋଇଥିଲେ। ଖୁବ ଖୁସିରେ ମଜାମସ୍ତି କରି ସ୍କୁଲ ସମୟର ସେ ସବୁ ପୁରୁଣା ଦିନକୁ ମନେ ପକାଇ ୨୪ଜଣ ସାଙ୍ଗ ଏକାଠି ମିଶି ଅଗଷ୍ଟ ୧ ତାରିଖରେ ଯାତ୍ରା ଆରମ୍ଭ କରିଥିଲେ। ସମସ୍ତେ ଚାରଧାମ ଯାତ୍ରା ସମୟରେ ଖୁବ ମଜା କରିବେ। ଯେମିତି ସେମାନେ ସ୍କୁଲ ଦିନମାନଙ୍କରେ ଷ୍ଟଡି ଟୁର ସମୟରେ କରୁଥିଲେ। ଏଥିପାଇଁ ୨୪ଜଣ ସାଙ୍ଗ ଅନେକ କିଛି ଯୋଜନା କରି ରଖିଥିଲେ। କିନ୍ତୁ ଦୀର୍ଘ ୩୫ବର୍ଷ ପରେ ଏକାଠି ହୋଇଥିବା ୨୪ଜଣ ସ୍କୁଲସାଙ୍ଗମାନେ ଚାରିଧାମ ଯାତ୍ରା ସମୟରେ ଏମିତି ଏକ ଭୟାବହ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନିଖୋଜ ହୋଇଯିବେ ସେ କଥା କେହି ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ନଥିଲେ।

ନିଖୋଜ ଥିବା ଅଶୋକ ଭୋରଙ୍କ ପୁଅ ଆଦିତ୍ୟ କହିଛନ୍ତି, 'ମୁଁ ଶେଷ ଥର ପାଇଁ ମୋ ବାପାଙ୍କ ସହ ଅଗଷ୍ଟ ୪ ତାରିଖରେ କଥା ହୋଇଥିଲି। ଏହି ସମୟରେ ବାପା ଫୋନରେ କହିଥିଲେ,"" ଆମେ ଗଙ୍ଗୋତ୍ରୀରୁ ପ୍ରାୟ ୧୦ କିଲୋମିଟର ଦୂରରେ ଅଛୁ। ରାସ୍ତାରେ ଏକ ବିରାଟ ଗଛ ପଡ଼ିଛି ଛୋଟ ଭୂସ୍ଖଳନ ହୋଇଛି ତେଣୁ ଆମେ ଫସି ଯାଇଛୁ। କିଛି ସମୟପରେ ରାସ୍ତାସଫା ହୋଇଗଲେ ଆମେ ପୁଣି ଆମ ଯାତ୍ରାରେ ଆଗେଇ ଯିବୁ।" ଏହା କହି ବାପା ଫୋନ କାଟି ଦେଇଥିଲେ। ଏହାପର ଠାରୁ ନା ବାପାଙ୍କ ସହ ନା ତାଙ୍କ ଗୋଷ୍ଠୀରେ ଥିବା ଅନ୍ୟ କେଣସି ସଦସ୍ୟଙ୍କ ସହିତ ମୋର ଯୋଗାଯୋଗ ହୋଇ ପାରୁ ନାହିଁ।

ମହାରାଷ୍ଟ୍ରର ବିପର୍ଯ୍ୟୟ ପରିଚାଳନା ଅଧିକାରୀ କହିଛନ୍ତି ଯେ ଫସି ରହିଥିବା ପର୍ଯ୍ୟଟକଙ୍କ ସହିତ ଯୋଗାଯୋଗ କରିବା କଷ୍ଟକର ହୋଇପଡ଼ିଛି। କିନ୍ତୁ, ସେମାନେ ଉତ୍ତରାଖଣ୍ଡ ପ୍ରଶାସନ ସହିତ ଯୋଗାଯୋଗରେ ଅଛନ୍ତି।

## ଆମେରିକା ପୁଣି ଯିବେ ପାକ୍ ସେନାଧ୍ୟକ୍ଷ

ଇସଲାମବାଦ : ପାକିସ୍ତାନ ଆର୍ମି ଚିଫ ଫିଲ୍ଡ ମାର୍ଶଲ ଅସିମ ମୁନିର ପୁଣିଥରେ ଆମେରିକା ଗସ୍ତରେ ଯିବେ। ଏହା ୨ ମାସ ମଧ୍ୟରେ ତାଙ୍କର ଦ୍ୱିତୀୟ ଆମେରିକା ଗସ୍ତ। ଏନେଇ ପାକିସ୍ତାନ ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି। ମୁନିରଙ୍କ ଏପରି ଗସ୍ତ ଆମେରିକା ଓ ପାକିସ୍ତାନ ମଧ୍ୟରେ ବୁଥିବା ବନ୍ଧୁତାର ସଙ୍କେତ ଦେଇଛି। ଭାରତ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟାରିଫ ଯୁଦ୍ଧ ଜାରି ରଖିଥିବା ବେଳେ ମୁନିରଙ୍କ ୱାଶିଂଟନ ଗସ୍ତର ସୂଚନା ଆସିଛି।



ଭାରତକୁ ଟାରିଫ ଝଟକା ଦେଇଥିବା ଟ୍ରମ୍ପ ପାକିସ୍ତାନ ପ୍ରତି ବନ୍ଧୁତାର ହାତ ବାଇଛନ୍ତି। ପାକିସ୍ତାନ ସହ ବାଣିଜ୍ୟ ଚୁକ୍ତି କରିବା ସହ ଟ୍ରମ୍ପ ଇସଲାମାବାଦ ଉପରେ ମାତ୍ର ୧୯% ଟାରିଫ ଲଗାଇଛନ୍ତି। ଭାରତ ଉପରେ ୫୦% ଟାରିଫ ଲଗାଇ ଟ୍ରମ୍ପ ବାରମ୍ବାର ଧମକ ଦେଇଚାଲିଛନ୍ତି। ଏପରି ସ୍ଥିତିରେ ମୁନିର ଆମେରିକା ଗସ୍ତ କରିବା ନିଶ୍ଚିତ ଗୁରୁତ୍ୱ ବହନ କରୁଛି।

ଏହାପୂର୍ବରୁ ପାକିସ୍ତାନ ଫିଲ୍ଡ ମାର୍ଶଲ ମୁନିର ଜୁନ ମାସରେ ୱାଶିଂଟନ ଗସ୍ତ କରିଥିଲେଛ। ହ୍ୱାଇଟ ହାଉସରେ ଟ୍ରମ୍ପ ନିଜେ ତାଙ୍କୁ ସ୍ୱାଗତ କରିବା ସହ ଲଞ୍ଚ ପରସି ଦେଇଥିଲେ। ଉକ୍ତ ଗସ୍ତ ସମୟରେ ସେ ପୁଣି ଆମେରିକା ଆସିବେ ବୋଲି ସଙ୍କେତ ଦେଇଥିଲେ। ଏବେ ମୁନିର ଆମେରିକା ଗସ୍ତ କରିବେ ବୋଲି ଜଣାପଡ଼ିଛି ।ମୁନିରଙ୍କ ଗସ୍ତ ପୂର୍ବରୁ ଆମେରିକା ସେଣ୍ଟ୍ରାଲ କମାଣ୍ଡର ମୁଖ୍ୟ (ସିଇଏନଟିସିଓଏମ) ଜେନେରାଲ ମାଇକେଲ ଇରିକ କୁରିଲ୍ଲା ଜୁଲାଇ ମାସରେ ପାକିସ୍ତାନ ଆସିଥିଲେ। ଏହି ସମୟରେ ପାକିସ୍ତାନୀ ସରକାର ଜେନେରାଲ କୁରିଲ୍ଲାଙ୍କୁ ନିଶାନ-ଇ-ଇମତିଆଜ(ସାମରିକ) ସମ୍ମାନରେ ସମ୍ମାନୀତ କରିଥିଲେ।

## ଦୁଲୀପ ଟ୍ରଫି ଖେଳିବେ ତାରକା ଖେଳାଳୀ

ନୂଆଦିଲ୍ଲୀ,୭।୮ (ଏଜେନ୍ସି) : ଭାରତ ଟେଷ୍ଟ ଅଧିନାୟକ ଶୁଭମନ ଗିଲ୍ ୨୦୨୫ ଦୁଲୀପ ଟ୍ରଫିରେ ଉତ୍ତର ଜୋନ୍ ନେତୃତ୍ୱ ନେବେ । ଦଳରେ ଅର୍ଶଦୀପ ସିଂହ ଏବଂ ହର୍ଷିତ ରାଣାଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଗିଲ୍ ଦୁଲୀପ୍ ଟ୍ରଫି ୨୦୨୫ ରେ ଉତ୍ତର ଜୋନ୍ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି । ଇଂଲଣ୍ଡ ବିପକ୍ଷରେ ଏକ ଚମତ୍କାର ଟେଷ୍ଟ ସିରିଜ୍ ଖେଳିଥିବା ଗିଲ୍ ଦଳର ଅଧିନାୟକ ହେବାକୁ ଯାଉଛନ୍ତି ଅନେକ ଅନ୍ତର୍ଜାତୀୟ ତାରକା ରହିବେ ।



ଶୁଭମନଙ୍କ ଘନିଷ୍ଠ ବନ୍ଧୁ ଅଭିଷେକ ଶର୍ମାଙ୍କୁ ଦଳରେ ସାମିଲ କରାଯାଇ ନାହିଁ । ତଥାପି, ଭାରତର ଏହି ଟି-୨୦ ଓପନର ମ୍ୟାଚ୍ ସେପ୍ଟେମ୍ବର ୯ରୁ ସଂଯୁକ୍ତ ଆରବ ଏମିରେଟ୍ସରେ ଆୟୋଜିତ ହେବାକୁ ଥିବା ୨୦୨୫ ଏସିଆ କପରେ ଅଂଶଗ୍ରହଣ କରିବାର ଆଶା କରାଯାଉଛି । ଦୁଲୀପ ଟ୍ରଫି ଅଗଷ୍ଟ ୨୮ରୁ ଆରମ୍ଭ ହେବାକୁ ଯାଉଛି । ଟୁର୍ଣ୍ଣାମେଣ୍ଟଟି ଏହାର ମୂଳ ଫର୍ମାଟକୁ ଫେରିଛି ଯେଉଁଠାରେ ସମାନ ଜୋନ୍‌ରୁ ଛଅଟି ଦଳ: କେନ୍ଦ୍ରୀୟ, ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏବଂ ଉତ୍ତର ପୂର୍ବ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି । ଏହା ଫଳରେ, ସେମାନଙ୍କ ସମ୍ପୃକ୍ତ ଜୋନର ଖେଳାଳିମାନଙ୍କ ପାଇଁ ଅଧିକ ସୁଯୋଗ ପ୍ରଦାନ କରେ । ତେଣୁ ସମସ୍ତ ଖେଳାଳିଙ୍କୁ ଉଚିତ ସୁଯୋଗ ଦେବା ପାଇଁ ବିସିସିଆଇ ଜୋନାଲ୍ ଫର୍ମାଟକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଛି ।



ଉତ୍ତର ଜୋନ୍ ଚୟନକର୍ତ୍ତାମାନେ ଶୁଭମନ, ଅର୍ଶଦୀପ ଏବଂ ହର୍ଷିତଙ୍କ ବଦଳ ଘୋଷଣା କରିଛନ୍ତି, ଯଦି ସେମାନଙ୍କୁ ଟୁର୍ଣ୍ଣାମେଣ୍ଟ ସମୟରେ ଜାତୀୟ ଦାୟିତ୍ୱ ପାଇଁ ଡକାଯାଏ । ଭାରତ ଏସିଆ କପ୍ ୨୦୨୫ ପାଇଁ ତାଲିମ ଆରମ୍ଭ କରିବ । ଶୁଭମନ ଆଉ ଭାରତୀୟ ଟି୨୦ଆଇ ଦଳରେ ନିୟମିତ ନଥିଲେ, ଅର୍ଶଦୀପ ସିଂହ ଏବଂ ହର୍ଷିତ ରାଣା ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ନିୟମିତ ଭାବରେ ଟି୨୦ଆଇ ଦଳରେ ସ୍ଥାନ ପାଇଛନ୍ତି ।

# କଳିଙ୍ଗରେ କଣ୍ଟିନେଣ୍ଟାଲ ଟୁର୍ ଆଥ୍ଲେଟିକ୍ସ

## ଭାଗ ନେବେ ୧୫ ଦେଶର ୧୫୦ ଆଥ୍ଲେଟିକ୍ସ

ଭୁବନେଶ୍ୱର : କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ବହୁରାଷ୍ଟ୍ରୀୟ ଦେଡ଼କୁଦ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ରବିବାର ଏଠାରେ ବିଶ୍ୱ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ (କାଂସ୍ୟ) ପ୍ରତିଯୋଗିତା ଖେଳାଯିବ। ଏହି ପ୍ରତିଯୋଗିତା ଆୟୋଜିତ ହେବା ସହ ରାଜ୍ୟ କ୍ରୀଡ଼ା ଜଗତରେ ସଫଳତାର ଆଉ ଏକ ପର୍ବ ଯୋଡ଼ାଯିବ । ସବୁଠୁ ବଡ଼ କଥା ହେଲା ବିଶ୍ୱ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ (କାଂସ୍ୟ) ପ୍ରତିଯୋଗିତା ପ୍ରଥମ ଥର ଲାଗି ଭାରତରେ ଆୟୋଜିତ ହେବାକୁ ଯାଉଥିଲା ବେଳେ କଳିଙ୍ଗ ଷ୍ଟାଡିୟମରେ ଏହାର ପ୍ରଥମ ଆୟୋଜକ ହେବାର ଗୌରବ ମିଳିଛି। ଭାରତୀୟ ଦେଡ଼କୁଦ ମହାସଂଘ (ଏଏଫ୍ଆଇ) ଆନୁକୂଲ୍ୟରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ନାଁ "ଇଣ୍ଡିଆନ୍ ଓପନ ବିଶ୍ୱ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍' ରଖାଯାଇଛି। ଏଥିରେ ଭୁଟାନ, ତୁର୍କମେନିସ୍ତାନ, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ, ଭିଏତନାମ, କାମେରୁନ୍, ଶ୍ରୀଲଙ୍କା, ଇରାନ, ମାଳଦ୍ୱୀପ ଓ ଆୟୋଜକ ଭାରତ ଭଳି ଦେଶର ୧୫୦ରୁ ଅଧିକ ବଛାବଛା ଖେଳାଳି ଅଂଶଗ୍ରହଣ କରିବେ।

ପୁରୁଷରେ ୧୦୦, ୨୦୦, ୪୦୦, ୮୦୦, ୫୦୦୦ ମିଟର ସହ ଲମ୍ବଡିଆଁ, ଟ୍ରିପଲ ଜମ୍ପ ଓ ଜାଭଲିନ୍ ଥ୍ରୋ' ଆଦିରେ ପ୍ରତିଦ୍ୱନ୍ଦ୍ୱିତା ହେବ।



ସେହିଭଳି ମହିଳାରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୧୦୦ ମିଟର ବାଧାଦୌଡ଼, ଲମ୍ବ ଡିଆଁ ଏବଂ ଜାଭଲିନ୍ ଭଳି ଖେଳରେ ପ୍ରତିଦ୍ୱନ୍ଦ୍ୱିତା ହେବ। ମୋଟ ୨୨ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ସେପ୍ଟେମ୍ବର ମାସରେ ଜାପାନରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଦେଡ଼କୁଦ ଚାମ୍ପିଅନସିପ୍ ଲାଗି ଏହି ପ୍ରତିଯୋଗିତା ଯୋଗ୍ୟତା ପର୍ଯ୍ୟାୟ ହେବ। ସ୍ଥାନୀୟ ତାରକାଙ୍କ ମଧ୍ୟରେ ଲାଲୁପ୍ରସାଦ ଭୋଇ, ଶ୍ରାବଣୀ ନନ୍ଦ ଓ ଅନିମେଷ କୁଜୁର ଆକର୍ଷଣ ପାଲଟିବେ। ଏମାନଙ୍କ ସହ ପାଖାପାଖି ୧୦୦ ଭାରତୀୟ ପ୍ରତିଯୋଗୀ ଘରୋଇ ପରିବେଶରେ ବିଶ୍ୱ ଚାମ୍ପିଅନସିପ୍ ଲାଗି ଯୋଗ୍ୟତା ଅର୍ଜନ କରିବାକୁ ଚେଷ୍ଟା କରିବେ। ଏଥିଲାଗି କଳିଙ୍ଗ ଷ୍ଟାଡିୟମରେ ପ୍ରସ୍ତୁତି କାର୍ଯ୍ୟ ଜୋର୍ସୋରରେ ଚାଲିଥିଲା ବେଳେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜେ ଏହାକୁ ତଦାରଖ କରୁଛନ୍ତି। ଷ୍ଟାଡିୟମରେ କିଛି ଅଂଶର ନବୀକରଣ ବି କରାଯାଇଛି। ବୁଧବାର କିଛି ଖେଳାଳି ଭୁବନେଶ୍ୱର ପହଞ୍ଚି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛନ୍ତି।

ଶ୍ରୀ ସୂର୍ଯ୍ୟବଂଶୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଓଡ଼ିଶାରେ ପ୍ରଥମ ଥର ପାଇଁ ବିଶ୍ୱ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ଆୟୋଜିତ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶାର କ୍ରୀଡ଼ାବିମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି। କ୍ରୀଡ଼ା ବିଭାଗର କମିସନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି,



ପ୍ରତିଯୋଗିତା ଲାଗି ସମସ୍ତ ପ୍ରସ୍ତୁତି ସରିଛି। ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ର କାଂସ୍ୟ ବର୍ଗ ଆୟୋଜନ କରିବା ପରେ ରୌପ୍ୟ ବର୍ଗ ଆୟୋଜନ କରିବା ଆମର ପ୍ରମୁଖ ଲକ୍ଷ୍ୟ। ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ କଳିଙ୍ଗ ଷ୍ଟାଡିୟମ୍ ସଫଳତାର ସହ ୨୦୧୭ ମସିହାରେ ଏସିଆନ୍ ଦେଡ଼କୁଦ ପ୍ରତିଯୋଗିତା ଆୟୋଜନ କରିସାରିଛିଛ ମାତ୍ର ୯୦ ଦିନ ଭିତରେ ଏହି ପ୍ରତିଯୋଗିତା ଆୟୋଜନ କରି ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରୁ ଅଜସ୍ର ପ୍ରଶଂସା ସାଉଣ୍ଟିଥିଲା।



## ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ : ପଦକ ଆଶାରେ ରତୁପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା

ଭୁବନେଶ୍ୱର : ପ୍ରଥମ ଥର ବିଶ୍ୱ ଚାମ୍ପିଅନସିପ୍ ଖେଳିବାକୁ ଯାଉଥିବାରୁ ବେଶ୍ ଉତ୍ସାହିତ ଅଛୁ। ଭାରତରୁ ମନୋନୀତ ହୋଇଥିବା ମାତ୍ର ଦୁଇଟି ମହିଳା ଯୁଗଳ ଯୋଡ଼ି ମଧ୍ୟରେ ଥିବାରୁ ଗର୍ବ ବି ଲାଗୁଛି। ତେବେ ଏହା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ହୋଇଥିବାରୁ ଆରମ୍ଭରୁ ଆମ ଅଭିଯାନ ଆହ୍ୱାନଭରା ହେବ ବୋଲି ଆଶା କରୁଛୁ। ତଥାପି ନିଜର ଶ୍ରେଷ୍ଠ ଦେଇ ଦେଶ ପାଇଁ ପଦକ ଜିତିବାକୁ ନିଶ୍ଚିତ ଭାବେ ଆପ୍ରାଣ ଉଦ୍ୟମ କରିବୁ। ଉଭୟ ଉଭୟଙ୍କ ଶକ୍ତି ଓ ସାମର୍ଥ୍ୟକୁ ବୁଝି ଉତ୍ତମ ବୁଝାମଣା ଓ ସମନ୍ୱୟର ସହ ଖେଳିଲେ ଏହି ଲକ୍ଷ୍ୟ ପୂରଣ କରିବା ଅସମ୍ଭବ ନୁହେଁ ବୋଲି ଭାବୁଛୁ" । ଫ୍ରାନ୍ସର ପ୍ୟାରିସଠାରେ ଚଳିତ ଅଗଷ୍ଟ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍



ଖେଳିବାକୁ ଆମନ୍ତ୍ରିତ ହୋଇଥିବା ରାଜ୍ୟର ସଫଳତମ ମହିଳା ବ୍ୟାଡମିଣ୍ଟନ ଯୋଡ଼ି ତଥା ଦୁଇ ଭଉଣୀ ରତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ପଣ୍ଡା ଏହା କହିଛନ୍ତି ।

କିଟ୍ ବିଶ୍ୱବିଦ୍ୟାଳୟରେ ପାଠପଢୁଥିବା ରତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ତଥା ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଏହି ବିଶ୍ୱବିଦ୍ୟାଳୟ ତଥା ରାଜ୍ୟ ସରକାର ଦେଇ ଆସୁଥିବା ସମର୍ଥନ ଓ ସହଯୋଗ ଲାଗି କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ଏହି ସହାୟତା ଯଦି ଆଉ ଟିକିଏ ସମୟୋପଯୋଗୀ ହୋଇପାରନ୍ତା, ତାହେଲେ ସେମାନେ ଅଧିକ ଉପକୃତ ହୋଇପାରନ୍ତେ ବୋଲି ମତ ରଖିଛନ୍ତି। ସେହିଭଳି ରାଙ୍କିଙ୍ଗ୍ ଭିତରେ ବିଶ୍ୱ ଚାମ୍ପିଅନସିପ୍ ଖେଳିବାକୁ ଯାଉଥିବାରୁ ଏବଂ ଜାତୀୟ ପ୍ରଶିକ୍ଷଣ ଶିବିରରୁ ବଛା ହୋଇ ନଥିବାରୁ ଭାରତ ସରକାର ସେମାନଙ୍କ ଗସ୍ତ ଖର୍ଚ୍ଚ ବହନ କରିବାର ସମ୍ଭାବନା କମ୍ ରହିଛି। ସେଥିପାଇଁ ନିଜ ଖର୍ଚ୍ଚରେ ଦୁଇ ଜଣ ଯାକ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଏକପ୍ରକାର ବାଧ୍ୟ ହୋଇଛନ୍ତି। ଏଣୁ ପ୍ୟାରିସ୍ ଯିବା ପାଇଁ ଉଭୟ ସହାୟତା ଲାଗି ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

ରତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ସଂପ୍ରତି ବିଶ୍ୱମାନ୍ୟତାର ୩୮ତମ ସ୍ଥାନରେ ରହିଛନ୍ତି। ସେମାନେ ମଧ୍ୟ ବିଶ୍ୱ ଚାମ୍ପିଅନସିପ୍ ଖେଳିବାରେ ଓଡ଼ିଶାର ପ୍ରଥମ ମହିଳା ବ୍ୟାଡମିଣ୍ଟନ ଖେଳାଳି ହେବାକୁ ଯାଉଛନ୍ତି। ରତାପର୍ଣ୍ଣାଙ୍କଠାରୁ ସାନ ଭଉଣୀ ଶ୍ୱେତାପର୍ଣ୍ଣା ବ୍ୟାଡମିଣ୍ଟନ ଅନେକ କଳାକୌଶଳ ଶିଖିଛନ୍ତି। ଶ୍ୱେତାପର୍ଣ୍ଣାଙ୍କ ଶାନ୍ତ ସ୍ୱଭାବ ଏବଂ ନିଜ ଉପରେ ଥିବା ନିୟନ୍ତ୍ରଣ ତାଙ୍କୁ କୋର୍ଟରେ ଆହୁରି ଭଲ କରିବାକୁ ଅନୁପ୍ରେରିତ କରିଥାଏ ବୋଲି ରତାପର୍ଣ୍ଣା କହିଛନ୍ତି। ବିଶ୍ୱ ଚାମ୍ପିଅନସିପ୍‌ରେ ମଧ୍ୟ ଏହା ସେମାନଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ଉଭୟ ଏକ ସ୍ୱରରେ ମତ ରଖିଛନ୍ତି। ଓଡ଼ିଶା ବ୍ୟାଡମିଣ୍ଟନକୁ ନେଇ ବେଶ୍ ଆଶାବାଦୀ ଥିବା ଏହି ଦୁଇ ଭଉଣୀ ଏସୀୟ ୧୫ ଓ ୧୭ ବର୍ଷରୁ କମ୍ ବିଜୟିନୀ ତନ୍ୱୀ ପତ୍ରୀଙ୍କୁ ରାଜ୍ୟ ମହିଳା ବ୍ୟାଡମିଣ୍ଟନ ଭବିଷ୍ୟତ ଭାବେ ବର୍ଣ୍ଣନା କରିଛନ୍ତି। ସୂଚନାଯୋଗ୍ୟ ଯେ ରତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ଗତ ୩ ବର୍ଷରୁ ଅଧିକ ସମୟ ହେବ କଟକର କନ୍ଦରପୁର ନିକଟରେ ପିତା ରାମଚନ୍ଦ୍ର ପଣ୍ଡା ସ୍ଥାପନ କରିଥିବା ନିଜସ୍ୱ ବ୍ୟାଡମିଣ୍ଟନ ଭିତ୍ତିଭୂମିରେ ଅଭ୍ୟାସ କରି ବିଶ୍ୱର ଶ୍ରେଷ୍ଠ ୫୦ ମହିଳା ଯୋଡ଼ି ମଧ୍ୟରେ ରହିବାର ଅନନ୍ୟ ସଫଳତା ଲାଭ କରିଛନ୍ତି। ସେମାନେ ମଧ୍ୟ ୨୦୨୨ ମସିହା ପରଠାରୁ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ କାଂସ୍ୟ ସହ ୧୦ଟି ଅନ୍ତର୍ଜାତୀୟ ପଦକ ଜିତିଛନ୍ତି।

## ଭାରତ ପାଇଁ ଖେଳିବେ ରୋହିତ ଓ ବିରାଟ କୋହଲି

ନୂଆଦିଲ୍ଲୀ : ଉଭୟ ନିକଟରେ ଟେଷ୍ଟ କ୍ରିକେଟ ଓ ଏହାପୂର୍ବରୁ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ ।ଭାରତୀୟ ଟିମର ଦୁଇ ହେଭିୱେଟ ହେଉଛନ୍ତି ବିରାଟ କୋହଲି ଓ ରୋହିତ ଶର୍ମା। ଉଭୟ ନିକଟରେ ଟେଷ୍ଟ କ୍ରିକେଟ ଓ ଏହାପୂର୍ବରୁ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଉଭୟ କେବଳ ଭାରତ ପାଇଁ ଦିନିକିଆ ମ୍ୟାଚ୍ ଖେଳିବେ। ଏବେ ମିଳିଥିବା ଖବର ଅନୁସାରେ, ଆସନ୍ତା ଅକ୍ଟୋବରରେ ଉଭୟଙ୍କୁ ଭାରତ ପାଇଁ ଖେଳୁଥିବାର ଦେଖିବାକୁ ମିଳିପାରେ। କାରଣ ଆସନ୍ତା ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଦିନିକିଆ ସିରିଜ ଖେଳିବାକୁ ଯିବ ଭାରତ। ଏହି ସମୟରେ ଦୁଇ ତାରକା ନଜର ଆସି ପାରନ୍ତି। ଚଳିତ ବର୍ଷ ବହୁତ କମ ସଂଖ୍ୟକ ଦିନିକିଆ ସିରିଜ ଖେଳା ଯିବାର ରହିଛି। ତେଣୁ ବିରାଟ ଓ ରୋହିତ ମଧ୍ୟ ଭାରତ ପାଇଁ ଖୁବ କମ ମ୍ୟାଚ ଖେଳିବେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦିନିକିଆ ସିରିଜ ଅକ୍ଟୋବର ୧୯ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ପର୍ଥରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଆଡିଲେଡରେ ଅକ୍ଟୋବର ୨୩ରେ ଅନୁଷ୍ଠିତ ହେବଛ। ସିରିଜର ଶେଷ ମ୍ୟାଚ୍ ଅକ୍ଟୋବର ୨୫ରେ ସିଡନୀରେ ଖେଳାଯିବ। ଦିନିକିଆ ସିରିଜ ଅକ୍ଟୋବରରୁ ଆରମ୍ଭ ହେଉଥିବା ବେଳେ ଏବେଠାରୁ ବିରାଟ ଓ ରୋହିତଙ୍କୁ ଦେଖିବା ପାଇଁ ଫ୍ୟାନ୍ସ ବେଶ ଉତ୍ସାହିତ ହୋଇ ପଡ଼ିଛନ୍ତି।

## ଏସିଆ କପ୍ ଖେଳିବେ ନାହିଁ ରିଷଭ ପନ୍ତ !

ମୁମ୍ବାଇ: ଭାରତର ୱିକେଟ କିପର ବ୍ୟାଟ୍ସମ୍ୟାନ ଆସନ୍ତା ସେପ୍ଟେମ୍ବର ମାସରେ ହେବାକୁ ଥିବା ଏସିଆ କପ ଓ ଅକ୍ଟୋବରରେ ହେବାକୁ ଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରୁ ବାଦ ପଡ଼ିବାର ଆଶଙ୍କା ରହିଛି।

ମାଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଉଥିବା ଚତୁର୍ଥ ଟେଷ୍ଟ ମ୍ୟାଚର ପ୍ରଥମ ଦିନରେ ପନ୍ତ ଆହତ ହୋଇଥିଲେ। ଦ୍ରୁତ ବୋଲର କ୍ରିସ୍ ୱୋକ୍ସଙ୍କ ଏକ ବଲ୍ ତାଙ୍କ ଜୋତାରେ ବାଜିଥିଲା, ଯାହା ତାଙ୍କ ପାଦର ଆଙ୍ଗୁଠି ଭାଙ୍ଗି ଦେଇଥିଲା। ଏହା ପରେ ସେ ୬ ସପ୍ତାହ ପାଇଁ ଟିମ୍ ଇଣ୍ଡିଆରୁ ବାହାରେ ଥିଲେ। ଏବେ ଖବର ଆସୁଛି ଯେ ରିଷଭ ପନ୍ତ ସେପ୍ଟେମ୍ବର ୯ରୁ ଅନୁଷ୍ଠିତ ହେବାକୁ ଥିବା ଏସିଆ କପ୍ରୁ ବାହାର ହେବେ। ଏହା ବ୍ୟତୀତ ସେ ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ସିରିଜ୍ରୁ ମଧ୍ୟ ବାହାର ହୋଇପାରନ୍ତି। ଟିମ୍ ଇଣ୍ଡିଆ ଅକ୍ଟୋବର ୨ରୁ ଘରୋଇ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ପନ୍ତ ଇଂଲଣ୍ଡରେ ବ୍ୟାଟ୍ ସହିତ ବହୁତ ଭଲ ପ୍ରଦର୍ଶନ କରିଥିଲେ ଏବଂ ଦୁଇଟି ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ, କିନ୍ତୁ ଏବେ ଆହତ କାରଣରୁ ସେ କିଛି ଦିନ ପାଇଁ ପଡ଼ିଆରୁ ଦୂରରେ ରହିବେ।

# ଚେନ୍ନାଇ ସୁପରକିଙ୍ଗସ ସହ ଧୋନିଙ୍କ ସମ୍ପର୍କ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି) : ଆଇପିଏଲର ପ୍ରଥମ ସଂସ୍କରଣ ଅର୍ଥାତ ୨୦୦୮ରୁ ଧୋନି ସିଏସକେ ସହ ରହିଛନ୍ତି। ତାଙ୍କ କ୍ୟାପ୍ଟେନ୍ସିରେ ଚେନ୍ନାଇ ୫ ଥର ଆଇପିଏଲ ଟ୍ରଫି ଜିତିଛି।

ଆଇପିଏଲରେ ମହେନ୍ଦ୍ର ସିଂହ ଧୋନିଙ୍କ ଭବିଷ୍ୟତକୁ ନେଇ ଅନେକ ଆଲୋଚନା ଓ ଚର୍ଚ୍ଚା ଚାଲିଛି। ଆଗାମୀ ଆଇପିଏଲରେ ଧୋନି ଚେନ୍ନାଇ ସୁପର କିଙ୍ଗସ ପାଇଁ ଖେଳିବେ କି ନାହିଁ, ତା'କୁ ନେଇ ସସପେନ୍ସ ଲାଗି ରହିଛି। ୨୦୨୫ ଆଇପିଏଲରେ ସିଏସକେର ଅଧିନାୟକ ଋତୁରାଜ ଗାଏକ୍‌ୱାଡ ଆହତ ହେବାରୁ ଧୋନି ପୁଣି ଦଳର କମାଣ ସମ୍ଭାଳିଥିଲେ। କିନ୍ତୁ ପୂରା ସଂସ୍କରଣରେ ଧୋନିଙ୍କ ଆଇପିଏଲ ଅବସରକୁ ନେଇ ବେଶ ବିତର୍କ ହୋଇଥିଲା।

ଅବସର ଚର୍ଚ୍ଚା ଜୋର ଧରିଥିବା ବେଳେ ଧୋନି କିମ୍ବା ସିଏସକେ ପକ୍ଷରୁ ଏନେଇ ଏଯାଏ କୌଣସି ଘୋଷଣା କରାଯାଇ ନାହିଁ। ଧୋନି ନିଜର ଭବିଷ୍ୟତ ଯୋଜନାକୁ ଅତ୍ୟନ୍ତ ଗୋପନ ରଖିଛନ୍ତି। ନିକଟରେ ଭେଟରାନ କ୍ରିକେଟର ଧୋନିଙ୍କୁ ସିଏସକେରେ ତାଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ କରାଯାଇଥିଲା। ପ୍ରଶ୍ନ ଶୁଣିବା ପରେ ଧୋନି ବଡ଼ ସୂଚନା ଦେଇଛନ୍ତି। ହେଲେ ନିଜର ଭବିଷ୍ୟତ ଯୋଜନା ଉପରୁ ପରଦା ହଟାଇ ନାହାନ୍ତି । କିନ୍ତୁ ଆପଣ ଯଦି ହଳଦିଆ ଜର୍ସିରେ ଆସିବା କଥା ପଚାରିବେ, ତା'ହେଲେ ମୁଁ ସବୁବେଳେ ହଳଦିଆ ଜର୍ସିରେ ରହିବି। ଖେଳେ କି ନ ଖେଳେ, ସେଇଟା ଭିନ୍ନ କଥା। ମୁଁ ଓ ସିଏସକେ ସବୁବେଳେ ଏକାଠି। ଏପରି କି ଆଗାମୀ ୧୫ରୁ ୨୦ ବର୍ଷ ଆମେ ଏକାଠି ରହିବୁ। ମୋର ଆଶା ଆଗାମୀ ୧୫ରୁ ୨୦ ବର୍ଷ ମୁଁ ଖେଳିବି ବୋଲି ସେମାନେ ଭାବିବେ ନାହିଁ। ଏହାଶୁଣି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଲୋକମାନେ ବିଶେଷ କରି ସିଏସକେ ଫ୍ୟାନ୍ସ ବେଶ ଉତ୍ସାହିତ ହୋଇ ପଡ଼ିଥିଲେ।

ଆଇପିଏଲର ପ୍ରଥମ ସଂସ୍କରଣ ଅର୍ଥାତ ୨୦୦୮ରୁ ଧୋନି ସିଏସକେ ସହ ରହିଛନ୍ତି। ତାଙ୍କ କ୍ୟାପ୍ଟେନ୍ସିରେ ଚେନ୍ନାଇ ୫ ଥର ଆଇପିଏଲ ଟ୍ରଫି ଜିତିଛି। ଧୋନି ଚେନ୍ନାଇ ସହ ସୃଷ୍ଟି ହୋଇଥିବା ନିବିଡ଼ତା ସମ୍ପର୍କଆ ମଧ୍ୟ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ମୁଁ ଭାବୁଛି ବର୍ଷ ବିତିବା ସହ ସମ୍ପର୍କ ଆହୁରି ନିବିଡ଼ ହୋଇଛି। ଏହା ମୋତେ ଜଣେ ବ୍ୟକ୍ତି ହେବାରେ ଗି ତୋଳିବାରେ ସହାୟତା କରିଛି। ଏହା ମୋତେ ଜଣେ କ୍ରିକେଟର ହିସାବରେ ଆଗକୁ ଯିବା ପାଇଁ ପ୍ରେରଣା ଦେଇଛି। ମୁଁ ଭାବୁଛି ଏହା ଚେନ୍ନାଇ ପାଇଁ ଭଲ। ଏହା ଆଜି ମୋ ପାଇଁ ମଧ୍ୟ ଭଲ।

୨୦୨୫ ଆଇପିଏଲରେ ଚେନ୍ନାଇ ପଏଣ୍ଟ ଟେବୁଲର ସବୁଠାରୁ ତଳେ ରହି ନିଜର ଅଭିଯାନ ଶେଷ କରିଥିଲା। ଏ ସମ୍ପର୍କରେ




ଧୋନି କହିଛନ୍ତି, ହଁ, ବିଗତ କିଛି ବର୍ଷ ଆମ ପାଇଁ ଭଲ ଯାଇ ନାହିଁ। ଆମେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନାହୁଁ। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମେ ଶିଖିବାକୁ ଚେଷ୍ଟା କରିଛୁ। ହଁ, ଆମ ପାଇଁ ଗୋଟିଏ ଖରାପ ସଂସ୍କରଣ ଥିଲା। କିନ୍ତୁ କ'ଣ ଭୁଲ ହେଲା? ଏହି ପ୍ରଶ୍ନ ଆମ ପାଇଁ ଗତବର୍ଷ ଥିଲା?

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି